R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୩୬
ତିଥି : ଅଷ୍ଟମୀ
୦୩ ଜୁନ୍ ୨୦୨୫, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 236
03 June 2025, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ୭ ଯାଏଁ ତାତିରୁ ନିସ୍ତାର ନାହିଁ



● ମୌସୁମୀ ସକ୍ରିୟ ହେଲେ ମିଳିବ ଆଶ୍ୱସ୍ତି
● ୮ରୁ ବଢ଼ିବ କାଳବୈଶାଖୀ, ବଜ୍ରପାତ

ଭୁବନେଶ୍ୱର, ୨।୬ (ସବ୍ୟୁ): ରାଜ୍ୟରେ କିଛି ଦିନର ଆଶ୍ୱସ୍ତି ପରେ ପୁଣି ତାତି କଲବଲ କରିଛି। ମୌସୁମୀ ବିରାମ ନେବା ପରେ ତାତି ବୃଦ୍ଧି ପାଇବାରେ ଲାଗିଛି । ସକାଳ ସାଢ଼େ ୮ଟାରୁ ଆର୍ଦ୍ରତା ବୃଦ୍ଧି ସହିତ ବିଭିନ୍ନ ସ୍ଥାନରେ ତାପମାତ୍ରା ୩୨ ଡିଗ୍ରୀ ଡେଇଁଛି । ଫଳରେ ପ୍ରବଳ ଗୁଳୁଗୁଳି ସହିତ ଝାଞ୍ଜି ପବନ ବୋହୁଛି । ଏଭଳି ତାତି ଆଉ ୫ ଦିନ ପର୍ଯ୍ୟନ୍ତ ଜାରି ରହିଛି । ତେବେ ୮ ତାରିଖରେ ପୁଣି ମୌସୁମୀ ସକ୍ରିୟ ହେବାର ସମ୍ଭାବନା ରହିଛି ।

ପାଣିପାଗ ବିଶେଷଜ୍ଞ କହିଛନ୍ତି, ସ୍ଥଳଭାଗରୁ ପଶ୍ଚିମ-ଉତ୍ତର ଆଡ଼କୁ ଶୁଷ୍କ ପବନ ବୋହୁଥିବାରୁ ତାତି ବଢ଼ିଛି । ଆସନ୍ତା ୫ ଦିନ ଯାଏଁ ରାଜ୍ୟରେ ଦିନ ତାପମାତ୍ରା ୨ରୁ ୪ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବ । ଆସନ୍ତାକାଲି(ମଙ୍ଗଳବାର) ଦିନର ତାପମାତ୍ରା ସାମାନ୍ୟ ହ୍ରାସ ପାଇବ । ମୌସୁମୀ ବିରାମ ସମୟରେ ବାଦଲ ଆଚ୍ଛାଦନ ହ୍ରାସ ଘଟି ତାପମାତ୍ରା ବୃଦ୍ଧି ହେତୁ ବାୟୁମଣ୍ଡଳ ଉତ୍ତପ୍ତ ହୁଏ । ଫଳସ୍ୱରୂପ ଏହି ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଜଳୀୟବାଷ୍ପ ଆସିଲେ ବିପଦଜନକ ବିଜୁଳି ( ୯ ପୃଷ୍ଠାରେ)

## ଆଜି ଆଇପିଏଲ୍ ଫାଇନାଲ




ଅହମ୍ମଦାବାଦ, ୨।୬ : ଆଇପିଏଲ ଫାଇନାଲକୁ ଏବେ ଉତ୍ସାହର ସହିତ ଅପେକ୍ଷା କରାଯାଉଛି ।ବହୁ ବର୍ଷ ପରେ ଏପରି ଏକ ସୁଯୋଗ ଆସୁଛି ଯେ ଫାଇନାଲରେ ଯେଉଁ ଦଳ ଜିତିଲେ ମଧ୍ୟ ଏକ ନୂତନ ଚାମ୍ପିଅନ ନିଶ୍ଚିତ ଭାବରେ ମିଳିବ ।ଆରସିବି ଏବଂ ପଞ୍ଜାବ କିଙ୍ଗ୍ସ ଦଳ ପ୍ରଥମ ସିଜନରୁ ଆଇପିଏଲ ଖେଳୁଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କ ଭାଗ୍ୟରେ ଟ୍ରଫି ଆସିନାହିଁ । ଜୁନ୍ ୩ ରେ ଅହମ୍ମଦାବାଦରେ ଏହି ଦୁଇ ଦଳ ମଧ୍ୟରେ ମୁକାବିଲା ହେବ । ଲିଗ୍ ପର୍ଯ୍ୟାୟରେ ୧୪ଟି ମ୍ୟାଚ୍ ଖେଳିବା ପରେ, ପଞ୍ଜାବ କିଙ୍ଗସ ଏବଂ ଆରସିବି ସମାନ ୯ଟି ମ୍ୟାଚ୍ ଜିତିଥିଲେ । ଉଭୟଙ୍କ ପଏଣ୍ଟ ୧୯, କିନ୍ତୁ ନେଟ୍ ରନ୍ ରେଟ୍ ଆଧାରରେ ଦେଖାଗଲେ, ପଞ୍ଜାବର ଦଳ ମ୍ୟାଚ୍ ଜିତିବ । ପଞ୍ଜାବର ନେଟ୍ ରନ୍ ରେଟ୍ ୦.୩୭୨ ଏବଂ ଆରସିବିର ୦.୩୦୧ । ଆସନ୍ତାକାଲି ଅହମ୍ମଦାବାଦର ସନ୍ଧ୍ୟାରେ ବର୍ଷା ହୋଇପାରେ । ମ୍ୟାଚ୍ ପାଇଁ ଅତିରିକ୍ତ ୧୨୦ ମିନିଟ୍ ବାହାର କରାଯାଇଛି, ଯାହା ଦ୍ୱାରା ଯଦି ମ୍ୟାଚ୍ ବିଳମ୍ବରେ ଆରମ୍ଭ ହୁଏ କିମ୍ବା ମଝିରେ ବନ୍ଦ ହୁଏ, ତେବେ ଏହା ଅତିରିକ୍ତ ସମୟରେ କରାଯାଇପାରିବ ।କେବଳ ଏତିକି ନୁହେଁ, ବିସିସିଆଇ ( ୯ ପୃଷ୍ଠାରେ)

## ଖୁବ୍‌ଶୀଘ୍ର ନୂଆ ଅବକାରୀ ନୀତି



ଭୁବନେଶ୍ୱର, ୨।୬ (ସବ୍ୟୁ) : ରାଜ୍ୟରେ ଖୁବଶୀଘ୍ର ଲାଗୁ ହେବ ନୂଆ ଅବକାରୀ ନୀତି । ଚଳିତମାସ ଦ୍ୱିତୀୟ କିମ୍ବା ତୃତୀୟ ସପ୍ତାହରେ ଲାଗୁ ହେବାର ଯୋଜନା ରହିଛି। ଏହା ପୂର୍ବରୁ ରାଜ୍ୟ ଅବକାରୀ ବିଭାଗ ଅନ୍ୟ ୪ଟି ରାଜ୍ୟର ଅବକାରୀ ନୀତି ଅନୁଧ୍ୟାନ କରିବା ପାଇଁ ବରିଷ୍ଠ ଅଧିକାରୀଙ୍କ ତିନୋଟି ଦଳ ପଠାଯାଇଛି । ତେବେ ନୂଆ ମଦ ନୀତିରେ ନୂଆ ଦୋକାନ ଖୋଲିବ ନାହିଁ ବୋଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

- ୪ ରାଜ୍ୟର ମଦ ନୀତି ଅନୁଧ୍ୟାନ କରିବେ ୩ ଦଳ
- ନୂଆ ନୀତିରେ ନୂଆ ଦୋକାନ ଖୋଲିବ ନାହିଁ
- ଜୁଲାଇ ୮ ସୁଦ୍ଧା ଫେରିବା ପରେ ଚିଠା ନୀତି

ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ଓଡ଼ିଶାରେ ମଦ ନୀତି ନିୟନ୍ତ୍ରଣକୁ ପୁନଃନିର୍ମାଣ କରିବା ପାଇଁ ଆଗାମୀ ତିନିବର୍ଷିଆ ମଦ ନୀତି ଚଳିତ ମାସର ୧୫ରୁ ୨୦ତାରିଖ ମଧ୍ୟରେ ଲାଗୁ ହେବ । ଏହି ନୀତି କୌଣସି ନୂଆ ମଦ ଦୋକାନ ଖୋଲିବାକୁ ଅନୁମତି ଦେବ ନାହିଁ । ଏହା ପୂର୍ବ ପଦ୍ଧତି ଠାରୁ ଏକ ପ୍ରମୁଖ ପରିବର୍ତ୍ତନ ଯାହା ପ୍ରାୟତଃ ରାଜସ୍ୱ ସୃଷ୍ଟି ପାଇଁ ସମ୍ପ୍ରସାରଣ ଉପରେ ଗୁରୁତ୍ୱ ଦେଉଥିଲା ।


ବିଭିନ୍ନ ରାଜ୍ୟର ବେସ୍ ପ୍ରାକଫିସ କ'ଣ ଅଛି? ତାକୁ ଅନୁଧ୍ୟାନ କରୁଛନ୍ତି ଅବକାରୀ କମିଶନର, ସଚିବ ଏବଂ ବରିଷ୍ଠ ଅଧିକାରୀ । ୩ଟି ( ୯ ପୃଷ୍ଠାରେ)

## ୪ ହଜାର ମୁହାଁ କୋଭିଡ୍ ସଂକ୍ରମିତ

ନୂଆଦିଲ୍ଲୀ, ୨।୬ : ଦେଶରେ ଦ୍ରୁତ ଗତିରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ଆଜିସୁଦ୍ଧା ଏହା ୪୦୦୦ ମୁହାଁ ହୋଇଛି। ବର୍ତ୍ତମାନସୁଦ୍ଧା ୩୯୬୧ ସକ୍ରିୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗୋଟିଏ ଦିନରେ ଦିଲ୍ଲୀରେ କେବଳ ୪୭ କୋଭିଡ ଜନିତ ଆକ୍ରାନ୍ତଙ୍କ ସଂଖ୍ୟାରେ ବୃଦ୍ଧି ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ହୋଇଛି। ଗୋଟିଏ ଦିନରେ ୨୦୩ ନୂଆ ସଂକ୍ରମିତ ପଞ୍ଜୀକୃତ ହୋଇଛନ୍ତି। ବର୍ତ୍ତମାନସୁଦ୍ଧା କୋଭିଡରେ ୩୨ ଜଣଙ୍କର ମୃତ୍ୟୁ ହୋଇଛି। ଦିଲ୍ଲୀ, ତାମିଲନାଡ଼ୁ, ମହାରାଷ୍ଟ୍ର, କେରଳରେ ଜଣେ ଲେଖାଏଁଙ୍କର ମୃତ୍ୟୁ ଘଟିଛି। ମହାରାଷ୍ଟ୍ରରେ ଆକ୍ରାନ୍ତଙ୍କ ସଂଖ୍ୟା ୫୦୬ ହୋଇଥିବାବେଳେ

### କରୋନା ନେଲାଣି ୩୨ ଜୀବନ

କେରଳରେ ସବୁଠୁ ଅଧିକ କୋଭିଡ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୧୪୩୫ ସକ୍ରିୟ ସଂକ୍ରମିତ ଏହି ରାଜ୍ୟରେ ଅଛନ୍ତି। ଦିଲ୍ଲୀରେ ୪୮୩, ପଶ୍ଚିମବଙ୍ଗରେ ୩୩୯, ଗୁଜରାଟରେ ୩୩୮ ଚିହ୍ନଟ ହୋଇଛନ୍ତି। ପଶ୍ଚିମବଙ୍ଗରେ ଗୋଟିଏ ଦିନରେ ୪୪ ନୂଆ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ହୋଇଛି। ଭିତ୍ତିଭୂମି ନେଇ ସମୀକ୍ଷା ହୋଇଛି ।କୋଭିଡ ଲହର ଆସିବା ପୂର୍ବରୁ ଆମେ ଭିତ୍ତିଭୂମିର ବିକାଶ କରିଛୁ। ଏହା ସହିତ ମୁକାବିଲା କରିବା ପାଇଁ ପଦକ୍ଷେପ ନିଆଯାଇଛି। ପରିସ୍ଥିତିର ମୁକାବିଲା ଲାଗି ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସଜାଗ କରାଯାଇଛି। ଆଇସିଏମ୍ଆର୍‌ର ମହାନିର୍ଦ୍ଦେଶକ ରାଜୀବ ଭାଲ କହିଛନ୍ତି ଯେ ପଶ୍ଚିମ ଓ ଦକ୍ଷିଣ ଅଞ୍ଚଳରୁ ଆସୁଥିବା ନମୁନାଗୁଡ଼ିକରେ ଯେଉଁ ଭୂତାଣୁ ପରିଲକ୍ଷିତ ହେଉଛି ତାହା ଓମିକ୍ରନ୍‌ର ଉପପ୍ରଜାତି ସହ ମିଶୁଛି। ଯାହା ଗୁରୁତର ଅସୁସ୍ଥ କରିବ ନାହିଁ। ଓମିକ୍ରନ୍ ଉପପ୍ରଜାତିର ଏଲ୍ଏଫ୍.୭, ଏକ୍ସଏଫ୍‌ଜି, ଜିଏନ୍.୧ ଓ ଏନ୍‌ବି.୧.୮.୧ ଚିହ୍ନଟ ହୋଇଛି। ପ୍ରଥମ ୩ ଉପପ୍ରଜାତି ଭୂତାଣୁ ବାରମ୍ବାର ଦେଖିବାକୁ ମିଳିଥାଏ।



### କୋଭିଡ ଆକ୍ରାନ୍ତ ୧୫କୁ ବୃଦ୍ଧି

ଭୁବନେଶ୍ୱର, ୨।୬ (ସବ୍ୟୁ): ରାଜ୍ୟରେ କୋଭିଡ ପଜିଟିଭ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି । ପୂର୍ବରୁ ୧୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଗତକାଲି(ରବିବାର) ଆଉ ୩ଟି କେସ ସାମ୍ନାକୁ ଆସିଛି। ସଂଖ୍ୟା ଢେର ଅଧିକ ବଢିନି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି ।

ଡାକ୍ତର ଶ୍ରୀ ମିଶ୍ର କହିଛନ୍ତି, ବ୍ୟସ୍ତ ହେବାର କୌଣସି କାରଣ ନାହିଁ। ଏବେ ଲକ୍ଷଣ ଦେଖାଦେଲେ, କେବଳ ଗୁରୁତର ଆକ୍ରାନ୍ତଙ୍କ କୋଭିଡ ପରୀକ୍ଷା କରାଯାଉଛି । ଯେତିକି ପରୀକ୍ଷା ହେଉଛି, ସେଥିରୁ ବହୁ କମ ପଜିଟିଭ ଆସୁଛି। ସତର୍କତା ଅବଲମ୍ବନ କରନ୍ତୁ ବୋଲି ( ୯ ପୃଷ୍ଠାରେ)

## ଅଢେଇ ଟନ୍ ଲୁଟ୍ ବିସ୍ଫୋରକ ଜବତ

ଭୁବନେଶ୍ୱର/ସୁନ୍ଦରଗଡ଼, ୨।୬ (ସବ୍ୟୁ) : ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖଣିରୁ ଲୁଟ୍ ହୋଇଥିବା ଅଢେଇ ଟନ୍ ବିସ୍ଫୋରକ ଜବତ ହୋଇଛି । ମାଟିତଳେ ଲୁଚାଇଥିଲେ ମାଓବାଦୀ । ଝାଡଖଣ୍ଡର ଜରେଇକେଲା ଥାନା ଅଞ୍ଚଳରୁ ଏହା ଜବତ ହୋଇଛି । କୋବ୍ରା ବାଟାଲିୟନ୍, ସିଆରପିଏଫ୍ ଯବାନମାନେ ଏବେ ବି ସରଣ୍ଡା ଜଙ୍ଗଲରେ ସର୍ଚ୍ଚଅପରେସନ୍ ଜାରି ରଖିଛନ୍ତି ।

ସୁନ୍ଦରଗଡ଼ ଜିଲ୍ଲା କେ. ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର ଖଣିରୁ ବିପୁଳ ପରିମାଣର ବିସ୍ଫୋରକ ଲୁଟ୍ ଘଟଣା ସାରାରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ଝାଡଖଣ୍ଡ ପୁଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ବରିଷ୍ଠ ଅଧିକାରୀଙ୍କ ସହ ଘଟଣାସ୍ଥଳ ପରିଦର୍ଶନ କରି ଛାନଭିନ୍ କରିଥିଲେ । ଏହି ଲୁଟ୍ ଘଟଣା ୨୦୦୯ର ସମାନ ଘଟଣାକୁ ମନେପକାଇ ଦେଇଛି । ଗତ ବୁଧବାର ମଧ୍ୟାହ୍ନ ପ୍ରାୟ ଗୋଟାଏ ବେଳେ ଡିଜି ଶ୍ରୀ ଖୁରାନିଆ କେ. ବଲାଙ୍ଗ ଥାନାରେ ପହଞ୍ଚିଥିଲେ । ତାଙ୍କ ସହିତ ଆଇଜି (ଅପରେସନ୍) ଦୀପକ କୁମାର, ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ସୁନ୍ଦରଗଡ଼ ଏସପି ପ୍ରତ୍ୟୁଷ ଦିବାକର, ସ୍ପେସାଲ୍ ଇଣ୍ଟେଲିଜେନ୍ସ ଅଧିକାରୀ, ବଣାଇ ଏସଡ଼ିପିଓ ରାମଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ ।

## ଚିରାଗଙ୍କୁ ନେଇ ବିହାର ରାଜନୀତିରେ ଝଡ



ନୂଆଦିଲ୍ଲୀ, ୨।୬ : ବର୍ଷ ଶେଷ ଆଡକୁ ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ତେବେ ରାଜ୍ୟ ରାଜନୀତିରେ ଲୋକ ଜନଶକ୍ତି ପାର୍ଟି (ରାମ ବିଳାଶ) ର ମୁଖ୍ୟ ଚିରାଗ ପାଶ୍ୱାନଙ୍କ ଭୂମିକାକୁ ନେଇ ଏବେ ଚର୍ଚ୍ଚା ବଢ଼ିଛି। କେନ୍ଦ୍ରମନ୍ତ୍ରୀ ପଦରୁ ସେ ଇସ୍ତଫା ଦେଇ ସେ ବିହାରରେ ଆଗାମୀ ବିଧାନସଭା ନିର୍ବାଚନରେ ଅଣସଂରକ୍ଷିଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଆସନରୁ ଲଢ଼ିବେ ବୋଲି ଆଲୋଚନା ଆରମ୍ଭ ହୋଇଛି। ଏପରିକି ଚିରାଗଙ୍କୁ ବିଜେପି ମୁଖ୍ୟମନ୍ତ୍ରୀ ଚେହେରା କରିବାର ସମ୍ଭାବନା ଦେଖାଦେଇଛି। ନୀତିଶ କୁମାରଙ୍କୁ ହଟାଇ ବିଜେପି ଏବେ ଏହି ନୂଆ ରଣନୀତି ଖେଳିବାକୁ ଯାଉଛି ବୋଲି ଆଲୋଚନା କରାଯାଉଛି।

ଚିରାଗଙ୍କ ଭିଣୋଇ ଓ ସାଂସଦ ଅରୁଣ ଭାରତୀଙ୍କର ସୋସିଆଲ ମିଡିଆରେ ସିରିଜ୍ ପୋଷ୍ଟକୁ ନେଇ ଏବେ ଏହି ଚର୍ଚ୍ଚା ଆରମ୍ଭ ହୋଇଛି। ସେ ଉଲ୍ଲେଖ କରିଛନ୍ତି ଯେ ଚିରାଗ ବିହାର ରାଜନୀତିକୁ ଆସିବା ଦରକାର। ସେ କେବଳ ଦଳିତ ସମ୍ପ୍ରଦାୟର ନେତା ନୁହଁନ୍ତି, ସମଗ୍ର ବିହାରର ନେତୃତ୍ୱ ନେବାକୁ ସେ ସକ୍ଷମ। ଏବେ ପାଶ୍ୱାନ କେନ୍ଦ୍ରରେ ଖାଦ୍ୟ ପ୍ରକ୍ରିୟାକରଣ ଓ ଶିଳ୍ପମନ୍ତ୍ରୀ ଅଛନ୍ତି। ସେ ମଧ୍ୟ ( ୯ ପୃଷ୍ଠାରେ)

### ଜେଇଇ ଆଡ୍‌ଭାନ୍ସ ଫଳ ପ୍ରକାଶ

## ରଞ୍ଜିତ ଗୁପ୍ତା ଟପ୍ପର

ନୂଆଦିଲ୍ଲୀ, ୨।୬ : ଆଇଆଇଟି କାନ୍‌ପୁର ଦ୍ୱାରା ପରିଚାଳିତ ଜେଇଇ ଆଡ୍‌ଭାନ୍ସ ଫଳ ପ୍ରକାଶ ପାଇଛି। ମୋଟ୍ ୫୪ ହଜାର ୩୩୮ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ୧ ଲକ୍ଷ ୮୦ ହଜାର ୪୨୨ ଜଣ ଚାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଆଇଆଇଟି ଦିଲ୍ଲୀ ଜୋନର ରଜିତ୍ ଗୁପ୍ତା ଟପ୍ପର ହୋଇଥିବା ଜଣାପଡିଛି। ୩୬୦ ମାର୍କରୁ ୩୩୨ ମାର୍କ ରଖି ସେ ଟପ୍ପର ହୋଇଛନ୍ତି। ସେହିଭଳି ଓଡ଼ିଶା ପାଇଁ ହଂସ ଦାରୁକା ଓ ନବନୀତା ହଂସ ଦାରୁକା ଓଡ଼ିଶା ଟପ୍ପର ହୋଇଛନ୍ତି। ସର୍ବଭାରତୀୟ ସ୍ତରରେ ୨୯ ର୍‍ୟାଙ୍କ ରଖି ହଂସ ସଫଳ ହୋଇଥିବାବେଳେ ନବନୀତ ଅଲ୍ ଇଣ୍ଡିଆ ର୍‍ୟାଙ୍କ ୯୭ ରଖିଛନ୍ତି।

ଆଇଆଇଟି ଖଡଗପୁର ଜୋନ୍‌ରେ ଦେବଦତ୍ତ ମାଝୀ ୩୬୦ରୁ ୩୧୦ ମାର୍କ ରଖି ଛାତ୍ରୀଙ୍କ ମଧ୍ୟରେ ଟପ୍ପର ହୋଇଛନ୍ତି। ତେବେ ପୂର୍ଣ୍ଣ ପରୀକ୍ଷାର୍ଥୀମାନେ ଜଏଣ୍ଟ ସିଟ୍ ଆଲୋକେସନ୍ ଅଥରିଟି ମାଧ୍ୟମରେ ହେଉଥିବା କାଉନ୍‌ସିଲିଂ ପ୍ରକ୍ରିୟାରେ ଭାଗନେଇ ଆଇଆଇଟିରେ ଆଡ୍‌ମିଶନ ପାଇଁ ଯୋଗ୍ୟ ବିବେଚିତ ହେବେ। ଯେଉଁ ପରୀକ୍ଷାର୍ଥୀମାନେ ଏହି ଆଡ୍‌ଭାନ୍ସରେ ( ୯ ପୃଷ୍ଠାରେ)

### ଜଳବାୟୁ ପରିବର୍ତ୍ତନର ପ୍ରଭାବ

## ୨୦୨୫ରେ ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ଶେଷ



ନୂଆଦିଲ୍ଲୀ, ୨।୬ : ୨୦୨୫ରେ ବାସ୍ତବପକ୍ଷେ ଗ୍ରୀଷ୍ମ କାଳ ଆରମ୍ଭ ହେବା ପୂର୍ବରୁ ଶେଷ ହୋଇଛି। ଭାରତର ଏକ ବୃହତ୍ତ ଅଂଶରେ ଗ୍ରୀଷ୍ମ ଋତୁରେ ଏକ ପ୍ରତ୍ୟାଶୀତ ତୀବ୍ର ତାପମାନ ସ୍ଥାନରେ ହେଉଥିବା ବର୍ଷା ବା ଅସମୟ ଜଡ଼ିତ ବଜ୍ରପାତ ଯୋଗୁ ତୁଳନାତ୍ମକ ଭାବେ ଥଣ୍ଡା ଅନୁଭବ ହୋଇଛି। ୨୦୦୦ ମସିହାରେ ଭାରତରେ ତୀବ୍ର ଉଷ୍ଣତା ଅନୁଭବ ହୋଇଥିଲା। ୨୦୨୪କୁ ମାନବ ଇତିହାସରେ ତାପମାନର ଅଧିକ ବର୍ଷ ଭାବେ ଘୋଷିତ କରାଯାଇଥିଲା। କିନ୍ତୁ ୨୦୨୪ରେ ଏହାର ପରିବର୍ତ୍ତନ ହୋଇଛି।

ପାଣିପାଗ ବିଶେଷଜ୍ଞମାନେ ଏହି ପରିବର୍ତ୍ତନ ପଛରେ ବାୟୁ ଚଳନ ପ୍ରଣାଳୀର ଅସାଧାରଣ ଧାରା ବଦଳିଥିବାକୁ ଦେଖାଉଛନ୍ତି। ମୌସୁମୀର ଆଗୁଆ ଆଗମନ ଓ ବାୟୁ ପ୍ରବାହର ପରିବର୍ତ୍ତନ ତାପମାନ ବୃଦ୍ଧିକୁ ରୋକିଛି। ଏହାସହ ବୃଦ୍ଧି ପାଇଥିବା ମେଘ, ଛାୟା ଓ ବିକ୍ଷିପ୍ତ ବର୍ଷା ବିଭିନ୍ନ ଅଞ୍ଚଳରେ ତାପମାତ୍ରା କମାଇଛି। ଏହି ପରିବର୍ତ୍ତନର ମିଶ୍ର ପ୍ରବାହ ରହିଛି। ଅସହ୍ୟ ଗରମରୁ ମୁକ୍ତି ମିଳିଛି ଓ ଅତ୍ୟଧିକ ଉତ୍ତାପ ଯୋଗୁ ହେଉଥିବା ରୋଗ ମଧ୍ୟ କମିଛି। କିନ୍ତୁ କୃଷିରେ ଅନେକ ଚାଷ ଉଚିତ୍ ତାପମାତ୍ରା ନପାଇ ପ୍ରଭାବିତ ହୋଇଛି। ଚାଷୀମାନେ ଏବଂ କୃଷି ଯୋଜନାକାରୀମାନେ ଏହି ଅବସ୍ଥା ଉପରେ ମଧ୍ୟ ନଜର ରଖି ବିକଳ୍ପ ଯୋଜନା କରିଛନ୍ତି। ଜଳବାୟୁ ବିଶେଷଜ୍ଞ କହୁଛନ୍ତି ଯେ ହଠାତ୍ ଏହି ପ୍ରକାର ବଦଳିବା ସ୍ଥିତି ବାତ୍ୟା ଧାରାରେ ଅସ୍ଥିରତା ବଢ଼ିଥିବାର ପ୍ରମାଣ ଓ ଜଳବାୟୁ ପରିବର୍ତ୍ତନର ଏକ ଗଭୀର ପ୍ରଭାବ ଏହି ବର୍ଷ ଓ ପୂର୍ବବର୍ଷ ମଧ୍ୟରେ ତୁଳନା କଲେ ଦେଖାଯାଏ ଯେ ଜଳବାୟୁ ପରିବର୍ତ୍ତନ କେବଳ ତାପମାନ ବୃଦ୍ଧି ନୁହେଁ ବରଂ ବେଳେବେଳେ ଅସାଧାରଣ ପରିବର୍ତ୍ତନ ଆଣୁଛି। ଭବିଷ୍ୟତ ପାଇଁ ଭାରତୀୟ ପାଣିପାଗ ବିଭାଗ ଏହି ନୂଆ ପରିବର୍ତ୍ତନ ଉପରେ ଗବେଷଣା ଜାରି ରଖିଛି ଯାହା ଭବିଷ୍ୟତ ଅନୁମାନ ଓ ପ୍ରସ୍ତୁତିକୁ ଉନ୍ନତ କରିବ। ଗ୍ରୀଷ୍ମ ଋତୁର ପ୍ରବାହ ଆଗୁଆ ଶେଷ ହେବା ଯୋଗୁ ୨୦୨୫ରେ ତାତିରୁ ଅସ୍ଥାୟୀ ଭାବେ ଆଶ୍ୱସ୍ତି ମିଳିଥିଲା। ଏହା ଭାରତୀୟ ଜଳବାୟୁ ପରିବର୍ତ୍ତନର ଏକ ଅଂଶ ବିଶେଷ ଓ ଏ କ୍ଷେତ୍ରରେ ଏକ ସୁଚିନ୍ତିତ ଯୋଜନାର ଆବଶ୍ୟକତା ରହିଛି।

## ଏମକେସିଜି ଡାକ୍ତରୀ ଛାତ୍ରଙ୍କୁ ରାଗିଂ

ବ୍ରହ୍ମପୁର, ୨।୬ (ସବ୍ୟୁ): ଏମକେସିଜି ମେଡିକାଲ କଲେଜ ଓ ହସପିଟାଲରେ ଜଣେ ଏମବିବିଏସ ୪ର୍ଥ ବର୍ଷ ଛାତ୍ରଙ୍କୁ ରାଗିଂ କରିଥିବା ୨ ଜଣ ହାଉସ ସର୍ଜନଙ୍କୁ ୨୫ ହଜାର ଲେଖାଏଁ ଜୋରିମାନା କରାଯାଇଛି। ସୋମବାର ଏମକେସିଜିର ଟେଲି ମେଡିସିନ କକ୍ଷରେ ଡିନ ତଥା ଅଧ୍ୟକ୍ଷା ପ୍ରଫେସର ଡା. ସୁଚିତ୍ରା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଣ୍ଟି ରାଗିଂ ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି । ବୈଠକରେ ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡାଙ୍କ ସମେତ ପୁଲିସ ଅଧିକାରୀ ଓ କମିଟିର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ସୂଚନାପ୍ରକାରେ, ଏମକେସିଜି ମେଡିକାଲର ଜଣେ ୪ର୍ଥ ବର୍ଷ ଏମବିବିଏସ ଛାତ୍ରଙ୍କୁ ୧୨ ତାରିଖରେ ୨ ଜଣ ହାଉସ ସର୍ଜନ ରାଗିଂ କରିଥିବା ଅଭିଯୋଗ ହୋଇଥିଲା । ଏହି ହାଉସ ସର୍ଜନମାନେ ସଂପୃକ୍ତ ୪ର୍ଥ ବର୍ଷ ଛାତ୍ରଙ୍କୁ ଡାକି ସିନିୟରଙ୍କୁ ସମ୍ମାନ ଦେବାକୁ କହିଥିଲେ । ତେବେ ହାଉସ ସର୍ଜନମାନେ ଏଭଳି ଏକାଧିକ ଥର ଧମକାଇବା ପରେ

### ୨ ହାଉସ ସର୍ଜନଙ୍କୁ ୨୫ ହଜାର ଲେଖାଏଁ ଜରିମାନା

ଏମବିବିଏସ ଛାତ୍ର ଜଣଙ୍କ ରାଗିଂ ଅଭିଯୋଗ ଆଣିଥିଲେ । ସେ ଏହି ଘଟଣାକୁ ନେଇ ଦିଲ୍ଲୀ ସ୍ଥିତ ଆଣ୍ଟି ରାଗିଂ ସେଲକୁ ଯୋଗେ ଅଭିଯୋଗ କରିବା ସହ ନିଜ ଅଭିଭାବକଙ୍କୁ ଧରି ଏମକେସିଜିର ଡିନ ତଥା ଅଧ୍ୟକ୍ଷାଙ୍କ ନିକଟରେ ମଧ୍ୟ ଅଭିଯୋଗ ହୋଇଥିଲା । ସେହିକ୍ରମରେ ଏମକେସିଜି କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରିବା। ସହ ସଂପୃକ୍ତ ହାଉସ ସର୍ଜନଙ୍କୁ ଡାକି ପଚରାଉଚରା କରିଥିଲେ । ସୋମବାର ଆଣ୍ଟି ରାଗିଂ କମିଟି ବୈଠକ ଡକାଯାଇଥିଲା । ବୈଠକରେ ସଂପୃକ୍ତ ଏମବିବିଏସ ଛାତ୍ରଙ୍କ ସମେତ ଉଭୟ ହାଉସ ସର୍ଜନଙ୍କୁ ପଚରାଉଚରା କରାଯାଇଥିଲା । ଘଟଣାର ସତ୍ୟତା ଜଣାପଡିବା। ପରେ ଉଭୟ ହାଉସ ସର୍ଜନଙ୍କୁ ୨୫ ହଜାର ଲେଖାଏଁ ଜୋରିମାନା ପକାଯାଇଥିବା ଏମକେସିଜି ଅଧ୍ୟକ୍ଷା ପ୍ରଫେସର ଦାସ ସୂଚନା ଦେଇଛନ୍ତି ।



# ଶେଷ ପ୍ରୋଜେକ୍ଟ ମହାଭାରତ !

ନିକଟରେ ନିଜର ଡ୍ରିମ୍ ପ୍ରୋଜେକ୍ଟ ମହାଭାରତକୁ ନେଇ ଆମିର ଖାନ୍ ଆଲୋଚନା କରିଛନ୍ତି । ଏହା ତାଙ୍କର ଶେଷ ପ୍ରୋଜେକ୍ଟ ବୋଲି ଅଭିନେତା ସୂଚନା ଦେଇଛନ୍ତି । ଏହାପରେ ତାଙ୍କର ଆଉ ଫିଲ୍ମ କରିବାର ନାହିଁ । ସେ ଏହି ଫିଲ୍ମରେ ନିଜର ସବୁଠାରୁ ଭଲ ଭର୍ସନ ଦର୍ଶକଙ୍କୁ ଦେଖେଇବାକୁ ଚେଷ୍ଟା କରିବେ, ଯାହା ପରେ ତାଙ୍କ ପାଖେ ଆଉ କିଛି ନୂଆ ନାହିଁ ବୋଲି ଆମିର ମତ ଦେଇଛନ୍ତି । ନିକଟରେ ଏକ ପୋଡକାଷ୍ଟରେ ଆମିର ଏନେଇ ସୂଚନା ଦେଇଛନ୍ତି, ଯାହା ଖୁବ ଭାଇରାଲ ହେବାରେ ଲାଗିଛି । ବର୍ତ୍ତମାନ ସେ ମହାଭାରତ ଫିଲ୍ମ ପାଇଁ କାମ ଆରମ୍ଭ କରିଛନ୍ତି । ସିତାରେ ଜମିନ ପରଦାକୁ ଆସିବା ପରେ ସେ ନିଜର ସମସ୍ତ ସମୟ ବର୍ତ୍ତମାନ ମହାଭାରତକୁ ଦେଉଥିବା ପ୍ରକାଶ କରିଛନ୍ତି । ଫିଲ୍ମଟି ଖୁବ ଭବ୍ୟ ଓ ଅଦ୍ଭୁତ ହେବ ବୋଲି ଆମିର ଆଶା ରଖିଛନ୍ତି ଯାହା ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ । ସେହିଭଳି ପୂର୍ବରୁ ଜୀବନ ଥିବା ପର୍ଯ୍ୟନ୍ତ ଇଣ୍ଡଷ୍ଟ୍ରୀରେ କାମ କରିବେ ବୋଲି ସେ ଭାବିଥିଲେ । ହେଲେ ବର୍ତ୍ତମାନ ମହାଭାରତ ପରେ ଆଉ କୌଣସି ପ୍ରୋଜେକ୍ଟ କରିବେ ନାହିଁ ବୋଲି ପୋଡକାଷ୍ଟରେ ଆମିର ପ୍ରକାଶ କରିଛନ୍ତି । ଫ୍ୟାନ୍‌ଙ୍କୁ ଏହି ଖବରଟି ଦୁଃଖ ଦେଇଛି, ସେମାନଙ୍କ ପ୍ରିୟ ଅଭିନେତାଙ୍କର ଅବସରକୁ ସେ ଗ୍ରହଣ କରିପାରୁନାହାନ୍ତି । ସୋସିଆଲ ମିଡିଆରେ ଏନେଇ ବିଭିନ୍ନ ପ୍ରତିକ୍ରିୟା ଦେଖିବାକୁ ମିଳୁଛି ।

# ବିଶ୍ୱ ସାଇକେଲ୍ ଦିବସ

ପ୍ରତିବର୍ଷ ଜୁନ୍ ୩ ତାରିଖକୁ ବିଶ୍ୱ ସାଇକେଲ୍ ଦିବସ ରୂପେ ପାଳନ କରାଯାଉଛି । ୨୦୧୮ ମସିହା ଏପ୍ରିଲ୍‌ରେ ମିଳିତ ଜାତିସଂଘ ଜେନେରାଲ ଆସେମ୍ବ୍ଲି ଦ୍ୱାରା ଜୁନ୍ ୩ ତାରିଖକୁ ବିଶ୍ୱ ସାଇକେଲ ଦିବସ ରୂପେ ଘୋଷଣା କରାଯାଇଥିଲା । ସେହି ଦିନଠାରୁ ଏହି ଦିବସକୁ ପାଳନ କରାଯାଉଛି । ଏହି ଦିବସରେ ୨୦୦ ବର୍ଷରୁ ଅଧିକ ସମୟ ଧରି ଚାଲିଆସୁଥିବା ସାଇକେଲ୍‌ର ବିଶିଷ୍ଟତା, ନିର୍ଭରଯୋଗ୍ୟତା ଓ ସୁଲଭ ଦର ଏବଂ ପରିବେଶ ସୁରକ୍ଷା ଦିଗରେ ଥିବା ବିଭିନ୍ନ ଅବଦାନକୁ ସ୍ୱୀକାର କରାଯାଏ । ଆମେରିକୀୟ ପ୍ରଫେସର ଲେସଜେକ୍ ସିବିଲସ୍କି ନିଜେ ପଢାଉଥିବା ସମାଜବିଜ୍ଞାନ ଶ୍ରେଣୀରୁ ବିଶ୍ୱ ସାଇକେଲ ଦିବସ ପାଇଁ ଅଭିଯାନ ଆରମ୍ଭ କରିଥିଲେ । ପରେ ତୁର୍କମେନିସ୍ଥାନ ସମେତ ବିଶ୍ୱର ୫୬ଟି ଦେଶ ତରଫରୁ ଏହି ଅଭିଯାନ ପ୍ରତି ସମର୍ଥନ ମିଳିଥିଲା । ବର୍ତ୍ତମାନ ଏହି ଦିବସକୁ ଟାଇପ୍ ୧ ଓ ଟାଇପ୍ ୨ ମଧୁମେହ ପୀଡିତଙ୍କ ସୁସ୍ଥ ଜୀବନଯାପନ ଶୈଳୀ ସହିତ ଯୋଡାଯାଇଛି ।



## ଇତିହାସ

୧୯୧୫– ରବିନ୍ଦ୍ରନାଥ ଟାଗୋରଙ୍କୁ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ନାଇଟ୍‌ହୁଡ୍ ଉପାଧି ଦିଆଯାଇଥିଲା ।

୧୯୧୮– ମହାତ୍ମା ଗାନ୍ଧୀଙ୍କ ଅଧକ୍ଷତାରେ ଇନ୍ଦୋରରେ ହିନ୍ଦୀ ସାହିତ୍ୟ ସମ୍ମିଳନୀ ଆୟୋଜିତ ହୋଇଥିଲା ଏବଂ ଉକ୍ତ ସମ୍ମିଳନୀରେ ପାରିତ ଏକ ପ୍ରସ୍ତାବ ଆଧାରରେ ହିନ୍ଦୀକୁ ରାଷ୍ଟ୍ରୀୟ ଭାଷା ରୂପେ ମାନ୍ୟତା ମିଳିଲା ।

୧୯୨୪– ତାମିଲନାଡୁର ପାଞ୍ଚଥର ମୁଖ୍ୟମନ୍ତ୍ରୀ ରହିଥିବା ଏମ୍ କରୁଣାନିଧିଙ୍କ ଜନ୍ମ ।

୧୯୪୩– ଯୁକ୍ତରାଷ୍ଟ୍ରସଂଘ ରିଲିଫ୍ ଏବଂ ପୁନର୍ବାସ ପ୍ରଶାସନର ସ୍ଥାପନା କରିଥିଲେ ।

୧୯୪୭– ବ୍ରିଟିଶ୍ ରାଜ୍ୟରେ ଭାରତର ଶେଷ ରାଜପ୍ରତିନିଧି ଲର୍ଡ ମାଉଣ୍ଟବ୍ୟାଟେନ୍ ଭାରତର ବିଭାଜନ ସମ୍ପର୍କରେ ଘୋଷଣା କରିଥିଲେ ।

୧୯୫୯– ସିଙ୍ଗାପୁରକୁ ସେଲ୍ଫ ଗଭର୍ଣ୍ଣିଂ ଷ୍ଟେଟ୍ ରୂପେ ଘୋଷଣା କରାଗଲା ।

୧୯୭୪– ବିହାରର ମୁଖ୍ୟମନ୍ତ୍ରୀ ତଥା ସ୍ୱତନ୍ତ୍ରତା ସେନାନି କୃଷ୍ଣ ବଲ୍ଲଭ ସହାୟଙ୍କର ନିଧନ ।

୧୯୮୫– ଭାରତ ସରକାରଙ୍କ ଦ୍ୱାରା ସପ୍ତାହରେ ପାଞ୍ଚ ଦିନ କାର୍ଯ୍ୟ କରାଯିବାର ପରମ୍ପରା ଆରମ୍ଭ କରାଗଲା ।

୧୯୯୪– ଭାରତ ସହାୟତା କ୍ଲବ୍‌କୁ ଭାରତ ସହାୟତା ମଞ୍ଚ ରୂପେ ପରିବର୍ତ୍ତିତ କରାଗଲା ।

୨୦୦୮– ତେଲେଙ୍ଗାନା ରାଷ୍ଟ୍ରୀୟ ସମିତିର ଅଧକ୍ଷ କେ. ଚନ୍ଦ୍ରଶେଖର ରାଓ ଉପନିର୍ବାଚନରେ ନିଜର ପରାଜୟ ସ୍ୱୀକାର କରିବା ପରେ ପଦବୀରୁ ଇସ୍ତଫା ଦେଇଥିଲେ ।

# ଜଣାପଡିବ ଅଗ୍ନି ଉଦ୍‌ଗିରଣର ସମୟ

ଅନେକ ସମୟରେ ଜ୍ୱାଳାମୁଖୀ ଉଦ୍‌ଗିରଣ ନେଇ ଜଣା ନପିଡିବାରୁ ମଣିଷ ସମାଜ ପାଇଁ ଏହା ଖୁବ ଭୟଙ୍କର ସାବ୍ୟସ୍ତ ହୋଇଥାଏ । ତେବେ ବର୍ତ୍ତମାନର ସୂଚନା ଅନୁସାରେ ବୈଜ୍ଞାନିକମାନେ କେଉଁ ଜ୍ୱଳାମୁଖୀ କେଉଁ ସମୟରେ ଉଦ୍‌ଗିରଣ ହେବ ସେନେଇ ଆଗୁଆ ସୂଚନା ଦେଇ ପାରିବେ । ନାସା ଓ ସିମ୍‌ଥସୋନିଆନ୍ ଅନୁଷ୍ଠାନ ଭିତରେ ହୋଇଥିବା ମିଳିତ ଗବେଷଣାରେ ଏହି ନୂଆ ତଥ୍ୟ ମିଳିଛି । ମିଳିଥିବା ତଥ୍ୟ ଅନୁସାରେ ଜ୍ୱାଳାମୁଖୀ ପାଖରେ ଥିବା ଗଛ ଗୁଡିକର ପତ୍ରର ରଙ୍ଗରୁ ଏନେଇ ଜଣା ପଡିବ । ଅଗ୍ନିଉଦ୍‌ଗିରଣ ପୂର୍ବରୁ ହେଉଥିବା ରସାୟନିକ ପରିବର୍ତ୍ତନ ପାଖରେ ଥିବା ଗଛ ଗୁଡିକ ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ । ପାଖରେ ଥିବା ଗଛ ଗୁଡିକ ଅତ୍ୟଧୀକ ପରିମାଣର କାର୍ବୋନ ଡାଇଅକ୍ସାଇଡ ଗ୍ରହଣ କରିବାରୁ ଏମାନଙ୍କର ରଙ୍ଗ ଅଧିକ ସବୁଜ ପଡିବାରେ ଲାଗିଥାଏ । ଯେଉଁ ଜ୍ୱାଳାମୁଖୀ ଗୁଡିକୁ ଉପଗ୍ରହର ଦ୍ୱାରା ଉତ୍ତୋଳନ ହେଉଥିବା ଚିତ୍ର ସାହାଯ୍ୟରେ ସମୀକ୍ଷା କରି ହେବନାହିଁ ସେଗୁଡିକ ପାଇଁ ଏହି ଉପାୟ ଖୁବ ଉପଯୋଗୀ ସାବ୍ୟସ୍ତ ହେବ ।



## ସୋସିଆଲ କୋଟ୍ସ



“ଝିଅମାନେ ନିଜ ଉପରେ ବିଶ୍ୱାସ ରଖିଲେ କିଛି ବି କରିପାରିବେ । ଆଜିକାଲି ଝିଅଙ୍କ ପାଇଁ ସବୁ ସଫଳତା ସମ୍ଭବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବାର ଇଚ୍ଛା ରହିଛି ।

ଓପଲ ସୁଚାତା, ବିଶ୍ୱ ସୁନ୍ଦରୀ ୨୦୨୫

“ରାମ୍ପ ୱାକ୍ କରିବାବେଳେ ଅନେକ ଟ୍ରୋଲିଂ ଓ କଟାକ୍ଷ ଶୁଣିଛି । ମୋତେ ଗାଈ ସହିତ ବି ତୁଳନା କରାଯାଇଛି । ହେଲେ ନିଜର ଆତ୍ମବିଶ୍ୱାସ ବଳରେ ଆଜି ଏଠି ପହଞ୍ଚିଛି ।


ସୋନାକ୍ଷୀ ସିହ୍ନା, ଅଭିନେତ୍ରୀ





“ମୋ ପାଇଁ ସବୁଠାରୁ ଦୁଃଖଦ ସମୟ ଥିଲା ମା’ଙ୍କର ଅନ୍ତିମ ଯାତ୍ରାରେ ତାଙ୍କ ସହିତ ନ ରହିବା । ପାକିସ୍ତାନ ମୋତେ ଭିସା ଦେଲା ନାହିଁ ତେଣୁ ହ୍ୱାଟସ୍‌ଆପ୍‌ରେ ମାଆଙ୍କ ଶେଷ ଯାତ୍ରାରେ ସାମିଲ ହେଲି ।

ଅଦନାନ ସାମୀ, ସିଙ୍ଗର



# ନିଃଶ୍ୱାସରେ ବିଦ୍ୟୁତ୍

ବୈଜ୍ଞାନିକଙ୍କୁ ଏଭଳି ବ୍ୟାକ୍ଟେରିଆ ମିଳିଛି ଯିଏ ନିଃଶ୍ୱାସରେ ବିଦ୍ୟୁତ୍ ଉତ୍ପାଦନ କରୁଛି । ଏହି ବ୍ୟାକ୍ଟେରିଆଟି ଆଗକୁ ବାୟୋଟେକ୍ନୋଲୋଜି ଏନର୍ଜି ଇଣ୍ଡଷ୍ଟ୍ରୀ ପାଇଁ ଏକ ବିପ୍ଳବ ହେବ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି । ରାଇସ୍ ୟୁନିଭର୍ସିଟିର କିଛି ଗବେଷକ ଏଭଳି ଏକ ବ୍ୟାକ୍ଟେରିଆର ଉଦ୍ଭାବନ କରିଛନ୍ତି ଯାହା ନିଃଶ୍ୱାସ ନେବା ସମୟରେ ବିଦ୍ୟୁତ୍ ଉତ୍ପାଦନ କରୁଛି, ଯାହା ପ୍ରାକୃତିକ ଉପାୟରେ ହେଉଥିବା ଜଣା ପଡିଛି । ଏହି ପ୍ରକ୍ରିୟାରେ ସମ୍ପୃକ୍ତ ବ୍ୟାକ୍ଟେରିଆ ନିଃଶ୍ୱାସରେ ଅମ୍ଳଜାନ ପରିବର୍ତ୍ତେ ଇଲେକଟ୍ରୋନ ନିର୍ଗତ କରୁଛି । ପ୍ରାୟତଃ ବ୍ୟାକ୍ଟେରିଆ ବଞ୍ଚିବା ପାଇଁ ହେଉ କିମ୍ବା ମେଟାବଲିଜିମ ପାଇଁ ହେଉ ଅମ୍ଳଜାନର ବ୍ୟବହାର କରିଥାଆନ୍ତି । ହେଲେ ଏଭଳି କିଛି ବ୍ୟାକ୍ଟେରିଆ ଅଛନ୍ତି ଯେଉଁମାନେ ଇଲେକ୍ଟ୍ରୋନକୁ ବାହାର ବାୟୁମଣ୍ଡଳକୁ ନିର୍ଗତ କରିଥାଆନ୍ତି । ଏହି ପ୍ରକ୍ରିୟାକୁ ବୈଜ୍ଞାନିକ ଭାଷାରେ ଏକ୍ସଷ୍ଟ୍ରାସେଲୁଲାର ରେସ୍‌ପିରେସନ କୁହାଯାଇଥାଏ । ଏଭଳି ବ୍ୟାକ୍ଟେରିଆଙ୍କୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ବିଭିନ୍ନ ପରୀକ୍ଷଣ ପାଇଁ ବ୍ୟବହାର କରିହେବ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।



# ସେଓ ମାଲ୍‌ପୁଆ

**ସାମଗ୍ରୀ:** ୧୦ଖଣ୍ଡ ଗୋଲ ଗୋଲ ଆକାରରେ କଟା ସେଓ, ୫୦ ଗ୍ରାମ୍ ପନିର, ୧ କପ୍ ମଇଦା, ୧ କପ୍ ଦହି, ଛାଣିବା ପାଇଁ ତେଲ, ୧ କପ୍ ଚିନି, ୧କପ୍ ପାଣି, ୧ ଚାମଚ ଅଳେଇଚଗୁଣ୍ଡ, ଅଧା ଚାମଚ ଖାଇବା ସୋଡ଼ା ଓ ସ୍ୱାଦ ଅନୁସାରେ ଲୁଣ ।

**ପ୍ରଣାଳୀ:** ପ୍ରଥମେ ଦହି, ମଇଦା, ଗ୍ରେଟେଡ୍ ପନିର, ଲୁଣ ଓ ଖାଇବା ସୋଡ଼ାକୁ ଗୋଳେଇ ୩–୪ ଘଣ୍ଟା ବତୁରାଇ ରଖନ୍ତୁ । ତା’ପରେ ଚୁଲିରେ କଡ଼େଇ ବସେଇ ୧କପ୍ ଚିନି, ୧ କପ୍ ପାଣି ଓ ଅଳେଇଚଗୁଣ୍ଡ ପକେଇ ସିରା ପ୍ରସ୍ତୁତ କରନ୍ତୁ । କଡ଼େଇରେ ତେଲ ଗରମ କରି ଗୋଲ ଗୋଲ ଆକାରରେ କାଟି ସେଓକୁ ମଇଦା ମିଶ୍ରଣରେ ବୁଡ଼େଇ ସିମ୍‌ରେ ରଖି ଛାଣନ୍ତୁ ଓ ସିରାରେ ବୁଡ଼େଇ ୫–୬ ମିନିଟ୍ ରଖି କାଢ଼ି ଗରମ ଗରମ ସ୍ୱାଦିଷ୍ଟ ସେଓ ମାଲ୍‌ପୁଆ ଖାଇବାକୁ ଦିଅନ୍ତୁ ।


**ଅପର୍ଣ୍ଣା ନାୟକ, ନୂଆଦିଲ୍ଲୀ**

# ମାନୁଷୀଙ୍କ ରାଗ

ପୂର୍ବତନ ବିଶ୍ୱସୁନ୍ଦରୀ ତଥା ବଲିଉଡ ଅଭିନେତ୍ରୀ ମାନୁଷୀ ଛିଲ୍ଲରଙ୍କର ଇଣ୍ଡଷ୍ଟ୍ରୀ ଉପରେ ଥିବା ଅସନ୍ତୋଷ ଖୁଲମଖୁଲା ଦେଖିବାକୁ ମିଳିଛି । ଇଣ୍ଡଷ୍ଟ୍ରୀରେ ମହିଳାମାନଙ୍କ ସହିତ ହେଉଥିବା ଭେଦଭାବକୁ ନେଇ ମାନୁଷୀ ମନଖୋଲି କଥା ହୋଇଛନ୍ତି । ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ପୋଷ୍ଟ କରି ଏହି ସମ୍ପର୍କରେ ଆଲୋଚନା ଆରମ୍ଭ କରିଛନ୍ତି ମାନୁଷୀ । ସେ ଏଥିରେ କାହାର ନାଁ ନେଇ ନାହାନ୍ତି ହେଲେ ପରୋକ୍ଷରେ ଅନେକଙ୍କୁ ଟାର୍ଗେଟ କରିଥିବା ତାଙ୍କ ପୋଷ୍ଟରୁ ଜଣା ପଡୁଛି । ଏଠାରେ ସ୍ତ୍ରୀ ବିରୋଧୀ ମାନସିକତା ଦେଖିବାକୁ ମିଳିଥାଏ ଯେଉଁକାରଣରୁ ସଫଳତାର ଶ୍ରେୟ ସ୍ତ୍ରୀ ମାନଙ୍କୁ ମିଳିନଥାଏ । ସେମାନଙ୍କୁ ଶ୍ରେୟ ଦିଆ ନଯାଇ ଏହାର ଶ୍ରେୟ ପୁରୁଷଙ୍କୁ ଦିଆଯାଇଥାଏ । ଏଠାରେ ସ୍ତ୍ରୀ ମାନଙ୍କୁ ସଫଳତା ଦେଉଥିବା ଲୋକ ଖୁବ କମ ମିଳିଥାଆନ୍ତି । ସବୁବେଳେ ମହିଳାଙ୍କୁ ଇଣ୍ଡଷ୍ଟ୍ରୀରେ ଅନାଦାର ଓ ସମସ୍ୟା ଭୋଗିବାକୁ ପଡିଥାଏ । ସେହିଭଳି ସେ ନିଜ ଘରେ କେବେ ବି ଏଭଳି ଲିଙ୍ଗଗତ ଭେଦ ଭାବ ଦେଖିନାହାନ୍ତି, ଯାହା ତାଙ୍କୁ ଇଣ୍ଡଷ୍ଟ୍ରୀରେ ଦେଖିବାକୁ ମିଳିଛି ବୋଲି ମାନୁଷୀ ମତ ଦେଇଛନ୍ତି । ସେହିଭଳି ଯଦି ଜଣେ ପୁରୁଷ ସଫଳ ହେଉଛି ତେବେ ତାକୁ ପରିଶ୍ରମୀର ଆଖ୍ୟା ମିଳୁଥିବାବେଳେ ଜଣେ ନାରୀକୁ ଗୋଲ୍ଡ ଡିଗର ବା ସୁବିଧାବାଦୀର ନାଁ ଦିଆଯାଉଛି । କେତେବେଳେ ବି ମହିଳାଙ୍କର ପରିଶ୍ରମକୁ କେହି ଦେଖନ୍ତି ନାହିଁ ବୋଲି ମାନୁଷୀ ମତ ଦେଇଛନ୍ତି ।



# ଗଲ୍ଫ ଅଫ୍ ଖମ୍ବାଟ



ଅନେକ ସମୟରେ ବିଶେଷଜ୍ଞଙ୍କୁ ଏଭଳି ସମୁଦ୍ରର ଗଭୀର ଜଳରାଶିରେ ଏଭଳି କିଛି ସନ୍ଧାନ ମିଳିଥାଏ ଯାହା ଆମ ପ୍ରାଚୀନ ସଭ୍ୟତା ବିଷୟରେ ବିଭିନ୍ନ ତଥ୍ୟ ପ୍ରକାଶ କରିଥାଏ । ସେହିଭଳି ଏକ ଆବିଷ୍କାର ହେଲା ପଶ୍ଚିମ ଭାରତର ସମୁଦ୍ର ଭିତରେ ମିଳିଥିବା ଗଲ୍ଫ ଅଫ ଖମ୍ବାଟ । ତେବେ ଏହି ଆବିଷ୍କାର ପାଖାପାଖି ୨୫ ବର୍ଷ ତଳେ ୨୦୦୦ ମସିହା ଡିସେମ୍ବର ମାସରେ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଓସେନ୍ ଟେକ୍ନୋଲୋଜି ଦ୍ୱାରା ଖୋଜା ଯାଇଥିଲା । ଯେତେବେଳେ ଅନୁଷ୍ଠାନ ପକ୍ଷରୁ ସମୁଦ୍ର ତଳର ପ୍ରଦ୍ୟୁଷଣ ସମ୍ପର୍କରେ ଗବେଷଣା କରାଯାଉଥିଲା ସେହି ସମୟରେ ଏ ନେଇ ତଥ୍ୟ ମିଳିଥିଲା । ସୋନାର ଟେକ୍ନୋଲୋଜି ମାଧ୍ୟମରେ ସମୁଦ୍ରତଳେ କିଛି ଥିବାର ସୂଚନା ମିଳିଥିଲା, ଯାହା ପରେ ଏକ ସହରର ଅଂଶ ବିଶେଷ ବୋଲି ଜଣା ପଡିଥିଲା । ଏହି ସହରଟି ପାଖାପାଖି ୯,୫୦୦ ବର୍ଷ ପୁରୁଣା ବୋଲି ଆକଳନ କରାଯାଉଛି । ଏହା ସମୁଦ୍ରରେ ୧୨୦ ଫୁଟ ତଳେ ରହିଛି । ତେବେ ଏହି ସହରର ଉତ୍ପତିସ୍ଥଳ କେଉଁଠି ସେନେଇ କୌଣସି ସଠିକ୍ ତଥ୍ୟ ଆଜି ପର୍ଯ୍ୟନ୍ତ ମିଳିନାହିଁ । ଏହା ଉପରେ ଅଧିକ ଗବେଷଣା ଜାରି ରହିଛି ।

## ୧.୨୭ କୋଟି ଆତ୍ମସାତ୍
# ଆକାଉଣ୍ଟାଣ୍ଟ ଗିରଫ

ଭୁବନେଶ୍ୱର, (ସବ୍ୟୁ) : କମ୍ପାନୀରୁ ୧.୨୭ କୋଟି ଟଙ୍କା ଆତ୍ମସାତ୍ କରିଥିବା ଜଣେ ଆକାଉଣ୍ଟାଣ୍ଟକୁ ଗିରଫ କରିଛି ମଞ୍ଚେଶ୍ୱର ଥାନା ପୋଲିସ। ଅଭିଯୁକ୍ତ କମ୍ପାନୀ ଆକାଉଣ୍ଟରୁ ନିଜ ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରି ଠକେଇ କରିଥିବା ତଦନ୍ତରୁ ଜଣାପଡିଛି।

କବିର ତେନେଜାଙ୍କ ଏତଲା ଆଧାରରେ ମଞ୍ଚେଶ୍ୱର ଥାନା ପୋଲିସ ତଦନ୍ତ କରି ଅଭିଯୁକ୍ତ କୋକ୍କରା ରବି (୩୮)କୁ ଗିରଫ କରିବା ପରେ ଠକେଇ ରହସ୍ୟ ଜଣାପଡିଥିଲା। ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା 'ହାମେଲ୍ମ୍ୟାନ୍ ଇଣ୍ଡିଆ'ର ପରିଚାଳନା ଅଂଶିଦାର ଏତଲାକାରୀ କବିର। ଏହା ଭାରତ ମଧ୍ୟରେ ହାଇ ପ୍ରେସର ୱାଟର ଜେଟ୍ ପମ୍ପ ଆଶେସୋରିଜ୍ ଏବଂ ସ୍ପେୟାର ପାର୍ଟସ୍‌ର ବିକ୍ରୟ ସହ ମରାମତି କରିଥାଏ। ଏତଲାକାରୀ କବିର ଅଭିଯୁକ୍ତ କୋକ୍କରା ରବିକୁ ୨୦୧୩ ମସିହା ସେପ୍ଟେମ୍ବର ୨୭ ତାରିଖରୁ ନିଜ ବ୍ୟବସାୟ ପ୍ରତିଷ୍ଠାନରେ ଆକାଉଣ୍ଟାଣ୍ଟ ଭାବରେ ନିଯୁକ୍ତି ଦେଇଥିଲେ। ୨୦୧୪ ମସିହା ଏପ୍ରିଲ୍ ୧ ତାରିଖ ପରଠାରୁ ଅଭିଯୁକ୍ତ ତାଙ୍କ ବ୍ୟବସାୟ ପ୍ରତିଷ୍ଠାନର ଆକାଉଣ୍ଟସ୍ ବିଭାଗ ନିୟମିତ ଭାବେ ଦେଖାଶୁଣା କରୁଥିଲେ। ୨୦୨୩ ମସିହା ଜୁଲାଇ ୭ ତାରିଖରେ ଅଭିଯୁକ୍ତ କୋକ୍କରା ରବି ପ୍ରତିଷ୍ଠାନର କର୍ମଚାରୀମାନଙ୍କ ଦରମା ଲାଗି ବ୍ୟାଙ୍କ ଚେକ୍ ଷ୍ଟେଟ୍‌ମେଣ୍ଟରେ ଅଭିଯୋଗକାରୀଙ୍କ ଦସ୍ତଖତ ନଥିବା ସମୟରେ ଅଭିଯୁକ୍ତ ରବି ତାଙ୍କ ମା'ଙ୍କ ଦସ୍ତଖତକୁ ଜାଲ୍ କରିଥିବା ନେଇ ଅଭିଯୋଗକାରୀ ଜାଣିବାକୁ ପାଇଥିଲେ। ଅଭିଯୋଗାକାରୀଙ୍କ ମା ମଧ୍ୟ କମ୍ପାନୀର ଜଣେ ଅଂଶୀଦାର ହୋଇଥିବାରୁ ସେ ମଧ୍ୟ ବ୍ୟାଙ୍କର ଦରମା ପ୍ରଦାନ ପାଇଁ ଅଧିକୃତ ସ୍ୱାକ୍ଷରକାରୀଙ୍କ ମଧ୍ୟରୁ ଜଣେ ଥିଲେ।

ଅଭିଯୁକ୍ତ କୋକ୍କରା ରବି ଅଭିଯୋଗକାରୀଙ୍କ ମା ଅଳକା ତନେଜାଙ୍କ ଦସ୍ତଖତକୁ ଜାଲ୍ କରି ୨୦୨୦ ଏପ୍ରିଲ୍ ୨ ତାରିଖରୁ ୨୦୨୩ ଜୁନ୍ ୭ ତାରିଖ ମଧ୍ୟରେ କମ୍ପାନୀର ଆକାଉଣ୍ଟରୁ ତାଙ୍କ ବାପା ଯାଦବ ରାଓ ଏବଂ ପରିବାର ଅନ୍ୟାନ୍ୟ ସଦସ୍ୟଙ୍କ ସହିତ ନିଜର ଅନ୍ୟ ଏକ ଆକାଉଣ୍ଟକୁ ୧.୨୭ କୋଟିରୁ ଅଧିକ ଟଙ୍କା ଟ୍ରାନ୍ସଫର କରିନେଇଥିଲେ। ଏହି ଟଙ୍କାର ଅଭିଯୋଗ ହେବା ପୂର୍ବରୁ ଅଭିଯୁକ୍ତ ଉକ୍ତ କମ୍ପାନୀରୁ ଠକିନେଇଥିବା ଟଙ୍କାର କିଛି ଟଙ୍କା ଫେରସ୍ତ ଦେଇଥିବା ବେଳେ ବାକି ଟଙ୍କା ଆଉ ଫେରସ୍ତ ଦେଇନଥିଲା। ଅଭିଯୋଗକାରୀ ଟଙ୍କା ସମ୍ପର୍କରେ କହିବାରୁ ତାଙ୍କୁ ନାନାଦି ଧମକଚମକ ଦେଉଥିଲା। ଏଥିରେ ଅତିଷ୍ଠ ହୋଇ କବିର ମଞ୍ଚେଶ୍ୱର ଥାନରେ ଅଭିଯୋଗ କରିବା ପରେ ପୋଲିସ କୋକ୍କରା ରବି(୩୮)କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା। ଜାମିନ୍ ନାଞ୍ଜୁର ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି।

# ୨୭୫ କୋଟିର ୧୩ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭଦ୍ରକ,(ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଦିନ ଭଦ୍ରକ ଜିଲ୍ଲାର ବାଲିଆପଡା ଠାରେ ପ୍ରାୟ ୨୭୫କୋଟି ଟଙ୍କାର ସମୁଦାୟ ୧୩ଟି ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ସହିତ ଭଦ୍ରକରେ ସରକାରୀ ବିଶ୍ୱବିଦ୍ୟାଳୟ ସ୍ଥାପନା ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ବହୁ ଦିନରୁ ଦାବି ଥିବା ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ ଖୁବ ଶୀଘ୍ର ଏହି ଜିଲ୍ଲାରେ ହେବ ଏବଂ ଏହା ସହିତ ଆଇଓସିଏଲ ପକ୍ଷରୁ ଭଦ୍ରକରେ ଏକ ଟେକ୍ନିକାଲ ଟେକ୍ସଟାଇଲ କମ୍ପ୍ଲେକ୍ସ ଓ ଗଉଚଓ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଗୋଟିଏ ଏଚଏମଏଲଏସ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଭଦ୍ରକରେ ଥିବା ସମସ୍ତ ଶହୀଦ ପୀଠ ମାନଙ୍କର ସୌନ୍ଦର୍ଯ୍ୟକରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଆମର ସରକାର କ୍ଷମତାକୁ ଆସିବା ପରେ ବିପ୍ଳବୀ ମାଟି ଭଦ୍ରକରେ ଆଜି ବିକାଶର ଗତି ତ୍ୱରାନ୍ୱିତ ହୋଇଛି। ଯେଉଁ ପ୍ରତିଶ୍ରୁତି ଦେଇ ଆମେ ଲୋକଙ୍କ ସାହାଯ୍ୟ ଓ ସମର୍ଥନ ଲୋଡିଥିଲୁ, ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଆମେ ଗୋଟିଏ ମିନିଟ ବି ନଷ୍ଟ କରିନାହୁଁ । ଆମ ସରକାର ଆସିବାର ପ୍ରଥମ ଦିନରୁ ହିଁ ଲୋକଙ୍କ ବିଶ୍ୱାସ ଓ ଭରସାକୁ ବଜାୟ ରଖି ଚାରିଗୋଟି ପ୍ରତିଶୃତିକୁ ପାଳନ କରିଥିଲୁ। ମାତ୍ର ୨୪ ମିନିଟରେ ସୁଭଦ୍ରା ଯୋଜନା,ଚାଷୀଭାଇ ଓ ଭଉଣୀଙ୍କୁ ଧାନ କିଣା ବାବଦକୁ କୁଇଣ୍ଟାଲ ପିଛା ଅଧିକ ୮୦୦ଟଙ୍କା ପ୍ରଦାନ,ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲା ଏବଂ ପ୍ରଭୁଙ୍କ ସେବା ପୂଜା ପାଇଁ ୫୦୦କୋଟି ଟାଙ୍କର କର୍ପସଫଣ୍ଡ ପରି ନିଷ୍ପତ୍ତି ନେଇଥିଲୁ । ଏହି ୧୨ ମାସରେ



ସରକାରର ସଫଳତାର ଫର୍ଦ୍ଦ ବହୁତ ଲମ୍ବା । ଏହାର ହିସାବ ଆମେ ଆସନ୍ତା ୧୨ତାରିଖରେ ଜନତା ଜନାର୍ଦ୍ଦନଙ୍କୁ ଦେବୁ।

ଜୀବନ ଜୈବିକା ରାଜ୍ୟର ବିକାଶ ପାଇଁ ଅପରିହାର୍ଯ୍ୟ। କୃଷି ଓ ଆନୁଷଙ୍ଗିକ କୃଷି ତଥା ଶିଳ୍ପର ବିକାଶ ମଧ୍ୟମରେ ରାଜ୍ୟର ପ୍ରତିଟି ନାଗରିକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆଣିବାକୁ ଆମର ଉଦ୍ୟମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବିରୋଧୀ ଦଳ ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ,ଗୁଣାତ୍ମକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା ଯେ କୌଣସି ସରକାରଙ୍କ ପ୍ରଥମ କର୍ତ୍ତବ୍ୟ। ବିଶ୍ୱସ୍ତରୀୟ ସେବା ନାଁରେ ୨୪ବର୍ଷର ଶାସନ କେବଳ ରଙ୍ଗମାରିବା ଏବଂ ନିଜର ବାଜା ବଜାଇବାରେ ଚାଲିଗଲା । କିନ୍ତୁ ପ୍ରକୃତ ବିକାଶ ଏବେ ଆରମ୍ଭ ହୋଇଛି। ଆଗାମୀ କିଛି ବର୍ଷରେ ଓଡିଶାରେ ପ୍ରାଥମିକ ଶିକ୍ଷାର ଦଶା ଓ ଦିଶା ସଂପୂର୍ଣ୍ଣଭାବେ ବଦଳିବାକୁ ଯାଉଛି । ୫ଟିର ରଙ୍ଗମରା ଶିକ୍ଷା ନୁହେଁ,ବାସ୍ତବ ଅର୍ଥରେ ଓଡିଶାର ବିକାଶ ହେବ । ଆମ ସରକାର ଉତ୍କର୍ଷ ଓଡ଼ିଶାର ମାତ୍ର ୧୨୦ ଦିନରେ ୮୦ ହଜାର କୋଟିରୁ ବି ଅଧିକ ଟଙ୍କାର ପ୍ରକଳ୍ପ ପାଇଁ ଆରମ୍ଭ କରିଛନ୍ତି। ଏହା ବ୍ୟତୀତ ଗତ ୨୨ତାରିଖରେ ୧୦ଗୋଟି ପ୍ରକଳ୍ପ ୧ଲକ୍ଷ ୬୫ହଜାର କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି । ରାଜ୍ୟ ସରକାର ଦ୍ୱାରା ଆରମ୍ଭ କରଯାଇଥିବା ଓଡିଶାର ଶିଳ୍ପ ବିପ୍ଳବ ପ୍ରତି ଜିଲ୍ଲାରେ ଶିଳ୍ପାୟନ କରିବ । ଓଡିଶାରେ ଏବେ ଯେଉଁ ଶିଳ୍ପ ବିପ୍ଳବ ଆରମ୍ଭ ହେବାକୁ ଯାଉଛି, ସେଥିରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଭଦ୍ରକ ଜିଲ୍ଲା ପାଇଁ ମଧ୍ୟ ରହିଛି । ଏହି ଦୁଇଟି ପ୍ରକଳ୍ପ ଭଦ୍ରକ ଟେକ୍ସଟାଇଲ ପାର୍କରେ ପ୍ରତିଷ୍ଠା କରାଯିବ। ଗୋଟିଏ ହେଲା। ଆଇଓସିଏଲ ପକ୍ଷରୁ ଭଦ୍ରକରେ ୪,୩୭୭ କୋଟି ଟଙ୍କା ବିନିଯୋଗ ଏକ ଟେକ୍ନିକାଲ ଟେକ୍ସଟାଇଲ କମ୍ପ୍ଲେକ୍ସ ପ୍ରତିଷ୍ଠା କରାଯିବ ଏବଂ ଏହା ଦ୍ୱାରା ପ୍ରାୟ ୪୩୦୦ ଲୋକଙ୍କୁ ନିଯୁକ୍ତି ମିଳିବ । ଏହା ସହିତ ୨୨୨୩.୨୫ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ ଏମସିପିଆଇ ପ୍ରାଇଭେଟ୍ ଲିମିଟେଡ୍ ମଧ୍ୟ ଭଦ୍ରକରେ ଗୋଟିଏ ଏଚଏମଏଲଏସ ପଲିଷ୍ଟର ଉତ୍ପାଦନ କମ୍ପାନୀ ପ୍ରତିଷ୍ଠା କରିବ। ଏହାଦ୍ୱାରା ୧୧୫୦ଲୋକଙ୍କୁ ନିଯୁକ୍ତି ମିଳିବ ବୋଲି ସେ କହିଥିଲେ । ସେ ପୁଣି କହିଥିଲେଯେ, ଭଦ୍ରକ ଜିଲ୍ଲାକୁ ମଧ୍ୟ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲ୍ଲା ଭାବରେ ଗଢି ତୋଳିବା ପାଇଁ ଆମର ଉଦ୍ୟମ ଜାରି ରହିଛି। ଭଦ୍ରକ ଜିଲ୍ଲାର ସର୍ବାଙ୍ଗୀନ ବିକାଶ କରିବା ହେଉଛି ଆମର ପ୍ରାଥମିକତା । ଆଜି ଜିଲ୍ଲା ପାଇଁ ୨୭୪କୋଟିରୁ ଉଦ୍ଧର୍ବ ଟଙ୍କା ମୂଲ୍ୟର ବିଭିନ୍ନ ଜନକଲ୍ୟାଣକାରୀ ୧୩ଟି ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଗଲା ।

ଜିଲ୍ଲା ସଦର ମହକୁମା ଡାକ୍ତରଖାନା ସହିତ ଏଥିରେ ରାସ୍ତା,କ୍ରୀଡା ଭିତ୍ତିଭୂମି,ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ଲାଇବ୍ରେରୀ ଓ ଡକ୍ଟର ହରେକୃଷ୍ଣ ମହତାବଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ଏକ ପାର୍କ ନିର୍ମାଣ ପ୍ରକଳ୍ପ ରହିଛି । ଭଦ୍ରକ ଜିଲ୍ଲାବାସୀଙ୍କ ସେବାରେ ଏସବୁ ପ୍ରକଳ୍ପ ଗୁଡିକ ଉଦ୍ଦିଷ୍ଟ। ନିଜ ବକ୍ତବ୍ୟ ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ,୨୦୩୬ ସୁଦ୍ଧା ଆମେ ଏକ 'ସମୃଦ୍ଧ ଓଡିଶା' ଗଠନ କରିବାର ଲକ୍ଷ୍ୟ ନେଇ କାର୍ଯ୍ୟ ଜାରି ରଖିଛୁ । ସମୃଦ୍ଧ ଓଡ଼ିଶାର ଅର୍ଥ ହେଲା ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ସମାବେଶୀ ବିକାଶ। ଆମେ ପ୍ରତିବଦ୍ଧତାର ସହିତ ଏ ଦିଗରେ ପ୍ରୟାସ ଆରମ୍ଭ କରିଛୁ। କାର୍ଯ୍ୟକ୍ରମରେ ଯୋଗଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ,ଭଦ୍ରକ ମାଟି ବୀରତ୍ୱର ମାଟି । ଲୋକଙ୍କ ବିଶ୍ୱାସ ଓ ଭରସାକୁ ବଜାୟ ରଖି ଆମ ସରକାର ଗୋଟିଏ ବର୍ଷ ଭିତରେ ଯେଉଁ ସବୁ କାର୍ଯ୍ୟ କରିଛନ୍ତି ଏବଂ କରୁଛନ୍ତି,ତାହା ଲୋକଙ୍କ ସରକାରଙ୍କ ପ୍ରତିବଦ୍ଧତା ଦିଗରେ ସୂଚାଉଛି। ଏହି ଉନ୍ନତିମୂଳକ ପ୍ରକଳ୍ପ ସମସ୍ତ ଭଦ୍ରକବାସୀଙ୍କ ଦୃଢ଼ ସମର୍ଥନର ପ୍ରତିଫଳନ। ଉକ୍ତ କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ,ବାସୁଦେବପୁର ବିଧାୟକ ଅଶୋକ ଦାସ,ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଧନ୍ୟବାଦ ଦେଇଥିଲେ।

ଭଦ୍ରକରେ ହେବ ସରକାରୀ ବିଶ୍ୱବିଦ୍ୟାଳୟ
ଆଇଓସିଏଲ୍ କରିବ ଟେକ୍ନିକାଲ ଟେକ୍ସଟାଇଲ୍ କମ୍ପ୍ଲେକ୍ସ
ସମସ୍ତ ସହିଦ୍ ପୀଠର ହେବ ସୌନ୍ଦର୍ଯ୍ୟକରଣ
୧୨ମାସରେ ସରକାରଙ୍କ ସଫଳତାର ଫର୍ଦ୍ଦ ଲମ୍ବା

## ବିଜେପି ସରକାରର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟସ୍ତରୀୟ କର୍ମଶାଳା
# ସୁଶାସନ, ଗରିବ କଲ୍ୟାଣକୁ ନେଇ ଜନସାଧାରଣଙ୍କ ପାଖକୁ ଯିବ ବିଜେପି : ସମୀର



ଭୁବନେଶ୍ୱର, (ସବ୍ୟୁ): ବିକଶିତ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଗତ ୧୧ ବର୍ଷ ମଧ୍ୟରେ ଅନେକ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ କରାଯାଇଛି । ସେହିପରି ଓଡିଶାରେ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ଏକାକୀ ସରକାର ଗଠନ କରିଛି । ଓଡ଼ିଶାର ଲୋକେ ଏବେ ଅନେକ ସୁଫଳ ପାଉଛନ୍ତି । ରାଜ୍ୟରେ କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ କରାଯାଉଛି। ସଂକଳ୍ପପତ୍ରର ପ୍ରତିଶ୍ରୁତିଗୁଡିକୁ ପୂରଣ କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱ ବିଜେପି ସରକାର ଗତ ୧ ବର୍ଷ ମଧ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ଯୋଜନାଗୁଡିକୁ ଯେଉଁ ଭଳି ସଫଳତାର ସହ ଆଗକୁ ନେଉଛନ୍ତି, ସେ ବିଷୟରେ ଓଡିଶାବାସୀଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ । କେନ୍ଦ୍ରରେ ମୋଦି ସରକାରଙ୍କ ୧୧ବର୍ଷ ଓ ରାଜ୍ୟରେ ବିଜେପି ସରକାରଙ୍କ ୧ବର୍ଷ ପୂର୍ତି ଉପଲକ୍ଷେ ସେବା, ସୁଶାସନ ଓ ଗରିବ କଲ୍ୟାଣକୁ ଆଧାର କରି ବିଜେପି ଜନସାଧାରଣଙ୍କ ପାଖକୁ ଯିବ । ଏଥି ସହ ଗତ ୧ ବର୍ଷରେ ରାଜ୍ୟରେ ବିଜେପି ସରକାର ସମସ୍ତ ପ୍ରତିଶୃତିକୁ ପ୍ରତିବଦ୍ଧତା ସହ ପାଳନ କରିଆସୁଛନ୍ତି । ଜୁନ୍ ୯ରୁ ରାଜ୍ୟବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ପୂର୍ବତନ ରାଜ୍ୟ ସଭାପତି ତଥା ବିଜେପି ସରକାର ବର୍ଷ ପୂର୍ତି କାର୍ଯ୍ୟକ୍ରମ ସଂଯୋଜକ ସମୀର ମହାନ୍ତି କହିଛନ୍ତି । ଏହି ଅବସରରେ ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ସାଂସଦ ବଳଭଦ୍ର ମାଝୀ ପ୍ରମୁଖ ଉପସ୍ଥିତ ରହି ବର୍ଷ ପୂର୍ତି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । କର୍ମଶାଳା ପ୍ରସଙ୍ଗରେ ସୁଚନା ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ, ଗତ ୭୮ ବର୍ଷ ଧରି ଯୋଜନାବଦ୍ଧ ଭାବେ ଓଡ଼ିଶାକୁ ପଛେଇ ରଖିବାରେ କଂଗ୍ରେସ ଓ ବିଜେଡି ପ୍ରମୁଖ ଭୂମିକା ଗହଣ କରିଥିଲେ । ସେହିପରି କେନ୍ଦ୍ରରେ ଗତ ୫୦ ବର୍ଷ ମଧ୍ୟରେ ଉପା ସରକାରର କୁଶାସନ ଯୋଗୁ ଦେଶର ପ୍ରଗତି ବାଧାପ୍ରାପ୍ତ ହୋଇଥିଲା। ଏସବୁ ବିଷୟରେ ଲୋକଙ୍କୁ ଅବଗତ କରାଯିବ। ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ପ୍ରମୁଖ ସହର ଏବଂ ଜିଲ୍ଲା ମୁଖ୍ୟାଳୟଗୁଡ଼ିକରେ କେନ୍ଦ୍ରମନ୍ତ୍ରୀ ତଥା କେନ୍ଦ୍ରୀୟ ନେତୃତ୍ୱମାନେ ଗସ୍ତ କରି ସାଧାରଣ ଜନତାଙ୍କୁ ଅବଗତ କରାଇବେ । ଏହି ଅବସରରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବୁଦ୍ଧିଜୀବି ସମ୍ମିଳନୀ, ସାମ୍ବାଦିକ ସମ୍ମିଳନୀ, ଆଲୋଚନାଚକ୍ର ଆସନ୍ତା ୯ ତାରିଖରୁ ରାଜ୍ୟବ୍ୟାପୀ ଅନୁଷ୍ଠିତ ହେବ ।

ଜୁନ୍ ୯ରୁ ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ

## ୩ ନମ୍ବର ୱାର୍ଡ ରୁ ପ୍ରଶାସନ ହଟାଇଲା ଜବରଦଖଲ

କଟକ ( ସବ୍ୟୁ) : ବାରବାଟି ନିର୍ବାଚନ ମଣ୍ଡଳୀର ୩ନଂ ୱାର୍ଡ ବିଦ୍ୟାଧରପୁର ଗ୍ରାମ ନିକଟରୁ ଜବର ଦଖଲ ଉଚ୍ଛେଦ କରାଯାଇଛି । ସୂଚନା ମୁତାବକ କାଠଯୋଡି ନଦୀ ବନ୍ଧ ରାସ୍ତାର ସଂପ୍ରସାରଣ କାର୍ଯ୍ୟ ଚାଲୁରହିଛି । ଏହି ସଂପ୍ରସାରଣ କାର୍ଯ୍ୟ ନରାଜ ବ୍ୟାରେଜ ନିକଟରୁ ତ୍ରିଶୂଳିଆ ସୁବାଷ ବୋଷ ସେତୁ ପର୍ଯ୍ୟନ୍ତ ପ୍ରାୟ ୭କିମି ରାସ୍ତାକୁ ସୁଦୃଢ ମଜବୁତ କରାଯିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୮ କୋଟି ଟଙ୍କାର ବ୍ୟୟ ବରାଦ କରାଯିବା ସହିତ ରାସ୍ତାକୁ ୧୦ ମିଟର ପ୍ରସ୍ତରରେ କାର୍ଯ୍ୟ କରାଯାଉଛି । ଏହି ସଂପ୍ରସାରଣ କାର୍ଯ୍ୟ ଅଦ୍ୟାବଧି ପ୍ରାୟ ୫ କିମି ରାସ୍ତା ନିର୍ମାଣ କାର୍ଯ୍ୟ ପ୍ରାଥମିକ ପର୍ଯ୍ୟାୟ କାର୍ଯ୍ୟ ସରି ଯାଇଛି । ଏହା ଭିତରେ ବାରବାଟି ନିର୍ବାଚନ ମଣ୍ଡଳୀର ୩ନଂ ୱାର୍ଡ ବିଦ୍ୟାଧରପୁର ଗ୍ରାମ ନିକଟ କାଠଯୋଡ଼ି ନଦୀ ବନ୍ଧ ରାସ୍ତାକୁ ଗ୍ରାମର କିଛି ଲୋକମାନେ ଜବର ଦଖଲ କରି ରଖିଥିବା ବେଳେ ଗ୍ରାମର କିଛି ମନ୍ଦିର ହୋଇଥିଲାଛ ଏସଂପର୍କରେ ବାରଙ୍ଗ ତହସିଲଦାର ତୃଷାର ଜ୍ୟୋତି ରଞ୍ଜନ ସହକାରୀ ରାଜସ୍ୱ ଅଧିକାରୀ ଛବିନ୍ଦ୍ରସେଠୀ ପକ୍ଷରୁ ଜବର ଦଖଲ କରିରଖିଥିବା ବ୍ୟକ୍ତିମାନଙ୍କୁ ପୂର୍ବରୁ ସୂଚନା ଦିଆଯାଇଥିଲେ ମଧ୍ୟ କେହି ଏହାର କର୍ଣ୍ଣପାତ କରିନଥିଲେ । ସୋମବାର ଦିନ ବାରଙ୍ଗ ତହସିଲଦାରଙ୍କ ତ୍ୱାବଧାନରେ ବାରଙ୍ଗ ଥାନା ପୁଲିସ ସହିତ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇ ଜେସିବି ମେସିନ ସାହାଯ୍ୟରେ ଏହି ଜବର ଦଖଲ ଉଚ୍ଛେଦ କରାଯାଇଛି ।

## ନଗର ଉନ୍ନୟନ ମନ୍ତ୍ରୀଙ୍କ ସିଏମସିକୁ ତାଗିଦ
# ଆଗାମୀ ବର୍ଷାରେ କଟକ ଯେପରି ଜଳବନ୍ଦୀ ନ ହୁଏ

କଟକ,(ସବ୍ୟୁ): କଟକ ସହରର ପରିମଳ ତଥା ଅନ୍ୟାନ୍ୟ କାମ କରୁଥିବା ଘରୋଇ କମ୍ପାନୀ ଗୁଡ଼ିକ ଯଦି ସଠିକ୍ ଢ଼ଙ୍ଗରେ କାମ ନ କରନ୍ତି, ତେବେ ସେମାନଙ୍କୁ ତିନି ଥର ନୋଟିସ ଜାରି କର । ଏହାପରେ ବି ଯଦି ସେମାନଙ୍କ କାର୍ଯ୍ୟରେ ପରିବର୍ତ୍ତନ ନହୁଏ ତାହେଲେ ସମ୍ପୃକ୍ତ କମ୍ପାନୀଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ଆଜି ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କଟକ ମହାନଗର ନିଗମ କମିସନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଚଳିତ ବର୍ଷାଋତୁରେ କଟକ ସହରରେ ଯେପରି କୌଣସି ସ୍ଥାନ ଜଳବନ୍ଦୀ ନହୁଏ ସେଥିପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସିଡିଏ କାର୍ଯ୍ୟାଳୟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ମହାପାତ୍ର ଏହିଭଳି କହିଛନ୍ତି । ଆଜି କଟକ ସହରର ଡ୍ରେନେଜ୍ ଏବଂ ପରିମଳ ବ୍ୟବସ୍ଥା କାର୍ଯ୍ୟ ସମୀକ୍ଷା ପାଇଁ ମନ୍ତ୍ରୀ ଶ୍ରୀ ମହାପାତ୍ର କଟକ ସହରରେ ପହଞ୍ଚିଥିଲେ । ପ୍ରଥମେ ସେ ପେଟାନାଳ ଯାଇଥିଲେ । ସେଠାରେ ଡ୍ରେନେଜ୍ ବ୍ୟବସ୍ଥାକୁ ବୁଲି ଦେଖୁବା ସହ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସେଠାରୁ ରାଉସାପାଟଣା, କେଶରପୁର, ଛତ୍ରବଜାର, ମାତୃ ଭବନ ଆଦି ବିଭିନ୍ନ ଅଞ୍ଚଳ ବୁଲି ଦେଖୁବା ସହିତ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ବକ୍ସ ଡ୍ରେନ ଭିତରୁ ପଙ୍କ, ଅଳିଆ ଆବର୍ଜନା ସଫେଇ କାର୍ଯ୍ୟ କିଭଳି ଢ଼ଙ୍ଗରେ ଚାଲିଛି ସେ ନେଇ ଅନୁଧ୍ୟାନ କରିଥିଲେ । ଛତ୍ରବଜାର ଅଞ୍ଚଳରେ କିଛିକିଛି ସ୍ଥାନରେ ବିପର୍ଯ୍ୟୟ ପରିମଳ ବ୍ୟବସ୍ଥାକୁ ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏହାପରେ ସିଡିଏ କାର୍ଯ୍ୟାଳୟକୁ ଯାଇ ଏହିସବୁ ପ୍ରକଳ୍ପ କାର୍ଯ୍ୟର ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ସେଠାରେ ମେୟର ସୁବାସ ସିଂ, ସିଏମ୍ସି କମିସନର ଅନାମ ଚରଣ ପାତ୍ର, ସିଡିଏ ସଚିବ ଶ୍ୱେତ କୁମାର ଦାଶ, ୱାଟ୍କୋ ଡ୍ରେନେଜ୍ ମ୍ୟାନେଜର୍ ବିଜୟ କୁମାର ପଣ୍ଡା ଏବଂ ଅନ୍ୟାନ୍ୟ ବହୁ ଅଧିକାରୀ ଉପସ୍ଥିତ ଥିଲେ । ସମସ୍ତ ଅଧିକାରୀଙ୍କ ସହ ସହରର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଆଗକୁ ବର୍ଷା ଋତୁ ଥିବାରୁ ଜଳ ନିଷ୍କାସନ ବ୍ୟବସ୍ଥା କିଭଳି ସଠିକ୍ ଢ଼ଙ୍ଗରେ କରାଯାଇ ପାରିବ ସେ ନେଇ ଆଲୋଚନା କରିଥିଲେ । ଏଥିପାଇଁ ସିଏମ୍ସି ପକ୍ଷରୁ କେତେ ପମ୍ପସେଟ୍ ଲଗାଯାଇଛି ସେ ସଂକ୍ରାନ୍ତରେ ସୂଚନା ଦିଆଯାଇଥିଲାଛ କିନ୍ତୁ ଯଦି ଆହୁରି ଅଧିକ ସଂଖ୍ୟକ ପମ୍ପସେଟ୍ର ଆବଶ୍ୟକତା ରହିଛି ତାହା ମଧ୍ୟ ଯୋଗାଡ଼ କରିବାକୁ ମନ୍ତ୍ରୀ ସିଏମ୍ସିକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ କୌଣସି ପରିସ୍ଥିତିରେ ସହରରେ ବର୍ଷା ସମୟରେ ଜଳବନ୍ଦୀ ନହୁଏ ସେଥିପ୍ରତି ସତର୍କ ରହିବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । କଟକ ସହରର ପରିମଳ ଉପରେ ମନ୍ତ୍ରୀ ଅସନ୍ତୋଷ ବ୍ୟକ୍ତ କରିଥିଲେ । ସହରର ରାସ୍ତା ଘାଟରେ ଆବର୍ଜନା ଗଦା ହେଉଥିବାରୁ ସଫେଇ ଦାୟିତ୍ୱରେ ଥିବା ସଂସ୍ଥାକୁ ତାଗିଦ୍ କରିଥିଲେ । କଟକ ସହରକୁ ସୁନ୍ଦର କରି ଗଢ଼ି ତୋଳିବାକୁ ମନ୍ତ୍ରୀ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ । ରାସ୍ତାରେ ବୃକ୍ଷରୋପଣ କରିବା, ଆଲୋକୀକରଣ କରିବା ଆଦି କାର୍ଯ୍ୟ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଛ ଯଦି ଠିକ୍ ଭାବେ ସହରର ସଫେଇ କାର୍ଯ୍ୟ କରାନଯାଏ ତାହେଲେ ସମ୍ପୃକ୍ତ ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

## ବିଜେପି ସରକାରର ନିଯୁକ୍ତି ପ୍ରତିଶ୍ରୁତି ପ୍ରବଞ୍ଚନାପୂର୍ଣ୍ଣ
# ଅଣଓଡ଼ିଆ ଠିକାଦାର ପୁରସ୍କୃତ, ଓଡ଼ିଆ ଠିକା ଉପେକ୍ଷିତ : ଯୁବ କଂଗ୍ରେସ

ଭୁବନେଶ୍ୱର, (ସବ୍ୟୁ): ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ବିଜେପି ସରକାରର ନିଯୁକ୍ତି ପ୍ରତିଶ୍ରୁତି, ଫମ୍ପା ଓଡ଼ିଆ ଅସ୍ମିତା ଆହ୍ୱାନ ଏବଂ ବିଜେପି ସରକାରର ଅଣ ଓଡ଼ିଆ ଠିକାଦାର ପ୍ରୀତି ସଂପର୍କରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଥିଲେ ଯେ, ଡବଲ ଇଞ୍ଜିନ ସରକାରରେ ଅଣ ଓଡ଼ିଆ ଠିକାଦାର ପୁରସ୍କୃତ ଓ ଓଡ଼ିଆ ଠିକାଦାର ଉପେକ୍ଷିତ । ଏଠାରେ ଓଡ଼ିଆ ଅସ୍ମିତା ଆହ୍ୱାନର କିଛି ମୂଲ୍ୟ ନାହିଁ । ପୂର୍ବ ସରକାର ସରକାରୀ ନିର୍ମାଣକାର୍ଯ୍ୟ ଏବଂ ଖଣିଖାଦନ ଅଂଚଳରେ କେବଳ ଅଣ ଓଡ଼ିଆ ଠିକାଦାରଙ୍କୁ ସୁଯୋଗ ଦେଉଛି ବୋଲି କହି ନିର୍ବାଚନ ପୂର୍ବରୁ ବିଜେପି ଚିତ୍କାର କରୁଥିଲା । ମାତ୍ର ମୋହନ ସରକାର କେବଳ ଅଣ ଓଡ଼ିଆ ଠିକାଦାରଙ୍କୁ ପ୍ରାଧାନ୍ୟ ଦେଉଛନ୍ତି ଏବଂ ଓଡ଼ିଆ ଠିକାଦାରଙ୍କ ଦାନାପାଣି ବନ୍ଦ କରିବାର ବ୍ୟବସ୍ଥା କରିସାରିଲାଣି । ଓଡ଼ିଶାର ସରକାରି ନିର୍ମାଣକାମରେ ୯୦ ପ୍ରତିଶତ ଅଣ ଓଡ଼ିଆ ଠିକାଦାର କାମ କରୁଛନ୍ତି । ଓଡ଼ିଶା ସରକାରଙ୍କ ଗୃହ ଓ ସହରାଞ୍ଚଳ ବିକାଶ ବିଭାଗ ପକ୍ଷରୁ ୱାଟ୍‌କୋ ଗତ ୨୩ ତାରିଖରେ ଭୁବନେଶ୍ୱର ପାଇଁ ୨୪ ଘଣ୍ଟିଆ ଜଳ ଯୋଗାଣ ଯୋଜନ ଏବଂ ସ୍ୱରେ ଜସିଷ୍ଟମ ପ୍ରକଳ୍ପ ନିମନ୍ତେ ଟେଣ୍ଡର ଆହ୍ୱାନ କରିଥିଲେ । ଏହି ଟେଣ୍ଡର ପ୍ରକ୍ରିୟାକୁ ନେଇ ଓଡ଼ିଆ ଠିକାଦାରଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି । ଛୋଟଛୋଟ ପ୍ରକଳ୍ପ ଗୁଡ଼ିକୁ ଏକାଠି କରି ଗୋଟିଏ ବଡ଼ ଯୋଜନା କରାଯାଇଛି । କେବଳ ଓଡ଼ିଆ ଠିକାଦାର କେମିତି ଏଥିରେ ଭାଗନେଇ




ପାରିବେନି ସେଥିପାଇଁ ଷଡଯନ୍ତ୍ର ହୋଇଛି । ବଡ଼ବଡ଼ ପ୍ରକଳ୍ପ କରିଦେବା ଫଳରେ ଓଡ଼ିଆ ଠିକାଦାରମାନେ କ୍ରାଇଟେରିଆ ପୂରଣ କରିପାରିବେ ନାହିଁ । ସୁତରାଂ ନିଜ ରାଜ୍ୟର ସରକାରୀ ନିର୍ମାଣ କାର୍ଯ୍ୟରେ ଓଡ଼ିଆ ଠିକାଦାରମାନେ ଅଂଶ ଗ୍ରହଣ କରିପାରୁନାହାନ୍ତି । ତେବେ ଏ ସରକାର କଣ ଓଡ଼ିଆ ଠିକାଦାରମାରଣ ନୀତି ଗ୍ରହଣ କରିଛନ୍ତି କି? ମେଗାଇଞ୍ଜିନିୟରିଂ, ଯୁବେରି, ମୋହନଗଡ଼ ପ୍ରଭୃତି ବହୁ ଅଣ ଓଡ଼ିଆ କମ୍ପାନୀ ଓଡ଼ିଶା ସରକାରଙ୍କୁ ପ୍ରଭାବିତ କରି ଉନ୍ନୟନ କାର୍ଯ୍ୟସବୁ ଦଖଲ କରିଛନ୍ତି ।

ସମ୍ବଲପୁର ସହରକୁ ଜଳଯୋଗାଣ ପାଇଁ ୱାଟ୍‌କୋ ଜରିଆରେ ଅଣ ଓଡ଼ିଆ ଇଗଲଇଣ୍ଡିଆ ପ୍ରାଇଭେଟ ଲିମିଟେଡ କମ୍ପାନୀକୁ ୪୫୦ କୋଟି ଟଙ୍କାର କାମ ଦିଆଯାଇଛି । ସେହିଭଳି ପୁରୀ ସହରକୁ ଜଳଯୋଗାଣ ପାଇଁ ଅଣ ଓଡ଼ିଆ ଇନ୍‌ଭାଇମ୍ଫ୍ରା ପ୍ରାଇଭେଟ ଲିମିଟେଡକୁ ୭୬ କୋଟି ଟଙ୍କାର କାର୍ଯ୍ୟାଦେଶ ମଧ୍ୟ ଦିଆଯାଇଛି । ସେହି ଭଳି ଖଣି ଅଂଚଳରେ ଉତ୍ତୋଳନ ଓ ପରିବହନ କାର୍ଯ୍ୟରେ ମଧ୍ୟ ଅଣ ଓଡ଼ିଆଙ୍କ ପ୍ରାଧାନ୍ୟ ଓ ପାଦୁଭାବ ବଢ଼ିଛି । ବିଶାଳ ଟ୍ରାନ୍‌ପୋର୍ଟ, ଆର.ଜେ. ଲଜିଷ୍ଟିକ୍ ପ୍ରଭୃତି ଅଣ ଓଡ଼ିଆ କମ୍ପାନୀ ଓଡ଼ିଆଙ୍କ ରୋଜଗାର ବ୍ୟବସ୍ଥାକୁ ବନ୍ଦ କରି ଓଡ଼ିଆ ଅସ୍ମିତାର ଡିମ୍‌ଡିମ୍ ପିଟୁଥିବା ଓଡ଼ିଶା ସରକାରଙ୍କ ଗେଲ୍ଲାପୁଅ ସାଜିଛନ୍ତି । ସ୍ଥାନୀୟ ପରିବହନ ଓ ଉତ୍ତୋଳନ ସଂସ୍ଥାମାନେ ହାତ ବାନ୍ଧି ବସିଛନ୍ତି ।

ବ୍ୟବସ୍ଥା ଅଛି ଯେ ଯେଉଁ କମ୍ପାନୀ ଉତ୍ତୋଳନ କରିବ ସେ ପରିବହନ କରିପାରିବ ନାହିଁ । ତେଣୁ ଦୁଇଟି କମ୍ପାନୀ ମାଧ୍ୟମରେ ଏହି ସଂସ୍ଥା ସମସ୍ତ ଉତ୍ତୋଳନ ଓ ପରିବହନ କାର୍ଯ୍ୟକୁ ହାତେଇ ନେଉଛନ୍ତି । ଯେଉଁଠି ତ୍ରିବେଣୀ ଉତ୍ତୋଳନ କରୁଛି । ସେଇଠି ଆଣ୍ଡଲ ଲଜିଷ୍ଟିକ୍ ପରିବହନ କରୁଛି । ଅନ୍ୟ କେତେକ ସ୍ଥାନରେ ତ୍ରିବେଣୀ ଉତ୍ତୋଳନ କରୁଥିବାବେଳେ ପରିହବନ କାର୍ଯ୍ୟ ଆର. ଜେ. ଲଜିଷ୍ଟିକ୍ କରୁଛି। ବାଠପାଣି, ବଡ଼ବିଲ ପ୍ରଭୃତି ରେଲୱେ ସାଇଡ଼ିଂରେ ଲୋଡିଂ ପାଇଁ ମେଟ୍ରିକ୍ ଟନ ପିଛା ୨୫ ଟଙ୍କା ଥିବାବେଳେ ଏବେ ୭୫ ଟଙ୍କା ଆଦାୟ କରାଯାଉଛି । ପ୍ରଶ୍ନ କରିବାରୁ କୁହାଯାଉଛି ଯେ ୫୦ ଟଙ୍କା ଉପରକୁ ଦିଆଯାଉଛି । ସେହିଭଳି ପରିବହନ କ୍ଷେତ୍ରରେ ମେଟ୍ରିକ୍‌ଟନ ପିଛା ବିଭିନ୍ନ ସେକ୍ଟରରେ ୧୦୦ ଟଙ୍କା ଲେଖାଏ ବଢ଼ାଯାଇଛି । ଯେଉଁଠି ମେଟ୍ରିକ୍‌ଟନ୍ ପିଛା ୬୫୦ ଥିଲାସେଠି ୭୫୦ ଟଙ୍କା ଏବଂ ଯେଉଁଠି ୪୫୦ ଟଙ୍କା ଥିଲା ସେଠି ୫୫୦ ଟଙ୍କା ବଢ଼ିଛି।

ଯୁବ କଂଗ୍ରେସ ସଭାପତି ଶ୍ରୀ ପାତ୍ର କହିଲେ ବିଜେପି ସରକାରରେ ଓଡ଼ିଶାର ବେକାର ଯୁବକ ଯୁବତୀ ପ୍ରତାରିତ ହୋଇଛନ୍ତି । ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ଓଡ଼ିଶାରେଏବେ ୧୧ ଲକ୍ଷ ୪ ହଜାର ୨୨୯ ପଞ୍ଜିକୃତ ବେକାରୀ ଅଛନ୍ତି । ଓଡ଼ିଶାର ବେକାରୀ ହାର ୩.୯ ପ୍ରତିଶତ ଯାହା ଜାତୀୟ ବେକାରୀ ହାରଠୁ ଅଧିକ । ଜାତୀୟ ବେକାରୀ ହାର ୩.୨ ପ୍ରତିଶତ ଅଟେ । ଗ୍ରାମାଂଚଳ ବେକାରୀ ହାର ୩.୬ ପ୍ରତିଶତ ଥିବାବେଳେ ସହରାଂଚଳରେ ତାହା ୬.୨ ପ୍ରତିଶତ ଅଟେ । ଏବେ ଓଡ଼ିଶାରେ ୧ ଲକ୍ଷ ୩୭ ହଜାର ୯୮୬ ପଞ୍ଜିକୃତ ବେକାର ଅଛନ୍ତି । ନିର୍ବାଚନ ଇସ୍ତାହାରରେ ବିଜେପି ଘୋଷଣା କରିଥିଲା ଯେ ୫ ବର୍ଷରେ ୩ ଲକ୍ଷ ୫୦ ହଜାର ନିଯୁକ୍ତି ଦେବ । ସେହି ଅନୁସାରେ ବର୍ଷକୁ ୭୦ ହଜାର ପଡୁଥିବାବେଳେ ଏବେ ସୁଧା ହଜାରଟି ନିଯୁକ୍ତି ମଧ୍ୟ ଦିଆଯାଇ ନାହିଁ । ସମୁଦାୟ ୫ ଲକ୍ଷ ୮୩ ହଜାର ଓଡ଼ିଶା ସରକାରୀ ପଦବୀରୁ ଏବେସୁଧା ୧ ଲକ୍ଷରୁ ଅଧିକା ପଦବୀ ଖାଲି ପଡ଼ିଛି । ଓଡ଼ିଆ ଲୋକ ନିଯୁକ୍ତି ନ ପାଇ ରାଜ୍ୟବାହାରେ ଦାନ ଖଟୁଛନ୍ତି । ଏଠାରେ ଥିବା ଅଣଓଡ଼ିଆ ଶିଳ୍ପ ଓ ଶିଳ୍ପପତିମାନେ ଓଡ଼ିଶାର ଖଣିଜ ସଂପଦ ଲୁଟ୍ କରୁଛନ୍ତି । କିନ୍ତୁ ଏହି କମ୍ପାନୀର ଧୂଳି ଓ ଧୂଆଁ ଖାଉଥିବା ଓଡ଼ିଆ ଲୋକଙ୍କୁ ନିଯୁକ୍ତି ନାହିଁ । ସୁତରାଂ ଓଡ଼ିଆଲୋକଙ୍କ ନିଯୁକ୍ତି ଦାବୀ ଓ ଓଡ଼ିଶାର ବେକାର ଯୁବକ ଯୁବତୀମାନଙ୍କର ନିଯୁକ୍ତି ଓ କର୍ମସଂସ୍ଥାନ ପାଇଁ ସାରା ଓଡ଼ିଶାରେ ଯୁବ କଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ । ଏହି ସାମ୍ବାଦିକ ସମ୍ମିଳନୀରେ ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ମନୋ ବିଶ୍ୱା, ଓ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ନିହାର ବେହେରା ଅଂଶ ଗ୍ରହଣ କରିଥିଲେ।

ଓଡ଼ିଆଙ୍କ ନିଯୁକ୍ତି ଦାବିରେ ଯୁବ କଂଗ୍ରେସ କରିବ ଦୁର୍ବାର ଆନ୍ଦୋଳନ

## ପ୍ରଫେସର ଶଶଧର ସାମଲ ପାଇଲେ 'ପ୍ରାଣକୃଷ୍ଣ ପରିଜା ସମ୍ମାନ'

କଟକ, (ସବ୍ୟୁ): ସାରସ୍ୱତ ପୀଠ ସାରଳା ଭବନଠାରେ ଅନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ବୈଜ୍ଞାନିକ ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କର ଶ୍ରାଦ୍ଧବାର୍ଷିକୀ ଅବସରରେ ଏକ ସାରସ୍ୱତ ସମାରୋହ ଓ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ପରିଜା ମେମୋରିଆଲ ସୋସାଇଟି ପକ୍ଷରୁ ଏହା ଆୟୋଜିତ ହୋଇଥିଲା । ଆୟୋଜିତ ଏହି ଉତ୍ସବରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବରିଷ୍ଠ ନ୍ୟାୟାଧୀଶ ଜଷ୍ଟିସ ଡକ୍ଟର ଦୁର୍ଗାପ୍ରସନ୍ନ ଚୌଧୁରୀ

ଉଦ୍‌ଘାଟନ, ବିଶିଷ୍ଟ ଶିକ୍ଷାବିତ୍ ଓ ବିଜ୍ଞାନୀ ଡକ୍ଟର ପ୍ରଭାତ କୁମାର ମିଶ୍ର ମୁଖ୍ୟ ଅତିଥି, ବିଶିଷ୍ଟ ସାହିତ୍ୟିକ ଓ ପ୍ରାକ୍ତନ ସର୍ବୋଚ୍ଚ ଯନ୍ତ୍ରୀ ଡକ୍ଟର (ଇଂ) ପ୍ରଭାକର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପରିଷଦର ସଭାପତି ପ୍ରଫେସର ଡକ୍ଟର ନିରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସ୍ୱନାମଧନ୍ୟ ରସାୟନ ବିଜ୍ଞାନୀ ପ୍ରଫେସର ଡକ୍ଟର ଶଶଧର ସାମଲଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ ପ୍ରାଣକୃଷ୍ଣ ପରିଜା ସମ୍ମାନ ପ୍ରଦାନ କରାଯାଇଥିଲା । ପରିଷଦର ସାଧାରଣ ସମ୍ପାଦକ ଶିକ୍ଷାବିତ ଡକ୍ଟର ଚୌଧୁରୀ ସତ୍ୟ ଦାସ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲା ବେଳେ ନାଟ୍ୟକାର ସଂଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ଉଦ୍‌ଘାଟକ ଜଷ୍ଟିସ ଚୌଧୁରୀ କହିଲେ, ଜଣେ ବିଶିଷ୍ଟ ଉଦ୍ଭିଦ ବିଜ୍ଞାନୀ ଭାବରେ ପ୍ରଫେସର ପରିଜା ବିଶ୍ୱରେ ସୁଖ୍ୟାତି ଅର୍ଜନ କରିଥିଲେ। ଜଣେ ଗବେଷକ ଓ ଲୋକପ୍ରିୟ ବିଜ୍ଞାନ ଲେଖକ ଭାବରେ ସେ ସୁବିଦିତ ଥିଲେ । ମୁଖ୍ୟ ଅତିଥି ଡକ୍ଟର ମିଶ୍ର କହିଲେ,ଓଡ଼ିଶାରେ ଶିକ୍ଷାର ପ୍ରଚାର ପ୍ରସାର ସହ ବିଜ୍ଞାନୀ ସୃଷ୍ଟି କରିବାରେ ପ୍ରାଣକୃଷ୍ଣଙ୍କର ଅବଦାନ ଅବିସ୍ମରଣୀୟ । ସମ୍ମାନିତ ଅତିଥି ଡକ୍ଟର ସ୍ୱାଇଁ କହିଲେ, ପ୍ରଫେସର ପରିଜା ଥିଲେ ବିଜ୍ଞାନ, ସାହିତ୍ୟ ଓ ସଂସ୍କୃତିର ପରମ ଉପାସକ । ବିଦେଶରେ ସେଓର ପ୍ରଶ୍ୱାସ ପ୍ରକ୍ରିୟା ଉପରେ ତାଙ୍କର ଗବେଷଣା ତାଙ୍କୁ ଅନ୍ତର୍ଜାତୀୟ ଖ୍ୟାତି ପ୍ରଦାନ କରିଥିଲା । ସଭାପତି ପ୍ରଫେସର ତ୍ରିପାଠୀ କହିଲେ ପ୍ରଫେସର ପରିଜାଥିଲେ ବିଜ୍ଞାନର ମୂର୍ତ୍ତିମନ୍ତ ପ୍ରତୀକ ଓ ସ୍ୱାଭିମାନୀ ଓଡ଼ିଆ । ପରିଷଦର କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ଦଳାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପରିଜାଙ୍କ ସ୍ମୃତିଚାରଣ କରିଥିଲେ । ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଉଦ୍ଦେଶ୍ୟରେ ଡକ୍ଟର ମଞ୍ଜୁଶ୍ରୀ ଶାସ୍ତ୍ରୀ ମାନପତ୍ର ପାଠ କରିଥିଲେ । ଶେଷରେ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ରଥଯାତ୍ରାକୁ ଶୃଙ୍ଖଳିତ ପରିଚାଳନା ପାଇଁ ଡିଜିପିଙ୍କ ସମୀକ୍ଷା

# ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ଉପରେ ଫୋକସ୍

କଟକ, (ସବ୍ୟୁ):ଆସନ୍ତା ଜୁନ ମାସ ୨୭ ତାରିଖରେ ପୁରୀର ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ଏହି ରଥଯାତ୍ରାକୁ ଶୃଙ୍ଖଳିତ ଏବଂ ସୁପରିଚାଳନା କରିବା ନିମନ୍ତେ ସୋମବାର ଅପରାହ୍ନରେ କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ସକ୍ରିୟ ତଥା ସଜାଗ ରହିବାକୁ ବରିଷ୍ଠ ପୋଲିସ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀ ଜଗନ୍ନାଥ ମନ୍ଦିର ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ରୀତିନୀତି ବିଭିନ୍ନ ତାରିଖରେ ପାଳନ କରାଯିବ । ଶ୍ରୀଜୀଉଙ୍କ ଗୁରୁତ୍ୱପୂର୍ଣ୍ଣ ନୀତିକାନ୍ତି ମଧ୍ୟରେ ଜୁନ ୧୧ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ଜୁନ ୨୬ ତାରିଖରେ ନବଯୌବନ ଦର୍ଶନ, ଜୁନ ୨୭ ତାରିଖରେ ରଥଯାତ୍ରା, ଜୁଲାଇ ୦୧ ତାରିଖରେ ହେରା ପଞ୍ଚମୀ, ଜୁଲାଇ ୦୪ରେ ସନ୍ଧ୍ୟା ଦର୍ଶନ, ଜୁଲାଇ ୦୫ ରେ ବାହୁଡା ଯାତ୍ରା, ଜୁଲାଇ ୦୬ ତାରିଖରେ ସୁନାବେଶ, ଜୁଲାଇ ୦୭ ରେ ଅଧରପଣା ଓ ଜୁଲାଇ ୮ ତାରିଖରେ ନୀଳାଦ୍ରିବିଜେ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ଦେଶ ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀରେ ସମାଗମ ହେବେ ।



ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସୁରକ୍ଷା ବନ୍ଦୋବସ୍ତ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ରଥଯାତ୍ରା ନିମନ୍ତେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରିବା ସହ ବରିଷ୍ଠ ପୋଲିସ ଅଧିକାରୀମାନେ ସ୍ୱତନ୍ତ୍ର କାର୍ଯ୍ୟ ପାଇଁ ନିୟୋଜିତ ହେବେ । ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗୁଡିକରେ ସିସିଟିଭି ସ୍ଥାପନ, ଟ୍ରାଫିକ ସୁପରିଚାଳନା ନିମନ୍ତେ ରୋଡ ଡିଭାଇଡର, ଡ଼ିଲିନେଟର ଓ ଟ୍ରାଫିକ ଜୋନ ବ୍ୟବସ୍ଥା, ସହରର ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା, ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥାର ପରିଚାଳନା ଆଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ସେହିପରି

### ଅପରାଧ ନିୟନ୍ତ୍ରଣ ପାଇଁ ପୁରୀ ପୋଲିସଙ୍କୁ କଡ଼ା ନିର୍ଦ୍ଦେଶ

ସମୁଦ୍ର କୂଳରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡାକଡି ଓ ଅସ୍ଥାୟୀ ପୋଲିସ ଆଉଟପୋଷ୍ଟ ଖୋଲାଯିବା ସମ୍ପର୍କରେ ମଧ୍ୟ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହାବ୍ୟତୀତ ରେଳବାଇ ପୋଲିସ ପକ୍ଷରୁ ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା, ଜଟଣୀ ଆଦି ରେଳ ଷ୍ଟେସନରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଆରପିଏଫ ସହ ଉପଯୁକ୍ତ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ । ଏହା ସହ ପୁରୀ ସହରରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତ ଥାନା ଅଞ୍ଚଳରେ ଅପରାଧୀଙ୍କ ବିରୋଧରେ ସ୍ୱତନ୍ତ୍ର ଡ୍ରାଇଭ, ହୋଟେଲ ଏବଂ ଲଜ ଗୁଡିକରେ ନିୟମିତ ଯାଞ୍ଚ, ରକ୍ଷକ ଯାନ ମୁତୟନ, କେ -୯ ସ୍କ୍ୱାର୍ଡ ମୁତୟନ, ଦଳା ଚକଟା ଭଳି ପରିସ୍ଥିତିକୁ ଏଡାଇବା ନିମନ୍ତେ ସଜାଗ ତଥା ସ୍ୱତନ୍ତ୍ର ବ୍ୟବସ୍ଥା, ଅତି ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ପାଇଁ ସ୍ୱତନ୍ତ୍ର ହେଲିପ୍ୟାଡ଼, ପୋଲିସ ଫୋର୍ସଙ୍କ ରହଣି ନିମନ୍ତେ ସ୍ୱତନ୍ତ୍ର ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ଼ ବ୍ୟବସ୍ଥା, ଜିଲ୍ଲା ପ୍ରଶାସନ ସହ ମିଶି ବିଭିନ୍ନ ଅସୁବିଧାର ଆଶୁ ସମାଧାନ ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ସୁବିଧା ଇତ୍ୟାଦି ସମ୍ପର୍କରେ ଡିଜିପି ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହାସହ ବୈଠକରେ ଆପାତକାଳୀନ ପରିସ୍ଥିତିର ମୁକାବିଲା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ବୈଠକରେ ଆଭାସୀ ମାଧ୍ୟମରେ ଗୁଇନ୍ଦା ନିର୍ଦ୍ଦେଶକ ଆର. ପି. କୋଚେ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ, ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ରେଳ ଏବଂ ଉପକୂଳ ସୁରକ୍ଷା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଅରୁଣ ବୋଥ୍ରା, ଆଇନ ଓ ଶୃଙ୍ଖଳା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, କମ୍ୟୁନିକେସନ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଦୟାଲ ଗଙ୍ଗୱାର , ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର, କେନ୍ଦ୍ରାଞ୍ଚଳ ଆଇଜି ଏସ. ପ୍ରବୀଣ କୁମାର, ଅପରେସନ ଆଇଜି ଡ. ଦୀପକ କୁମାର, ଆଇଜି ବିପିଏସପିଏ ଅନୁପ ସାହୁ, କ୍ରାଇମବ୍ରାଞ୍ଚ ଆଇଜି ଡ. ସାର୍ଥକ ଷଡଙ୍ଗୀ, ଡିଆଇଜି ଚରଣ ସିଂ ମିନା, ଡିଆଇଜି ଡ. କନୱାର ବିଶାଳ ସିଂ ,ଡିଆଇଜି ପିନାକ ମିଶ୍ର, ରେଲୱେ ଏସପି ବିବେକାନନ୍ଦ ଶର୍ମା, ଏସପି (ପୁରୀ) ଭିନୀତ ଅଗ୍ରୱାଲଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ୨୫୮ଗ୍ରାମ ବ୍ରାଉନସୁଗର ସମେତ ବାଇକ ଜବତ୍ ୨ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଜଙ୍କିଆ ଥାନା ପୁଲିସ କୁ ବ୍ରାଉନସୁଗର ଧରିବାରେ ମିଳିଛି ବଡ ସଫଳତା । ଜଙ୍କିଆ ଥାନା ଛଣଗିରି ଅଂଚଳରୁ ୨୫୮ଗ୍ରାମ ବ୍ରାଉନସୁଗାର ସମେତ ଏକ ବୁଲେଟ ଗାଡିକୁ ପୁଲିସ ଜବତ କରିଛି । ଏହି ଘଟଣାରେ ପୁଲିସ ଆଦର୍ଶ ଥାନା ଅନ୍ତର୍ଗତ ଭାଲିଆବାଡି ର ରାକେଶ ପଟ୍ଟନାୟକ ଓରଫ ହାପି ଓରଫ ମକରା (୨୮) ଏବଂ ଭାଲିଆବାଡି ବାଉରିସାହି ର ସୂର୍ଯ୍ୟକାନ୍ତ ନାୟକ ଓରଫ୍ ଗୁଡୁ (୨୦) । ଜବତ ବ୍ରାଉନସୁଗର ର ମୂଲ୍ୟ ୨୫ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଅପରାହ୍ନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ସାଗରିକାନାଥ ପ୍ରକାଶ କରିଛନ୍ତି । ଏକ ବୁଲେଟ ରେ ଛଣଗିରି ଦିଗରୁ ଖୋର୍ଦ୍ଧା ଅଭିମୁଖେ ବ୍ରାଉନସୁଗର ନେଇ ଦୁଇଜଣ ଆସୁଥିବା ବିଶେଷ ସୂତ୍ରରୁ ପୁଲିସ ଖବର ପାଇ ତାଙ୍କୁ ରାସ୍ତାରେ ଧରିବାକୁ ଏସପିଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ପ୍ରଧାନଙ୍କ ତତ୍ୱବଧାନରେ ଏକ ଟିମ ଥାନା ଅଧିକାରୀଙ୍କ ନେତୃତ୍ୱରେ ଚଢଉ କରିଥିଲେ । ଚଢଉ ବେଳେ ଉଭୟଙ୍କୁ



ପୁଲିସ କାବୁ କରିଥିଲା । ସେମାନଙ୍କ ଠାରୁ ବ୍ରାଉନସୁଗର ଜବତ କରିଥିଲା । ଗିରଫ ଦୁଇଜଣ ପେଶାଦାର ବ୍ରାଉନସୁଗର ବ୍ୟବସାୟୀ ବୋଲି ପୁଲିସ ସୂଚନା ଦେଇଛି । ପୂର୍ବରୁ ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଅନେକ ଗୁଡିଏ ଅପରାଧିକ ମାମଲା ରହିଥିବା ଏସପି ସୂଚନା ଦେଇଛନ୍ତି । ଏମାନେ ଏତେ ପରିମାଣର ବ୍ରାଉନସୁଗାର କେଉଁଠାରୁ ଏବଂ କାହା ପାଖରୁ ଆଣୁଥିଲେ ଓ ଏହା ସହିତ ଏମାନଙ୍କ ନେଟୱର୍କ କୁଆଡେ କୁଆଡେ ଲମ୍ବିଛି, ସେ ନେଇ ପୋଲିସ ତଦନ୍ତ କରୁଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ଏସପି ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ନିହାର ପ୍ରଧାନ ଉପସ୍ଥିତ ଥିଲେ ।

# ବିଦ୍ୟୁତ କାର୍ଯ୍ୟାଳୟରେ ଭଙ୍ଗାରୁଜା

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ବିଦ୍ୟୁତ କାର୍ଯ୍ୟାଳୟରେ ରବିବାର ରାତିରେ କେହି ଦୁର୍ବୃତ୍ତ ଭଙ୍ଗାରୁଜା କରିଥିବା ନେଇ କନିଷ୍ଠ ଯନ୍ତ୍ରୀ ନିରାକାରପୁର ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ସୂଚନାଯୋଗ୍ୟ କି ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଯାଇ ନିରାକାରପୁର ବିଦ୍ୟୁତ କାର୍ଯ୍ୟାଳୟ ମେନ ଗେଟ ଭାଙ୍ଗି ଭିତର କବାଟ ଭାଙ୍ଗିବା ସହିତ କିଛି ରଖାଯାଇଥିବା ନୂଆ ବିଦ୍ୟୁ ଟ୍ରାନ୍ସଫରମର ଭଙ୍ଗାରୁଜା ମଧ୍ୟ କରିଥିବା ଥାନାରେ ଅଭିଯୋଗ କରାଯାଇଛି। ରବିବାର ରାତିରେ ଅଘୋଷିତ ବିଦ୍ୟୁତ କାଟ ହେଇଥିବାରୁ କିଛି ଉତ୍ୟକ୍ତ ଲୋକ ଯାଇ ଭାଙ୍ଗିଛି ନା ଅନ୍ୟ କେହି ଦୁର୍ବୃତ୍ତ ଅନ୍ୟ ଉଦ୍ଦେଶ୍ୟ ନେଇ ଏପରି ଘଟଣା ଘଟିଛି ପୋଲିସର ଅନୁସନ୍ଧାନ ପରେ ସ୍ପଷ୍ଟ ହେବ ବୋଲି ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ଜଣାଇଛନ୍ତି। ସେ କହିଛନ୍ତି ଯେ ଏହା ଏକ ସମ୍ବେଦନଶୀଳ ଘଟଣା ।ତେଣୁ ଏହାକୁ ବିଭାଗ ଗୁରୁତର ସହିତ ଗ୍ରହଣ କରି ଅଭିଯୋଗ କରିଛି। ରବିବାର ଦିନ ଗ୍ରିଡରୁ କିଛି ଅସୁବିଧା ଥିବାରୁ ବିଦ୍ୟୁ କାଟ ହୋଇଥିଲା।। ପୋଲିସ ଅଭିଯୋଗ କୁ ଗ୍ରହଣ କରି ଅନୁସନ୍ଧାନ ଜାରି ରଖିଛି।

## ପୁଣି ବଢ଼ିଲା ଯୁକ୍ତ ୩ ନାମଲେଖା ଅବଧି

# ୪ ଯାଏଁ ଫର୍ମ ଦାଖଲ କରିପାରିବେ ଆଶାୟୀ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ଯୁକ୍ତ ୩ ନାମ ଲେଖା ପାଇଁ ଫର୍ମ ଦାଖଲ ଅବଧି ବୃଦ୍ଧି କରାଯାଇଛି । ଚଳିତମାସ ୪ ତାରିଖ ରାତି ୧୧ଟା ୪୫ ଯାଏଁ ଫର୍ମ ଦାଖଲ କରିପାରିବେ ଆଶାୟୀ । ଅବଧି ବଢ଼ାଇବାକୁ ଛାତ୍ରଛାତ୍ରୀ ଓ ଅଭିଭାବକ ପୂର୍ବରୁ ଦାବି କରିଥିଲେ । ତେଣୁ ଫର୍ମ ଦାଖଲ ଅବଧି ବଢ଼ାଇଛି ଉଚ୍ଚ ଶିକ୍ଷା ବିଭାଗ ।

ପୂର୍ବରୁ ଜୁନ ୧ ପର୍ଯ୍ୟନ୍ତ ଅବଧି ବୃଦ୍ଧି କରିଥିଲେ ରାଜ୍ୟ ସରକାର । ଯୁକ୍ତ ୩ ନାମଲେଖା ପାଇଁ ଆବେଦନ କରିବା ଲାଗି ଗତ ମେ' ୨୦ ଶେଷ ତାରିଖ ଥିଲା । ଯୁକ୍ତ ଦୁଇ ରେଜଲ୍ଟ ବାହାରି ନଥିବାରୁ ଛାତ୍ରଛାତ୍ରୀମାନେ ଯୁକ୍ତ ୩ ପାଇଁ ଆବେଦନ କରିବାରେ ବାଧା ଉପୁଜିଥିଲା । ଏଣୁ ଅନେକ ଅଭିଯୋଗ ମଧ୍ୟ ଆସୁଥିଲା । ଯାହାକୁ ନେଇ ଗଣଶିକ୍ଷା ମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ପରେ ଅବଧି ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଥିଲା ।

ଏହା ପରେ ମେ' ୨୧ ତାରିଖରେ ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇଥିଲା । ହେଲେ ନାମଲେଖା ଅବଧି ଆଉ କମ୍ ଦିନ ଥିବାରୁ ସମସ୍ତଙ୍କ ପକ୍ଷରେ ନାମଲେଖା ଆବେଦନ କରିବା ସମ୍ଭବପର ହୋଇନଥିଲା । ତେଣୁ ଏହି ଅବଧିକୁ ପୁଣି ଥରେ ବଢାଇବାକୁ ଦାବି ହୋଇଆସୁଥିବାବେଳେ ଆଉ ୩ ଦିନ ବଢାଯାଇ ଜୁନ୍ ୪ ଯାଏଁ ସମୟ ଦେଇଛି ଉଚ୍ଚଶିକ୍ଷା ବିଭାଗ ।

## ସମ ହସ୍ପିଟାଲରେ ବିଶ୍ୱ ତମାଖୁ ମୁକ୍ତ ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ ପରିଚାଳିତ ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମାନସିକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ ତମାଖୁ ମୁକ୍ତ ଦିବସ ଉପଲକ୍ଷେ ଶୁକ୍ରବାର ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି ଅବସରରେ ମୁଖ୍ୟ ଅତିଥି ଭାବେ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଯୋଗଦେଇ ତମାଖୁ ଭଳି ନିଶାର ବିଜ୍ଞାପନ ଓ ତା'ର ସମାଜ ଉପରେ ପଡୁଥିବା ପ୍ରଭାବ ଉପରେ ଆଲୋଚନା କରିଥିଲେ। ବଜାରରେ ଉପଲବ୍ଧ ହେଉଥିବା ତମାଖୁର ସୁନ୍ଦର ପ୍ୟାକେଟ୍ ପ୍ରତି ଆକୃଷ୍ଟ ହୋଇ ଯୁବପୀଢ଼ି ତମାଖୁ ସେବନ କରିବାରେ ଅଭ୍ୟସ୍ତ ହେଉଛନ୍ତି । ଏଥିରୁ ସମାଜ ମୁକ୍ତ ରହିବା ନିମନ୍ତେ ପ୍ରଫେସର ସାମ'ସିଂହାର ଆହ୍ୱାନ ଦେଇଥିଲେ। ଏହି ଦିବସ ଉପଲକ୍ଷେ ଏକ ବାର୍ତାରେ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର କହିଥିଲେ ଯେ କେବଳ ତମାଖୁ ଜନିତ ସମସ୍ୟା ନୁହେଁ ମାତ୍ର ଜନସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ସମର୍ପିତ ଭାବେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ ପରସ୍ପରର ସୁରକ୍ଷା ନିମନ୍ତେ ଏହାର ନୈତିକ ଦିଗ ବିଷୟରେ ଚିନ୍ତା କରିବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଡାକ୍ତର ତିତାସ୍ ଚୌଧୁରୀ ଗୁଟ୍‌ଖା, ଖଇନି ଓ ସିଗାରେଟର ବିଜ୍ଞାପନ କିପରି ଯୁବବର୍ଗଙ୍କୁ ଆକର୍ଷିତ କରିବାରେ ସଫଳ ହେଉଛି ସେ ବିଷୟରେ ଆଲୋକପାତ କରିଥିଲେ। ସେହିପରି ଡାକ୍ତର ଜିତେନ୍ଦ୍ରୀୟ ବିଶ୍ୱାଳ ଓ ଡାକ୍ତର ସୌମ୍ୟ ରନ ଦାଶ ଓ ଡାକ୍ତର ଅମୀୟ କୃଷ୍ଣ ସାହୁ ତମାଖୁ ଜନିତ ବିଜ୍ଞାପନ ଓ ଯୁବବର୍ଗଙ୍କ ମାନସିକତା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

# ହତ୍ୟାକାରୀକୁ ୭ବର୍ଷ ଜେଲ୍

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଚନ୍ଦକା ଥାନା ଅଞ୍ଚଳ ଏକ ହତ୍ୟାକାଣ୍ଡ ମାମଲାରେ ହତ୍ୟାକାରୀକୁ ୭ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି କୋର୍ଟ । ହତ୍ୟାକାରୀର ଘରେ ବୃଦ୍ଧ ବାପା, ସ୍ତ୍ରୀ ଏବଂ ୧୨ବର୍ଷର ପୁଅକୁ ସେ ପ୍ରତିପୋଷଣ କରେ । ସେଥିପାଇଁ ଅଦାଲତ ହତ୍ୟାକାରୀ ଉପରେ ନରମ ମନୋଭାବ ପ୍ରଦର୍ଶନ କରି ୭ବର୍ଷ ଦଣ୍ଡାଦେଶ ଶୁଣାଇଛନ୍ତି ।

ହତ୍ୟାର ଶିକାର ହୋଇଥିବା ଦୀପକ ସ୍ୱାଇଁ ଘର ରାଉରକେଲା ବାସନ୍ତୀ କଲୋନୀରେ । ଅଭିଯୋଗକାରିଣୀ ରଶ୍ମିତା ନାୟକଙ୍କ ଭାଇ ଦୀପକ । ଗତ ୭ବର୍ଷ ହେବ କିଶୋର କୁମାର ନାୟକ ନାମକ ଜଣେ ବ୍ୟକ୍ତିଙ୍କ ଚନ୍ଦକା ଥାନା ଅଞ୍ଚଳ ତୁଳସୀଦେଇପୁରଠାରେ ଥିବା ସୋଲସୋକ୍ ଫାର୍ମ ହାଉସ୍‌ରେ ବୈଦ୍ୟୁତିକ ସହାୟକ ଭାବେ କାର୍ଯ୍ୟ କରୁଥିଲା । ସେଠାରେ ଏକ ନିର୍ମାଣାଧୀନ କୋଠା ଅଛି । ସେଠାରେ ହତ୍ୟାକାରୀ ବାପି ରହୁଥିଲା । ସେ ମଧ୍ୟ ଉକ୍ତ ଫାର୍ମ ହାଉସ୍‌ରେ ଜଣେ ଲେବର ଭାବେ କାମ କରୁଥିଲା । ୨୦୨୩ ମାର୍ଚ୍ଚ ୧ ତାରିଖରେ ଅନ୍ୟ ଲେବରମାନେ ଦୋଳ ପୂର୍ଣ୍ଣିମା ଅବସରରେ ଛୁଟିରେ ଘରକୁ ଯାଇଥିବା ବେଳେ ମୃତ ଦୀପକ ଏବଂ ହତ୍ୟାକାରୀ ବାପି ଉଭୟେ ସେହି ନିର୍ମାଣାଧୀନ କୋଠାରେ ଥିଲେ ।

କୌଣସି କାରଣରୁ ଉଭୟଙ୍କ ମଧ୍ୟରେ କଳିଝଗଡା ହେବାରୁ କ୍ରୋଧର ବଶବର୍ତ୍ତୀ ହୋଇ ହତ୍ୟାକାରୀ ବାପି ଦୀପକଙ୍କ ବେକକୁ ଏକ ଟାଉଲ ଦ୍ୱାରା ଚାପି ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା । ଏହି ଖବର ରଶ୍ମିତାଙ୍କ ପରିବାର ପାଇବା ପରେ ଘଟଣାସ୍ଥଳରେ ପହଞ୍ଚିବା ସହିତ ଚନ୍ଦକା ଥାନାରେ ଏତଲା ଦାଏର କରିଥିଲେ । ତାଙ୍କ ଏତଲା ଆଧାରରେ ଚନ୍ଦକା ଥାନା ପୋଲିସ ୬୫/୨୦୨୩ ନଂରେ ମାମଲା ରୁଜୁ କରି ୩୦୨ ଧାରାରେ ତଦନ୍ତ ଆରମ୍ଭ କରିଥିଲା । ପୋଲିସ୍ ପୁଙ୍ଖାନୁପୁଙ୍ଖ ତଦନ୍ତ କରି ହତ୍ୟାକାରୀ ବାପି ଓରଫ ଶୁଭେନ୍ଦୁ କୁମାର ଦାସଙ୍କୁ ଗିରଫ କରିବା ସହ ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ କରିଥିଲା । ମାନ୍ୟବର ଅଦାଲତ ୧୪ଜଣ ସାକ୍ଷୀ ଓ ଆବଶ୍ୟକ ଦସ୍ତାବିଜ୍ ଆଧାରରେ ହତ୍ୟାକାରୀ ବାପିକୁ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୦୪ (ପାର୍ଟ-୨) ଆଧାରରେ ୭ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ୩୦୨ ପରିବର୍ତ୍ତେ ୩୦୪ରେ ଦଣ୍ଡିତ କରାଯିବାର କାରଣ ଘରେ ଥିବା ବୃଦ୍ଧ ବାପା, ସ୍ତ୍ରୀ ଓ ନାବାଳକ ପୁଅକୁ ବାପି ପ୍ରତିପୋଷଣ କରେ । ସେଥିପାଇଁ ବାପି ଉପରେ କୋର୍ଟ କୋହଳ ମନୋଭାବ ପ୍ରଦର୍ଶନ ପ୍ରକାଶ କରିଛନ୍ତି ।

## ସମ୍ବଲପୁର ରେଙ୍ଗାଲିରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ'ରେ କେନ୍ଦ୍ରମନ୍ତ୍ରୀ

# କୃଷିଜାତ ସାମଗ୍ରୀ ଉତ୍ପାଦନ ବଢାଇବା ଆମର ଉଦ୍ଦେଶ୍ୟ

ଭୁବନେଶ୍ୱର (ସବ୍ୟୁ): ସମ୍ବଲପୁର ଜିଲ୍ଲାରେ ଚାଷୀଙ୍କ ଆୟକୁ ବଢାଇବା ସହ ସବୁ ପ୍ରକାର ଚାଷର ଉତ୍ପାଦନ ବଢାଇବା ଆମର ମୂଳ ଉଦ୍ଦେଶ୍ୟ ବୋଲି ସୋମବାର ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଠାରେ 'ବିକଶିତ କୃଷି ସଂକଳ୍ପ ଅଭିଯାନ'ରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ବିକଶିତ କୃଷି ସଂକଳ୍ପ ଅଭିଯାନରେ ଦେଶର ୭୦୦ ଜିଲ୍ଲାରେ ୨୦୦୦ରୁ ଅଧିକ ବୈଜ୍ଞାନିକ ଦଳ ଗାଁ ଗାଁକୁ ଯାଇ ୧.୫ କୋଟିରୁ ଅଧିକ ଚାଷୀ ଭାଇଭଉଣୀମାନଙ୍କ ସହ ସିଧାସଳଖ କଥା ହେବେ । ଚାଷୀମାନଙ୍କୁ ନୂତନ ପ୍ରଯୁକ୍ତିବିଦ୍ୟା ଓ ସରକାରୀ ଯୋଜନା ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯିବ । କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ ଓଡ଼ିଶାରେ ମଧ୍ୟ କୃଷି ପରାମର୍ଶ ଓ ସୂଚନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦେଶର ଅନ୍ନଦାତାଙ୍କ ହାତମୁଠାକୁ ମଜଭୁତ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର ।

ସମ୍ବଲପୁର ଚଷା ଚାଷୀମାନଙ୍କର ଅଞ୍ଚଳ । ଏଠାରେ ମୂଳ ଜୀବିକା ହେଉଛି ଚାଷ । ଚାଷ ବେଉସା ଏହି ଜିଲ୍ଲାର ଅର୍ଥନୀତିର ମେରୁଦଣ୍ଡ ।



ସମ୍ବଲପୁରରେ ଚାଷ କ୍ଷେତ୍ରରେ ଅନେକ ସମ୍ଭାବନା ଅଛି । ଏଠାରେ ଉତ୍ପାଦିତ ଆମ୍ବ ବାହାର ଦେଶକୁ ରପ୍ତାନୀ ହେଉଛି । ଆଗାମୀ ଦିନରେ ଡବଲ ଇଞ୍ଜିନ ସରକାର ସହଯୋଗରେ ଏହି ଜିଲ୍ଲାରେ ଜଳସେଚନକୁ ସୁବ୍ୟବସ୍ଥିତ କରାଯିବା ସହ କୃଷିଜାତ ଦ୍ରବ୍ୟ, ଉଦ୍ୟାନ ଜାତ କୃଷି ଦ୍ରବ୍ୟ, ପଶୁପାଳନ, ମତ୍ସ୍ୟଚାଷ, ଗୋପାଳନ ଓ ଦୁଗ୍ଧ ଚାଷ ସମେତ ଆନୁଷାଙ୍ଗିକ କୃଷି କ୍ଷେତ୍ରରେ ଉତ୍ପାଦନ ବୃଦ୍ଧି କରାଯିବା ପାଇଁ ବିସ୍ତୃତ ଯୋଜନା ହେବ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଶୀତଳ ଭଣ୍ଡାର ପ୍ରତିଷ୍ଠା ସହ କୃଷି ବ୍ୟବସାୟକୁ ପ୍ରୋତ୍ସାହନ ଦେବା ପାଇଁ ଉଦ୍ୟମ ହେବ । ବିଶେଷ ଭାବରେ ଆଳୁ ଓ ଡାଲି ଉପରେ ଆମେ ନିର୍ଭରଶୀଳ ଥିବା ବେଳେ ଏହି ଚାଷ କିପରି ସମ୍ବଲପୁରରେ ଅଧିକ ଉତ୍ପାଦନ କରାଯିବ, ସେ ଦିଗରେ ଯୋଜନା ହେବ । ଗାଁ ଗାଁ ବୁଲି ଚାଷୀମାନଙ୍କ ମଧ୍ୟରେ ପନିପରିବା ଓ ଅନ୍ୟାନ୍ୟ ଫଳ ଉତ୍ପାଦନ ପାଇଁ ସଚେତନତା ସୃଷ୍ଟି କରାଯିବ । ସମ୍ବଲପୁରରେ ଉତ୍ପାଦିତ ହେଉଥବା ଫଳ ଓ ପନିପରିବାକୁ ବିଦେଶୀ ବଜାରରେ ପହଞ୍ଚାଇବା ପାଇଁ ପ୍ରଚେଷ୍ଟା ହେବ । 'ନଗର ବନ ଯୋଜନା'ରେ ସମ୍ବଲପୁରର ପରିବେଶକୁ ସୁରକ୍ଷା ଦେବା ପାଇଁ ସାମୂହିକ ଉଦ୍ୟମ ହେବ । ଏଥିପାଇଁ ବୃକ୍ଷରୋପଣ କରିବା ପାଇଁ ଶ୍ରୀ ପ୍ରଧାନ ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଏକ 'କୃଷି ରଥ'ର ଶୁଭାରମ୍ଭ କରିବା ସହ ଚାଷୀମାନଙ୍କୁ ସଏଲ୍ ହେଲଥ୍ କାର୍ଡ ବିତରଣ କରିଥିଲେ ।

## ପୁଣି ଡ୍ରୋନ୍ ଉଡ଼ିବା ଚର୍ଚ୍ଚା

ବାରଙ୍ଗ ,(ସବ୍ୟୁ) :ଗତ ୨୭ ତାରିଖ ବିଳମ୍ବିତ ରାତିରେ ବାରଙ୍ଗର ବିଭିନ୍ନ ଅଞ୍ଚଳରେ ମାଳମାଳ ଡ୍ରୋନ୍ ଉଡ଼ିବା ଘଟଣା ଉପରୁ ପୋଲିସ ପରଦା ଉଠାଇନଥିବ ବେଳେ ପୁଣି ଡ୍ରୋନ୍ ଉଡ଼ିବା ଖବର ମିଳିଛି।ସୋମବାର ରାତି ୮ଟା ପାଖାପାଖି ରତାଗଡ ନୂଆସାହି ଗାଁ ପାଖରେ ୨ଟି ଡ୍ରୋନ୍ ଉଡୁଥିବାର ପୋଲିସ ପାଖରେ ଖବର ଆସି ପହଞ୍ଚିଥିଲା।ଖବର ପାଇ ଗୋଡିସାହି ଫାଣ୍ଡି ଅଧିକାରୀ ବିଚିତ୍ର ପ୍ରଧାନ ସଦଳବଳେ ଘଟଣା ସ୍ଥଳରେ ପହଁଚି ସ୍ଥାନୀୟ ଗ୍ରାମବାସୀ ମାନଙ୍କୁ ପଚରାଉଚରା କରିଥିଲେ। ୨ଟି ଡ୍ରୋନ୍ କିଛି ସମୟ ପାଇଁ ଉଡ଼ି ଭୁବନେଶ୍ୱର ପଟକୁ ପଳାଇ ଯାଇଥିଲା ବୋଲି କିଛି ଗ୍ରାମବାସି କହିଥିଲେ।ଏହି ଘଟଣା ପରେ ଗ୍ରାମ ବାସି ମାନଙ୍କ ମଧ୍ୟରେ ପୁଣି ଭୟର ବାତାବରଣ ଖେଳିଯାଇଛି।ଅନ୍ୟପଟେ ଡ୍ରୋନ୍ କୁ ନଦେଖି ପାରି ପୋଲିସକୁ ଖାଲି ଫେରିବାକୁ ପଡିଛି।ଏହା ଗୁଜବ ନା ଆଉ କଣ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

## ଉଠାଦୋକାନୀଙ୍କୁ ଥଇଥାନ ଓ ଭେଣ୍ଡିଂଜୋନ ଦାବିରେ ସାଂସଦଙ୍କୁ ଦାବିପତ୍ର



କଟକ, (ସବ୍ୟୁ) ସହରର ଉଠାଦୋକାନୀଙ୍କୁ ଉଚ୍ଛେଦ ନକରି ଥଇଥାନ ଓ ଭେଣ୍ଡିଂ ଜୋନ ଦାବିରେ କଟକ ଉଠାଦୋକାନୀ ମହାସଙ୍ଘ ପକ୍ଷରୁ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବଙ୍କୁ ସାକ୍ଷାତ କରି ଆଜି ପୂର୍ବାହ୍ନରେ ଦାବିପତ୍ର ପ୍ରଦାନ କରାଯାଇଛି ଛକବସ୍କ ସାଂସଦଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କ୍ଷମତାସୀନ କମିଟି ୨୦୨୪ ମସିହା ସେପ୍ଟେମ୍ବର ମାସରେ କଟକର ବିଭିନ୍ନ ମାର୍କେଟ ଗସ୍ତ କରି ପ୍ରାୟ ଆଠଗୋଟି ସ୍ଥାନରେ ଯଥା : ରାଣୀହାଟ, ବାଦାମବାଡ଼ି, ପ୍ରେସଛକ, ମଧୁପଟଣା ଓ ଓଏମପି ପ୍ରଭୃତି ସ୍ଥାନରେ ୬୦୦ ଭେଣ୍ଡିଂ ଜୋନ ପାଇଁ ପ୍ରସ୍ତାବ ନିଆଯାଇଥିଲା । ମାତ୍ର ଦୁଃଖର କଥା ଏଯାବତ ପ୍ରସ୍ତାବ. କାର୍ଯ୍ୟକାରି ହୋଇ ନ ଥିବା ବେଳେ ଉଚ୍ଛେଦ କାର୍ଯ୍ୟକୁ ପ୍ରଶାସନ ଚାଲୁ ରଖିଛନ୍ତି ଛଯଦ୍ଦ୍ୱାରା ଉଠାଦୋକାନୀମାନେ ଜୀବିକା ହରାଇ ଦୟନୀୟ ସ୍ଥିତିରେ ଦିନ କାଟୁଥିବା ସାଂସଦଙ୍କୁ ଅବଗତ କରାଯାଇଥିଲା ମହାସଙ୍ଘ ପକ୍ଷରୁ ଦାବିପତ୍ର ଗ୍ରହଣକରି ସାଂସଦ ଶ୍ରୀ ମହତାବ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ସମାଧାନର ମାର୍ଗ ପ୍ରସ୍ତୁତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ମହାସଙ୍ଘ ପକ୍ଷରୁ ସଭାପତି ଆଡ଼ଭୋକେଟ ଅମରେନ୍ଦୁ ମହାନ୍ତି, ରମାକାନ୍ତ ନାଏକ, ସିଡିଏ ଆବାହକ ନରୋତ୍ତମ ଦାସ, ରାଣୀହାଟର ରତ୍ନାକର ସାହୁ, ରବୀନ୍ଦ୍ର ସାହୁ, ବାଦାମବାଡ଼ିର ଛବି ଖୁଣ୍ଟିଆ, ପ୍ରେସଛକର ସନ୍ତୋଷ ସାହୁ, ବାପୁ ଖାନ, ସୁକାନ୍ତ ବାରିକ, ଆଡ଼ଭୋକେଟ ପ୍ରସନ୍ନ ମହାପାତ୍ର, ଝୋପଡ଼ପଟି ନେତା ବୃନ୍ଦାବନ ଦାସ ଆଜାଦ, ସମାଜର ପୂର୍ବତନ ସମ୍ପାଦକ ଡକ୍ଟର ପ୍ରମୋଦ କୁମାର ମହାପାତ୍ର ଓ ଓଡିଶା ନବନିର୍ମାଣ ବିକାଶମଞ୍ଚ କେନ୍ଦ୍ରୀୟ ସଭାପତି ତଥା ମହାସଙ୍ଘ ଉପଦେଷ୍ଟା ଆଡ଼ଭୋକେଟ ଡକ୍ଟର ଜ୍ଞାନଗୁରୁ ଦାସ ପ୍ରମୁଖ ଦାବି ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ଠିକାଦାର ହତ୍ୟାକାଣ୍ଡ, ଅପରାଧ ଦୃଶ୍ୟ ରିକ୍ରିଏସନ କଲା ମୁଖ୍ୟ ଅଭିଯୁକ୍ତ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଠିକାଦାର ହତ୍ୟାକାଣ୍ଡ ମାମଲାର ୨ମାସ ପରେ ଅପରାଧ ଦୃଶ୍ୟ ରିକ୍ରିଏସନ କରିଛି ଅଭିଯୁକ୍ତ । କାରଣ ପୋଲିସ ୫ଜଣଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଦେବଦତ୍ତ ପରିଡା କୋର୍ଟରେ ଆତ୍ମସମର୍ପଣ କରିଥିଲା । ପୋଲିସ ତାକୁ ରିମାଣ୍ଡରେ ଆଣି ସୋମବାର ଅପରାଧ ଦୃଶ୍ୟ ରିକ୍ରିଏସନ କରାଇଛି । ଗତ ଏପ୍ରିଲ୍ ୧୧ ତାରିଖ ଦିନ ସସ୍ମିତ ବିଶ୍ୱାଳ ନାମକ ଜଣେ ଠିକାଦାରକୁ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପ୍ରଧାନ ସାହି ଖେଳ ପଡିଆରେ ଜମି ବିବାଦରୁ ଅଭିଯୁକ୍ତମାନେ ପିଟି ପିଟି ହତ୍ୟା କରିଥିଲେ । ମୁହଁ ଓ ହାତଗୋଡକୁ ବାନ୍ଧି ସଂଘବଦ୍ଧ ଭାବେ ଠେଙ୍ଗାରେ ପିଟି ପିଟି ହତ୍ୟା କରିଥିଲେ ଅଭିଯୁକ୍ତମାନେ । ଏବେ ସୁଦ୍ଧା ଘଟଣାରେ ସମ୍ପୃକ୍ତ ଆଉ କେତେକ ଅଭିଯୁକ୍ତ ଫେରାର ଅଛନ୍ତି । ଖେଳ ପଡିଆ ଜଙ୍ଗଲ ପାଖରେ ଠିକାଦାର ସସ୍ମିତକୁ କିପରି ପିଟିପିଟି ହତ୍ୟା କରାଯାଇଥିଲା ସେହି ଦୃଶ୍ୟ ମୁଖ୍ୟ ଅଭିଯୁକ୍ତ ଦେବଦତ୍ତ ପୋଲିସକୁ ଦେଖାଇଛି । ପୋଲିସ କହିବାନୁଯାୟୀ ଫେରାର ଅଭିଯୁକ୍ତମାନେ ଜଣା ଅଛନ୍ତି, ନିକଟ ଭବିଷ୍ୟତରେ ସେମାନଙ୍କୁ ଗିରଫ କରାଯିବ ।

## ହରିଣ ମାଂସ ଜବତ: ୨ଭାଇ ଗିରଫ

# ବନ୍ଧୁକ ସହିତ ମୁଖ୍ୟ ଶିକାରୀ ଫେରାର

ଓଡ଼ଗାଁ,(ସବ୍ୟୁ) :ନୟାଗଡ ବନଖଣ୍ଡ, ଓଡ଼ଗାଁ ବନାଞ୍ଚଳ ର ରୋହିବାଙ୍କ ଗ୍ରାମରେ ଚଢ଼ାଉକରି ବନବିଭାଗ କର୍ମଚାରୀମାନେ ୧୦ କେଜି ଚିତ୍ରାହରିଣ ମାଂସ ଜବତକରିବା ସହିତ ଦୁଇଭାଇଙ୍କୁ ଗିରଫ କରିଛନ୍ତି । ଗିରଫ ୨ଜଣ ରୋହିବାଙ୍କ ଅରଖସାହିର ତୋଫାନ ପ୍ରଧାନ (୨୫) ଓ ତାର ବଡଭାଇ ପୀତବାସ ପ୍ରଧାନ (୩୦) ।ରବିବାର ସକାଳେ ବନାଞ୍ଚଳ୍ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ନିର୍ଦ୍ଦେଶରେ ବନପାଳ ସରିତା ବରାଳଙ୍କ ନେତୃତ୍ୱରେ ବନରକ୍ଷୀ ସୌମ୍ୟରଂଜନ ଦଳେଇ, ଦିପ୍ତିମୟୀ ରାଉତ ଓ ଟିମ୍ ଏହି ଦୁଇଭାଇଙ୍କର ଘରେ ଚଢ଼ାଉ କରିଥିଲେ । ସେତେବେଳେ ସେମାନେ ଏହି ମାଂସକୁଏକ ଆଲୁମିନିୟମ ପାତ୍ରରେ ରଖି ବିକ୍ରି କରୁଥିବାବେଳେ ବନକର୍ମଚାରୀମାନେ ଏହି ଦୁଇ ଭାଇଙ୍କୁ କାବୁ କରିଥିଲେ ଓ ମାଂସ ସହିତ ସେମାନଙ୍କଠାରୁ ଗୋଟିଏ କଟୁରୀ ଓ ଦୁଇଟି ଭୁଜାଲି ଜବତ କରିଥିଲେ ।ପଚରାଉଚରା କରିବାବେଳେ ଏହି ଦୁଇଭାଇଙ୍କ ସହିତ ମୁଖ୍ୟ ଶିକାରୀଦାମୋଦର ଖିଲାର (୫୦) ନିକଟସ୍ଥ ଗୟଳସିଂ ସଂରକ୍ଷିତ ଜଙ୍ଗଲରେ ପ୍ରବେଶକରି ଏକ ଚିତ୍ରାହରିଣ ଶିକାର କରିଥିବା କଥା ସ୍ୱୀକାର କରିଥଲେ ।

# ଆଖି ବୁଜିଲା ବାଘ ଛୁଆ

ବାରଙ୍ଗ ,(ସବ୍ୟୁ) : ମେଲାନିଷ୍ଟିକ୍ ବାଘ କୃଷ୍ଣା ଏବଂ ଧଳାବାଘୁଣୀ ରୂପାର ମିଳଣରୁ ଜନ୍ମ ଗ୍ରହଣ କରିଥିବା ୩ଛୁଆଙ୍କ ମଧ୍ୟରୁ ଏକ ଧଳାବାଘ ଛୁଆର ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଛି। ମତ୍ୟୁର ପ୍ରକୃତ କାରଣ ଜନପଡ଼ିନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ସୂଚନା ମିଳିଛି। ପ୍ରକାଶ ଥାଉକି ଯେ ,ମା ବାଘୁଣୀ ଛୁଆମାନଙ୍କର ଯତ୍ନ ନେଉଥିବାରୁ ଜନ୍ମିତ ୧ ଧଳାରଙ୍ଗର ଏବଂ ୨ସାଧାରଣ ରଙ୍ଗର ଛୁଆକୁ ମାପାଖରେ ରଖାଯାଇଥିଲା। ମୃତ ବାଘ ଛୁଆଟି ମାର୍ଚ୍ଚ ୨୦୨୫ରେ ପଙ୍ଗୁ ହେବାର ଲକ୍ଷଣ ଦେଖାଇଥିଲା ଏବଂ ଡାଇଗ୍ନୋଷ୍ଟିକ୍ ଇମେଜିଂ, ଔଷଧ ଏବଂ ପୁଷ୍ଟିକର ପରିପୂରକ ସମେତ ନିୟମିତ ପଶୁଚିକିତ୍ସକ ମାନେ ତାର ଚିକିତ୍ସା ଚଳାଇଥିଲେ।ଏହାସହ ବିଶେଷଜ୍ଞମାନେ ଆସି ପରୀକ୍ଷାନିରୀକ୍ଷା କରିଥିଲେ।ଶନିବାର ରାତିରେ, ଶାବକଟି ସାଧାରଣ ଭାବରେ ଖାଇଥିଲା ଏବଂ କଷ୍ଟର କୌଣସି ଲକ୍ଷଣ ଦେଖାଇନଥିଲା।ରବିବାର ଦିନ ଶାବକଟି ମୃତ୍ୟୁ ସହ ସଂଘର୍ଷ କରି ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ପରୀକ୍ଷା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି କୁହାଯାଇଛି। ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୨୭ଟିବାଘ ଅଛନ୍ତ ।ଯେଉଁଥିରେ ୧୮ଟି ସାଧାରଣରଙ୍ଗର ବାଘ , ୫ଟି ଧଳାବାଘ ଏବଂ ୪ଟି ମେଲାନିଷ୍ଟିକ୍ ବାଘ ରହିଛନ୍ତି।ରୂପାର ଅନ୍ୟ ଛୁଆମାନଙ୍କରେ ମଧ୍ୟ ସମାନ ଲକ୍ଷଣ ଦେଖାଯାଉଛି ବୋଲି କୁହାଯାଇଛି।

## ନାବାଳିକାଙ୍କୁ ଅସଦାଚରଣ କରି ବନ୍ଧାହେଲେ ଯୁବକ

ବ୍ରହ୍ମପୁର, (ସବ୍ୟୁ): ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ବାନ୍ଧିଛି । ଅଭିଯୁକ୍ତ ଜଣଙ୍କ ହେଲେ ଫାଷ୍ଟଗେଟ ଧୋବାବନ୍ଧ ହୁଡାର ଗଣେଷ ଘଡେଇ(୧୯)। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାପ୍ରକାରେ, ବଡବଜାର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ କମେଣ୍ଟ ମାରିବା ସହ ଅସଦାଚରଣ କରାଯାଇଥିଲା। ସମାଜରେ ପିଡ଼ିତାଙ୍କ ମର୍ଯ୍ୟାଦା ହାନି ଘଟିଥିଲା। ଏନେଇ ଥାନାରେ ସେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରିବା ସହ ପିଡ଼ିତାଙ୍କ ବୟାନ ଆଧାରରେ ଅଭିଯୁକ୍ତ ଗଣେଷଙ୍କୁ ଗିରଫ କରିଥିଲା ବୋଲି କହିଛି ।

## ଅବକାରୀ ବିଭାଗ ପକ୍ଷରୁ ଦୁଇ ସଚେତନତା ରଥ ଶୁଭାରମ୍ଭ

ଛତ୍ରପୁର, (ସବ୍ୟୁ): ଅବକାରୀ ବିଭାଗ ପକ୍ଷରୁ ଛତ୍ରପୁର ସ୍ଥିତ ଡୁଡା କାର୍ଯ୍ୟାଳୟ ପରିସରରେ ସଚେତନତା ରଥକୁ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଶୁଭାରମ୍ଭ କରିଛନ୍ତି । ଅନ୍ୟ ଏକ ରଥକୁ ଗଞ୍ଜାମ ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟ ପରିସରରେ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଦୁଇଟି ରଥ ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ଅଂଚଳ ବୁଲି ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ମାଦକ ଦ୍ରବ୍ୟ ବିରୋଧରେ ଲୋକଙ୍କୁ ସଚେତନତା କରାଇବ । ଆସନ୍ତା ୨୫ ତାରିଖ ପ୍ରର୍ଯ୍ୟନ୍ତ ବୁଲିବ । ଏହି ଉଦଘଟନ କାର୍ଯ୍ୟକ୍ରରେ ଗଞ୍ଜାମ ଅବକାରୀ ଅଧିକ୍ଷକ ଅମେରେନ୍ଦ୍ର ଜେନା, ବ୍ରହ୍ମପୁର ଅବକାରୀ ଅଧିକ୍ଷକ ପ୍ରବୀଣ କୁମାର ପ୍ରଧାନ, ଡେପୁଟି ଅବକାରୀ ଅଧିକ୍ଷକ ଅଳକା ସୁନା, ସ୍ୱାଧୀନ ସାହୁଙ୍କ ସମେତ ସବୁ ଅବକାରୀ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାରେ ଚାଲିଥିବା ବେଆଇନ ମାଦକ ଦ୍ରବ୍ୟ କାରବାର ଉପରେ ଲାଗିବ ଲଗାମ। ଏହି କାରବାରକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଅବକାରୀ ବିଭାଗ ସଂକଳ୍ପବଦ୍ଧ ବୋଲି କୁହାଯାଇଛି ।

# ଜନ ପ୍ରତିନିଧିଙ୍କୁ ଅଣଦେଖା ଓ ମହିଳା ଜନପ୍ରତିନିଧିଙ୍କୁ ଦୁର୍ବ୍ୟବହାର

### ଜିଲ୍ଲାପାଳଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ଦଳ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ପାତ୍ରପୁର, ଗଞ୍ଜାମ, ଛତ୍ରପୁର ଓ ସୋରଡା ସମେତ ବିଭିନ୍ନ ବ୍ଲକରେ ଜନ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯିବା ସହିତ ମହିଳା ଜନ ପ୍ରତିନିଧି ମାନଙ୍କୁ ଦୁର୍ବ୍ୟବହାର କରାଯାଉଥିବା ଅଭିଯୋଗ ନେଇ ଆଜି ବିଜୁ ଜନତା ଦଳ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ବିଜୁ ଜନତା ଦଳର ପ୍ରବକ୍ତା ତଥା ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କୁ ଭେଟି ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି । ପାତ୍ରପୁର ପଂଚାୟତ ସମିତି ବୈଠକରେ ଗଣ୍ଡଗୋଳ, ବାହାର ଲୋକଙ୍କ ଦ୍ୱାରା ମହିଳା ଜନ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ଓ ଜନ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯାଉଥିବା ନେଇ ଚିକିଟି ବିଧାୟକ ପ୍ରାର୍ଥୀ ତଥା ଯୁବନେତା ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ ଗଞ୍ଜାମ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ସହ ମହିଳା ଜନ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରାଯାଉଥିବା ନେଇ ଥାନାରେ ମାମଲା ହୋଇଥିଲେ ମଧ୍ୟ ପୋଲିସ୍ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି । ସେହିପରି ସୋରଡା ବ୍ଲକ ଅଧକ୍ଷାଙ୍କ ଦସ୍ତଖତ ଜାଲିଆତି କରି ଦୁଇଟି ବିଲ୍ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି । ଏଣୁ ଏହାର ଉଚିତ୍ ତଦନ୍ତ କରି ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି। ଛତ୍ରପୁର ଓ ଗଞ୍ଜାମ ବ୍ଲକରେ ଜନ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯିବା ସହ ରାଜନୈତିକ ହସ୍ତକ୍ଷେପ କରି ସେମାନଙ୍କ ବିଭିନ୍ନ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ଏନେଇ ଗଞ୍ଜାମ ବ୍ଲକ ବିଡିଓଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଭିନ୍ନ ବ୍ଲକରେ ବିଡିଓ ଓ ଅନ୍ୟାନ୍ୟ ଅଧିକାରୀ ମାନେ ବିଜେପିର ବ୍ଲକ ସଭାପତି ଭଳି କାର୍ଯ୍ୟ କରୁଥିବା ମଧ୍ୟ ଏହି ପ୍ରତିନିଧି ଦଳ ଅଭିଯୋଗ କରିଛନ୍ତି। ରାଜ୍ୟରେ ମୋହନ ସରକାର ଆସିଲା ଦିନ ଠାରୁ ବିକାଶ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି । ନବୀନ ସରକାର ଅମଳରେ ଯାହା କାର୍ଯ୍ୟ ହୋଇଥିଲା ତାର ବକେୟା ବିଲ୍‌କୁ ରାଜନୈତିକ ଚାପ ପକାଇ ଏପର୍ଯ୍ୟନ୍ତ ପ୍ରଦାନ କରାଯାଉନାହିଁ । ରାଜନୈତିକ ହସ୍ତକ୍ଷେପ କରି ନିରୀହ ଲୋକଙ୍କୁ ବିଭିନ୍ନ ପ୍ରକାର ହଇରାଣ ହରକତ କରାଯାଉଛି । ଏହାକୁ କେବେବି ବରଦାସ୍ତ କରାଯିବ ନାହିଁ । ଲୋକଙ୍କ ସମସ୍ୟାର ସମାଧାନ ଓ ହିତ ନିମନ୍ତେ ଆବଶ୍ୟକ ହେଲେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ବିଜୁ ଜନତା ଦଳର ପ୍ରବକ୍ତା ତଥା ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ର କହିଛନ୍ତି । ଜିଲ୍ଲାପାଳଙ୍କ ସହ ଆଲୋଚନା ବେଳେ ଛତ୍ରପୁରର ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ବେହେରା, ଚିକିଟି ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେଓ, ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ କୁମାର କର, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଶ୍ରୀରାମଚନ୍ଦ୍ରପୁର ପଂଚାୟତର ସମିତିସଭ୍ୟ ଏସ. ଚକ୍ରପାଣି ରେଢ୍ଡୀ, ଯୁବନେତା ବିମଳ କୁମାର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, କିଶୋର ବେହେରା, ଗଗନ ସ୍ୱାଇଁ, କାହ୍ନୁଚରଣ ବେହେରା, ଟି. ଚନ୍ଦ୍ର ଶେଖର ରାଓ, ରାଜପୁର ସରପଞ୍ଚ ରଞ୍ଜନ ପଲେଇଙ୍କ ସମେତ ବହୁ ବିଜେଡି ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ ।



# ମୃତ ନନ୍ଦିନୀ ନାଏକଙ୍କୁ ନ୍ୟାୟ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତି

### ଜେଏମ୍‌ଏମ୍ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାରିପଦା, (ସବ୍ୟୁ) : ସୋମବାର ମୟୂରଭଞ୍ଜ ଜିଲ୍ଲା ଜେଏମଏମ ପକ୍ଷରୁ ବାମନଘାଟି ଉପଖଣ୍ଡ ଚିକିତ୍ସାଳୟରେ ମୃତ୍ୟୁବରଣ କରିଥିବା ନନ୍ଦିନୀ ନାଏକଙ୍କୁ ନ୍ୟାୟ ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ବାରିପଦା ଶାଖାରେ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ କରାଯାଇଛି । ଏହି ଅବସରରେ ଜେଏମଏମ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଉକ୍ତ ଘଟଣାର ତଦନ୍ତ କରିବା ପାଇଁ ଦାବି କରିଥିଲେ । ଗତ ମଇ ମାସ ୧୯ତାରିଖ ମୟୂରଭଞ୍ଜ ଜିଲ୍ଲା ବାମନଘାଟି ଉପଖଣ୍ଡ ବିଜାତଲା ବ୍ଲକ ଅନ୍ତର୍ଗତ ଖନ୍ତ ପଞ୍ଚାୟତ ମଦନଶୀଳା ଗ୍ରାମର ଶଙ୍କର ନାଏକଙ୍କ ପତ୍ନୀ ନନ୍ଦିନୀ ନାଏକ(୨୧)ଙ୍କ ପ୍ରସବ ବେଦନା ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଉପଖଣ୍ଡ ଚିକିତ୍ସାଳୟକୁ ଯାଇ ଚିକିତ୍ସା ପାଇଁ ନାମ ପଞ୍ଜିକରଣ କରିଥିଲେ । ତେବେ ଡାକ୍ତରୀ ଦଳ ସାଧାରଣ ଭାବେ ନନ୍ଦିନୀଙ୍କ ପ୍ରସବ କରେଇଥିଲେ, କିନ୍ତୁ କିଛି ସମୟର ବ୍ୟବଧାନ ପରେ ନନ୍ଦିନୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପୂର୍ଣ୍ଣମାତ୍ରାରେ ବିଗିଡି ଯାଇଥିଲା । ପ୍ରଚୁର ମାତ୍ରାରେ ରକ୍ତସ୍ରାବ ହୋଇଥିଲା। ଏନେଇ ନନ୍ଦିନୀଙ୍କ ସ୍ୱାମୀ ଉପସ୍ଥିତ ଥିବା ନର୍ସଙ୍କୁ ଅବଗତ କରାଇଥିଲେ ମଧ୍ୟ ନର୍ସ ଏବଂ ଡାକ୍ତର ନନ୍ଦିନୀ ପାଖକୁ ଆସିନଥିଲେ କି ଉନ୍ନତ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିନଥିଲେ । ଯାହାଫଳରେ ମଇ ୨୧ତାରିଖ ଅପରାହ୍ନରେ ନନ୍ଦିନୀଙ୍କ ମୃତ୍ୟୁ ହୋଇଯାଇଥିଲା । ଏଭଳି ଦାୟିତ୍ୱହୀନ ଡାକ୍ତର ଓ ନର୍ସ ପାଇଁ ଗୋଟେ ମା' ର ଜୀବନଦୀପ ଲିଭିଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି । ଅନ୍ୟପକ୍ଷରେ ଜନନୀ ସୁରକ୍ଷା ପାଇଁ ଓଡିଶା ସରକାର ଡିଣ୍ଡିମ ପିଟୁଥିବାବେଳେ ଜନନୀ ସୁରକ୍ଷାର କୌଣସି ବ୍ୟବସ୍ଥା ନଥିବା ତଥା ଆଦିବାସୀ ବହୁଳ ମୟୂରଭଞ୍ଜରେ ଚିକିତ୍ସା କ୍ଷେତ୍ରରେ ମୋହନ ମାଝୀ ସରକାର ପୂର୍ଣ୍ଣମାତ୍ରାରେ ଫେଲ ମାରିଛି ବୋଲି ଜେଏମଏମ ପକ୍ଷରୁ କୁହାଯାଇଛି । ଅପରପକ୍ଷରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିବା ଖବରରେ ମୟୂରଭଞ୍ଜ ଗ୍ରାମ୍ୟ ଉନ୍ନୟନ ବିଭାଗ ବାରିପଦା ଶାଖାର ଯେଉଁ ସବୁ କାର୍ଯ୍ୟ ଗୁଡିକରେ ଦୁର୍ନୀତି ହେଇଛି, ସେ ସମ୍ପର୍କରେ ଜିଲ୍ଲାସଭାପତି ଶ୍ରୀ ଦାସ ଜିଲ୍ଲାପାଳଙ୍କୁ ଅବଗତ କରାଇଛନ୍ତି । ଉକ୍ତ ବିଭାଗ ଦୁଇଗୋଟି କାର୍ଯ୍ୟ କୁଳିଅଣା ବ୍ଲକର ଖୁଣ୍ଟାପାଳ-ଦରକୋଳି ରାସ୍ତା ଦେଇ ଯାଇଥିବା ଆପ୍ରୋଚ ରାସ୍ତାର କାର୍ଯ୍ୟ ଯାହାର କାର୍ଯ୍ୟାଦେଶ ସଂଖ୍ୟା-୫୦/୧୨୦୬୪ । କାର୍ଯ୍ୟାଦେଶ ୨୦୨୪ ଡିସେମ୍ବର ୨୭ତାରିଖ, କାର୍ଯ୍ୟ ଶେଷ ୨୦୨୫ ଜାନୁଆରୀ ୨୫ତାରିଖ, ମେମୋ ତାରିଖ ୨୦୨୫ ମାର୍ଚ୍ଚ ୨୩ତାରିଖ, ଅଟକଳ ମୂଲ୍ୟ ୯ଲକ୍ଷ ଟଙ୍କାରୁ ଉର୍ଦ୍ଧ ଏବଂ ଦ୍ୱିତୀୟ ରେ ବୁଢ଼ାବଳଙ୍ଗ ନଦୀର ଇଟାମୁଣ୍ଡିଆ-ପାଇକବସା ଯାହାର କାର୍ଯ୍ୟାଦେଶ ସଂଖ୍ୟା -୫୦/୧୨୦୬୩/୧, କାର୍ଯ୍ୟାଦେଶ ତାରିଖ ୨୦୨୪ ଡିସେମ୍ବର ୨୩ତାରିଖ, କାର୍ଯ୍ୟଶେଷ ତାରିଖ ୨୦୨୫ ଜାନୁଆରୀ ୨୫ତାରିଖ, ମେମୋ ୨୦୨୫ ମାର୍ଚ୍ଚ ୨୩ତାରିଖ, ଏହାର ଅଟକଳ ମୂଲ୍ୟ ୭ଲକ୍ଷ ଟଙ୍କା। ବାମନଘାଟି ଉପଖଣ୍ଡ ଚିକିତ୍ସାଳୟର ଅବହେଳା ପାଇଁ ମୃତ ନନ୍ଦିନୀ ନାଏକଙ୍କୁ ତୁରନ୍ତ ନ୍ୟାୟ ମିଳିବା ସହିତ ଗ୍ରାମ୍ୟ ଉନ୍ନୟନ ବିଭାଗର ମନମୁଖୀ କାର୍ଯ୍ୟକୁ ଜେଏମଏମ ପକ୍ଷରୁ ଦୃଢ ବିରୋଧ କରୁଛି। ଏହାକୁ ତୁରନ୍ତ ସମାଧାନ କରାନଗଲେ ଆଗାମୀ ଦିନରେ ଜେଏମଏମ ଜୋରଦାର ଆନ୍ଦୋଳନ କରିବ ବୋଲି ଜିଲ୍ଲା ସଭାପତି ଶ୍ରୀ ଦାସ ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି । ଉକ୍ତ ଦାବୀପତ୍ରରେ ଜିଲ୍ଲାର ଉପସଭାପତି ରାଜା ହେମ୍ବ୍ରମ, ରାଜ୍ୟପରିଷଦ ସଭ୍ୟ ସନାତନ ମୁର୍ମୁ, ସୁଜିତ ବେହେରା, ତରେନ ସେନାପତି, ହେମନ୍ତ ମହାନ୍ତ, ପାରାନ ସୋରେନ, ସଉନା ହେମ୍ବ୍ରମ, ସରୋଜ ଦାସ ଓ ଲକ୍ଷ୍ମଣ ଚାପିଆର ପ୍ରମୁଖ ଉପସ୍ଥିତ ରହି ପ୍ରଦାନ ଥିଲେ।



## ଘର ତାଲା ଭାଙ୍ଗି ସୁନା ଗହଣା ଓ ଟଙ୍କା ଲୁଟ୍

ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ କୋଅପେରଟିଭ କଲୋନୀରେ ରହୁଥିବା ଜିତେନ୍ଦ୍ର ପାତ୍ରଙ୍କ ଘରୁ ଚୋରି ହୋଇଛି । ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟଯେ, ଜିତେନ୍ଦ୍ରଙ୍କ ଘରୁ ଗତ ୧ ତାରିଖ ଅପରାହ୍ନ ସମୟରେ କୌଣସି ଦୁର୍ବୃତ୍ତ ତାଙ୍କ ଘରର ତାଲା ଭାଙ୍ଗି ଘରେ ଥିବା ସୁନା, ରୂପା, ନଗଦ ୧୦ ହଜାର ଟଙ୍କା ଓ ଗ୍ୟାସ ହାଣ୍ଡି ଚୋରି କରି ନେଇଯାଇଛି । ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ୨୬୪/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

## ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜର ପ୍ରତିଭା ସମ୍ମାନ ପାଇଁ ପ୍ରସ୍ତୁତି ବୈଠକ

ଭଞ୍ଜନଗର, (ସବ୍ୟୁ): ସ୍ଥାନୀୟ ଓଡ୍ର ଖଣ୍ଡାୟତ କାଳଞ୍ଜି ସମାଜଗୃହ ଠାରେ ସମାଜ ତରଫରୁ ଚଳିତ ମାଟ୍ରିକ ଏବଂ ଯୁକ୍ତଦୁଇର କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରତିଭା ସମ୍ମାନ ୨୦୨୫ ରେ ସମ୍ବର୍ଦ୍ଧିତ କରାଯିବା ଉପରେ ଏକ ପ୍ରସ୍ତୁତି ବୈଠକ କେନ୍ଦ୍ରସଭାପତି ସନ୍ତୋଷ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରପରିଷଦ ତରଫରୁ ଆସନ୍ତା ତା ୮.୦୬.୨୦୨୫ ରିଖ ରବିବାର ଦିନ ସମସ୍ତ ଅଞ୍ଚଳର କବିସୂର୍ଯ୍ୟନଗର ନିକଟସ୍ଥ ଗୁଡ଼ିଆଳି ଛକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହେଉଥିବାବେଳେ କେବଳ କଇଁଶି ଅଞ୍ଚଳ, ଭଞ୍ଜନଗର ତରଫରୁ ଆସନ୍ତା ୦୭.୦୬.୨୦୨୫ ରିଖ ଶନିବାର ଦିନ ଭଞ୍ଜନଗର ସମାଜ ଗୃହ ଠାରେ କେବଳ କଇଁଶି ଅଂଚଳ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଛାତ୍ରଛାତ୍ରୀମାନେ ପୂର୍ବନିର୍ଦ୍ଧାରିତ ମାର୍କ ଅନୁସାରେ ସେମାନଙ୍କ ଜେରକ୍ସ କପି ସମ୍ପୃକ୍ତ କର୍ମକର୍ତାଙ୍କ ପାଖକୁ ପଠାଇବେ । ଉକ୍ତ ପ୍ରସ୍ତୁତି ବୈଠକରେ କଇଁଶି ଅଞ୍ଚଳ ସଭାପତି ଜଗବନ୍ଧୁ ଜେନା, କୋଷାଧକ୍ଷ ବିଭୂତି ଭୂଷଣ ଜେନା, ସମ୍ପାଦକ ନୀଳାଞ୍ଚଳ ପୋଲେଇ, ଅଞ୍ଚଳ ସମ୍ପାଦକ ସୁବାସ ଚନ୍ଦ୍ର ତାରିଣୀ, କବିରାଜ ପୋଲେଇ, କାହ୍ନୁ ଚରଣ ଭୁୟା, ସୁଶାନ୍ତ କୁମାର ଜେନା, ସତ୍ୟନାରାୟଣ ପ୍ରଧାନ, ସନ୍ତୋଷ କୁମାର ସ୍ୱାଇଁ ଯୋଗଦେଇ ଏହାର ରୂପରେଖ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ନୀଳମଣି ବିଷୋୟୀ, ଜିଲ୍ଲାପରିଷଦ ସଭାପତି ଅଞ୍ଜଳୀ ସ୍ୱାଇଁ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଆସ୍କା, ଅଧକ୍ଷା ବିନେତା ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତା ମଞ୍ଚାସୀନ ହୋଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସାପତ୍ର ସହ ପୁରସ୍କୃତ କରି ଆଶୀର୍ବାଦ ପ୍ରଦାନ କାର୍ଯ୍ୟକ୍ରମ ରଖାଯାଇଥିବା ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ କେନ୍ଦ୍ରପରିଷଦର ସମସ୍ତ ସଭ୍ୟ ସହଯୋଗ ପୂର୍ବକ ଉପସ୍ଥିତ ରହିବା ପାଇଁ ଅନୁରୋଧ କରାଯାଇଛି। ଶେଷରେ ଅଞ୍ଚଳ ସଭାପତି ତଥା କେନ୍ଦ୍ର ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଜଗବନ୍ଧୁ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ ।

## ବିଧାୟକଙ୍କ ୱାର୍ଡ ପରିଦର୍ଶନ ଓ ଲୋକ ସମ୍ପର୍କ ଅଭିଯାନ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ମହାନଗରର ୱାର୍ଡ ନମ୍ବର ୧୨ ସ୍ଥିତ ହାଉସିଂ ବୋର୍ଡ ଷ୍ଟେଜ ୨, ତୃତୀୟ ପାର୍କ ନିକଟ ବାସିନ୍ଦାଙ୍କ ନିମନ୍ତ୍ରଣ କ୍ରମେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର ୱାର୍ଡ ପରିଦର୍ଶନ କରିବା ସହିତ ଲୋକ ସମ୍ପର୍କରେ ଯୋଗ ଦେଇଥିଲେ। ଅଂଚଳବାସୀଙ୍କ ଅଭିଯୋଗରେ ବିଧାୟକଙ୍କୁ ଜଣାଇଥିଲେ ଦୀର୍ଘ ୨୫ ବର୍ଷ ହେଲା ଅଂଚଳ ବର୍ଷା ପାଣି ନିଷ୍କାସନ ନହେବା ଫଳରେ ପ୍ରତ୍ୟେକଙ୍କ ଘର ଭିତରେ ବର୍ଷା ପାଣି ଜମି ରହୁଛି। ୱାର୍ଡ କର୍ପୋରେଟରଙ୍କୁ ସମସ୍ୟା ଜଣାଇଲେ କିଛି ସମାଧାନ ହେଉନାହିଁ। ଅଂଚଳରେ କଲ୍ୟାଣ ମଣ୍ଡପ ଟିଏ ନଥିବାରୁ ବହୁତ ଅସୁବିଧା ହେଉଅଛି। ବରିଷ୍ଠ ନାଗରିକଙ୍କ ପାଇଁ ପାଠାଗାରର ସୁବିଧା ନାହିଁ, ପାର୍କର ଅବ୍ୟବସ୍ଥା, ୱାର୍ଡ ନିୟୋଜିତ ସଫେଇ କର୍ମଚାରୀ ମାନେ ନିୟମିତ ସଫେଇ କାର୍ଯ୍ୟ କରୁନାହାନ୍ତି। ରାସ୍ତା କାମରେ ଠିକାଦାର ନିଜ ଇଚ୍ଛାରେ କାମ କରିବା ଦ୍ୱାରା ଘର ଗୁଡିକରେ ରାସ୍ତା ପାଣି ପଶୁଛି। ସମସ୍ତ ବିଷୟ ବିଧାୟକ ଶୁଣିବା ପରେ ବ୍ରହ୍ମପୁର ନିଗମର ଜେଇ ଓ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ତୁରନ୍ତ ଲୋକଙ୍କ ସମସ୍ୟା ସମାଧାନ କରି ଅଂଚଳବାସୀ ବର୍ଷା ଦିନ ପୂର୍ବରୁ ସମସ୍ତ ଅସୁବିଧାର ସମାଧାନ କରିବାକୁ ହେବ ଓ ଏଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ବାରିପଦା ଉପଖଣ୍ଡ ପାଇଁ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ

### ମୋଟ୍ ୧୯୧ ଅଭିଯୋଗର ହେଲା ଶୁଣାଣି

ବାରିପଦା, (ସବ୍ୟୁ) : ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜି ସକାଳ ୭ଘଟିକା ସମୟରେ ମୟୂରଭଞ୍ଜ ଜିଲ୍ଲା ସଦରମହକୁମା ବାରିପଦା ଠାରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଅଧକ୍ଷତାରେ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ଯୁଗ୍ମ ଜନଶୁଣାଣୀ ଶିବିର ଆରମ୍ଭ ହୋଇଥିଲା । ଉକ୍ତ ଜନଶୁଣାଣୀ ଶିବିରରେ ଅତିରିକ୍ତ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପଲ୍ଲୀ, ଆଇଏଏସ ପ୍ରୋବେଶନର ମିସ କାଶୀଷ ବକ୍ସି, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାୟକ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ପ୍ରଭାତ କୁମାର ବେହେରା ଓ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସମେତ ବାରିପଦା ଉପଖଣ୍ଡର ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ଆଜିର ଶୁଣାଣିରେ ବାରିପଦା ଉପଖଣ୍ଡର ସର୍ବମୋଟ ୧୯୧ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ଉକ୍ତ ୧୯୧ଗୋଟି ଅଭିଯୋଗ ମଧ୍ୟରୁ ୧୬୬ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧିତ ଥିବାବେଳେ, ୨୫ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୫ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୪ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୦ହଜାର ଟଙ୍କା ଏବଂ ଜଣଙ୍କୁ ରେଡ କ୍ରସ ପାଣ୍ଠି ରୁ ୫ହଜାର ଟଙ୍କା ମଞ୍ଜୁର କରିଛନ୍ତି । ଆଜିର ଜନ ଅଭିଯୋଗ ଶୁଣାଣୀରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗ ଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଆଜି ଜନ ଶୁଣାଣି ଶିବିରକୁ ଆସିଥିବା ଆବେଦନକାରି ମାନଙ୍କ ପାଇଁ ଶେଡ଼ ବ୍ୟବସ୍ଥା କରାଯିବା ସହ ଲୋକମାନଙ୍କୁ ପିଇବା ପାଇଁ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ସହଯୋଗ କରିଥିଲେ ।

### ୧୧୪ ରୁ ୧୧୩ ବିଦ୍ୟାର୍ଥୀଙ୍କ ପେପର ବ୍ୟାକ୍ ମାମଲା

# ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ ସ୍ନାତକୋତ୍ତର ବିଦ୍ୟାର୍ଥୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧିନରେ ଥିବା ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ସ୍ନାତକୋତ୍ତର କେମେଷ୍ଟ୍ରୀ ବିଦ୍ୟାର୍ଥୀ ମାନେ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ସେମାନେ ଗତ ଜୁଲାଇ ୨୦୨୪ ରେ ଅନୁଷ୍ଠିତ ହୋଇଥିବା ୨ୟ ସେମିଷ୍ଟର ପରୀକ୍ଷାରେ ଗୋଟିଏ ପେପର (ସି-୨୦୪)ରେ ମହାବିଦ୍ୟାଳୟର ୧୧୪ ବିଦ୍ୟାର୍ଥୀ ମାନଙ୍କ ମଧ୍ୟରୁ ୧୧୩ ବିଦ୍ୟାର୍ଥୀଙ୍କୁ ଫେଲ କରି ଦିଆଯାଇଥିଲା। ଏହାକୁ ନେଇ ବିଦ୍ୟାର୍ଥୀ ମାନଙ୍କ ପକ୍ଷରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ ସତ୍ତ୍ୱେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱ ଦେଇନଥିଲେ। ଫଳରେ ସୋମବାର କେତେକ ବିଦ୍ୟାର୍ଥୀ ଛତ୍ରପୁର ଠାରେ ଜିଲ୍ଲାପାଳ ପକ୍ଷରୁ ଆୟୋଜିତ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ରହି ଅଭିଯୋଗ ଦାଖଲ କରିବା ସହ ନ୍ୟାୟ ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି। ମହାବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଅଭିଯୋଗ ଅନୁଯାୟୀ ସେମାନେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ଜୁଲାଇ ୧୦, ୨୦୨୪ରେ ଅନୁଷ୍ଠିତ ପରୀକ୍ଷା ଦେଇଥିଲେ। କିନ୍ତୁ ଗତ ଡ଼ିସେମ୍ବର ମାସରେ ପ୍ରକାଶିତ ପରୀକ୍ଷା ଫଳରେ ମହାବିଦ୍ୟାଳୟର ୧୧୪ ବିଦ୍ୟାର୍ଥୀ ମଧ୍ୟରୁ ୧୧୩ ବିଦ୍ୟାର୍ଥୀଙ୍କ ଉକ୍ତ ପେପରରେ କମ୍ ମାର୍କ ଆସିଥିଲା। ଏହାକୁ ନେଇ ସେମାନଙ୍କ ପକ୍ଷରୁ ପ୍ରତିବାଦ କରାଯିବା। ସହ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାଣିଶୁଣି ସେମାନଙ୍କ ଭବିଷ୍ୟତ ସହ ଖେଳ କରୁଥିବା ଅଭିଯୋଗ କରି ପୁନର୍ବାର ପରୀକ୍ଷା ଖାତା ଯାଞ୍ଚ କରି ମୂଲ୍ୟାୟନ କରିବାକୁ ଅନୁରୋଧ କରାଯାଇଥିଲେ। କିନ୍ତୁ ବିଶ୍ୱବିଦ୍ୟାଳୟ ପରୀକ୍ଷା ବିଭାଗ ପକ୍ଷରୁ ଏଥିପ୍ରତି କୌଣସି ଗୁରୁତ୍ୱ ଦିଆଗଲା ନାହିଁ। ଶେଷରେ ବିଦ୍ୟାର୍ଥୀ ମାନେ ସୂଚନା ଅଧିକାର ଆଇନ ଅନୁଯାଇ ସେମାନଙ୍କ ଉତ୍ତର ଖାତାର ନକଲ ଦେବାକୁ ଆବେଦନ କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହାର ଉତ୍ତର ଦେବା ପରିବର୍ତ୍ତେ ବିଦ୍ୟାର୍ଥୀ ମାନଙ୍କୁ ଉତ୍ତର ଖାତାର ନକଲ ପାଇବାକୁ ହେଲେ ୫୦୦ ଟଙ୍କା ଲେଖାଏଁ ଡିପୋଜିଟ କରିବାକୁ କୁହା ଯାଇଥିଲା। ଶେଷରେ ବିଦ୍ୟାର୍ଥୀ ମାନେ ୫୦୦ ଟଙ୍କା ଡିପୋଜିଟ କରିବା ପରେ ବିଦ୍ୟାର୍ଥୀ ମାନଙ୍କୁ କୁଆଡ଼େ ଉତ୍ତର ଖାତାର ନକଲ ପ୍ରଦାନ କରାଯାଇଥିଲା। ଉତ୍ତରଖାତା ପାଇବା ପରେ ବିଦ୍ୟାର୍ଥୀ ମାନେ ବିଶ୍ୱବିଦ୍ୟାଳୟ ପରୀକ୍ଷ ବିଭାଗ ପକ୍ଷରୁ ସେମାନଙ୍କ ଉତ୍ତର ଖାତା ଦେଖାଯାଉଛି ଏବଂ ମାର୍କ ପ୍ରଦାନ କରୁଛନ୍ତି । ଉତ୍ତର ଖାତାରେ ପ୍ରଥମେ ୪୧ ମାର୍କ ଦିଆଯାଇଥିବା ବେଳେ ପରେ ତାହାକୁ କାଟି ୨୪ ମାର୍କ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଏନେଇ ପୁଣିଥରେ ଅନେକ ବିଦ୍ୟାର୍ଥୀ ବିଶ୍ୱବିଦ୍ୟାଳୟ ପରୀକ୍ଷା ବିଭାଗକୁ ଜଣାଇଥିଲେ ମଧ୍ୟ ସେମାନଙ୍କୁ ପୁନଃ ପରୀକ୍ଷା ଦେବାକୁ ତାଗିଦ କରି ଘଉଡ଼ାଇ ଦିଆଯାଇଥିଲା ବୋଲି ଅଭିଯୋଗ ହୋଇଛି। ଘଟଣା ନେଇ ପରୀକ୍ଷା ନିୟନ୍ତ୍ରକ ଡ଼ ସତ୍ୟନାରାୟଣ କୁଣ୍ଡୁଙ୍କ ସହ ଯୋଗାଯୋଗ ବେଳେ ଆରଟିଆଇ ବାବଦକୁ ୫ ଶହ ଟଙ୍କା ଆଦାୟ ଅଭିଯୋଗକୁ ଖଣ୍ଡନ କରି ଆରଟିଆଇରେ ମାଗିଥିବା ତଥ୍ୟକୁ ଜେରକ୍ସ କରି ଦେବାକୁ ୫ ଶହ ଟଙ୍କା ମଗା ଯାଇଥିଲା । ପୂର୍ବରୁ ମାଗିଥିବା ତଥ୍ୟକୁ ପ୍ରଦାନ କରାଯାଇଛି । ଭାଉଲେସନ୍ ସରିବା ପରେ କୌଣସି ଅଦଳ ବଦଳ ହୋଇପାରିବ ନାହିଁ । ଯେଉଁ ବିଦ୍ୟାର୍ଥୀ ମାନଙ୍କ ପରୀକ୍ଷାରେ ବ୍ରେକ ଲାଗିଛି ସେମାନଙ୍କୁ ପୁନଃ ପରୀକ୍ଷା ଦେବାକୁ ପଡ଼ିବ ବୋଲି ସେ କହିଛନ୍ତି ।



### ଆଇଆଇଟି ଜେଇଇ (ଆଡଭାନ୍ସଡ୍) ପ୍ରବେଶିକା ପରୀକ୍ଷା-୨୦୨୫

# ସରସ୍ୱତୀ ବିଦ୍ୟା ମନ୍ଦିର ନୀଳକଣ୍ଠନଗରର ସଫଳତା

ବ୍ରହ୍ମପୁର, (ସବ୍ୟୁ): ସୋମବାର ଦିନ ପ୍ରକାଶ ପାଇଥିବା ଜେଇଇ ଆଡ୍‌ଭାନ୍ସଡ୍ ପରୀକ୍ଷାଫଳ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟା ମନ୍ଦିର ପାଇଁ ଏକ ସଫଳତା ଆଣିଦେଇଛି । ପ୍ରକାଶଯୋଗ୍ୟ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, କାନ୍‌ପୁର ଦ୍ୱାରା ପରିଚାଳିତ ଜେଇଇ (ଆଡ୍‌ଭାନ୍ସଡ୍)-୨୦୨୫ ଅନ୍‌ଲାଇନ୍ ପରୀକ୍ଷା ତା.୧୮.୦୫.୨୦୨୫ ରିଖରେ ଅନୁଷ୍ଠିତ ହୋଇଥିଲା। ପ୍ରକାଶଥାଉକି, ସରସ୍ୱତୀ ବିଦ୍ୟା ମନ୍ଦିର, ନୀଳକଣ୍ଠନଗରରୁ ୯୦ ପର୍ସେଣ୍ଟାଇଲ୍‌ରୁ ଉର୍ଦ୍ଧ୍ୱ ୮୦ ଜଣ ଛାତ୍ରଛାତ୍ରୀ ଜେଇଇ (ମେନ୍) ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ତନ୍ମଧ୍ୟରୁ ୫ ଜଣ ମେଧା ଛାତ୍ରଛାତ୍ରୀମାନଙ୍କୁ ଦୀର୍ଘ ୨ ମାସ ପର୍ଯ୍ୟନ୍ତ ଅଭିଜ୍ଞ ପ୍ରଧାପକମାନଙ୍କ ଦ୍ୱାରା ଅନବରତ ଶିକ୍ଷାଦାନ କରାଯାଉଥିଲା। ସେଥିମଧ୍ୟରୁ ସର୍ବଭାରତୀୟ ସ୍ତରରେ ଜ୍ଞାନେଶ୍ ସାହୁ ୧୫୭୯ ର୍‍ୟାଙ୍କ୍, ସଂସ୍କାର ରଞ୍ଜନ ରଥ ୬୯୭୪ ର୍‍ୟାଙ୍କ୍, ନିର୍ଣ୍ଣୟ ଦାଶ ୧୮୬୪ ର୍‍ୟାଙ୍କ୍, ଅଂଶୁମାନ ମହାରଣା ୩୦୦୮ ର୍‍ୟାଙ୍କ୍ ଏବଂ ସାନି ସୁଶିଳା ୧୩୮ ର୍‍ୟାଙ୍କ୍ ରଖି ଆଇ.ଆଇ.ଟି (ଆଡ୍‌ଭାନ୍ସଡ୍) ପରୀକ୍ଷାରେ କୃତିତ୍ୱର ସହ କୃତକାର୍ଯ୍ୟ ହୋଇଛନ୍ତି । ଏହି ସଫଳତା ପାଇଁ ଆମ କୋଚିଂ ଡିଭିଜନ୍‌ର ଅଭିଜ୍ଞ ଶିକ୍ଷକମାନଙ୍କର ପ୍ରଚେଷ୍ଟାକୁ ଶ୍ରେୟ ଦିଆଯାଉଛି। ସର୍ବୋପରି ଛାତ୍ରଛାତ୍ରୀମାନଙ୍କର ଆତ୍ମବିଶ୍ୱାସ ଏବଂ କଠୋର ପରିଶ୍ରମ ଦ୍ୱାରା ଏହା ସମ୍ଭବ ହୋଇପାରିଛି । ଏହି ସଫଳତା ପାଇଁ ବହୁ ଅଭିଭାବକଙ୍କ ସମେତ ପରିଚାଳନା କମିଟିର ସଭାପତି ଡ. ଜିବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧକ୍ଷ ସୋମନାଥ ନନ୍ଦ, ସଦସ୍ୟା ଶ୍ରୀମତୀ ପ୍ରଣତୀ ସାମଲ, ବାସନ୍ତୀ ବେହେରା, ଉପଦେଷ୍ଟାମଣ୍ଡଳୀରେ ଥିବା ସମସ୍ତ କର୍ମକର୍ତ୍ତା, ବିଦ୍ୟାଳୟର ଅଧକ୍ଷ ଏସ୍.ମୋହନ ରାଓ, ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଆଚାର୍ଯ୍ୟ ଏବଂ ମହାବିଦ୍ୟାଳୟର ଅଧକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ, କୋଚିଂ ବିଭାଗର ସମସ୍ତଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।




## ସନ୍ତରଣ ଏବଂ ପାଣିରେ ବୁଡ଼ିଯିବା ଜନିତ ମୃତ୍ୟୁରୁ ରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସପ୍ତ ଦିବସୀୟ ସନ୍ତରଣ ଏବଂ ପାଣିରେ ବୁଡ଼ିଯିବା ଜନିତ ମୃତ୍ୟୁ ମୁଖରୁ ବଞ୍ଚିବାର ମୌଳିକ କୌଶଳ, ପ୍ରଥମ ବ୍ୟାଚର ତାଲିମ କାର୍ଯ୍ୟକ୍ରମ ଲକ୍ଷ୍ମୀପୋଷି ସ୍ଥିତ ଓଏସଏପି, ପଞ୍ଚମ ବାଟାଲିୟନର ସମ୍ମିଳନୀ କକ୍ଷରେ ଜିଲ୍ଲା ଜରୁରୀକାଳୀନ ବିଭାଗର ଡେପୁଟୀ କଲେକ୍ଟର ଶ୍ରଦ୍ଧା ସୁମନଙ୍କ କରକମଳରେ ଶୁଭାରମ୍ଭ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଏସଏପିର କମାଣ୍ଡେଣ୍ଟ ପ୍ରଶାନ୍ତ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଡେପୁଟୀ କମାଣ୍ଡାଣ୍ଟ ଅରୁଣ କୁମାର ବେହେରା, ଆସିଷ୍ଟାଣ୍ଟ କାମାଣ୍ଡେଣ୍ଟ କାଳିଚରଣ ମାଝୀ, ଜିଲ୍ଲା ଶିକ୍ଷା ବିଭାଗର ପ୍ରୋଗ୍ରାମ ଅଫିସର ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଜରୁରୀ କାଳୀନ କାର୍ଯ୍ୟଳୟର ଡିପିଓ ଜଗବନ୍ଧୁ ମହାନ୍ତି ଯୋଗ ଦେଇଥିଲେ। ପ୍ରାରମ୍ଭରେ ଡିପିଓ ଶ୍ରୀ ମହାନ୍ତି ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ ସହିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଡେପୁଟୀ କଲେକ୍ଟର ସମ୍ମାନୀୟ ଶ୍ରଦ୍ଧା ସୁମନ ତାଙ୍କ ଅଭିଭାଷଣରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ସହାୟତା ବିଷୟରେ ସୂଚନା ପ୍ରଦାନ କରିବା ସହିତ ଓଡ଼ିଶା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହାୟତା ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହଯୋଗରେ ହେଉଥିବା ସନ୍ତରଣ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ସମସ୍ତେ ସହଯୋଗ କରିବାକୁ ଅନୁରୋଧ କରିବା ସହିତ ପିଲାମାନେ ଏହାର ଉପଯୁକ୍ତ ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଡେପୁଟୀ କମାଣ୍ଡେଣ୍ଟ ଶ୍ରୀ ବେହେରା ଏପରି କାର୍ଯ୍ୟକ୍ରମ ବ୍ୟାପକ ସଚତନତା ସୃଷ୍ଟି କରିବା ସଂଗେ ସଂଗେ ପାଣିରେ ବୁଡ଼ିଯିବା ଜନିତ ମୃତ୍ୟୁ ହାର ହ୍ରାସ କରିବାରେ ସହାୟକ ହେବ ବୋଲି କହିଥିଲେ। ପ୍ରୋଗ୍ରାମ ଅଫିସର ଶ୍ରୀ ଆଚାର୍ଯ୍ୟ ଶିକ୍ଷା ବିଭାଗ ଜିଲ୍ଲା ଜରୁରୀକାଳୀନ ବିଭାଗ ସହଯୋଗରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକରେ ବିଦ୍ୟାଳୟ ସୁରକ୍ଷା, ବଜ୍ରପାତ, ସାପ କାମୁଡା, ପ୍ରାଥମିକ ଚିକିତ୍ସା, ସନ୍ଧାନ ଓ ଉଦ୍ଧାର ଆଦି ସଚେତନତା କାର୍ଯ୍ୟକ୍ରମ କରୁଥିବା ପ୍ରକାଶ କରିଥିଲେ ଓ ମୌଳିକ ସନ୍ତରଣ ଶିକ୍ଷା ତାଲିମ କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାର ଏ ସମ୍ବନ୍ଧୀୟ ମୃତ୍ୟୁହାର ହ୍ରାସ କରିବାରେ ସହାୟକ ହେବ ବୋଲି କହିଥିଲେ। କମାଣ୍ଡେଣ୍ଟ ଶ୍ରୀ ନାୟକ ଅନେକ ଗୁଡ଼ିଏ ଉଦାହରଣ ମାଧ୍ୟମରେ ପିଲାମାନଙ୍କୁ ସନ୍ତରଣର ସରଳ ଉପାୟମାନ ବତାଇବା ସହିତ ୱାଟର ସ୍ମାର୍ଟ ହେବାକୁ ପରାମର୍ଶ ଦେଇଥିଲେ। ତାଲିମ ମାଧ୍ୟମରେ ବ୍ୟାବହାରିକ ପରିବର୍ତ୍ତନ, ମନୋବଳ ବୃଦ୍ଧି, ମନସ୍ତାତ୍ତ୍ୱିକ ଅନୁଶୀଳନ ମାଧ୍ୟମରେ ଭୟ ଦୂର ତଥା (ଆମେ ପାରିବା)ର ମାନସିକତା ଆସିଥାଏ ଓ ଆମର ଦକ୍ଷତାର ବିକାଶ ସହିତ ଆଗକୁ ବଢିବା ଏବଂ ବିପଦରୁ ରକ୍ଷା ପାଇବା ନିମନ୍ତେ ରାସ୍ତା ଦେଖାଏ ବୋଲି କହିଥିଲେ। ଏହି ଅବସରରେ ଓମେନ୍ସ କଲେଜ ବାରିପଦାର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଆସିଷ୍ଟାଣ୍ଟ କମାଣ୍ଡେଣ୍ଟ ଶ୍ରୀ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକା ଅପହରଣ ଘଟଣା

# ଥାନା ଆଗରେ ଅନଶନରେ ପରିବାର ଓ ଗାଁର ମହିଳା

ରାଜନଗର ,(ସବ୍ୟୁ) : ରାଜନଗର ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରାଯାଇଛି । ମାର୍ଚ୍ଚ ୧୩ ତାରିଖରୁ ନାବାଳିକାକୁ ଅପହରଣ କରାଯାଇଥିବା ବେଳେ ପରିବାର ଲୋକେ ମାର୍ଚ୍ଚ ୧୫ ତାରିଖରେ ରାଜନଗର ଥାନାରେ ଅଭିଯୋଗ କରିଥିଲେ । ବାଂଲା ଅନୁପ୍ରବେଶକାରୀ ନାବାଳିକାକୁ ଅପହରଣ କରିନେଇଥିବା ପରିବାର ଲୋକେ ଥାନାରେ ଅଭିଯୋଗ କରିବାର ୮୦ ଦିନ ବିତିଗଲାଣି । ପରିବାର ଲୋକେ ନ୍ୟାୟ ପାଇଁ ରାଜନଗର ଥାନାକୁ ବାରମ୍ବାର ଦୌଡିବା ସହିତ କେନ୍ଦ୍ରାପଡା ଏସପି ଓ ପଟ୍ଟାମୁଣ୍ଡାଇ ଏସଡିପିଓ ଭେଟି ଅଭିଯୋଗ କରିଥିଲେ ବି ପୋଲିସ ନିଖୋଜ ମାମଲା କରି ଚୁପ ହୋଇ ବସିଛି । ପରିବାର ଲୋକେ ବାରମ୍ବାର ଅଭିଯୋଗ ଓ ନେହୁରା ହେବା ସତ୍ତ୍ୱେ ପୋଲିସ ନାବାଳିକାକୁ ଉଦ୍ଧାର ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବା ପରିବାର ପକ୍ଷରୁ ଅଭିଯୋଗ କରି ସୋମବାର ନାବାଳିକାର ପରିବାର ରାଜନଗର ଥାନା ସମୁଖରେ ଆମରଣ ଅନଶନରେ ବସି ରହିଛନ୍ତି । ଏହି ଘଟଣାକୁ ସମର୍ଥନ କରି ଗାଁର ମହିଳାମାନେ ଆମରଣ ଅନଶନରେ ବସି ରହିଥିଲେ । ଆଇଆଇସି ନରେଶ କୁମାର ସାହୁ ନାବାଳିକାର ପରିବାର ଓ ଗାଁ ଲୋକଙ୍କ ସହ ଆଲୋଚନା କରି ଚଳିତ ମାସ ୧୦ତାରିଖ ସୁଦ୍ଧା ଝିଅକୁ ଉଦ୍ଧାର କରି ଆଣିବେ ବୋଲି ପତିଶ୍ରୁତି ଦେବା ପରେ ଆମରଣ ଅନଶନରୁ ପରିବାର ଲୋକେ ଉଠିଥିଲେ । ସୂଚନା ଯୋଗ୍ୟ ଝିଅର ବାପା ଅଭିଯୋଗ ମୁତାବକ ସାତଭାୟାରେ ରହୁଥିବା ବାଂଲା ଅନୁପ୍ରବେଶକାରୀ ଶିଶିର ଦଳାଇଙ୍କ ପୁଅ ରଶ୍ମୀରଞ୍ଜନ ଦଳାଇ ମାର୍ଚ୍ଚ ୧୩ ତାରିଖ ଦିନ ରାଜନଗର ଅଞ୍ଚଳର ନାବାଳିକାଙ୍କୁ ଅପହରଣ କରି ନେଇଛନ୍ତି । ଏ ନେଇ ରାଜନଗର ପୋଲିସ କେବଳ ନିଖୋଜ ମାମଲା କରି ଚୁପ ବସିଛି । ଝିଅ ସମ୍ପର୍କରେ ଜାଣିବାକୁ ଥାନାକୁ ଆସିଲେ ପୋଲିସ ବିରକ୍ତ ହେଉଛି ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି ।

## କଲେଜ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଧର୍ମଶାଳା,(ସବ୍ୟୁ) :ଧର୍ମଶାଳା ବ୍ଲକ ଅନ୍ତର୍ଗତ କୋଟପୁର ପଂଚାୟତ ବଜ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀ ବିଜୟ କୁମାର ସାହୁଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ଚୋଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାର କଲେଜର ପୂର୍ବତନ ଅଧ୍ୟକ୍ଷ ଅନନ୍ତ କିଶୋର ମହାନ୍ତି ଓ ପତିତପାବନ ବଳସାମନ୍ତ ଯୋଗଦେଇ ଅବସର ଗ୍ରହଣ କରିଥିବା ଶ୍ରୀ ସାହୁ ସତ୍ୟନିଷ୍ଠ ରହି ନିଜର ଗୁରୁଦାୟିତ୍ୱ ସମାପନ କରିଛନ୍ତି ବୋଲି କହିଥିଲେ। ଅଧ୍ୟାପକ ସଞ୍ଜୟ କୁମାର ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ବାବାଜୀ ଚରଣ ସାହୁ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ଅଧ୍ୟାପକ ଅମର ରଞ୍ଜନ ସାମଲ ଧନ୍ୟବାଦ ଦେଇଥିଲେ। ପରେ କଲେଜର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିବା ସହ ଏକ ଶୋଭାଯାତ୍ରାରେ ତାଙ୍କ ବାସଭବନ ପର୍ଯ୍ୟନ୍ତ ନେଥିଲେ ।

## ସାତଭାୟା ଥଇଥାନ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ସାତଭାୟା ଥଇଥାନ ଓ ପୁନଃବସତି ମଞ୍ଚ ତରଫରୁ ଏକ ୮ ଦଫା ଦାବିପତ୍ର ଜନ ଅଭିଯୋଗ ଶୁଣାଣି ଶିବିର ରେ ପ୍ରଦାନ କରାଯାଇଛି । ଏହି ଦାବିପତ୍ର ରେ ୪୦ଟି ଦଳିତ ସଂରକ୍ଷିତ ବର୍ଗର ପରିବାରକୁ ଥଇଥାନରୁ ବାଦ୍ ଦେବା ଦ୍ୱାରା ସେମାନେ ମୁଣ୍ଡ ଗୁଞ୍ଜା ଶୋଚନୀୟ ହୋଇ ପଡିଛି । ଦୀର୍ଘ ୧୦ ବର୍ଷ ହେଲା ଏମାନେ ଜିଲ୍ଲା କାର୍ଯ୍ୟାଳୟ, ମାନ୍ୟବର ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ମଧ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହି ୪୦ ପରିବାର ଥଇଥାନ ହେବା ପାଇଁ ବହୁବାର ନିବେଦନ, ୩ ଥର ଧର୍ମଘଟ, ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ବର୍ତ୍ତମାନ ର ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବା ସହିତ ତାଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଶାସନ ର ଟାଳଟୁଳ ନୀତି ପ୍ରାୟ ୧୦ ଥରରୁ ଉର୍ଦ୍ଧ୍ୱ ହେବ ଜନ ଶୁଣାଣି ଶିବିରରେ ଅଭିଯୋଗ, ପ୍ରଶାସନିକ ଅଧିକାର ତଥା ଉପ ଜିଲ୍ଲପାଳ ରାଜସ୍ୱ ଅଧିକାରୀ, ଭୂ-ଅର୍ଜନ ଅଧିକାରୀ ସେମାନଙ୍କ ଦାବିକୁ ମିଥ୍ୟା ଭାବେ ରିପୋର୍ଟ ପ୍ରଦାନ କରିବା, ତାଙ୍କୁ ଅସମ୍ମାନ ପ୍ରଦାନ କରିବା ଆଦି ଏହି ଦାବି ଗୁଡିକରେ ଉଲ୍ଲେଖ ରହିଛି । ଏମାନଙ୍କର ପରିବାର, ବରିଷ୍ଠ ବୃଦ୍ଧା, ବୃଦ୍ଧ, ମହିଳା , ଶିଶୁ ମାନେ ଅତି ଦୟନୀୟ ଅବସ୍ଥାରେ ଜୀବନ କାଟୁଛନ୍ତି । ତୁରନ୍ତ ଏମାନଙ୍କୁ ନ୍ୟାୟ ଦେବାପାଇଁ ଦଳିତ ସଂରକ୍ଷିତ ବର୍ଗ ସଂଘର ସଭାନେତ୍ରୀ ସସ୍ମିତା ମଲିକ, ବରିଷ୍ଠ ଉପଦେଷ୍ଟା ଡ଼ଃ ଧରଣୀଧର ରାଉତ ପ୍ରମୁଖ ଦାବି କରିଛନ୍ତି ।

## ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଆସାମୀ ହାଜତରେ

ରଘୁନାଥପୁର,(ସବ୍ୟୁ) :ରଘୁନାଥପୁର ଥାନା ଜଗନ୍ନାଥପୁର ବଡ଼ ପାଟଣା ଗ୍ରାମର ସ୍ୱର୍ଗତ ସୁଧିର ରଞ୍ଜନ ସାହୁଙ୍କ ପୁଅ ସତ୍ୟବ୍ରତ ସାହୁ (୩୩) ଗତକାଲି ଜନୈକା ନାବାଳିକାକୁ ଦୁଷ୍କର୍ମ କରିଥିବା ନେଇ ବିଚାର ବିଭାଗ ହାଜତକୁ ଯାଇଥିବା ପୋଲିସ ସୂତ୍ରରୁ ଜଣାଯାଇଛି । ଅଭିଯୋଗ ଅନୁଯାୟୀ, ପିଡିତାର ଘର କେନ୍ଦ୍ରାପଡା ଜିଲ୍ଲାରେ ହୋଇଥିବା ବେଳେ ତା'ର ବାପା,ମା ଓ ସାନଭାଇ ସହିତ ସେ ଆସାମୀର ଘରେ ବହୁଦିନ ଧରି ଭଡ଼ାରେ ରହି ଆସୁଥିଲେ । ଏକୁଟିଆ ସୁଯୋଗ ନେଇ ଉକ୍ତ ଭିନ୍ନକ୍ଷମ ନାବାଳିକାକୁ ସତ୍ୟବ୍ରତ ଗତକାଲି ଭୁଲାଇ ନିକଟସ୍ଥ ରେଳ ଲାଇନ କଡ ବେଲ ବିହାରୀକୁ ନେଇ ଦୁଷ୍କର୍ମ କରିଥିଲା । ଏ ବାବଦରେ ପିଡିତା ପରିବାରରେ ଜଣାଇବା ପରେ ପିଡିତାର ମା ରଘୁନାଥପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ ଅଭିଯୁକ୍ତକୁ ଗିରଫ କରି ଡ଼ାକ୍ତରୀମାଇନା ପରେ ଜଗତସିଂହପୁର ପୋକ୍ସୋ କୋର୍ଟରେ ହାଜର କରିଥିଲେ । ସେଠାରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ବିଚାର ବିଭାଗୀୟ ହାଜତକୁ ପଠା ଯାଇଥିବା ଜଣାଯାଇଛି ।

## ବାଲି ବୋଝେଇ ଟ୍ରାକ୍ଟର ଜବତ : ଦୁଇ କୋର୍ଟ ଚାଲାଣ

ବାଲିଚନ୍ଦ୍ରପୁର,(ସବ୍ୟୁ) :ବେଆଇନ ଭାବେ ବାଲି ଉତ୍ତୋଳନ କରି ପରିବହନ ସମୟରେ ଦୁଇ ଗୋଟି ଟ୍ରାକ୍ଟରକୁ ବାଲିଚନ୍ଦ୍ରପୁର ପୋଲିସ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ କଳାଶ୍ରୀ ନିକଟରୁ ଜବତ କରି ଥାନାକୁ ନେଇଛି। ଏଥିସହ ଦୁଇ ଜଣ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ ଦୀର୍ଘଦିନ ହେବ ବିରୂପା ନଦୀର ବିଭିନ୍ନ ଗ୍ରାମରୁ ଲେବର ସାହାର୍ଯ୍ୟରେ ବାଲି ଉତ୍ତୋଳନ କାର୍ଯ୍ୟ ଜାରିରହିଛି। ରବିବାର ଦୁଇଗୋଟି ବାଲି ବୋଝେଇ ଟ୍ରାକ୍ଟର ପଟ୍ଟାମୁଣ୍ଡାଇ କେନାଲ ରାସ୍ତାରେ ଯାଉଥିବା ସମୟରେ ପୋଲିସ ପେଟ୍ରୋଲିଂ ଭ୍ୟାନ ଉକ୍ତ ଗାଡ଼ି ଦୁଇଟିକୁ ଥାନାକୁ ନେଇଥିଲେ। ସେଠାରେ ଆବଶ୍ୟକୀୟ କାଗଜପତ୍ର ମଗାଯିବାରୁ ଡ୍ରାଇଭର କିମ୍ବା ମାଲିକ ଦେଇ ପାରିନଥିଲେ। ଗାଡ଼ି ଦୁଇଟିରେ ନମ୍ବର ନଥିବା ଦେଖିବାକୁ ମିଳିଛି। ତେବେ ଉଭୟ ଗାଡ଼ି ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ଥାନା କେଶ ନଂ ୧୪୯/୨୫ ରେ ବଡ଼ ବାଲିକୁଦା ଗ୍ରାମର ମନୋଜ ଦଳେଇ ଏବଂ କେଶ ନଂ ୧୫୦/୨୫ରେ କଳାଶ୍ରୀ ଗୋପାଳପୁର ଗ୍ରାମର ଚନ୍ଦନ ମଲ୍ଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସମରଜିତ୍ ନାୟକ ସୂଚନା ଦେଇଛନ୍ତି।

## ମାହାଙ୍ଗା ଇତିହାସ ପୁସ୍ତକ ଲୋକାର୍ପିତ

ମାହାଙ୍ଗା, (ସବ୍ୟୁ) : ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହୀପୁର ଅଧିନସ୍ଥ ବିଦେହୀମଠ ପରିସରରେ ମାହାଙ୍ଗା ସାହିତ୍ୟ ସମାଜ ଆନୁକୂଲ୍ୟରେ ଡ. ଏକାଦଶୀ ପ୍ରଧାନଙ୍କ ରଚିତ ମାହାଙ୍ଗା ଇତିହାସ ପୁସ୍ତକର ଲୋକର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ଜନାର୍ଦ୍ଦନ ରାଉତ, ସମ୍ମାନୀତ ଅତିଥି ଭାବେ ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନ, ଶିକ୍ଷାବିତ୍ ଡ. ଜୟରାମ ସ୍ୱାଇଁ, ରାଜ୍ୟପାଳଙ୍କ ହିନ୍ଦୀ ଅଫିସର ତଥା କବି ଡ. ନାରାୟଣ ମୁଦୁଲି, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଭକ୍ତ ଚରଣ ସାହୁ ଯୋଗଦେଇ ଡ. ଏକାଦଶୀ ପ୍ରଧାନଙ୍କ ମାହାଙ୍ଗା ଇତିହାସ ପୁସ୍ତକ ମାହାଙ୍ଗା କାହିଁକି ସାରା ଓଡିଶା ପାଇଁ ଏକ ଦସ୍ତାବିଜ ବୋଲି ମତ ପ୍ରକାଶ କରିଥିଲେ । ବରୁଣେଶ୍ୱର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଭାଗ୍ୟଧର ରାଉତଙ୍କ ସଭାପତିତ୍ୱରେ ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, କବୟିତ୍ରୀ ସୁଷମା ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତାପାଠ ଉତ୍ସବରେ ଶତାଧିକ କବି ଯୋଗଦେଇ ନିଜର ସ୍ୱରଚିତ କବିତା ପାଠ କରିଥିଲେ । ଦ୍ୱିତୀୟ ଅଧିବେଶନରେ ଡ. ଏକାଦଶୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ ଯୋଗଦେଇ ମାହାଙ୍ଗା ଇତିହାସ ପୁସ୍ତକକୁ ଲୋକାର୍ପଣ କରିଥିଲେ ।

## ଗୋଟିଏ ରାତିରେ ଦୁଇଟି ସ୍ଥାନରୁ ଚୋରି

ସାଲେପୁର,(ସବ୍ୟୁ) : କିଛିଦିନ ନିରବ ରହିବା ପରେ ପୁଣି ଲୁଟେରା ମାନେ ଖୋଲା ଚାଲେଞ୍ଜ ଦେଇଛନ୍ତି ଲୁଟେରା। ସେହି ପୁରୁଣା ଷ୍ଟାଇଲରେ ଛାତ ଉପର ବାଟେ ଘରେ ପଶି ଗୃହକର୍ତ୍ତୀ ମାଙ୍କ ମୁଣ୍ଡରେ ବନ୍ଧୁକ ଲଗାଅ ଲୁଟିନେଇଛନ୍ତି ସୁନା ଗହଣା ଓ ନଗଦ ଟଙ୍କା। ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତିରେ ନାନ୍ଦୋଳ ବଜାରରୁ ତେନ୍ତଳ ରାସ୍ତା କଡ଼ରେ ଘରକରି ରହୁଥିବା ଜୟନ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟ ର ସହକାରୀ ଶିକ୍ଷୟିତ୍ରୀ ମାନି ସିଂ ଙ୍କ ସିଡ଼ି ଘର ବାଟେ ଭିତରକୁ ପଶି ଗୃହକର୍ତ୍ରି ମାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ବା ସହିତ ଏକ ଧାରୁଆ କଟୁରି ଦେଖାଇ ଭୟଭୀତ କରିଥିଲେଛସେମାନେ ପିନ୍ଧି ଥିବା ଗୋଟିଏ ସୁନା ମଙ୍ଗଳ ସୂତ୍ର, କାନଫୁଲ ୨ ହଳ,ସୁନା ଶଙ୍ଖା ୨ହଳ ସବୁ ମିଶି ପ୍ରାୟ ୪୦ ଗ୍ରାମ ର ସୁନା ଗହଣା ସହିତ ୧୫ହଜାର ହଜାର ନେଇ ପଳାଇ ଯାଇଥିଲେ। ଗଲାବେଳେ ପୋଲିସକୁ ଖବର ଦେଲେ ଆମେ ପୁଣି କାଲି ଆସି ତୁମ କଥା ବୁଝିବୁ ବୋଲି ଧମକ ଦେଇଥିଲେ। ସେହି ରାତିରେ କଟକ ସାଲେପୁର ମୁଖ୍ୟ ରାସ୍ତାରେ ଥିବା ଏକ ତେଲ ଟାଙ୍କିରୁ ନଗଦ ଟଙ୍କା ଓ ମୋବାଇଲ ଲୁଟ ହୋଇଥିବା ଜଣା ପଡ଼ିଛି । ଆଜି ଉଭୟ ସ୍ଥାନରେ ପୋଲିସ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଥିବା ଜଣାପଡିଛି।

# ମହାବିନାୟକ ଓ ଶିଦ୍ଧେଶ୍ୱର ପୀଠରେ ଶୀତଳ ଷଷ୍ଠୀ ଓ ଶିବ ବିବାହ



ଚଣ୍ଡିଖୋଲ,(ସବ୍ୟୁ) :ରାଜ୍ୟର ପ୍ରଶିଦ୍ଧ ଶୈବ କ୍ଷେତ୍ର ଚଣ୍ଡିଖୋଲର ମହାବିନାୟକ ଓ ଚଡେଇଧରାର ଶ୍ରୀଗୁରୁ ଆଶ୍ରମ ଶିଦ୍ଧେଶ୍ୱର ପୀଠରେ ପବିତ୍ର ଶୀତଳ ଷଷ୍ଠୀ ଯାତ୍ରା ଓ ଦେବ ଦମ୍ପତ୍ତି ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଉଦଯାପିତ ହୋଇଯାଇଛି । ଇତ୍ୟବସରରେ ମହାବିନାୟକ ପୀଠରେ ପ୍ରଥାମେ ଶୀତଳଷଷ୍ଠୀ ନିତି ଓ ପରେ ଶିବ ବିବାହ ଉତ୍ସବ ସମ୍ପୂର୍ଣ୍ଣ ହୋଇଥିଲା । ବାରୁଣାବନ୍ତ ପର୍ବତ ପାଦଦେଶରୁ ରୋଷଣି ଓ ଆତସବାଜିରେ ମହାଦେବଙ୍କୁ ଏକ ସୁସୋଜିଟ ବିମାନରେ ବସାଇ ମନ୍ଦିର ପରିକ୍ରମା କରଯାଇ ବେଦୀ ମଣ୍ଡପକୁ ନିଆଯାଇଥିଲା । କନ୍ୟା ପିତାଭାବେ ଅନନ୍ତ ଚରଣ ପୃଷ୍ଟି ଓ ବରପିତା ଭାବେ ପର୍ଶୁରାମ ବିଶ୍ୱାଳ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ପଣ୍ଡିତ ନାରାୟଣ ତ୍ରିପାଠୀ, ଝୁଲିଆ ପଣ୍ଡା, ସୁରେନ୍ଦ୍ର ନାଥ ପଣ୍ଡା, ହିମାଂଶୁଶେଖର ପଣ୍ଡା ଶୀତଳଷଷ୍ଠୀ ଓ ଦେବ ଦମ୍ପତିଙ୍କ ବିବାହ ନିତି ସମ୍ପୂର୍ଣ୍ଣ କରିଥିଲେ । ସେହିପରି ଯାଜପୁର ଜିଲ୍ଲାର ଅନ୍ୟତମ ଶୈବ ପୀଠ ଚଡେଇଧରା ନିକଟ ମଧୁପୁର ବେଢା ପର୍ବତ ଶୀଖରରେ ଅବସ୍ଥିତ ଶ୍ରୀଗୁରୁ ଆଶ୍ରମର ଶିଦ୍ଧେଶ୍ୱର କ୍ଷେତ୍ରରେ ଶୀତଳଷଷ୍ଠୀ ଓ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ମହା ସମାରୋହରେ ସମ୍ପର୍ଣ୍ଣ ହୋଇଥିଲା । ଆଶ୍ରମର ବାବା ଜ୍ଞାନାନନ୍ଦ ସରସ୍ୱତୀ ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଆଧାତ୍ମିକ କାର୍ଯ୍ୟ ଓ ଦେବ ଦମ୍ପତିଙ୍କ ବିବିହ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ । ଏହି ଉପଲକ୍ଷେ ହୋମ,ମହାଦେବଙ୍କ ମହାସ୍ନାନ,ରୁଦ୍ରାଭିଷେକ ଓ ସାହାଣମେଲା ଦର୍ଶନ ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା । ଆତସବିଜୀ ଓ ଶୋଭାଯାତ୍ରାରେ ମହାଦେବଙ୍କୁ ବରବେଶରେ ବେଦୀକୁ ନିଆଯାଇ ବିବାହ ସମ୍ପନ୍ନ କରାଯାଇଥିଲା । ଏହି ଉପଲକ୍ଷେ ଭୋଜିଭାତରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା । ଦୁଇଦିନଧରି ଏଥିନେଇ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇଥିଲା ।

## ଜଳିଗଲା ଓକିଲଙ୍କ ଚାମ୍ବର

ମହାକାଳପଡ଼ା, (ସବ୍ୟୁ) :ମହାକାଳପଡ଼ା ବିଧାନସଭା କ୍ଷେତ୍ର ଅଧୀନ ମାର୍ଶାଘାଇ ତହସିଲ ସମ୍ମୁଖରେ ଥିବା କାର୍ଯ୍ୟରତ ଆଇନଜୀବି ଯଶୋବନ୍ତ ରାଉତଙ୍କ ଚାମ୍ବର ଜଳି ପାଉଁଶ ହୋଇଯାଇଛି । ଆଇନଜୀବି ଶ୍ରୀ ରାଉତଙ୍କ ଘର ମାର୍ଶାଘାଇ ଅଞ୍ଚଳ ନବରକାନରେ ବୋଲି ଜଣାପଡିଛି । ପ୍ରତ୍ୟେକ ଦିନ ଭଳି ସୋମବାର କାର୍ଯ୍ୟଦିବସ ହେତୁ ପୂର୍ବାହ୍ନରେ ତହସିଲରେ ପହଞ୍ଚି ସକାଳୁଆ ଅଫିସ ହେତୁ ବିଭିନ୍ନ ମହକିଲମାନଙ୍କ କାର୍ଯ୍ୟ ସାରି ଅପରାହ୍ନ ଦୁଇଟା ପୂର୍ବରୁ ଘଇକୁ ଫେରି ବିଶ୍ରାମ କରିଥିଲେ । ଘରେ ବିଶ୍ରାମ କରିଥିବା ସମୟରେ ତହସିଲ ପାଖ ଲୋକେ ଫୋନ ଯୋଗେ ଖବର ଦେଲେ ଯେ ତହସିଲ ଅଫିସ ପାଖ ଚାମ୍ବରଟି ଜଳୁଛି । ଖବର ପାଇଁ ଆଇନଜୀବି ପହଁଚିଲା ବେଳକୁ ନଡା ଛପର ଚାଳ ଘରି ହୁ ହୁ ହୋଇଜଳୁଛି । ଅଗ୍ନିଶମ ବାହିନୀ ପହଂଚି ଅଗ୍ନିନିର୍ବାପିତ କରିବା ପରେ ଚାମ୍ବର ଭିତରେ ଥିବା ସିଷ୍ଟମ,ଲାପଟପ, ପ୍ରିଣ୍ଟର, ଜେରକ୍ସ ମେସିନ, ବିଭିନ୍ନ ମହକିଲ ମାନଙ୍କର କବଲା, ସାର୍ଟିଫିକେଟ ଆଦି ଯାବତୀୟ କାଗଜ ପୋଡି ଯାଇଛି । ଜଳି ଯାଇଥିବା ନିଜ ବ୍ୟବହୃତ ଜିନିଷ ନେଇ ଆଇନଜୀବି ଯେତିକି ବ୍ୟସ୍ତ ନୁହଁନ୍ତି ,ମହକିଲ ମାନଙ୍କର ପୋଡ଼ିଯାଇଥିବା କାଗଜପତ୍ର ନେଇ ଆଇନୀଜୀବୀ ବହୁ ବିବ୍ରତ ଅଛନ୍ତି । ସବୁଦିନ ଭଳି ଆଜି ଚାମ୍ବର ବନ୍ଦ କରି ଯିବା ପରେ ଏଭଳି ଅଭାବନୀୟ ଘଟଣା ଘଟିବା କୁ ହଜମ କରି ପାରୁନାହାଁନ୍ତି ଆଇନଜୀବ । ଯାହା ନେଇ ଚାମ୍ବର ନିଆଁ ଲାଗିଲା କରଣ ଏଯାବତ ଅସ୍ପଷ୍ଟ. ରହିଛି ।

## ବ୍ଲକ ଅଧ୍ୟକ୍ଷାଙ୍କ ସମ୍ବର୍ଦ୍ଧନା ଓ ବିଜୟ ଶୋଭାଯାତ୍ରା

ନିଶ୍ଚିନ୍ତକୋଇଲ,(ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ ଙ୍କ ଅନାସ୍ଥା କାଟ୍ ଖାଇବାରୁ ସେ ନିଜ ପଦବୀକୁ ବଜାୟ ରଖିଛନ୍ତି । ଗତ ୩୦ତାରିଖରେ ହୋଇଥିବା ଅନାସ୍ଥା ଭୋଟରେ ସପକ୍ଷବାଦୀ ମାନେ ନଆସିବାରୁ କୋରମ୍ ଅଭାବରୁ ଭୋଟିଂ ହୋଇନଥିଲା । ଫଳରେ ନିୟମ ଅନୁଯାୟୀ ବର୍ତ୍ତମାନ ୧ବର୍ଷ ପର୍ଯ୍ୟନ୍ତ ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଆଉ ଅନାସ୍ଥା ହୋଇପାରିବ ନାହିଁ । ଏହି ପ୍ରରୀପ୍ରେକ୍ଷୀରେ ସୋମବାର ପୂର୍ବାହ୍ନରେ ବ୍ଲକ ଅଧ୍ୟକ୍ଷାଙ୍କ ପକ୍ଷରୁ ଏକ ବିଜୟ ଶୋଭାଯାତ୍ରା ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ବରିଷ୍ଠ ବିଜେଡ଼ି ନେତା ଜ୍ୟୋତିପ୍ରକାଶ ସ୍ୱାଇଁଙ୍କ ନେତୃତ୍ୱରେ ବୁହାଳୋ ଗୋଲଡ଼େନ କ୍ଲବ ନିକଟସ୍ଥ ଗୋପିନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ଏକ ବିରାଟ ମଟର ସାଇକେଲ ଶୋଭାଯାତ୍ରାରେ ଶହ ଶହ ବିଜେଡ଼ି କର୍ମୀ, ସମର୍ଥକ ଓ ପଞ୍ଚାୟତ ସମିତି ସଭ୍ୟ ସଭ୍ୟା ମାନେ ଯୋଗ ଦେଇଥିଲେ ।ବ୍ଲକ ଅଧ୍ୟକ୍ଷା ଓ ବରିଷ୍ଠ କର୍ମୀମାନେ ପ୍ରଥମେ ବଜାରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିବା ପରେ ବ୍ଲକ ଛକରେ ଥିବା ବିଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ବ୍ଲକ ଛକରୁ ଯୋରଦାର ନାରାବାଜି ଦେଇ ଓ ଆତସବାଜି ଫୁଟାଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି କାର୍ଯ୍ୟାଳୟ ପରିସରରେ ଥିବା ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଏହା ପରେ ସମ୍ମିଳନୀ କକ୍ଷରେ ଏକ ସମ୍ବର୍ଦ୍ଧନା ସଭା କରାଯାଇଥିଲା ।ଅଧ୍ୟକ୍ଷା ଶ୍ରୀମତୀ ସେଠୀ ଙ୍କ ସପକ୍ଷରେ ଥିବା ୪୨ଜଣ ପଞ୍ଚାୟତ ସମିତିସଭ୍ୟ ସଭ୍ୟା ମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ପରେ ଉପସ୍ଥିତ ଥିବା ସମସ୍ତ ପଞ୍ଚାୟତ ସମିତି ସଭ୍ୟ ସଭ୍ୟା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଚଣ୍ଡିଖୋଲ ସ୍ୱୟଂଶାସିତ କଲେଜ ଯୁକ୍ତ ୩ ପରୀକ୍ଷା ଫଳ

### କଳାରେ ଜ୍ୟୋସ୍ନା, ବିଜ୍ଞାନରେ ସୌମ୍ୟରଞ୍ଜନ ଓ ବାଣିଜ୍ୟରେ ସୋନାଲି ଟପ୍ପର

ଚଣ୍ଡିଖୋଲ,(ସବ୍ୟୁ) :ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ କଳା,ବିଜ୍ଞାନ, ବାଣିଜ୍ୟ ସମେତ ପିଜି ଓ ବୃତ୍ତିଗତ ଶିକ୍ଷାର ପରିକ୍ଷା ଫଳ ସୋମବାର ପ୍ରକାଶ ପାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ପ୍ରସନ୍ନକୁମାର ମହାପାତ୍ରଙ୍କ ଉପସ୍ଥିତିରେ ଫଳ ପ୍ରକାଶିତ ହୋଇଥିଲା । ମହାବିଦ୍ୟାଳୟର ପରୀକ୍ଷାନିୟନ୍ତ୍ରକ ମଥୁରୀ ବେହେରା ଉପ ପରୀକ୍ଷା ନିୟନ୍ତ୍ରକ ସତ୍ୟପ୍ରକାଶ ରାଉତ,ଡ ମୁକ୍ତିକାନ୍ତ ନାୟକ, ଆଡମିନିଷ୍ଟ୍ରେଟର ରଞ୍ଜୁଲତା ସାହୁ,ପଦାର୍ଥ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ବେଣୁଧର ସାମଲ, ଡ. ଦିଲ୍ଲିପ କୁମାର ନାୟକ ପ୍ରମୁଖ ପରିକ୍ଷାଫଳ ପ୍ରକାଶନ ସମୟରେ ଅଧ୍ୟକ୍ଷଙ୍କ ସହ ଉପସ୍ଥିତ ରହି ଫଳପ୍ରକାଶନ ପୁସ୍ତିକାକୁ ଉନ୍ମୋଚନ କରିଥିଲେ । ଚଳିତ ବର୍ଷ୩ କଳାରେ ଶତକଡା ୯୭.୪ ବିଜ୍ଞାନରେ ଶତକଡା ୯୪.୩, ବାଣିଜ୍ୟରେ ଶତକଡା ୮୬.୮ ପାସ୍ ହାର ରହିଥିବା ବେଳେ ବୃତ୍ତିଗତ ଶିକ୍ଷାରେ ଶତକଡା ୮୮.୪ ଓ ପିଜିରେ ଶତ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି । କଳାରେ ସମାଜବିଜ୍ଞାନ ଛାତ୍ରୀ ଜ୍ୟୋସ୍ନା ସାହାଣୀ (୯୦.୩୫%) ବିଜ୍ଞାନରେ ଗଣିତ ବିଭାଗର ଛାତ୍ର ସୌମ୍ୟ ରଞ୍ଜନ ଜେନା (୯୦.୮୫%) ଓ ବାଣିଜ୍ୟରେ ସୋନାଲି ପ୍ରିୟଦର୍ଶନୀ ରାଉତ ୮୦.୬୩ % ନମ୍ବର ରଖି ଟପ୍ପର ହୋଇଥିବା ବେଳେ ବୃତ୍ତିଗତ ଶିକ୍ଷାରେ ରାମ ନାରାୟଣ ମଲ୍ଲିକ, ଆରଏମ୍ ଛାତ୍ରୀ ହରପ୍ରିୟା ନାୟକ ଟପ୍ପର ହୋଇଛନ୍ତି । ସେହିପରି ପିଜି (ସ୍ନାତକୋତ୍ତର) ଶିକ୍ଷାର ବାଣିଜ୍ୟ ବିଭାଗର ଛାତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ଓ ଶିକ୍ଷା ସ୍ନାତକୋତ୍ତର ଛାତ୍ରୀ ଶୁଭଶ୍ରୀ ଜେନା ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଚଳିତ ବର୍ଷ ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକ ଭାବେ ଗଣିତ ବିଭାଗର ଛାତ୍ର ସୌମ୍ୟରଞ୍ଜନ ଜେନା ଯୋଗ୍ୟତା ଅର୍ଜନ କରିଛନ୍ତି । ଚଳିତ ବର୍ଷ ନୃତତ୍ୱ ବିଭାଗର ଜ୍ୟୋତି ପ୍ରକାଶ ନାୟକ, ଅର୍ଥନୀତି ବିଭାଗରେ ଶୁଭ୍ରାଂଶୁ ମହାରଣା, ଶିକ୍ଷାରେ ଅର୍ଚ୍ଚନା ରାଉତ, ଇଂରାଜୀରେ ଐଶ୍ୱର୍ଯ୍ୟା ସ୍ମୃତିରଶ୍ମି ନାଥ, ଇତିହାସରେ ଦୀପ୍ତିମୟୀ ରାଉତ, ଓଡିଆ ଭାଷା ସାହିତ୍ୟରେ ସୋନାଲିକା ବେହେରା, ରାଜନୀତି ବିଜ୍ଞାନରେ ରବୀନ୍ଦ୍ର କୁମାର ତ୍ରିପାଠୀ ,ସଂସ୍କୃତରେ ମନୋଜକୁମାର ରାଉତ,ସମାଜ ବିଜ୍ଞାନରେ ଜ୍ୟୋସ୍ନା ସାହାଣୀ, ଉଦ୍ଭିଦ ବିଜ୍ଞାନରେ ଅମ୍ରିତା ଜେନା,ରସାୟନ ବିଜ୍ଞାନରେ ଶୁଭସ୍ମିତା ମହାନ୍ତି, ଭୂତ୍ ବିଭାଗରେ ଶୁଭଶ୍ରୀ ଆଚାର୍ଯ୍ୟ,ପଦାର୍ଥ ବିଜ୍ଞାନରେ ସଂଗ୍ରାମ ମହାନ୍ତି, ପ୍ରାଣୀ ବିଜ୍ଞାନରେ ସୁଭାଷ କୁମାର ସାହୁ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଥିବା ଜଣାପଡିଛି ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅଂଚଳ ଦିବାରାତ୍ରୀ ଚୋରା ବାଲି ଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମଂଚଳ ଠାରୁ ରାଜପଥ ପ୍ରତ୍ୟେକ ରାସ୍ତାରେ ବେନିୟମ ଭାବେ ଭାରିଯାନରେ ବାଲି ଚାଲାଣ କରାଯାଉଛି। କେତେବେଳେ କେମିତି ଖଣି ବିଭାଗ ଓ ପୁଲିସ ଗାଡି ଧରି ତାର କାମ ସାରୁଛି । ସମୁଦ୍ରକୁ ଶଙ୍ଖେ ଭଳି ବାଲି ଗାଡି ଧରୁଛି ଖଣି ବିଭାଗ । ଆଜି ଖଣି ବିଭାଗ ପକ୍ଷରୁ ପାଣିକୋଇଲି ଆଙ୍କୁଲା ରାସ୍ତାର ନମିଟିକରି ଗ୍ରାମ ପାଖରେ ଚଢାଉ କରାଯାଇ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟରକୁ ଖଣିବିଭାଗ ଧରିବାରେ ସକ୍ଷମ ହୋଇଛି । ଚଢାଉ ସମୟରେ ବାଲିର କୌଣସି ଟିପି ନଥିବାରୁ ବେଆଇନ ଚାଲାଣ ହେଉଥିବା ଜଣାପଡିଥିଲା । । ଜୁନିଅର ଖଣି ଅଧିକାରୀ ଦିପ୍ତା ସୁନ୍ଦର ସେଠୀ, ଛାୟାକାନ୍ତ ମହନ୍ତ ଓ ପୁଲିସ ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ ।

## ସଞ୍ଜୁ ଡ୍ୟାନ୍ସ ସ୍କୁଲ ପ୍ରଥମ ବାର୍ଷିକ ରଜ ଉତ୍ସବ ଉପଲକ୍ଷେ ନାଚ ପ୍ରତିଯୋଗିତା

ଯାଜପୁର,(ସବ୍ୟୁ) : ସଞ୍ଜୁ ଡ୍ୟାନ୍ସ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ଉପଲକ୍ଷେ ଜୁନ ୧୪ତାରିଖରେ ଏକ ନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଖୁବକମ୍ ବୟସରୁ ସଞ୍ଜୟ ଦାଶ ଏହି ଡ୍ୟାନ୍ସ ସ୍କୁଲ ଖୋଲିଥିଲେ । ଯାହା ଆଜକୁ ଏକ ବର୍ଷ ପୂରଣ ହେବାକୁ ଯାଉଛି। ସେହି ଉପଲକ୍ଷେ ନାଚ ପ୍ରତିଯୋଗିତା କରିବାକୁ ଯାଉଛି । ଏହି ପ୍ରତିଯୋଗିତା ବିଜୁ କଲ୍ୟାଣମଣ୍ଡପ, ଥାଲକୁଡ଼ି, ମଙ୍ଗରପୁର ଠାରେ ୧୪.୦୬. ୨୦୨୫ (ଶନିବାର) ଦିନ ସକାଳ ୯ଘଟିକାରେ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଇଚ୍ଛୁକ ଥିବା ପ୍ରତିଯୋଗୀମାନେ ସେମାନଙ୍କ ନାମ ପଞ୍ଜିକରଣ ପାଇଁ ୮୬୫୮୯୦୭୦୦୮ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ଏହି ପ୍ରତିଯୋଗିତାରେ ଯେଉଁମାନେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିବେ ସେମାନଙ୍କୁ ଆର୍ଥିକ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସଞ୍ଜୟ ଦାଶ କହିଛନ୍ତି। ଏହି ଡ୍ୟାନ୍ସ ସ୍କୁଲ ଖୋଲି ସଞ୍ଜୟ ଅଳ୍ପଦିନ ଭିତରେ ପରିଚିତ ହୋଇପାରିଛନ୍ତି। ଏହି ସ୍କୁଲରେ ଶିଖୁଥିବା ସମସ୍ତ ଛାତ୍ର-ଛାତ୍ରୀ ବିଭିନ୍ନ ସ୍ଥାନକୁ ମଧ କାର୍ଯ୍ୟକ୍ରମ କରିବାକୁ ଯାଉଛନ୍ତି। ୧୪ତାରିଖ ଦିନ ରଜପର୍ବ ଉପଲକ୍ଷେ ସେହିଦିନ ଏହି ପ୍ରତିଯୋଗିତା କରିବାକୁ ସ୍ଥିର କରାଯାଇଛି। ଇଚ୍ଛୁକ ଥିବା କଳାକାର ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଅନୁରୋଧ କରାଯାଇଛି। ଏହି ପ୍ରତିଯୋଗିତା ପାଇଁ କୌଣସି ବୟସ ପ୍ରତିବନ୍ଧକ ନାହିଁ । ଇଚ୍ଛୁକ ଥିବା ପ୍ରତିଯୋଗୀ ଦିଆଯାଇଥିବା ଯୋଗାଯୋଗ ନମ୍ବରରେ ସେମାନଙ୍କ ନାମ ଯଥାଶୀଘ୍ର ପଞ୍ଜିକରଣ କରିବାକୁ ଅନୁରୋଧ ।


# ଏସଭିଏମ କଲେଜ ତୃତୀୟ ବର୍ଷ ସ୍ନାତକ ପରୀକ୍ଷା ଫଳ ପ୍ରକାଶିତ

## ବିଜ୍ଞାନରେ ରନ୍ଶ୍ରୀ, କଳାରେ ସନ୍ଧ୍ୟା ଶ୍ରାବଣୀ ଓ ବାଣିଜ୍ୟରେ ମିର୍ଜା ରାହିଲ ଟପ୍ପର



ଜଗତସିଂହପୁର, (ସବ୍ୟୁ) :ସୋମବାର ଜଗତସିଂହପୁର ଜିଲ୍ଲାର ସର୍ବ ପୁରାତନ ଓ ପ୍ରତିଷ୍ଠିତ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟର(ଏସଭିଏମ କଲେଜ) ଚଳିତ ବର୍ଷର ତୃତୀୟ ବର୍ଷ ସ୍ନାତକ ପରୀକ୍ଷା ଫଳ ପ୍ରକାଶିତ ହୋଇଛି ।ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସୁଜାତା ଓତା ଆନୁଷ୍ଠାନିକ ଭାବରେ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚନ କରିଥିଲେ ।ଏହି ତୃତୀୟ ବାର୍ଷୀକ ସ୍ନାତକ ପରୀକ୍ଷା କଳାରେ ଶତକଡା ୯୨.୧, ବିଜ୍ଞାନରେ ଶତକଡା ୯୩.୨, ବାଣୀଜ୍ୟରେ ଶତକଡା ୯୦.୯, ବିବିଏ ଓ ବିସିଏରେ ୯୬.୮ ଶତକଡା ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ବିଜ୍ଞାନ ବିଭାଗରେ ରନ୍ଶ୍ରୀ ମିଶ୍ର (ଗଣିତ ଅନର୍ସ, ୯.୭୨ସିଜିପିଏ)ଟପ୍ପର ହୋଇଥିବା ବେଳେ କଳାରେ ସନ୍ଧ୍ୟା ଶ୍ରାବଣୀ ମହାପାତ୍ର (ସଂସ୍କୃତ ଅନର୍ସ, ୯.୩୨ ସିଜିପିଏ)ଓ ବାଣିଜ୍ୟରେ ମିର୍ଜା ରାହିଲ ବେଗ(୮.୭୬ସିଜିପିଏ) ଟପ୍ପର ହୋଇଥିବା ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି । ବିବିଏ ଟପର ଭାବରେ ଜନ୍ମେଜୟ ପରିଡା (୮.୪୨ସିଜିପିଏ) ଓ ବିସିଏ ଟପର ଭାବରେ ଫାଲଗୁନି ପ୍ରୀୟଦର୍ଶୀନୀ ମହାନ୍ତି (୯.୧୩ ସିଜିପିଏ)ହୋଇଛନ୍ତି ।ବେଷ୍ଟ ଗ୍ରାଜୁଏଟ ଅପ ଦ କଲେଜ ବା ମହାବିଦ୍ୟାଳୟ ଟପ୍ପର ଭାବରେ ଗଣିତ ଅନର୍ସ ବିଭାଗର ଛାତ୍ରୀ ରନ୍ଶ୍ରୀ ମିଶ୍ର ଗୌରବ ଅର୍ଜନ କରିଛନ୍ତି ।ସେ ଗଣିତ ଅନର୍ସରେ ୯.୭୨ ସିଜିପିଏ ନମ୍ବର ରଖି ମହାବିଦ୍ୟାଳୟର ସୁନାମ ଆଣିଛନ୍ତି ।ଚଳିତ ବର୍ଷ ତୃତୀୟ ବାର୍ଷିକ ସ୍ନାତକ କଳା ପରୀକ୍ଷାରେ ମୋଟ ୨୨୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୧୧ ଜଣ କୃତକାର୍ଯ୍ୟ ହୋଇଛନ୍ତି । କଳାରେ ପ୍ରଥମ ଶ୍ରେଣୀରେ ୧୭୧ ଜଣ, ଦ୍ୱିତୀୟ ଶ୍ରେଣୀରେ ୪୦ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୧୩୪ ଜଣ ଡିଷ୍ଟିଙ୍କସନ ସହିତ କୃତକାର୍ଯ୍ୟ କରିଛନ୍ତି ।ସେହିପରି ତୃତୀୟ ବାର୍ଷିକ ସ୍ନାତକ ବିଜ୍ଞାନ ପରୀକ୍ଷାରେ ମୋଟ ୨୨୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୦୬ ଜଣ କୃତକାର୍ଯ୍ୟ ହୋଇଛନ୍ତି ।ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ୧୯୧ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୫ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୧୨୧ ଜଣ ଡିଷ୍ଟିଙ୍କସନ ସହିତ କୃତକାର୍ଯ୍ୟ ହୋଇଛନ୍ତି ।ତୃତୀୟ ବାର୍ଷିକ ସ୍ନାତକ ବାଣିଜ୍ୟ ପରୀକ୍ଷାରେ ମୋଟ ୨୪୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୨୨ ଜଣ କୃତକାର୍ଯ୍ୟ ହୋଇଛନ୍ତି ।ବାଣିଜ୍ୟରେ ପ୍ରଥମ ଶ୍ରେଣୀରେ ୧୩୮ ଜଣ, ଦ୍ୱିତୀୟ ଶ୍ରେଣୀରେ ୮୪ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୧୦୧ ଜଣ ଡିଷ୍ଟିଙ୍କସନ ସହିତ କୃତକାର୍ଯ୍ୟ କରିଛନ୍ତି ।ସେହିପରି ବିବିଏରେ ପରୀକ୍ଷାରେ ମୋଟ ୩୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୭ ଜଣ କୃତକାର୍ଯ୍ୟ ହୋଇଛନ୍ତି ।ବିବିଏରେ ପ୍ରଥମ ଶ୍ରେଣୀରେ ୨୩ ଜଣ, ଦ୍ୱିତୀୟ ଶ୍ରେଣୀରେ ୦୪ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୧୭ ଜଣ ଡିଷ୍ଟିଙ୍କସନ ସହିତ ପାସ୍ କରିଛନ୍ତି ।ସେହିପରି ବିସିଏରେ ପରୀକ୍ଷାରେ ମୋଟ ୬୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୫୭ ଜଣ କୃତକାର୍ଯ୍ୟ ହୋଇଛନ୍ତି ।ବିସିଏରେ ପ୍ରଥମ ଶ୍ରେଣୀରେ ୫୬ ଜଣ, ଦ୍ୱିତୀୟ ଶ୍ରେଣୀରେ ୦୧ ଜଣ ପାସ୍ ହୋଇଥିବା ବେଳେ ୨୭ ଜଣ ଡିଷ୍ଟିଙ୍କସନ ସହିତ ପାସ୍ କରିଛନ୍ତି ।ମୋଟ ଉପରେ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଚଳିତ ବର୍ଷ ୭୮୧ ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୨୩ ଜଣ କୃତକାର୍ଯ୍ୟ ହୋଇଛନ୍ତି ଯାହାକି ୯୨.୫ ପ୍ରତିଶତ ରେଜଲ୍ଟ ହୋଇଥିବା ଜଣାଯାଇଛି । ଏହି ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କାର୍ଯ୍ୟକ୍ରମରେ ପରୀକ୍ଷା ନିୟନ୍ତ୍ରିକା ଡକ୍ଟର ମନୋଜା ମଞ୍ଜରୀ ସ୍ୱାଇଁ,ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ଶୈକ୍ଷିକ ଅଧିକାରୀ ପ୍ରାଧ୍ୟାପକ ଅନନ୍ତ ଚରଣ ଆଚାର୍ଯ୍ୟ, ସହ ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ଅସିତ ରଞ୍ଜନ ମହାପାତ୍ର, ଉପପରୀକ୍ଷା ନିୟନ୍ତ୍ରୀକା ଅଧ୍ୟାପିକା ଅମୃତା ମହାନ୍ତି, ଅଧ୍ୟାପକ ଅମିତାଭ ସ୍ୱାଇଁ, ବରିଷ୍ଠ ପ୍ରାଧ୍ୟାପକ ସତ୍ୟଜିତ ସାହୁ, ଅଧ୍ୟାପକ ବିବେକାନନ୍ଦ ରଣା, ମିଡିଆ ସେଲ ମୁଖ୍ୟ ଅଧ୍ୟାପକ ଶୁଭ୍ରମୌଳି ନନ୍ଦ, ଅଧ୍ୟାପକ ନିହାର ରଞ୍ଜନ ସ୍ୱାଇଁ, କନିଷ୍ଠ ସହାୟକ ବିଶ୍ୱ ବିକାଶ ସ୍ୱାଇଁ, ମୁଖ୍ୟ କିରାଣି ରମେଶ ଚନ୍ଦ୍ର ଦାସ, ବିଶ୍ୱ ରଞ୍ଜନ ବାରିକ, ଅସୀମ ଅମିତାଭ ଲେଙ୍କା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଆଦର୍ଶ ଶିକ୍ଷକ ହରିହର ପଣ୍ଡାଙ୍କ ପରଲୋକ



କେନ୍ଦ୍ରାପଡା,(ସବ୍ୟୁ) : ବଳଦେବ ଜୀୟୁଙ୍କ ସେବକ, କେନ୍ଦ୍ରାପଡା ପୌରପରିଷଦର ପୂର୍ବତନ ସଭ୍ୟ ତଥା ଅଞ୍ଚଳର ଆଦର୍ଶ ଶିକ୍ଷକ ହରିହର ପଣ୍ଡାଙ୍କ ସୋମବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା । ସେ ଦିର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପିଡିତ ଥାଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିସିତ ହେଉଥିଲେ । ତାଙ୍କ ଗ୍ରାମ ଟାଉନ ବଳରାମପୁର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ତାଙ୍କ ପରଲୋକଗତ ଖବର ପ୍ରଘଟ ହେବା ପରେ ତାଙ୍କ ବଳରାମପୁର ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଁଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ । କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ତରାଇ, ସିପ୍ରା ମଲ୍ଲୀକ, ସଞ୍ଜୟ ରାଉତ, ସମୀର ଚାନ୍ଦ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଦେବବ୍ରତ ବେହେରା, ପୁଷ୍ପିତା ଦାସ, ହୃଷିକେଶ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିବା ସହିତ ଅମର ଅତ୍ମାର ସଦ୍‌ଗତି କାମନା କରିଛନ୍ତି । ତାଙ୍କ ପରଲୋକରେ ତାଙ୍କ ଗ୍ରାମ ବଳରାମପୁର ସମେତ ସମଗ୍ର କେନ୍ଦ୍ରାପଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ପତ୍ନୀଙ୍କ ହତ୍ୟା ଅଭିଯୋଗ, ସ୍ୱାମୀ ଅଟକ

ଭୁବନେଶ୍ୱର, (ସବ୍ୟୁ) : ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିହାଣିରେ ନନ୍ଦିତା ବେହେରା ନାମକ ଜଣେ ମହିଳା ସ୍ୱାମୀଙ୍କ ସହ ଭଡାରେ ରହୁଥିଲେ । ସ୍ୱାମୀ ଘରେ ନଥିବା ବେଳେ ସେ ଗାଧୁଆ ଘରେ ଆତ୍ମହତ୍ୟା କରିଥିବା ସ୍ୱାମୀ କହୁଥିବା ବେଳେ ନନ୍ଦିତାଙ୍କ ବାପଘର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି ।

ଅଭିଯୋଗ ଆଧାରରେ ପୋଲିସ ନନ୍ଦିତାଙ୍କ ସ୍ୱାମୀଙ୍କୁ ଅଟକ ରଖିଛି । କାରଣ ସେ ନନ୍ଦିତାଙ୍କ ଶବକୁ ପୋଲିସକୁ ନଜଣାଇ ଗାଧୁଆ ଘରୁ ନେଇ ହସ୍ପିଟାଲକୁ ଯାଇଥିଲେ । ହସ୍ପିଟାଲରେ ଡାକ୍ତର ନନ୍ଦିତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପରିବାର ଲୋକେ ପହଞ୍ଚିବା ପରେ ମଞ୍ଚେଶ୍ୱର ଥାନାରେ ହତ୍ୟା ଅଭିଯୋଗ କରିଛନ୍ତି । ସ୍ତ୍ରୀର ଶବକୁ ଛାଡି ସ୍ୱାମୀ ଫେରାର ହୋଇଯାଇଥିବା କୁହାଯାଉଥିବା ବେଳେ ପୋଲିସ ତାକୁ ଅଟକ ରଖି ପଚରାଉଚରା କରୁଛି । କାରଣ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ କଳିଝଗଡା ହେବାରୁ ଏହି ଘଟଣା ଘଟିଥିବା କୁହାଯାଉଛି । ପୋଲିସ କହିବାନୁଯାୟୀ ହତ୍ୟା ମାମଲା ରୁଜୁ ହୋଇଥିଲେ ମଧ୍ୟ ବ୍ୟବଚ୍ଛେଦ ରିପୋର୍ଟକୁ ଆଧାର କରି ମାମଲାର ଅଗ୍ରଗତି ହେବ ।

# ପିକ୍ଅପ ଧକ୍କାରେ ୩ ବାଇକ୍ ଆରୋହୀ ଗୁରୁତର

ବଳଙ୍ଗା,(ସବ୍ୟୁ): ପୁରୀ ଜିଲ୍ଲା ବଳଙ୍ଗା ଥାନା ଅନ୍ତର୍ଗତ ନିମାପଡ଼ା – ପିପିଲି ମୁଖ୍ୟ ରାସ୍ତାରେ ସୋମବାର ମଧ୍ୟାହ୍ନରେ ଗୋଡିମାଳ ପେଟ୍ରୋଲ ପମ୍ପ ନିକଟସ୍ଥ ସାଇ କଲ୍ୟାଣ ମଣ୍ଡପ ସମ୍ମୁଖରେ ଏକ ଅଜଣା ପିକ ଅପ ଗାଡ଼ି ଗୋଟିଏ ବାଇକକୁ ଧକ୍କା ଦେବାରୁ ବାଇକରେ ବସିଥିବା ୩ ଜଣ ସାଙ୍ଗ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ସୋମବାର ମଧ୍ୟାହ୍ନରେ ନିମାପଡ଼ା ପଟୁ ତିନିଜଣ ସାଙ୍ଗ ପିପିଲି ଆସୁଥିବା ବେଳେ ସାଇକଲ୍ୟାଣ ମଣ୍ଡପ ସମ୍ମୁଖରେ ପିପିଲି ପଟୁ ଏକ ପିକ ଅପ ଗାଡ଼ି ଧକ୍କଦେଇ ଘଟଣା ସ୍ଥଳରୁ ଦୃତ ଗତିରେ ଚାଲିଗଲା। ଫଳରେ ସେମାନେ ରାସ୍ତାରେ ରକ୍ତାକ୍ତ ଅବସ୍ଥାରେ ଗୁରତର ହୋଇ ପଡ଼ିରହିଥିଲେ। ଗାଡ଼ି ଧକ୍କାଶବ୍ଦ ଶୁଣି ସ୍ଥାନୀୟ ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପିପିଲି ଡାକ୍ତର ଥାନାକୁ ପଠାଇ ଥିଲେ ଓ ପରେ ଅସ୍ଥା ଗୁରୁତର ହେବାରୁ ଭୁନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ବଳଙ୍ଗା ପୋଲିସ ଖବର ପାଇ ଗାଡ଼ିକୁ ଜବତ କରି ଥାନାକୁ ଆଣିବା ପରେ ତଦନ୍ତ ଜାରି ରଖିଛି। ଗୁରୁତରମାନଙ୍କ ପରିଚୟ ମିଳି ନ ଥିଲା ବେଳେ ସେମାନଙ୍କର ଘର ଜଶୁଆପୁର, ହରିପୁର,ବାଲିପାଟଣା, ନିମାପଡ଼ା ଅଞ୍ଚଳର ହୋଇଥିବା ନେଇ ସୂଚନା ମିଳିଛି।

# କଣାସ ଥାନା ଆଗରେ ଧାରଣା

କଣାସ,(ସବ୍ୟୁ) : ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ଗଡ ବଡପୁଟ ଗ୍ରାମର ବାଦଲ ବଳ ସେହି ଗ୍ରାମର ଉଷାରାଣୀ ବଳବନ୍ତରାୟଙ୍କର ଗୃହ ସୀମାକୁ ଭର୍ତ୍ତି କରି ବିବାଦ ଉପୁଜିଥିଲା। ଏ ନେଇ ବାଦଲ ବଳବନ୍ତରାୟ ଉଷାରାଣୀ ଓ ତାଙ୍କ ପରିବାରକୁ ସାମାନ୍ୟ ଆକ୍ରମଣ କରିଥିଲେ। ଫଳରେ ଉଷାରାଣୀ ଥାନାରେ ଅଭିଯୋଗ କରିଥିଲେ।ଏ ନେଇ କଣାସ ଥାନା ବାଦଲଙ୍କୁ ଡକାଇ ପଚରା ଉଚରା କରିଥିଲେ। ଏ ସଂକ୍ରାନ୍ତରେ ଗଡ ବଡପୁଟ ସରପଞ୍ଚଙ୍କ ପ୍ରତିନିଧି ବାପି ଗୁମାନସିଂହ ଓ ଅନ୍ୟ କେତେକ ଭଦ୍ରଲୋକଙ୍କ ହସ୍ତକ୍ଷପରେ ସମସ୍ୟାର ସମାଧାନ କରିବାପାଇଁ ଉଭୟ ପକ୍ଷଙ୍କ ସହମତି ଲୋଡ଼ିବାପରେ କଣାସ ଥାନାରେ ଲିଖିତ ଆକାରରେ ଜଣାଇ ଦିଆଯାଇଥିଲା। ଫଳରେ କଣାସ ଥାନା ଉଭୟ ପକ୍ଷଙ୍କୁ ସମାଧାନ ନିମନ୍ତେ ଭଦ୍ର ଲୋକଙ୍କ ଜିମାରେ ଛାଡ଼ିଦେଇଥିଲେ। ବିଶେଷ ସୂତ୍ରରୁ ଜଣାପଡିଛି ଯେ ବାଦଲ ନାଁରେ ଏକାଧିକ ସଙ୍ଗୀନ ଅପରାଧ ରହିଛି।ମାତ୍ର ବିଡମ୍ବନାର ବିଷୟ ସୋମବାର ଅପରାହ୍ନ୨ଟାରେ ବିଜୟ ମହାରଥୀ , ବନ୍ଧୁଜା ଉପାଧ୍ୟୟଙ୍କ ନେତୃତ୍ୱରେ ବାଦଲ ଓ ତାଙ୍କ ପରିବାର କଣାସ ଥାନାରେ ବାଦଲ ର୍ନିଦୋଷ ବୋଲି ଧାରଣାରେ ବସିଛନ୍ତି।

## ରଣପୁର ଏନଏସି ବିରୋଧରେ ଦୁର୍ନୀତି ଅଭିଯୋଗ

# ନିରପେକ୍ଷ ତଦନ୍ତ ଦାବି କରି ଧାରଣା

ରଣପୁର,(ସବ୍ୟୁ) : ନୟାଗଡ଼ ଜିଲ୍ଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)ବିରୋଧରେ ଅନ୍ୟାୟ ଓ ଦୁର୍ନୀତି ଅଭିଯୋଗ କରି କିଛି କାଉନସିଲର ଓ ଉପାଧ୍ୟକ୍ଷ ସମେତ ତାଙ୍କ ସମର୍ଥକ ସୋମବାର ଦିନ ଅଫିସ ସମୁଖରେ ଧାରଣା ଦେଇଥିଲେ ।ପରେ ଜିଲ୍ଲା ପ୍ରଶାସନ ନିରପେକ୍ଷ ତଦନ୍ତ ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି। କିନ୍ତୁ ଅଧକ୍ଷା ଏହି ଦୁର୍ନୀତି ଅଭିଯୋଗକୁ ଖଣ୍ଡନ କରିବା ସହିତ ଏହା ଅମୂଳକ ଓ ଭିତ୍ତିହୀନ ବୋଲି କହିଛନ୍ତି। ଯାହାକୁ ନେଇ ରଣପୁର ଏନଏ ସିରେ ଚର୍ଚ୍ଚା ବିଷୟ ପାଲଟିଛି ।ତେବେ ଉଭୟ କାଉନସିଲର ଅଧକ୍ଷା ଓ ଉପାଧ୍ୟାକ୍ଷା ସମସ୍ତେ ବିଜେଡ଼ିର ୀ ଅଭିଯୋଗ କାରୀ କାଉନସିଲରମାନଙ୍କ ଅଭିଯୋଗ ଅନୁସାରେ ରଣପୁର ଏନଏସି ୧୫ଗୋଟି ୱାର୍ଡ କୁ ନେଇ ଗଠିତ ହୋଇଥିବା ବେଳେ ୧୫ ଜଣ କାଉନସିଲର ର୍ନିବାଚିତ ହୋଇଛନ୍ତ।କିନ୍ତୁ ଏନ.ଏସି ଅଧକ୍ଷା ଓ ତାଙ୍କ ସ୍ୱାମୀ ଚକ୍ରାନ୍ତ କରି କାର୍ଯ୍ୟର୍ନିବାହୀ ଅଧିକାରୀଙ୍କୁ ପ୍ରଲୋଭିତ କରାଇ କାଉସିଲରମାନଙ୍କୁ ଜାଣି ଶୁଣି ହଇରାଣ କରିବା ସହିତ ବିନାଟେଣ୍ଡର କାର୍ଯ୍ୟ କରିବା ନକଲ ଦସ୍ତଖତ କରି ସଭାବହି ପ୍ରସ୍ତୁତ କରିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ବ୍ୟାପକ ଅର୍ଥ ହେରେଫେର କରୁଛନ୍ତି।



ପରିଷଦର ବିନାନୁମୋଦନରେ ସ୍ୱିଟପ କାର୍ଯ୍ୟଦେଶ ଦେଇ ଟଙ୍କା ହଡପକରିବା, ବିଜ୍ଞାପିତ ଅଞ୍ଚଳ ପରିଷଦର କୌଣସି ଷ୍ଟାଣ୍ଡିଙ୍ଗ କମିଟି ଗଠନ ନକରିବା ଆଦି ବିଭିନ୍ନ ଅଭିଯୋଗ ଆଣି ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ସହିତ ସୋମବାର ସକାଳ ସାତ ଟାରେ ବିଜ୍ଞାପିତ ଅଫିସ ସମୁଖରେ ଧାରଣାରେ ବସିଥିଲେ ।ଖବର ପାଇଁ ଅପରାହ୍ନ ୩ଟାରେ ଜିଲ୍ଲାମୁଖ୍ୟ ପ୍ରଶାସନ ଅଧିକାରୀ ପିଡି ଡୁଡ଼ା ଲଗ୍ନଜିତ ରାଉତ ଓ ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ ଧାରଣା ସ୍ଥଳରେ ପହଞ୍ଚି କାଉନସିଲର ମାନଙ୍କୁ ବୁଝା ସୁଝା କରିବା ସହିତ ଆଗାମୀ ଦୁଇ ଦିନ ଭିତରେ କମିଟି ଗଠନ କରି ନିରପେକ୍ଷ ତଦନ୍ତ କରିବା ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିଶୃତି ଦେବା ପରେ ଧାରଣା ହଟିଥିଲା ।ତେବେ ରଣପୁର ଏନଏସି ଅଧକ୍ଷା ଏହି ସବୁ ଦୁର୍ନୀତି ଅଭିଯୋଗକୁ ଅମୂଳକ ଓ ଭିତ୍ତିହୀନ କହିବା ସହିତ ସମସ୍ତ ଅଭିଯୋଗର ନିରପେକ୍ଷ ତଦନ୍ତ କୁ ସହଯୋଗ କରିବା ପାଇଁ ପ୍ରସ୍ତୁତ ବୋଲି କହିଛନ୍ତି।

## ଶିକାରୀ ଗୁଳିରେ ସହଯୋଗୀ ମୃତ୍ୟୁ ଘଟଣା

# ପ୍ରମାଣ ନଷ୍ଟ ଅଭିଯୋଗରେ ୮ଗିରଫ

ଓଡ଼ଗାଁ, (ସବ୍ୟୁ) : ନୟାଗଡ ଜିଲ୍ଲା, ଶରଣକୁଳ ପଞ୍ଚିରିଦା ବନାଞ୍ଚଳ୍ ଅନ୍ତର୍ଗତ ସଂରକ୍ଷିତ ଗୋଛା ଜଙ୍ଗଲରେ ଶିକାରୀ ଗୁଳିରେ ସହଯୋଗୀର ମୃତ୍ୟୁ ଘଟଣାର ଚାରିଆଡ଼େ ଚର୍ଚ୍ଚା ଲୋକଙ୍କ ମଧ୍ୟରେ ଥମିବାର ନାଁ ' ଧରୁନି । ଘଟଣାସ୍ଥଳରେ ଶରଣକୁଳ ପୋଲିସ ପହଁଚି, ଜଙ୍ଗଲ ମଧ୍ୟରେ ଖାନତଲାସିକରି ଅର୍ଦ୍ଧଦଗ୍ଧ ଶବକୁ ଜବତ କରିଥିଲା । ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ତରବରିଆଭାବେ ପୋଡ଼ି ଦେଉଥିବା ଅଭିଯୋଗରେ ପୋଲିସ ସଂପୃକ୍ତ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କହିଛି । ପୋଲିସ ସୁଚନାନୁଯାୟୀ ଗତ ଶୁକ୍ରବାର ରାତି, ଏହି ଥାନା ତଥା କଜଳାଇପଲୀ ପଞ୍ଚାୟତର ବଧୀସାହି ଗ୍ରାମର ସନ୍ତୋଷ ସାହୁ ଓ ମିଟୁ ପ୍ରଧାନ ଗୋଛା ଜଙ୍ଗଲକୁ ଶିକାରକରି ଯିବାକୁ ଯୋଜନାକରି , ସାଙ୍ଗରେ ଗୋଛା ଗ୍ରାମର ସୂର୍ଯ୍ୟମଣି ପ୍ରଧାନକୁ ଶିକାରଲାଗି ନେଇଥିଲେ । ଶିକାର କରୁଥିବାବେଳେ ଏକ ଗୁଳି ଯାଇ ସୂର୍ଯ୍ୟମଣିଙ୍କ ମୁଣ୍ଡରେ ବାଜିଥିଲା । ଘଟଣାସ୍ଥଳରେ ସୁର୍ଯ୍ୟମଣିଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା । ଘଟଣାକୁ ଚପାଇଦେବାକୁ ଅଭିଯୁକ୍ତଙ୍କ ପରିବାର, ସୂର୍ଯ୍ୟମଣିଙ୍କ ପରିବାର ଓ ଗ୍ରାମବାସୀମାନେ ଉଦ୍ୟମକରି ଜଙ୍ଗଲ ମଧ୍ୟରେ ଏକ ଗୁପ୍ତ ବୈଠକ କରିଥଲେ । କ୍ଷତିପୂରଣ ବାବଦରେ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ସହିତ ୪ ମାଣ ଚାଷଜମି ଦେବାକୁ ନିଷ୍ପତିକରି ଘଟଣାଟିକୁ ରଫାଦଫା ପାଇଁ ବାଧ୍ୟ କରିଥିଲେ । ପ୍ରମାଣ ନଷ୍ଟ କରିବାକୁ ଗ୍ରାମଶ୍ମଶାନରେ ଶବଦାହ ନ କରି ଦୁର୍ଗମ ଜଙ୍ଗଲ ମଧ୍ୟରେ କିଛି ଗ୍ରାମବାସୀ ଶବ ଦାହ କରୁଥିଲେ । କୌଣସି ସୂତ୍ରରୁ ଖବରପାଇ ନୟାଗଡ ଏସ. ପି. ଙ୍କ ନିର୍ଦ୍ଦେଶକ୍ରମେ, ଶରଣକୁଳ ଏସ୍. ଡି. ପି. ଓ. ଦୀପ୍ତିରଞ୍ଜନ ପ୍ରଧାନ, ଆଇ. ଆଇ. ସି. ପରମାନନ୍ଦ ଦଲେଇ, ସଦଳବଳେ ଘଞ୍ଚ ଜଙ୍ଗଲମଧ୍ୟରେ ପ୍ରବେଶକରି ବହୁ ବାଧାବିଘ୍ନ ସତ୍ତ୍ୱେ , ଖାନତଲାସୀ କରି, ଜଙ୍ଗଲ ମଧ୍ୟରୁ ଅର୍ଦ୍ଧ ଦଗ୍ଧଶବକୁ ଜବତକରି, ବ୍ୟବେଚ୍ଛେଡ ଲାଗି ପଠାଇଥିଲେ । ପ୍ରମାଣ ନଷ୍ଟ କରିବାକୁଯାଇ ତରବାରିଆଭାବେ ଶବକୁ ଦାହ କରୁଥିବା , ରମେଶ ପ୍ରଧାନ (୪୦), ଅଜୟ ପ୍ରଧାନ (୩୦), ଶ୍ରୀନିବାସ ପ୍ରଧାନ (୩୦), ସୁରେନ୍ଦ୍ର ପ୍ରଧାନ (୫୦), ସୁବାସ ପ୍ରଧାନ (୫୦) ସୋମନାଥ ପ୍ରଧାନ (୨୭) ବିରଞ୍ଚି ପ୍ରଧାନ (୨୪) ଓ ନାରାୟଣ ପ୍ରଧାନ (୫୨) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ଶୀତଳ ଷଷ୍ଠୀ ଯାତ୍ରା

ଖଣ୍ଡପଡ଼ା, (ସବ୍ୟୁ):ଖଣ୍ଡପଡ଼ା ସହରାଞ୍ଚଳ ସମେତ ବ୍ଲକ ଅଧୀନ ବିଭିନ୍ନ ଶୈବପୀଠରେ ଶୀତଳ ଷଷ୍ଠୀ ଓ ଶିବ ବିବାହ ନିରାଡ଼ମ୍ବର ଭାବେ ପାଳିତ ହୋଇଯାଇଛି।ପ୍ରତ୍ୟେକ ଶୈବପୀଠରେ ପ୍ରଭୁ ମହାଦେବ ଏବଂ ମା ପାର୍ବତୀଙ୍କ ବିବାହ ପାରମ୍ପରିକ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ସହରାଞ୍ଚଳ ଅଧୀନ ପ୍ରଭୁ ନୀଳକଣ୍ଠେଶ୍ୱର ମହାଦେବ, ବାଲୁଙ୍କେଶ୍ୱର ଦେବ, ସୁବର୍ଣ୍ଣେଶ୍ୱର ଦେବ ଓ ବନ୍ଧ ବିମଳେଶ୍ୱର ଦେବଙ୍କ ପୀଠରେ ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ଶୀତଳ ଷଷ୍ଠୀ ଓ ଶିବ ବିବାହ ଅନୁଷ୍ଠିତ ହୋଇଥିଲା। ବାବା ନୀଳକଣ୍ଠେଶ୍ୱର ଦେବଙ୍କ ଶୈବ ପୀଠରେ ଆୟୋଜିତ ବିବାହ ଉତ୍ସବରେ ବରପିତା ଭାବେ ଅକ୍ଷୟ କୁମାର ଦାସ ଏବଂ କନ୍ୟାପିତା ଭାବେ ସରୋଜ କୁମାର ପାଲ ଦାୟିତ୍ୱ ତୁଲାଇଥିବା ବେଳେ ରୀତିନୀତି ଅନୁଯାୟୀ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।ସେହିପରି ସହରାଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ଖଣ୍ଡପଡା ଥାନା ସମ୍ମୁଖରେ ଦେବଦମ୍ପତିଙ୍କ ମେଳଣ ପର୍ବ ଅନୁଷ୍ଠିତ ହୋଇଥିବା ବେଳେ ଘଣ୍ଟ, ମୃଦଙ୍ଗ ଆଦି ବାଦ୍ୟଯନ୍ତ୍ର ତାଳେ ତାଳେ ଠାକୁର ନଗର ପରିକ୍ରମା କରିଥିଲେ। ଏହି ଅବସରରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସହ ପ୍ରତ୍ୟେକଙ୍କ ଘର ଦୁଆର ସମ୍ମୁଖରେ ଦୀପ ଜାଳି ବନ୍ଦାପନା କରାଯାଇଥିବା ବେଳେ ସମଗ୍ର ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା।ସେହିପରି ଖଣ୍ଡପଡା ବ୍ଲକ ଅଧୀନ ବୋଦସା ବାବା ବାଲୁଙ୍କେଶ୍ୱର ଦେବ, ବନମାଳିପୁର ସୋମନାଥ ଦେବ, ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ କ୍ଷେତ୍ରରେ ମହାସମାରୋହରେ ଶୀତଳଷଷ୍ଠୀ ପର୍ବ ପାଳିତ ହୋଇଥିବା ବେଳେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଚଳିତ ବର୍ଷ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ବାଣ ଫୁଟା ବିଧି ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଥିବା ଯୋଗୁ ମେଳଣ ଉତ୍ସବ ଫିକା ପଡ଼ିଥିବା କାରଣରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମନକୁ କୁଠାରାଘାତ କରିଥିବା ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା।

# ଜମି ଜବରଦଖଲକୁ ନେଇ ପଡୋଶୀଙ୍କୁ ଖଣ୍ଡାଚୋଟ

ବାଙ୍କୀ ,(ସବ୍ୟୁ) : କଟକ ଜିଲ୍ଲା ବାଙ୍କୀ ଥାନା ଅନ୍ତର୍ଗତ ବାଆଁରା ଗ୍ରାମ ପଞ୍ଚାୟତର ରାମଚଣ୍ଡୀ ଗାଆଁରେ ଜମି ଜବର ଦଖଲକୁ ନେଇ ପଡ଼ୋଶୀ ଖଣ୍ଡାଚୋଟରେ ଅନ୍ୟଜଣେ ପଡ଼ୋଶୀ ରକ୍ତାକ୍ତ ହୋଇଥିବା ବେଳେ ପୋଲିସ ଜଣଙ୍କୁ ଅଟକ ରଖିଛି। ରାମଚଣ୍ଡୀ ଗାଆଁର ସନ୍ତୋଷ କୁମାର ସାହୁ ନିଜ ଘର୍‌କୁ ଲାଗି ରହିଥିବା ସରକାରୀ ଜମିରେ ନିଜେ ବ୍ୟବହାର କରୁଥିଲେ ।ମାତ୍ର ପଡୋଶୀ କେଳୁ ଲେଙ୍କା ସେହି ସରକାରୀ ଜମିରେ ମୋରମ ଗଦା କରି ରଖିବା ପାଇଁ ହାଇୱାରେ ଆଣି ରଖିବାରୁ ସନ୍ତୋଷ ସାହୁଙ୍କ ପରିବାର ଲୋକେ ବିରୋଧ କରିଥିଲେ। ହେଲେ ସରକାରୀ ଜମିରେ ମୋରମ ପକାଇବାକୁ କହି ଧମକ ଦେଇଥିଲେ। କିଛି ସମୟ ଉଭୟଙ୍କ



ମଧ୍ୟରେ ଯୁକ୍ତି ତର୍କ ପରେ ବଚସା ହେବା ପରେ ପଡୋଶୀ କେଳୁ ଲେଙ୍କା ଘରୁ ଖଣ୍ଡା ଆଣି ଗୋଡ଼ାଇ ଗୋଡ଼ାଇ ଘର୍ ନିକଟ ରେ ଛିଡା ହୋଇଥିବା ସନ୍ତୋଷର ବେକ୍‌କୁ ଖଣ୍ଡାରେ ହାଣି ପୁଣି ପାଖରେ ଛିଡା ହୋଇଥିବା ସନ୍ତୋଷ ସାନ ଭାଇ ବନମାଳୀ ସାହୁଙ୍କୁ ଖଣ୍ଡାରେ ହାଣିବାକୁ ଗୋଡ଼ାଇ। ବେଳେ ସାନଭାଇ ବନମାଳୀ ଦୌଡ଼ି ଘର୍ ଭିତରକୁ ପଶି ଯାଇ ଥିଲେ। ସେପଟେ ସନ୍ତୋଷ ଙ୍କ ବେକରେ ଗୁରୁତର ଭାବେ ଚୋଟ ବାଜିବାରୁ ରକ୍ତ ଜୁଡୁ ବୁଡୁ ଅବସ୍ଥାରେ କଟକ ବଡ ମେଡିକାଲରେ ଭର୍ତ୍ତି କରାଯାଇଛି। ବାଙ୍କୀ ଥାନାରେ ସାନଭାଇ ବନମାଳୀ ଏତଲା ଦାୟର କରିବା ପରେ ବାଙ୍କୀ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତକୁ ଧରିବା ପାଇଁ ଚଢାଉ ଜାରୀ ରହିଛି ବୋଲି ବାଙ୍କୀ ଥାନା ଆଇ ଆଇସି ସୂଚନା ଦେଇଛନ୍ତି। ଜଣକୁ ଅଟକ ରଖି ପଚରାଉଚରା କରୁଥିବାର ବାଙ୍କୀ ଥାନା ଆଇଆଇସି ଦିଲ୍ଲୀପ କୁମାର ଭୂୟାଁ ମର୍ଦ୍ଦରାଜ ସୂଚନା ଦେଇଛନ୍ତି ।

# ଦିବ୍ୟାଙ୍ଗମାନଙ୍କ ଦିବ୍ୟକ୍ଷେତ୍ର 'ନିରତାର'

କଣ୍ଟାପଡ଼ା,(ସବ୍ୟୁ) :ଦିବ୍ୟାଙ୍ଗମାନଙ୍କ ଦିବ୍ୟ କ୍ଷେତ୍ର ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥାନ (ଏସଭି ନିରତାର) ସମଗ୍ର ଜନ ମାନସରେ ଓଲଟପୁର ହସପିଟାଲ ନାମରେ ବହୁଳ ପରିଚିତ। ୧୯୭୫ ମସିହାରେ ଗତିବାଧିତ ଦିବ୍ୟାଙ୍ଗମାନଙ୍କ ଚିକିତ୍ସା ନିମନ୍ତେ ପ୍ରତିଷ୍ଠା କରାଯାଇଥିବା ଏହି ଅନୁଷ୍ଠାନଟି ଆଜିର ସମୟରେ ସୀମିତ ସେବାରେ ବାନ୍ଧି ନହୋଇ ଅତି ବ୍ୟାପକଭାବେ ପୂର୍ଣ୍ଣ ବିକଶିତ ପ୍ରୋସ୍ଥେଟିକ ଓ ଅର୍ଥୋଟିକ ବିଭାଗ, ଫିଜିଓଥେରାପି ବିଭାଗ, ଅକୁପେସନାଲ ଥେରାପି ବିଭାଗ, ସ୍ପିଚ ଲାଙ୍ଗୁଏଜ ପାଥୋଲୋଜି ବିଭାଗ, ଫିଜିକାଲ ମେଡ଼ିସିନ ଆଣ୍ଡ ରିହାବିଲିଟେସନ ବିଭାଗ, ଭୋକେସନାଲ ଓ ସ୍କିଲ ଡେଭଲପମେ ଟ୍ରେନିଙ୍ଗ ବିଭାଗ, ଦ୍ୱାରା ସମସ୍ତ ୨୧ ପ୍ରକାର ଦିବାଙ୍ଗ ବ୍ୟକ୍ତିମାନଙ୍କୁ ପୁନର୍ବାସ ସେବା ପ୍ରଦାନ କରିବା ସହ ବିଶ୍ୱବିଦ୍ୟାଳୟସ୍ତର ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷାରେ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଦେଶର କୋଣ ଅନୁକୋଣରୁ ନିରନ୍ତର ଶିକ୍ଷା ଗ୍ରହଣ କରୁଛନ୍ତି ଏବଂ ବିଭିନ୍ନ ବିଭାଗରେ ଅନୁସନ୍ଧାନ କାର୍ଯ ଜାରି ରଖିଛନ୍ତି ବର୍ତ୍ତମାନ ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାନ୍ତିଙ୍କ ପ୍ରଚେଷ୍ଟା ଓ କର୍ମଚାରୀଙ୍କ କଠିନ ପରିଶ୍ରମ ଫଳରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ବିଭିନ୍ନ ସୁବିଧା ଯଥା ଆମ ବସ, ଜନ ଔଷଧି, ୨ଶହ ଶଯ୍ୟାର ବ୍ୟବସ୍ଥା, ରାସ୍ତା ପ୍ରଶସ୍ତିକରଣ, ଚିଲଡ୍ରେନ ପାର୍କ, ରୋବଟ ଚିକିତ୍ସା ବବସ୍ଥା, ସିଲିକନ ଲ୍ୟାବ, ୩ଡି ଲ୍ୟାବ ଆଦି ସ୍ଥାପନା ହେବା ସହିତ ଟେଷ୍ଟିଂ ଲାବ, ଲାଇବ୍ରେରୀର ନବୀକରଣ କାର୍ଯ ସମ୍ପାଦିତ ହୋଇଛି। ଏତଦ ବ୍ୟତୀତ୍ୟ ବିଶ୍ୱସ୍ତରୀୟ ଶିକ୍ଷା ପଦ୍ଧତି, ଭେଷଜୀୟ ସେବା ଓ ଅନୁସନ୍ଧାନମୂଳକ ଶିକ୍ଷାକୁ ବ୍ୟାପକ କରିବା ନିମନ୍ତେ ଲବ୍ଧ ପ୍ରତିଷ୍ଠିତ ସଂସ୍ଥା ସହିତ ଅନୁବନ୍ଧିତ ହୋଇଛି।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ ଗ୍ରହଣ

ସାକ୍ଷୀଗୋପାଳ (ସବ୍ୟୁ) : ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ସାଣ୍ଡରା ଶାସନ ପଞ୍ଚାୟତର ସରପଞ୍ଚଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ଉପରେ ସୋମବାର ଦିନି ଭୋଟ ଗ୍ରହଣ ହୋଇଛି। ସାଣ୍ଡରା ଶାସନ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏହି ଭୋଟ ଗ୍ରହଣ ଅନୁଷ୍ଠିତ ହୋଇଥିଲା।ଏହି ପଞ୍ଚାୟତର ୧୧ ଜଣ ୱାର୍ଡ ସଭ୍ୟ ଓ ୱାର୍ଡ ସଭ୍ୟାଙ୍କ ମଧ୍ୟରୁ ୯ ଜଣ ୱାର୍ଡ ସଭ୍ୟ ଓ ୱାର୍ଡ ସଭ୍ୟା ଉପସ୍ଥିତ ଥିଲେ। ଅନାସ୍ଥା ପ୍ରସ୍ତାବ ନିମନ୍ତେ ସରପଞ୍ଚଙ୍କୁ ମିଶାଇ ୧୨ ଜଣ ସଦସ୍ୟ ଭୋଟ ଦାନ କରି ପାରିବେ। ସରପଞ୍ଚ ଅନୁପସ୍ଥିତ ଥିଲେ । ଉପସ୍ଥିତ ୱାର୍ଡ ସଭ୍ୟ ଓ ୱାର୍ଡ ସଭ୍ୟାଙ୍କୁ ନେଇ ଭୋଟ ଗ୍ରହଣ ନିମନ୍ତେ ଆବଶ୍ୟକ କୋରମ ହୋଇଥିଲା । ଫଳରେ ଭୋଟ ଗ୍ରହଣ ଅନୁଷ୍ଠିତ ହୋଇଥିଲା । ଉଚ୍ଚ ନ୍ୟାୟାଳୟ, କଟକ, ଓଡିଶାଙ୍କ ନିର୍ଦ୍ଦେଶନାମା ଅନୁସାରେ ବାଲଟ ପେପର ଗୁଡିକ ସିଲ କରା ଯାଇଥିଲା । ଏହି ବାଲଟ ପେପର ଗୁଡିକ ଜିଲ୍ଲାପାଳ, ପୁରୀଙ୍କ କାର୍ଯ୍ୟାଳୟରେ ଜମା କରା ଯାଇଛି।

## ଗୋପବନ୍ଧୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

# ଯୁକ୍ତ୨ ବିଜ୍ଞାନ ପାଠ୍ୟକ୍ରମ ପାଇଁ ମିଳିଲା ମଞ୍ଜୁରୀ

ଆଠଗଡ, (ସବ୍ୟୁ) : ଆଠଗଡସ୍ଥିତ ଗୋପବନ୍ଧୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(କନିଷ୍ଠ କଲେଜ)ରେ ନୂତନ ଭାବେ ଯୁକ୍ତ୨ ବିଜ୍ଞାନ ପାଠ୍ୟକ୍ରମ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁରୀ ମିଳିଛି । ୧୯୯୦ ମସିହାରେ ପ୍ରତିଷ୍ଠିତ ଏହି ମହିଳା କନିଷ୍ଠ କଲେଜରେ କେବଳ କଳା ପାଠ୍ୟକ୍ରମ ରହିଥିଲା । ଏଥି ପାଇଁ କଲେଜ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ଆବେଦନ କରାଯାଇଥିଲା । ରାଜ୍ୟ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଗତ ମେ ୩୧ ତାରିଖରେ ଜାରି ପତ୍ର ସଂଖ୍ୟା ୬୯୧୮ରେ ଆଠଗଡର ଗୋପବନ୍ଧୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରୁ ବିଜ୍ଞାନ ଷ୍ଟ୍ରିମରେ ୬୪ଟି ସିଟ୍ ପାଇଁ ମଞ୍ଜୁରୀ ମିଳିଥିବା ଜଣାପଡିଛି । ଏଥିପାଇଁ ଆବଶ୍ୟକୀୟ କାଗଜପତ୍ର, ୧ ଲକ୍ଷ ଟଙ୍କା କୋଷାଗାର ମାଧ୍ୟମରେ ଜମା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଚଳିତ ଶିକ୍ଷାବର୍ଷରେ ଗୋପବନ୍ଧୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨ ବିଜ୍ଞାନ ଷ୍ଟ୍ରିମର ମଞ୍ଜୁର ହୋଇଥିବା ୬୪ ଟି ସିଟରେ ନାମଲେଖା ହେବ ବୋଲି କଲେଜର ଅଧକ୍ଷା ସଂଯୁକ୍ତା ମହାପାତ୍ର ପ୍ରକାଶ କରିଛନ୍ତି । ଏଥିପାଇଁ ଆବଶ୍ୟକ ହେଉଥିବା ବିଜ୍ଞାନାଗାର ସ୍ଥାପନା ଏବଂ ବିଜ୍ଞାନ ଅଧ୍ୟାପିକା/ଅଧ୍ୟାପକ ନିଯୁକ୍ତି ପାଇଁ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ଅଧକ୍ଷା ଶ୍ରୀମତି ମହାପାତ୍ର କହିଛନ୍ତି । ଗୋପବନ୍ଧୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(କନିଷ୍ଠ କଲେଜ)ରେ ବିଜ୍ଞାନ ପାଠ୍ୟକ୍ରମ ଉପଲବ୍ଧ ହେବା ଫଳରେ ଆଠଗଡ ଅଞ୍ଚଳର ଛାତ୍ରୀମାନେ ଉପକୃତ ହୋଇପାରିବେ ବୋଲି ବହୁ ଶିକ୍ଷାବିତ ମତପ୍ରକାଶ କରିଛନ୍ତି।

# ବିଜେଡିର ସାଙ୍ଗଠନିକ ବୈଠକ

ବୋଲଗଡ ,(ସବ୍ୟୁ) :ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡମାଣିତ୍ରୀ ଗ୍ରାମ ସ୍ଥିତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଦେଉଳି ପଞ୍ଚାୟତର ବିଜେଡି ଦଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି।ଉକ୍ତ ବୈଠକରେ ଦେଉଳି ପଞ୍ଚାୟତର ସରପଞ୍ଚ ଅକ୍ଷୟ କୁମାର ରାଉତରାୟ ଅଧ୍ୟକ୍ଷତା କରି ସଭାଟିକୁ ଆରମ୍ଭ କରିଥିଲେ । ଏଥିରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ତୃଣ ମୂଳ ସ୍ତରରେ ସଂଗଠନକୁ ମଜବୁତ ସହିତ କିପରି ଆଗକୁ ବଢ଼ାଇବା ପାଇଁ ଉପସ୍ଥିତ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ସମିତି ସଭ୍ୟାଙ୍କ ପ୍ରତିନିଧି ଗୁନ ବେହେରା,ସରପଞ୍ଚ ଗଡମାଣିତ୍ରୀ ଗ୍ରାମ ପଞ୍ଚାୟତ କରୁଣାକର ଦଳସିଂହରାୟ ,ପୂର୍ବତନ ସରପଞ୍ଚ ଦେଉଳି ଶ୍ରୀ ଜାଗେଶ୍ୱର୍ ମାଝୀ,ସମାଜ ସେବୀ ପଦ୍ମଲୋଚନ ରାଉତରାୟ ଓ ନିବାସ ସୁନ୍ଦରାୟଙ୍କ ସହିତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ରୋଗୀ କଲ୍ୟାଣ ସମିତି ବୈଠକ

# ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ କରାଯିବ

ସାକ୍ଷୀଗୋପାଳ ,(ସବ୍ୟୁ) : ସାକ୍ଷୀଗୋପାଳ ସମ୍ମିଳନୀ କକ୍ଷ ପରିସରରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ରଙ୍କ ଅଧକ୍ଷତାରେ ସୋମବାର ଦିନ ଦ୍ୱିତୀୟ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମଣ୍ଡଳ ଉନ୍ନୟନ ଅଧିକାରୀ ଦେବାଶିଷ ନାୟକ, ସାଂସଦଙ୍କ ପ୍ରତିନିଧି ତ୍ରିଲୋଚନ ରଥ, ମୁଖ୍ୟ ଚିକିତ୍ସା ଧିକାରୀ ଦେବାଶିଷ ନାୟକ, କମିଟି ମେମ୍ବର ବିଶ୍ୱଜିତ ଶତପଥୀ, ସସ୍ମିତା ପ୍ରଧାନ, ରଞ୍ଜନ କୁମାର ବରାଳ,ବୀଣା ପାଣି ମିଶ୍ର, ପେଣ୍ଟପଡା ସରପଞ୍ଚ ଚିନ୍ମୟ ରାଉତ, ବିଭାଗୀୟ ଅଧିକାରୀ, ମୁକ୍ତିକାନ୍ତ ପାଲ, ସୁଜାତା ପରିଡା,ମେଡିକାଲ ଅଫିସର ପ୍ରିତମ ବାଗ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସୁରେଶ ପ୍ରଧାନ,ପୂର୍ତ୍ତ ବିଭାଗ ଯନ୍ତ୍ରୀ ଜିତେନ୍ଦ୍ର ପ୍ରଧାନଙ୍କ ସମେତ ଅନେକ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ସାକ୍ଷୀଗୋପାଳ ଡାକ୍ତର ଖାନରେ ତୁରନ୍ତ ଭେଷଜ ବିଶେଷଜ୍ଞ, , ଅସ୍ତ୍ରୋପଚାର ବିଶେଷଜ୍ଞ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଁ ସଭ୍ୟ ବିଶ୍ୱଜିତ ଶତପଥି ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଡାକ୍ତରଖାନରେ ରହିଥିବା ଜଳ ଯୋଗାଣ ସମସ୍ୟା ଓ ଅସ୍ତ୍ରୋପଚାର ଗୃହକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଡିଜିଟାଲ ଏକ୍ସରେ ଆଦି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଆସନ୍ତା ରଥଯାତ୍ରା ପୂର୍ବରୁ ଏହି ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ବିଧାୟକ ଶ୍ରୀଯୁକ୍ତ ମିଶ୍ର ପ୍ରତିଶୃତି ପ୍ରଦାନ କରିଥିଲେ । ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବା ସହିତ ସ୍ୱାସ୍ଥ୍ୟମନ୍ତ୍ରୀ ଙ୍କ ସହିତ କଥା ହୋଇ ତୁରନ୍ତ ଡାକ୍ତର ନିଯୁକ୍ତି ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ପୁରୀଙ୍କୁ ଚିଠି କରିଛନ୍ତି ବୋଲି ସୂଚନା ପ୍ରଦାନ କରିଥିଲେ ।ଅଳଗୁମ, ଶୁକଳ, ଗବକୁଣ୍ଡ ଓ ପାଣିଛତ୍ର ପ୍ରମୁଖ ଡାକ୍ତରଖାନା ମାନଙ୍କରେ ରହିଥିବା ସମସ୍ୟା ସମାଧାନ କରାଯିବ । ଅଳଗୁମ ଡାକ୍ତରଖାନର ନବକରଣ, ରାସ୍ତା ର୍ନିମାଣ, ଗୃହ ର୍ନିମାଣ କରିବା ପାଇଁ ବିଭିନ୍ନ ବିଭାଗକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଡାକ୍ତରଖାନା ପରିସରରେ ନୂତନ ଭାବେ ର୍ନିମାଣ ହୋଇ ଅଚଳ ଅବସ୍ଥାରେ ପଡି ରହିଥିବା ମିଶନ ଶକ୍ତି କାଫେ କୁ ଚାଲୁ କରିବା ପାଇଁ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିୟମିତ ଭାବରେ ନିୟମ ଅନୁସାରେ ପ୍ରତ୍ୟେକ ଦୁଇ ମାସରେ ବୈଠକ କରି ଡାକ୍ତରଖାନାରେ ସୁବ୍ୟବସ୍ଥା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକ ପରେ ଅସ୍ତ୍ରୋପଚାର ଗୃହ, ଡାକ୍ତରଖାନା ପରିସର ମିଶନ ଶକ୍ତି କାଫେ ମଧ ପରିଦର୍ଶନ କରିଥିଲେ । ଅବସର ପ୍ରାପ୍ତ ଡ୍ରେସର ଦାଶରଥୀ ପ୍ରଧାନଙ୍କୁ ପୁନଃ ନିଯୁକ୍ତି ପ୍ରଦାନ ନିମନ୍ତେ ଏକ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରା ଯାଇଥିଲା ।

## ବିନା ସୂଚନା ଫଳକରେ ଚାଲିଛି କୋଟିଏ ଟଙ୍କାର କୁଶଭଦ୍ରା ନଦୀ ବନ୍ଧ କାର୍ଯ୍ୟ

# ବନ୍ୟା ନିୟନ୍ତ୍ରଣ ନେଇ ଉଠିଲା ପ୍ରଶ୍ନ, ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଫୁ


ଗୋପ,(ସବ୍ୟୁ) : ବନ୍ୟା ପୂର୍ବରୁ ବନ୍ଧବାଡ ମରାମତି କରିବା ସହିତ ବାକିଥିବା କାର୍ଯ୍ୟ ଓ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ନେଇ ଗୋପ ଜଳସମ୍ପଦ ବିଭାଗ ଅଧିନରେ ଚାଲିଥିବା କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁରହିଛ। ମାତ୍ର ଗୋପ ଜଳସମ୍ପଦ ବିଭାଗ ଅଧିନ ମଦରଙ୍ଗ ସେକ୍ସନ ଅଧିନରେ ଚାଲିଥିବା କୁଶଭଦ୍ରା ନଦୀ ବନ୍ଧ ଦକ୍ଷୀଣ ପାର୍ଶ୍ୱରେ କୋଟିଏ ଟଙ୍କାର କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଜଣା ପଡ଼ିଛି। ଏହି ନଦୀବନ୍ଧ ସୁଦୃଢିକରଣ କାର୍ଯ୍ୟକୁ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗତ ଜାନୁୟାରୀ ୩୧ ତାରିଖରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ସୂଚନା ଫଳକ ଲଗା ଯାଇ ନ ଥିବା ସମସ୍ତଙ୍କୁ ଚକିତ କରିଛି। ସରକାର ଏହି ଦକ୍ଷିଣୀପାର୍ଶ କୁଶଭଦ୍ରା ନଦୀ ବନ୍ଧର ମଦରଙ୍ଗ ନିକଟରୁ ପୁରୀ – କୋଣାର୍କ ବେଳାମାର୍ଗ ସହିତ ସିଧାସଳଖ ସଂଯୋଗୀକରଣ କରିବା ନିମନ୍ତେ ଏହି ନଦୀବନ୍ଧର ସୁଦୃଢିକରଣ କାର୍ଯ୍ୟକୁ ହାତକୁ ନେଇଛନ୍ତି।ଏହି ଦକ୍ଷିଣୀପାର୍ଶ କୁଶଭଦ୍ରା ନଦୀ ବନ୍ଧ ଉପରେ ଆଳିଶି,ସୁଜାନଗର,ପରାଳ, ପୁଟୁପଡା ,ଅଲଣ୍ଡୋ ଗ୍ରାମ ସହିତ ୧୦ ଗୋଟି ରୁ ଉର୍ଦ୍ଧ୍ୱ ଗାଁର ଶତାଧିକ ଲୋକ ଯା ଆସ କ୍ଷେତ୍ରରେ ନିର୍ଭର କରିଥାନ୍ତି। ମାତ୍ର ଆରମ୍ଭରୁ ଏହି କାର୍ଯ୍ୟ ଅତ୍ୟନ୍ତ



ନିମ୍ନମାନର ହେଉଥିବା ବେଳେ ନଦୀ ବନ୍ଧରେ ପଡ଼ିଥିବା ମାଟି ଧସିଯିବା ସହିତ ସଂପୃକ୍ତ ଠିକାଦାରମାନେ ବାଲି ମୋରମ ସ୍ଥାନରେ ବାଲିମିଶା ମାଟି ପକାଉଛନ୍ତି। ଏହି ନଦୀବନ୍ଧ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ରବିବାର ଆଳିଶି ଗାଁ ର ଗ୍ରାମ୍ୟକମିଟି ସଭାପତି ମୂରଲିଧର ପ୍ରଧାନ, ପୁର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା ,ପ୍ରକାଶ ନାୟକ, ଘନଶ୍ୟାମ ନାୟକ ପ୍ରମୁଖ ନିମ୍ନମାନର ବାଲି ବୋଝେଇ ଟ୍ରାକ୍ଟର ଅଟକ ରଖିବା ସହିତ ଗାଁ ଦାଣ୍ଡରେ ବାଲିମାଟି ଢାଳି ଦେଇଥିଲେ। କୋଟିଏ ଟଙ୍କାର କୁଶଭଦ୍ରା ନଦୀ ବନ୍ଧ କାର୍ଯ୍ୟକୁ ବିଭାଗୀୟ ଯନ୍ତ୍ରୀ ନ ଦେଖିବା, ସୂଚନା ଫଳକ ନ ଲଗାଇବା ସହିତ ଠିକାଦାରମାନଙ୍କୁ ସହଯୋଗ କରୁଥିବା ଗ୍ରାମବାସୀମାନେ ମଧ୍ୟ କହିଛନ୍ତି ।ଏଥିସହ ଉକ୍ତ କାମକୁ ଭିଜିଲାନ୍ସ ଦ୍ୱାରା ତଦନ୍ତ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗୋପ ଜଳସମ୍ପଦ ବିଭାଗର ସହକାରୀ ର୍ନିବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତିଙ୍କୁ ପଚାରିବାରେତୁରନ୍ତ ଏହି ସବୁ ଅଭିଯୋଗ ଉପରେ ଗୁରୁତ୍ୱ ଦେବି ବୋଲି କହିଛନ୍ତି।

# ନିର୍ମାଣ ମେଧା ସମ୍ମାନ–୨୦୨୫

ବାଲିଅନ୍ତା, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ବାଳକାଟିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ନିର୍ମାଣ ଏଜୁକେସନାଲ୍ ଟ୍ରଷ୍ଟ ଓ ବ୍ରଜଗୋପାଳ ମେମୋରିଆଲ ଫାଉଣ୍ଡେସନ ଆଳିଶୀ ଶାସନର ମିଳିତ ଆନୁକୁଲ୍ୟରେ ଅନୁଷ୍ଠାନର ଅଧକ୍ଷ ସିଦ୍ଧେଶ୍ୱର ମହାନ୍ତିଙ୍କ ସଭାପତିତ୍ୱରେ ନିର୍ମାଣ ମେଧା ସମ୍ମାନ ୨୦୨୫ ପ୍ରଦାନ କରାଯାଇଛି। ଜୟଦେବ ର୍ନିବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଅନ୍ତା ଓ ବାଲିପାଟଣା ବ୍ଲକ୍‌ର ୧୦ ଟି ହାଇସ୍କୁଲ୍ ଓ ୬ ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୬ ଜଣ ମେଧାବୀ ଛାତ୍ରଛାତ୍ରୀ ଓ ୧୦ ଜଣ ପ୍ରଧାନ ଶିକ୍ଷକଙ୍କୁ ନିର୍ମାଣ ମେଧା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ରାଜଧାନୀ ପୁସ୍ତକ ମେଳାର ସମ୍ପାଦକ ବିଦୁଭୂଷଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ



ମୁଖ୍ୟବକ୍ତା , ସମାଜ ସେବୀ ପ୍ରହଲ୍ଲାଦ ସାହୁ , ବ୍ରଜଗୋପାଳ ଫାଉଣ୍ଡେସନର ଅଧକ୍ଷ କୈଳାଶ ଚନ୍ଦ୍ର ମିଶ୍ର ,ପ୍ରତାପ ଶାସନ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦି,ସମାଜ ସେବୀ ବିଜୟ ମହାରଣା , ରାଜ୍ୟ ଘରୋଇ ଶିଳ୍ପ ତାଲିମ ସଂଘର ସଭାପତି ଅରୁଣ ନାୟକ , ଓଡ଼ିଶୀ ନୃତ୍ୟ ଗବେଷକ ଜଗବନ୍ଧୁ ଜେନା ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଉଜ୍ଜଳ ଭବିଷ୍ୟତ ଏବଂ ନିର୍ମାଣ ଅନୁଷ୍ଠାନର ଏହି ପଦକ୍ଷେପକୁ ଭୂୟଶୀ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଭୋଜିତ ପଣ୍ଡା ପରିଚାଳନା କରିଥିବା ବେଳେ ନିର୍ମାଣ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ । ଛାତ୍ରଛାତ୍ରୀମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

(ଶ୍ରୀମଭଗବଦ୍ ଗୀତା ୧୬/୦୬)
-ଦୈବାସୁରସମ୍ପଦ୍‌ବିଭାଗ-
(ଶ୍ରୀଭଗବାନୁବାଚ )

**ଦ୍ୱୌ ଭୂତସର୍ଗୌ ଲୋକେଽସ୍ମିନ୍ ଦୈବ ଆସୁର ଏବ ଚ ।**
**ଦୈବୋ ବିସ୍ତରଶଃ ପ୍ରୋକ୍ତ ଆସୁରଂ ପାର୍ଥ ! ମେ ଶୃଣୁ ।।୬।।**

ହେ ପାର୍ଥ ! ଏହି ଲୋକରେ ଦୈବ ଓ ଆସୁର ନାମରେ ଏହି ଦୁଇ ପ୍ରକାର ଭୂତସୃଷ୍ଟି ପ୍ରସିଦ୍ଧ ଅଛି । ତନ୍ମଧ୍ୟରୁ ଦୈବସୃଷ୍ଟି (ମୁଁ) ବିସ୍ତୃତରୂପେ କହିଅଛି, ଏବେ ଆସୁରସୃଷ୍ଟି ମୋଠାରୁ ଶୁଣ ।।୬।।

# କାଶ୍ମୀରରେ ନାଗରିକଙ୍କ ନିରାପତ୍ତା

## ସମ୍ପାଦକୀୟ

ଯୁଦ୍ଧ ବା ଆତଙ୍କବାଦର ଶରବ୍ୟ ହେବା ପରେ ସାଧାରଣ ନାଗରିକଙ୍କ ଦୁର୍ଦ୍ଦଶା ବଢ଼ିଯାଏ । କରୋନା ମହାମାରୀ ପରେ ମଧ୍ୟ ସାଧାରଣ ଲୋକେ ଭୟଭୀତ ହୋଇ ଯାଇଥିଲେ । ଏବେ ବି କରୋନାର ସଂକ୍ରମଣ ଭାରତରେ ଓ ଓଡ଼ିଶାରେ । ମାତ୍ର ଆମେମାନେ ଭାଗ୍ୟବାନ ଯେ ଭାରତର ସୀମାନ୍ତ ଅଞ୍ଚଳକୁ ଲାଗି ଆମ ରାଜ୍ୟ ରହିନାହିଁ । ଭାରତର ସୀମାନ୍ତ ଅଞ୍ଚଳ ଭାବେ ଜାମ୍ମୁ ଓ କାଶ୍ମୀରର ସାଧାରଣ ନାଗରିକ ଗୁଳି ଓ ବୋମାମାଡର ଶିକାର ହୋଇ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଭାରତ ସରକାର 'ସିନ୍ଦୂର ଅଭିଯାନ' ଜରିଆରେ ପାକିସ୍ତାନରେ ଚାଲୁଥିବା ଆତଙ୍କବାଦୀମାନଙ୍କୁ ତଥା ସେମାନଙ୍କ ଆଡ୍ଡାସ୍ଥଳ ଓ ବାସଗୃହକୁ ଯେପରି ସାହସର ସହିତ ଅତ୍ୟାଧୁନିକ ବିମାନ ଓ ଅସ୍ତ୍ରଶସ୍ତ୍ର ଜରିଆରେ ଧ୍ୱଂସ କରିଦେଲେ, ତାହା ଭାରତର ମର୍ଯ୍ୟାଦା ବୃଦ୍ଧି କରିଛି । ଆତଙ୍କବାଦୀମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ମଧ୍ୟ ନିପାତ କରାଯାଇଛି । ଅପରେସନ ସିନ୍ଦୂରର ଲକ୍ଷ୍ୟ ଏହାଦ୍ୱାରା ସଫଳ ହୋଇଛି । ମାତ୍ର ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କର ଦୁଃଖ ଦୂର ହୋଇ ପାରିନାହିଁ । ଏତେ ଶୀଘ୍ର ସେ ଦୁଃଖ ଦୂର ମଧ୍ୟ ହେବ ନାହିଁ । ଜାମ୍ମୁ ଓ କାଶ୍ମୀର ସରକାର ପ୍ରକୃତ କ୍ଷୟକ୍ଷତିର ଆକଳନ ମଧ୍ୟ କରୁଛନ୍ତି । ଭାରତୀୟ ଜନତା ପାର୍ଟି ଦ୍ୱାରା ଏକ କମିଟି ଗଠିତ ହୋଇ ପ୍ରାଥମିକ ଭାବେ ଏକ ତଦନ୍ତ ରିପୋର୍ଟ କେନ୍ଦ୍ର ଗୃହ ମନ୍ତ୍ରଣାଳୟଙ୍କ ନିକଟରେ ଦାଖଲ କରାଯାଇଛି । ସେଥିରୁ ଜଣାପଡ଼ିଛି ଯେ ପ୍ରାୟ ସମୁଦାୟ ୧୫୦୦ ଘର (ପୁଞ୍ଚ ଅଞ୍ଚଳରୁ ୬୯୦ଟି ଓ ଉରି ଅଞ୍ଚଳରୁ ୫୩୪ଟି) ଗୃହ ବୋମା ଓ ଗୁଳିଚାଳନା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି । ସେହିପରି ପୁଞ୍ଚ ପ୍ରଭୃତି ଅଞ୍ଚଳରୁ ୧୮ ଜଣ ପ୍ରାଣ ହରାଇଛନ୍ତି । ପାକିସ୍ତାନର ବୋମା ଓ ଗୁଳିମାଡ଼ ଯୋଗୁଁ ବାରମୁଲା, କୁପୱାରା ଓ ରାଜୌରୀ ଅଞ୍ଚଳ ମଧ୍ୟ ଯଥେଷ୍ଟ କ୍ଷତିଗ୍ରସ୍ତ ହୋଇଛି । ଗତ ଶୁକ୍ରବାରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା କ୍ଷତିଗ୍ରସ୍ତ ଏ ସବୁ ଅଞ୍ଚଳ ପରିଦର୍ଶନ କରିଥିଲେ । ଦେଶର ଏକତା ପାଇଁ ସମସ୍ତେ ଏକଜୁଟ ହେବାକୁ ସେ ଆହ୍ୱାନ ଦେଇଥିଲେ ଏବଂ ପ୍ରାଣ ହରାଇଥିବା ନୀରିହ ନାଗରିକଙ୍କ ପରିବାର ଲୋକଙ୍କୁ ନିଯୁକ୍ତି ପତ୍ର ମଧ୍ୟ ପ୍ରଦାନ କରିଥିଲେ । ନିଜ ପରିବାରର ପ୍ରାଣ ହରାଇଥିବା ବ୍ୟକ୍ତି ତ ଆଉ ଫେରି ଆସିବେ ନାହିଁ, ତଥାପି ନୂତନ ନିଯୁକ୍ତିପତ୍ର ପାଇ ପରିବାରର ଭରଣପୋଷଣ ସେମାନେ କରିବେ ଆଉ ନିଜ ନିଜର ଦୁଃଖକୁ କ୍ରମଶଃ ସେମାନେ ଲାଘବ କରିବାକୁ ଉଦ୍ୟମ କରିବେ ।

ଶ୍ରୀ ଶାହାଙ୍କ ପୂର୍ବରୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଓ ତୃଣମୂଳ କଂଗ୍ରେସର କେତେକ ପ୍ରତିନିଧି ମଧ୍ୟ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ । ଉଭୟ ଶାସକ ଓ ବିରୋଧୀ ଦଳର ନେତାଙ୍କ ଆଗମନ ଯୋଗୁଁ ସେ ଅଞ୍ଚଳର ଲୋକେ ଆଶ୍ୱସ୍ତ ହୋଇଥିବେ । ଧୀରେ ଧୀରେ ଭୟଭୀତ ନାଗରିକମାନେ ସେମାନଙ୍କ ଘରକୁ ଫେରି ଆସୁଛନ୍ତି । ବୋମା ଓ ଗୁଳିଗୋଳା କାରଣରୁ ପ୍ରାଣ ଭୟରେ ସେମାନେ ଗାଁ ଛାଡି ପଳାଇଥିଲେ । ଜାମ୍ମୁ ଓ କାଶ୍ମୀର ସରକାର ମଧ୍ୟ ସାଧାରଣ ନାଗରିକମାନଙ୍କୁ ଥଇଥାନ କରିବା ଲାଗି ଉଦ୍ୟମ ଅବ୍ୟାହତ ରଖିଛନ୍ତି । ଯେଉଁ ଘରଗୁଡ଼ିକ ସମ୍ପୂର୍ଣ୍ଣ ଭାଙ୍ଗିଯାଇ ନଷ୍ଟ ହୋଇ ଯାଇଛି, ସେମାନଙ୍କୁ କ୍ଷତିପୂରଣ ଆକାରରେ ଦୁଇ ଲକ୍ଷ ଟଙ୍କା ଦିଆଯାଉଥିଲେ ମଧ୍ୟ ତାହା ଯଥେଷ୍ଟ ନୁହେଁ ବୋଲି କେହି କେହି ଅଭିଯୋଗ କରୁଥିବା କଥା କୁହାଯାଉଛି । ସେମାନଙ୍କୁ ରିଲିଫ୍ ଅଧିକ ପରିମାଣରେ ଦିଆଯିବା ଲାଗି କେନ୍ଦ୍ର ଗୃହ ମନ୍ତ୍ରୀ ଶ୍ରୀ ଶହାଙ୍କ ପ୍ରତିଶ୍ରୁତି ଯୋଗୁଁ ସେମାନେ ଆଶ୍ୱସ୍ତ ହୋଇଥିବା ଜଣାଯାଇଛି । ଯୁଦ୍ଧ ସମୟରେ ସେମାନଙ୍କ ସୁରକ୍ଷା ଲାଗି ୯,୫୦୦ ବଙ୍କର ନିର୍ମିତ ହୋଇଛି । କେବଳ ଜାମ୍ମୁ ଡିଭିଜନରେ ୮ ହଜାର ଓ କାଶ୍ମୀର ଉପତ୍ୟକାରେ ଦେଢ଼ ହଜାର ବଙ୍କର ନିର୍ମିତ ହୋଇଛି । ପ୍ରତ୍ୟେକ ନାଗରିକଙ୍କୁ ନିଜ ସୁବିଧା ଲାଗି ବଙ୍କର ନିର୍ମାଣ କରିବାକୁ ଲୋକେ ସରକାରଙ୍କୁ ମଧ୍ୟ ଆବେଦନ କରିଛନ୍ତି । ସୀମାନ୍ତ ଅଞ୍ଚଳରେ ନାଗରିକମାନଙ୍କୁ ଉଭୟ କେନ୍ଦ୍ର ଓ ସେଠାକାର ନିର୍ବାଚିତ ସରକାର ନିରାପତ୍ତା ଓ ଆନୁସଙ୍ଗିକ ରିଲିଫ୍ ଯୋଗାଇ ଦେବା ଆବଶ୍ୟକ । ଭାରତର ନାଗରିକ ଭାବେ ସେମାନେ ଶାନ୍ତିର ସହିତ ଯେପରି ରହିପାରିବେ, ସେଥିପାଇଁ ଉଭୟ ସରକାରଙ୍କୁ ସଚେତନ ହୋଇ କାର୍ଯ୍ୟ କରିବାକୁ ହେବ । ଜାମ୍ମୁ ଓ କାଶ୍ମୀର ଅଞ୍ଚଳର ନାଗରିକଙ୍କ ଲାଗି ଏହି ସମସ୍ୟାର ସ୍ଥାୟୀ ସମାଧାନ କରାଯିବା ଉଚିତ ।

**ସଙ୍କଳ୍ପ**

**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଶୁଖି ଆସୁଛି ସ୍ରୋତସ୍ୱିନୀ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଏସିଆ ମହାଦେଶର ହିନ୍ଦୁକୁଶ-ହିମାଳୟ ପର୍ବତମାଳାରେ ତୁଷାରପାତ କ୍ରମାଗତ ଭାବେ ହ୍ରାସ ପାଉଛି । ଏହା ଏକ ପ୍ରମୁଖ ପରିବେଶଗତ ସମସ୍ୟା । ଗତ ୨୩ ବର୍ଷ ମଧ୍ୟରେ ବର୍ତ୍ତମାନ ଏହା ସର୍ବନିମ୍ନ ସ୍ତରରେ ଅଛି । କ୍ଷେତ୍ରଫଳ ଏବଂ ଜନସଂଖ୍ୟା ଉଭୟ ଦୃଷ୍ଟିରୁ ଏସିଆ ବିଶ୍ୱର ସବୁଠାରୁ ବଡ଼ ମହାଦେଶ । ପଶ୍ଚିମରେ, ଏହାର ସୀମା ୟୁରୋପକୁ ମିଶିଛି । ଏଥିରେ ୪୯ଟି ଦେଶ ଅନ୍ତର୍ଭୁକ୍ତ । ଏହାର ଜନସଂଖ୍ୟା ପ୍ରାୟ ୪୭୦ କୋଟି । ବିଶ୍ୱର ମୋଟ ଜନସଂଖ୍ୟା ଦୃଷ୍ଟିରୁ, ଏହା ପ୍ରାୟ ୬୦ ପ୍ରତିଶତ । ଏହାର ସାଂସ୍କୃତିକ ଏବଂ ଭୌଗୋଳିକ ବିବିଧତା ସମଗ୍ର ବିଶ୍ୱରେ ଭିନ୍ନ ଏବଂ ସମୃଦ୍ଧ ।

କିଛି ଦିନ ପୂର୍ବରୁ, ଜାତିସଂଘର ବିଶ୍ୱ ପାଣିପାଗ ସଂଗଠନ, ଅର୍ଥାତ୍ WMO, ଜଳବାୟୁ ସମ୍ବନ୍ଧୀୟ ବିପର୍ଯ୍ୟୟ ଦ୍ୱାରା ଏସିଆକୁ ସର୍ବାଧିକ ପ୍ରଭାବିତ ଅଞ୍ଚଳ ବୋଲି କହି ଚିନ୍ତା ବଢ଼ାଇଛି । ସଂଗଠନ ଦ୍ୱାରା ମାର୍ଚ୍ଚରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ଗତ ଛଅ ବର୍ଷ ମଧ୍ୟରୁ ପାଞ୍ଚ ବର୍ଷ ହିମଭଣ୍ଡାରରେ ଦ୍ରୁତତମ ହ୍ରାସ ଦେଖାଦେଇଛି । ଇଣ୍ଟରନ୍ୟାସନାଲ ସେଣ୍ଟର ଫର ଇଣ୍ଟିଗ୍ରେଟେଡ୍ ମାଉଣ୍ଟେନ୍ ଡେଭଲପମେଣ୍ଟ (ICIMOD) ହେଉଛି ଏକ ଆଞ୍ଚଳିକ ଆନ୍ତଃସରକାରୀ ଶିକ୍ଷା କେନ୍ଦ୍ର ଯାହା ହିନ୍ଦୁକୁଶ ହିମାଳୟ କ୍ଷେତ୍ର ପାଇଁ କାର୍ଯ୍ୟ କରେ । ୧୯୮୩ ମସିହାରେ ପ୍ରତିଷ୍ଠିତ ଏହି ସଂଗଠନ କାଠମାଣ୍ଡୁରେ ଅବସ୍ଥିତ । ଏହା ଏହି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ଅତ୍ୟନ୍ତ ସବୁଜ, ଲୋକଙ୍କ ଜୀବନ ଜୀବିକା ଉନ୍ନତ କରିବା, ପର୍ବତ ପରିବେଶ ଏବଂ ସଂସ୍କୃତିକୁ ସୁରକ୍ଷା ଦେବା ସହ ବିକାଶ ପାଇଁ ଆଞ୍ଚଳିକ ସହଯୋଗକୁ ମଜବୁତ କରିବା ଦିଗରେ କାର୍ଯ୍ୟ କରେ । ଗତ ବର୍ଷ ନଭେମ୍ବର ଏବଂ ମାର୍ଚ୍ଚ ମଧ୍ୟରେ ହିନ୍ଦୁକୁଶ ହିମାଳୟ ଅଞ୍ଚଳରେ ତୁଷାରପାତର ସ୍ତର ସ୍ୱାଭାବିକ ଠାରୁ କମ୍ ହେଉଛି ।

ICIMOD ର '୨୦୨୫ ହିନ୍ଦୁକୁଶ ହିମାଳୟ ତୁଷାର' ରେ କୁହାଯାଇଛି ଯେ ଏହା ସମଗ୍ର ଅଞ୍ଚଳରେ ସ୍ୱାଭାବିକ ଠାରୁ କମ୍ ଋତୁକାଳୀନ ତୁଷାରପାତର କ୍ରମାଗତ ତୃତୀୟ ବର୍ଷ । ନଦୀ ଉପତ୍ୟକାରେ ମୋଟ ବାର୍ଷିକ ଜଳ ପ୍ରବାହରେ ତୁଷାରପାତର ଅବଦାନ ପ୍ରାୟ ୨୩ ପ୍ରତିଶତ । ଏହି ବର୍ଷ, ଗଙ୍ଗାର ଉତ୍ପତ୍ତିରେ ତୁଷାରପାତର ସ୍ତର ସ୍ୱାଭାବିକ ଠାରୁ ୨୪.୧ ପ୍ରତିଶତ କମ୍ ଥିଲା, ଯାହା ଗତ ୨୩ ବର୍ଷ ମଧ୍ୟରେ ସର୍ବନିମ୍ନ । କ୍ଷେତ୍ରଫଳ ଏବଂ ଜନସଂଖ୍ୟା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହିନ୍ଦୁକୁଶ ହିମାଳୟ ପର୍ବତମାଳା ଅଞ୍ଚଳ ଆଠଟି ଦେଶର ପ୍ରାୟ ୪ ଲକ୍ଷ ୩୦ ହଜାର ବର୍ଗ କିଲୋମିଟରରେ ବିସ୍ତାରିତ । ଏହା ଦୁଇ ବିଲିୟନ ଲୋକଙ୍କ ପାଇଁ ଖାଦ୍ୟ, ପାଣି ଏବଂ ବିଦ୍ୟୁତ ସୁରକ୍ଷା ସହିତ ଅନେକ ତଥାକଥିତ ବିଲୁପ୍ତ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀ ଏବଂ ଅଗଣିତ ପ୍ରଜାତିଙ୍କ ଆବାସସ୍ଥଳ ।

ଏହା ଚିନ୍ତାର ବିଷୟ ଯେ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ପର୍ବତଗୁଡ଼ିକ ପର୍ଯ୍ୟନ୍ତ ପହଞ୍ଚିଛି । ଏହି କାରଣରୁ, ସେଠାରେ ତୁଷାର ଦ୍ରୁତ ଗତିରେ ତରଳିବାରେ ଲାଗିଛି । ଯେଉଁଠାରେ ଥରେ ତୁଷାରର ଘନ, କଠିନ ସ୍ତର ଦୃଶ୍ୟମାନ ହେଉଥିଲା, ଏବେ ସେଗୁଡ଼ିକ ପତଳା କାଚ ପରି ଦେଖାଯାଉଛି । ସାଧାରଣତଃ, ପର୍ବତଗୁଡ଼ିକ ଉପରେ ବରଫ ପଥର ଧୀରେ ଧୀରେ ତରଳିଥାଏ । କିନ୍ତୁ ବର୍ତ୍ତମାନ ଏହା ପଥରର ରୂପ ନେବା ପୂର୍ବରୁ ତରଳି ଯାଏ । ବରଫ ପ୍ରକୃତରେ ଜଳର ଏକ ଅବସ୍ଥା । ଯେତେବେଳେ ପାଣିର ତାପମାତ୍ରା ଶୂନ୍ୟ ଡିଗ୍ରୀ ସେଲସିୟସ୍ କିମ୍ବା ତା'ଠାରୁ କମ୍ ହୁଏ, ଏହା ବରଫରେ ପରିଣତ ହୁଏ । ବର୍ତ୍ତମାନ, ପରିବେଶ ବିରୋଧୀ ମାନବ କାର୍ଯ୍ୟକଳାପ ଦ୍ୱାରା ପ୍ରାକୃତିକ ପରିସ୍ଥିତି ଖରାପ ଭାବରେ ପ୍ରଭାବିତ ହେଉଛି, ଯାହାର ଫଳାଫଳ ଦୃଶ୍ୟମାନ ।

ଏହା ନିଶ୍ଚିତ ଭାବରେ ଅତ୍ୟନ୍ତ ଗମ୍ଭୀର ପରିସ୍ଥିତି । ହିମବାହରୁ ଆସୁଥିବା ଜଳ ଉପରେ ନିର୍ଭରଶୀଳ ଜନସଂଖ୍ୟା, ଉଦ୍ଭିଦ, ପଶୁ, ପକ୍ଷୀ ଏବଂ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ପାଇଁ ଏକ ପ୍ରକାର ବିପଦ ଘଣ୍ଟି । ଗ୍ରୀଷ୍ମ ଋତୁ ଆରମ୍ଭରେ ସାଧାରଣ ତୁଷାରପାତର ବର୍ତ୍ତମାନର ଧାରା ଜଳ ଉପଲବ୍ଧତା ପାଇଁ ଚିନ୍ତାଜନକ । ଗଙ୍ଗା, ବ୍ରହ୍ମପୁତ୍ର ଏବଂ ସିନ୍ଧୁ ଅବବାହିକା ଅନେକ ନଦୀର ଉତ୍ସ । ଏଗୁଡ଼ିକ ଉପରେ ଭାରତର ଲକ୍ଷ ଲକ୍ଷ ଲୋକ ଜୀବନ ଜୀବିକା ପାଇଁ ନିର୍ଭରଶୀଳ । ବର୍ତ୍ତମାନ ଏହି ନଦୀଗୁଡ଼ିକ ଶୀଘ୍ର ଶୁଖିଯିବାର ସଙ୍କେତ ବହୁତ ଚିନ୍ତାଜନକ । ଯଦି ନଦୀଗୁଡ଼ିକ ଶୁଖିଯାଏ, ତେବେ ଭୟଙ୍କର ବିନାଶ ନିଶ୍ଚିତ । ବରଫ ସ୍ଥିରତା ଅର୍ଥ ହେଉଛି ବରଫ ତରଳି ନ ଯାଇ କେତେ ସମୟ ତା'ର ଆକାରରେ ରହିପାରିବ ।

ଏହା ଏହାର ଗଠନ ଉପରେ ନିର୍ଭର କରେ । ଏଥିପାଇଁ ପ୍ରାକୃତିକ ପରିସ୍ଥିତି ଦାୟୀ ଯାହା ତାପମାତ୍ରା ଏବଂ ଅନ୍ୟାନ୍ୟ କାରଣ ଉପରେ ମଧ୍ୟ ନିର୍ଭର କରେ । ଚିନ୍ତାର ବିଷୟ ହେଉଛି ପରିବେଶ ବିରୋଧୀ କାର୍ଯ୍ୟକଳାପ ତା'ସହିତ ଅସ୍ୱାଭାବିକ ତାପମାତ୍ରା କାରଣରୁ ସାମ୍ପ୍ରତିକ ବର୍ଷଗୁଡ଼ିକରେ ସମଗ୍ର ବିଶ୍ୱ ପ୍ରଭାବିତ ହେଉଛିଛ ଗଙ୍ଗା, ବ୍ରହ୍ମପୁତ୍ର, ସିନ୍ଧୁ, ମେକଙ୍ଗ, ସାଲୱିନ୍ ଏବଂ ହେଲମାଣ୍ଡ ନଦୀ ଉପତ୍ୟକାରେ ତୁଷାର ଜମା ହେବା ମଧ୍ୟ ସ୍ୱାଭାବିକ ଅପେକ୍ଷା ବହୁତ କମ୍ । କିଛି ଉପତ୍ୟକାରେ, ୨୦୦୩ ପରଠାରୁ ସର୍ବନିମ୍ନ ତୁଷାରପାତ ହୋଇଥିଲା । ଏହି କାରଣରୁ, ବାରଟି ପ୍ରମୁଖ ନଦୀ ଉପତ୍ୟକାରେ ତୁଷାର ଜମା ସ୍ୱାଭାବିକ ଅପେକ୍ଷା କମ୍ ଥିଲା । ମେକାଙ୍ଗରେ ୫୧.୯ ପ୍ରତିଶତ କମ୍, ସାଲୱିନ୍‌ରେ ଏହା ୪୮.୩ ପ୍ରତିଶତ କମ୍ ତିବ୍ବତୀୟ ମାଳଭୂମିରେ ୨୯.୧ ପ୍ରତିଶତ କମ୍, ବ୍ରହ୍ମପୁତ୍ର ଅଞ୍ଚଳରେ ୨୭.୯ ପ୍ରତିଶତ କମ୍, ୟାଙ୍ଗତେଜରେ ୨୬.୩ ପ୍ରତିଶତ କମ୍ ଏବଂ ଗଙ୍ଗାରେ ୨୪.୧ ପ୍ରତିଶତ କମ୍ ଥିଲା । ସିନ୍ଧୁ, ଗଙ୍ଗା ଏବଂ ବ୍ରହ୍ମପୁତ୍ର ବ୍ୟତୀତ ଦଶଟି ପ୍ରମୁଖ ଏସୀୟ ନଦୀ ପ୍ରଣାଳୀ ହିନ୍ଦୁକୁଶ ହିମାଳୟ ଦ୍ୱାରା ପୋଷଣ ହୋଇଥାଏ । ଏଗୁଡ଼ିକ ଆଠଟି ଦେଶରେ ବିସ୍ତାରିତ । ଏଥିରେ ଭାରତ, ପାକିସ୍ତାନ, ଆଫଗାନିସ୍ତାନ, ଭୁଟାନ, ବାଂଲାଦେଶ, ଚୀନ୍, ନେପାଳ ଏବଂ ମିଆଁମାର ଅନ୍ତର୍ଭୁକ୍ତ । ଏହା ଏହି କ୍ଷେତ୍ରଗୁଡ଼ିକ ପାଇଁ ଜୀବନରେଖା । କିନ୍ତୁ ସାମ୍ପ୍ରତିକ ରିପୋର୍ଟଗୁଡ଼ିକରେ ତୁଷାର ଆବରଣର ବିରାଟ ହ୍ରାସ ପ୍ରକାଶ ପାଇଛି । କିଛି ସ୍ଥାନରେ ଏହା ପ୍ରାୟ ୫୦ ପ୍ରତିଶତରୁ ଅଧିକ । ଏହା ଏକ ଗମ୍ଭୀର ଏବଂ ଚିନ୍ତାଜନକ ପରିସ୍ଥିତ ବୋଲି ମନେ ହୋଇଥାଏ ।

**ଏହା ନିଶ୍ଚିତ ଭାବରେ ଅତ୍ୟନ୍ତ ଗମ୍ଭୀର ପରିସ୍ଥିତି । ହିମବାହରୁ ଆସୁଥିବା ଜଳ ଉପରେ ନିର୍ଭରଶୀଳ ଜନସଂଖ୍ୟା, ଉଦ୍ଭିଦ, ପଶୁ, ପକ୍ଷୀ ଏବଂ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ପାଇଁ ଏକ ପ୍ରକାର ବିପଦ ଘଣ୍ଟି । ଗ୍ରୀଷ୍ମ ଋତୁ ଆରମ୍ଭରେ ସାଧାରଣ ତୁଷାରପାତର ବର୍ତ୍ତମାନର ଧାରା ଜଳ ଉପଲବ୍ଧତା ପାଇଁ ଚିନ୍ତାଜନକ । ଗଙ୍ଗା, ବ୍ରହ୍ମପୁତ୍ର ଏବଂ ସିନ୍ଧୁ ଅବବାହିକା ଅନେକ ନଦୀର ଉତ୍ସ । ଏଗୁଡ଼ିକ ଉପରେ ଭାରତର ଲକ୍ଷ ଲକ୍ଷ ଲୋକ ଜୀବନ ଜୀବିକା ପାଇଁ ନିର୍ଭରଶୀଳ । ବର୍ତ୍ତମାନ ଏହି ନଦୀଗୁଡ଼ିକ ଶୀଘ୍ର ଶୁଖିଯିବାର ସଙ୍କେତ ବହୁତ ଚିନ୍ତାଜନକ । ଯଦି ନଦୀଗୁଡ଼ିକ ଶୁଖିଯାଏ, ତେବେ ଭୟଙ୍କର ବିନାଶ ନିଶ୍ଚିତ । ବରଫ ସ୍ଥିରତା ଅର୍ଥ ହେଉଛି ବରଫ ତରଳି ନ ଯାଇ କେତେ ସମୟ ତା'ର ଆକାରରେ ରହିପାରିବ ।**

ନୟାଗଡ଼,
ମୋ- ୯୪୩୭୬୪୨୯୪୭

# ମନୁଷ୍ୟ ଜୀବନରେ ଦିବ୍ୟଜ୍ଞାନର ପ୍ରାପ୍ତି

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସେ ସର୍ବଦା ଅନ୍ୟ ଉପରେ ନିର୍ଭରଶୀଳତାକୁ ଗୁରୁତ୍ୱ ଦେଇଥାଏ । ଯେପରିକି ଆଶ୍ରା, ଆଶ୍ରିତ ଓ ଆଶ୍ରୟକୁ ନେଇ ଜୀବନର ଗତିକୁ ଆଗେଇ ନେଇଥାଏ । ଏହାର ଅର୍ଥ ଆମେ ସର୍ବଦା ଭଗବାନଙ୍କ ଉପରେ ଆଶ୍ରା କରିବା ଦରକାର । ଯାହା ଉପରେ ଆଶ୍ରା କରିବା ତାର ହିଁ ଆଶ୍ରିତ ହେବା ଶ୍ରେୟସ୍କର । କାରଣ ଆମର ତା ସହିତ ଆସ୍ଥା ଯୋଡି ହେଲା । ଆସ୍ଥା ଯୋଡି ହେଲେ ମନୁଷ୍ୟ ନିଜକୁ ସୁରକ୍ଷିତ ମନେକରି ତାରି ପାଖରେ ଆଶ୍ରୟ ନେବାକୁ ସୁଖ ମଣେ । ଶାସ୍ତ୍ର କହୁଛି ମଣିଷ ମାତ୍ରକେ ଗୁରୁ ଓ ଗୋବିନ୍ଦଙ୍କ ଚରଣକୁ ଯିବା ଦରକାର, ନଚେତ ଶାନ୍ତି ଓ ମୁକ୍ତି ମିଳିବ ନାହିଁ । ଗୁରୁ ଚରଣ ମାନେ ଯାହାର ଆଦର୍ଶ ଆମକୁ ଅନୁପ୍ରାଣିତ କରେ । ଜୀବନର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ସେହି ନୀତି ଆଦର୍ଶ ସହାୟକ ହେବ । ଯେଉଁ ବ୍ୟକ୍ତି ଗଭୀର ଶ୍ରଦ୍ଧାବାନ ଅଟନ୍ତି ଏବଂ ମନ ଓ ଇନ୍ଦ୍ରିୟକୁ ଦମନ କରିବାର ଅଭ୍ୟାସ କରିଥାଆନ୍ତି, ସେ ଦିବ୍ୟଜ୍ଞାନ ପ୍ରାପ୍ତ କରନ୍ତି । ଏଠାରେ ଆମେ ଦେଖିବା ଦୁଇଟି ଶବ୍ଦକୁ, ଗୋଟିଏ ଶ୍ରଦ୍ଧା ଓ ଅନ୍ୟଟି ଜ୍ଞାନ । ଏଇ ଦୁଇଟି ଶବ୍ଦର ଅର୍ଥ, ଗୁରୁ ଶାସ୍ତ୍ରେଷୁ ବିଶ୍ୱାସକୁ ଶ୍ରଦ୍ଧା କହନ୍ତି ଓ ଯେଉଁଟି ଯାହା ତାକୁ ସେହି ରୂପେ ଜାଣିବା ହେଉଛି ଜ୍ଞାନ । ଯେଉଁଟି ଯାହା ତାକୁ ଅନ୍ୟ ରୂପରେ ଦେଖିବା ହେଉଛି ଅଜ୍ଞାନ । ଏଠାରେ ଜ୍ଞାନ ଅର୍ଥ ଦିବ୍ୟଜ୍ଞାନକୁ ବୁଝାଉଛି, ଯାହା ଏପରି ଏକ ବିଷୟ ଯାହାର ପ୍ରାପ୍ତିରେ ମନୁଷ୍ୟ ପବିତ୍ର ହୋଇଯାଏ । ସୁଖ ଓ ଶାନ୍ତି ପ୍ରାପ୍ତି କରେ । ଅଜ୍ଞାନ ହେଉଛି ଆମର ବନ୍ଧନର କାରଣ ଏବଂ ଜ୍ଞାନ ହେଉଛି ଆମର ମୁକ୍ତି । ଯେତେବେଳେ ବ୍ୟକ୍ତି ଦିବ୍ୟଜ୍ଞାନ ସ୍ତରରେ ଅବସ୍ଥାନ କରେ, ସେତେବେଳେ ସେ ଆଉ ଅନ୍ୟତ୍ର ଶାନ୍ତିର ଅନ୍ୱେଷଣ କରିବା ଦରକାର ନାହିଁ । କାରଣ ସେ ନିଜ ମଧ୍ୟରେ ହିଁ ଶାନ୍ତି ପାଏ । ଦିବ୍ୟଜ୍ଞାନର ବୃଦ୍ଧି ଘଟିଲେ ତାର ସମସ୍ତ ସନ୍ଦେହ ଦୂରୀଭୂତ ହୋଇଯାଏ । ଶ୍ରଦ୍ଧା ଦ୍ୱାରା ଜ୍ଞାନ ପ୍ରାପ୍ତ ହୁଏ ଏବଂ ଯେଉଁ ଶ୍ରଦ୍ଧା, ଗୁରୁ ଓ ଶାସ୍ତ୍ର ଉପରେ ବିଶ୍ୱାସ କଲେ ଯାଇ ମିଳିବ । ବିଶ୍ୱାସ ମଧ୍ୟ ସହଜେ ହେବ ନାହିଁ କାରଣ ବିଶ୍ୱାସ ଅନୁଭବର କଥା । ଯେବେ ବିଦ୍ୟାର୍ଥୀ ଗୁରୁ ଓ ଶାସ୍ତ୍ର ଅନୁମୋଦିତ ନିୟମ ଅନୁଯାଇ ଚାଲିବ, ନିଜ ଜୀବନର କର୍ତ୍ତବ୍ୟକୁ ସେହି ରୂପେ ପାଳନ କରିବ । ତେବେ ଯାଇ ଅନୁଭବ ଓ ବିଶ୍ୱାସ ହେବ । ଏଣୁ ଆମେ ଅଜ୍ଞାନଜନିତ କଷ୍ଟକୁ ଜ୍ଞାନ ରୂପକ ଖଡ଼ଗ ଦ୍ୱାରା କାଟିବା ପାଇଁ ସକ୍ଷମ ହୋଇପାରିଲେ, ସର୍ବଦା ସୁଖ ଓ ଶାନ୍ତିରେ ଜୀବନ ଅତିବାହିତ କରିପାରିବା ।

ଭଗବାନଙ୍କ ଏହି ସୁନ୍ଦର ସଂସାରରେ ଦିବ୍ୟଜ୍ଞାନ ହେଉଛି ଅମୃତ ପରି ଆଉ ତାହାକୁ ପ୍ରାପ୍ତ କରିପାରିଲେ ଏ ସଂସାରରେ ସବୁ କିଛି ମିଳିଯିବା ସହ ଭଗବାନଙ୍କୁ ଅନୁଭବ କରିଲା ପରି ଲାଗେ । ତେବେ ଏହି ଦିବ୍ୟଜ୍ଞାନରେ ଶୁଦ୍ଧ କରିବା, ଉନ୍ନତ କରିବା, ମୁକ୍ତ କରିବା ଏବଂ ଭଗବାନଙ୍କ ସହିତ ମିଳିତ କରାଇବାର ଶକ୍ତି ରହିଛି, ତେଣୁ ଏହା ଅତ୍ୟନ୍ତ ଗରିମାମୟ ଏବଂ ଶୁଦ୍ଧ ଅଟେ । ଏହି ଜ୍ଞାନ ଦୁଇ ପ୍ରକାରର । ଏକରେ ଶାବ୍ଦିକ ଜ୍ଞାନ ଏବଂ ଦ୍ୱିତୀୟରେ ଅନୁଭବାତ୍ମକ ଜ୍ଞାନ । ଗୋଟିଏ ପ୍ରକାର ଜ୍ଞାନ ଅଛି ଯାହା ଶାସ୍ତ୍ର ପଠନ ଏବଂ ଗୁରୁଙ୍କ ଠାରୁ ଶ୍ରବଣ ଦ୍ୱାରା ହୋଇଥାଏ । କିନ୍ତୁ କେବଳ ଶାବ୍ଦିକ ଜ୍ଞାନ ଅପର୍ଯ୍ୟାପ୍ତ ଅଟେ, ସବୁକିଛି ପ୍ରାପ୍ତି ପାଇଁ ଅର୍ଥାତ୍ ଭଗବାନଙ୍କୁ ଉପଲବ୍ଧି କରିବା ପାଇଁ । ଉଦାହରଣ, ଯେପରି ଜଣେ ବ୍ୟକ୍ତି ପାକଶାସ୍ତ୍ର ପଠନ କରିଥାଏ କିନ୍ତୁ କେବେ ସେ ରୋଷେଇଶାଳକୁ ଯାଇ ନ ଥାଏ । ଅର୍ଥାତ୍ ସେ ରୋଷେଇ ବିଷୟରେ ଅଧ୍ୟୟନ କରିଛି କିନ୍ତୁ ରୋଷେଇ କରି ଶିଖି ନାହିଁ । ରୋଷେଇର ଏହି ଶାବ୍ଦିକ ଜ୍ଞାନ କାହାର କ୍ଷୁଧା ମେଣ୍ଟାଇ ପାରିବ ନାହିଁ । ସେହିପରି ଜଣେ ବ୍ୟକ୍ତି ଗୁରୁଙ୍କଠାରୁ ଆତ୍ମା, ଭଗବାନ୍, ମାୟା, କର୍ମ, ଜ୍ଞାନ ଏବଂ ଭକ୍ତି ବିଷୟରେ ଶାବ୍ଦିକ ଜ୍ଞାନ ପ୍ରାପ୍ତ କରିପାରେ, କିନ୍ତୁ ତାହା ଭଗବତ୍‌ପ୍ରାପ୍ତି କରାଇ ନ ଥାଏ ।

ବ୍ୟକ୍ତି ଯେତେବେଳେ ଏହି ଶାବ୍ଦିକ ଜ୍ଞାନ ଅନୁସାରେ ସାଧନା କରି ତା'ର ଅନ୍ତଃକରଣ ଶୁଦ୍ଧ କରିଥାଏ, ସେତେବେଳେ ତାଙ୍କ ଅନ୍ତରରେ ଆତ୍ମା ବିଷୟରେ ଏବଂ ଭଗବାନଙ୍କ ସହିତ ତାଙ୍କର ସମ୍ବନ୍ଧ ବିଷୟରେ ଜ୍ଞାନ ଉଦ୍ଭାସିତ ହୁଏ । ଏହାର ପ୍ରାପ୍ତି ପାଇଁ ଯୋଗ ସାଧନା ଆବଶ୍ୟକ । ଯୋଗ ସାଧନା ମାଧ୍ୟମରେ ଅନ୍ତରର ଅନୁଭୂତି ଦ୍ୱାରା ଯେଉଁ ଜ୍ଞାନ ପ୍ରାପ୍ତ ହୋଇଥାଏ, ତାହା ଶାବ୍ଦିକ ଜ୍ଞାନ ଅପେକ୍ଷା ଶ୍ରେଷ୍ଠତର ଅଟେ । ଆସନ୍ତୁ, ଏ ଦିବ୍ୟଜ୍ଞାନକୁ ନେଇ ଛୋଟ କଥାଟିଏ ଜାଣିବା ଯେ ଦିବ୍ୟଜ୍ଞାନ କିପରି ଉଦୟ ହୁଏ ଆଉ ଏହି ଦିବ୍ୟଜ୍ଞାନ ଦ୍ୱାରା ମନୁଷ୍ୟର ମନ କିପରି ପରିବର୍ତ୍ତନ ହୋଇଥାଏ । ଜଣେ ରାଜକୁମାର ତତ୍‌କ୍ଷଣାତ୍ ଦିବ୍ୟଜ୍ଞାନ ଲାଭ କାମନାରେ, ଜଣେ ଗୁରୁଙ୍କୁ ଭେଟିଲେ । ତାଙ୍କ କାମନା ବାବଦରେ ଜାଣି, ଗୁରୁ ଏହା ସମ୍ଭବ ବୋଲି କହିଲେ । ରାଜକୁମାର କେଉଁ ବିଦ୍ୟାରେ ସବୁଠାରୁ ନିପୁଣ, ଗୁରୁ ଜାଣିବାକୁ ଚାହିଁଲେ । ରାଜକୁମାରଙ୍କୁ ଅନେକ ସାମରିକ କଳା ଜଣାଥିଲା । ସେ ଅଶ୍ୱାରୋହଣରେ ସବୁଠାରୁ ପାରଙ୍ଗମ ବୋଲି କହିଲେ । ମଠରେ ରହୁଥିବା ଗୁରୁଙ୍କର ଜଣେ ଚେଲା ବି ଏହି ବିଦ୍ୟାରେ ନିପୁଣ ଥିଲେ । ଦୁହିଁଙ୍କ ଭିତରେ ପ୍ରତିଯୋଗିତା ପାଇଁ ଗୁରୁ କହିଲେ । ସର୍ତ୍ତ ରହିଲା (ଯିଏ ହାରିବ, ସେ ନିଜ ପେଟକୁ ନିଜେ ଛୁରି ଭୁଷିବ) ଦ୍ୱାରା ଆତ୍ମହତ୍ୟା କରିବ । ରାଜକୁମାରଙ୍କୁ ଲାଗିଲା, ମଠରେ ରହୁଥିବା ପ୍ରତିଦ୍ୱନ୍ଦ୍ୱୀ କେବେ ହେଲେ ଜିତି ପାରିବନାହିଁ । ତା'ର ଜୀବନ ଯିବ । ହଠାତ୍ ସେ ଚିନ୍ତିତ ଦିଶିଲେ- ଆରେ ମୁଁ ଏ କ'ଣ କରୁଛି? ମୁଁ ବଡ଼ ନିଷ୍ଠୁର । ମୁଁ ଦିବ୍ୟଜ୍ଞାନ ତଲାସରେ ଆସିଥିଲି । ଆଉ ମୋ ପାଇଁ ଏବେ ଜଣଙ୍କର ପ୍ରାଣ ଯିବ । ଜଣଙ୍କର ମୃତ୍ୟୁରୁ ପ୍ରାପ୍ତ ଦିବ୍ୟଜ୍ଞାନ ମୋ'ର କେଉଁ କାମରେ ଲାଗିବ ? ସେ ବିଚଳିତ ହୋଇପଡ଼ିଲେ । ଯଦି, ଜାଣିଶୁଣି ହାରିବେ, ନିଜ ପ୍ରାଣ ଯିବ, ଜିତିଲେ ନିରୀହ ପ୍ରତିଦ୍ୱନ୍ଦ୍ୱୀର । ଏହା ଭାବିଭାବି ସେ ଡରିଗଲେ । ତାଙ୍କ ଅବସ୍ଥା ଦେଖି ଉପସ୍ଥିତ ଥିବା ଗୁରୁ କହିଲେ- ତୁମ ହୃଦୟ ନିର୍ମଳ । ତୁମେ ବିବେକବାନ । ତେଣୁ, ତୁମେ ପ୍ରତିଦ୍ୱନ୍ଦ୍ୱୀର ମୃତ୍ୟୁର କାରଣ ହେବା ପାଇଁ ଇଚ୍ଛା କରୁନାହଁ । ଏହା ହିଁ ତ ଦିବ୍ୟଜ୍ଞାନ ।

ଅରଙ୍ଗାବାଦ, ବରୀ, ଯାଜପୁର

# ବ୍ରହ୍ମଚର୍ଯ୍ୟ ହିଁ ଜୀବନର ପରମ ପଥ

**କିଶୋର କୁମାର ଜେନା**

ବ୍ରହ୍ମଚର୍ଯ୍ୟ ଗୋଟିଏ ଦିବ୍ୟଶବ୍ଦ। ଏଥିରେ ସମସ୍ତ ଯୋଗର ସାରତତ୍ତ୍ୱ ନିହିତ । ଯେଉଁ ଆଚାର ବଳରେ ବ୍ରହ୍ମପ୍ରାପ୍ତି କରିହୁଏ, ତାହା ବ୍ରହ୍ମଚର୍ଯ୍ୟ । ବ୍ରହ୍ମଚର୍ଯ୍ୟ ହିଁ ଜୀବନର ପରମ ପଥ । ଏହାକୁ ହିଁ ଆତ୍ମସାକ୍ଷାତକାର ପଥରେ ଅଗ୍ରଗତି ବୋଲାଯାଏ । କାୟ, ମନ ଓ ବାକ୍ୟରେ ବିଶୁଦ୍ଧତା ରକ୍ଷା କରିବାର ନାମ ବ୍ରହ୍ମଚର୍ଯ୍ୟ । ବୀର୍ଯ୍ୟଧାରଣ ଓ ଜିତେନ୍ଦ୍ରିୟତାକୁ ବ୍ରହ୍ମଚର୍ଯ୍ୟ ବୋଲାଯାଏ । ଭଗବାନ ଶ୍ରୀସତ୍ୟସାଇ ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ମନୁଷ୍ୟ କାମବାସନାରେ ଉତ୍ତେଜିତ ହୋଇଗଲେ, ପ୍ରାଣ ଚଞ୍ଚଳ ହୋଇଯାଏ । ପ୍ରାଣବାୟୁ ଆଭ୍ୟନ୍ତରୀଣ ବୀର୍ଯ୍ୟକୁ ଅସ୍ଥିର କରିଦିଏ ଓ ବୀର୍ଯ୍ୟ ବିଗଳିତ ହୋଇଯାଏ ।

ବ୍ରହ୍ମଚର୍ଯ୍ୟର ଅର୍ଥ ହେଲା ମନ, ବଚନ ଓ କର୍ତ୍ତବ୍ୟରେ ସର୍ବଦା ଇନ୍ଦ୍ରିୟମାନଙ୍କୁ ଆୟତ୍ତ କରିବା, ଯେମିତି ବ୍ରହ୍ମଚର୍ଯ୍ୟ ମହିମାର ଅନ୍ତ ନାହିଁ, ଠିକ୍ ସେମିତି ତ୍ୟାଗକ୍ଷେତ୍ରର ସୀମା ନାହିଁ । ଯେଉଁ ବ୍ୟକ୍ତି ବ୍ରହ୍ମଚର୍ଯ୍ୟ କାମନା କରିବେ ସେ ବ୍ୟକ୍ତି ନିଜର ସକଳ ପ୍ରକାର ଦୋଷ ଦୁର୍ବଳତା ସମ୍ପର୍କରେ ଜାଗ୍ରତ ରହିବା ଦରକାର । ଯେତେଦିନ ପର୍ଯ୍ୟନ୍ତ ଚିନ୍ତା ମନର ପୂରା ଆୟତ୍ତକୁ ନ ଆସିଛି, ସେତେଦିନ ପର୍ଯ୍ୟନ୍ତ ପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ଅସମ୍ଭବ । ଅଜ୍ଞାତରେ ବା ଅନିଚ୍ଛାରେ ଯେଉଁସବୁ ଚିନ୍ତା ମନରେ ସ୍ଥାନ ପାଏ ସେସବୁ ମନର ବିକାର । ଏ ପ୍ରକାର ଚିନ୍ତାକୁ ଆୟତ୍ତ କରିବା ଅର୍ଥ ନିଜ ମନକୁ ଆୟତ୍ତ କରିବା । ମନୁଷ୍ୟକୁ ଅସମ୍ଭବକୁ ସମ୍ଭବ କରିପାରେ, ମାତ୍ର ମନକୁ ଆୟତ୍ତ କରିବା ଅତି କଠିନ । ଏହାବୋଲି ନିରାଶ ହେବାର ନୁହେଁ ।'

ବ୍ରହ୍ମଚର୍ଯ୍ୟ ପାଳନ ପାଇଁ ବାହ୍ୟିକ ସ୍ତରରେ ଯେଉଁସବୁ ଉଦ୍ୟମ କରାଯିବା କଥା ତନ୍ମଧ୍ୟରୁ ସଂଯମ ଅଭ୍ୟାସ ସହ ଉପବାସ ଅନ୍ୟତମ । ଏ ସମ୍ପର୍କରେ ମୋହନଦାସ କରମଚାନ୍ଦ ଗାନ୍ଧୀ ସ୍ୱୀୟ ଆତ୍ମକଥା 'ସତ୍ୟର ପ୍ରୟୋଗ'ରେ ଲେଖିଛନ୍ତି - ଇନ୍ଦ୍ରିୟର ଶକ୍ତି ଏତେ ପ୍ରବଳ ଯେ ତାକୁ ଉପରୁ ତଳୁ, ଚାରିପଟୁ ବନ୍ଧନୀ ଭିତରେ ବନ୍ଦ ନକଲେ ଆୟତ୍ତ କରିବା ବଡ଼ କଠିନ । ଏପରି ଉପବାସରେ ଜିହ୍ୱା ଲାଳସା ବା ଇନ୍ଦ୍ରିୟ ପ୍ରବୃତ୍ତିର ଦମନ ହୁଏନାହିଁ । ଦେହ ସହ ମନର ସମ୍ପୃକ୍ତି ନ ହେଲେ ଉପବାସର କିଛି ଫଳ ନାହିଁ । ଯେଉଁ ପଦାର୍ଥ ନ ଖାଇବ ସେଥିପ୍ରତି ମନରେ ବିତୃଷ୍ଣା ଜାତ ହେବା ଦରକାର । ମନ ହିଁ ସକଳ ସାଧନାର ମୂଳ । ଅତଏବ ଉପବାସର ଫଳ ଲାଭ ପାଇଁ ସୀମା ଓ କ୍ଷେତ୍ର ଅଛି । ଉପବାସ କରି ମଧ୍ୟ ଲୋକେ ଇନ୍ଦ୍ରିୟ ଭୋଗରେ ଭାସିଯାଇ ପାରନ୍ତି । ମହାତ୍ମାଙ୍କ ମତରେ ବିନା ଉପବାସରେ, ବ୍ରତରେ ଇନ୍ଦ୍ରିୟ ତାଡ଼ନାରୁ ଏକାବେଳେକେ ରକ୍ଷା ପାଇବା ଅସମ୍ଭବ । ବ୍ରହ୍ମଚର୍ଯ୍ୟ ପାଳନ ପାଇଁ ଉପବାସ ନିହାତି ଆବଶ୍ୟକ । ଅନେକ ବ୍ରହ୍ମଚାରୀ ଏ ବ୍ରତ ପାଳନରେ ସଫଳ ହୋଇପାରନ୍ତି ନାହିଁ ।

ସ୍ୱୟଂ ଭଗବାନ ଯେତେବେଳେ ହୃଦ କନ୍ଦରରେ ବିରାଜମାନ ସେତେବେଳେ ଏ ଅସ୍ଥିର ମନକୁ ଆୟତ୍ତ କରିବା ନିଶ୍ଚୟ ସମ୍ଭବ । ଏ ସାଧନା କଠିନ ହେଲେ ମଧ୍ୟ ଅସମ୍ଭବ ନୁହେଁ । ଏହା ତ ଜୀବନର ଶ୍ରେଷ୍ଠ ଲକ୍ଷ୍ୟ, ତେଣୁ ଏଥିପାଇଁ କଠୋରତମ ସାଧନା ଲୋଡ଼ା । ବ୍ରହ୍ମଚାରୀ ଓ ସାଧାରଣ ଲୋକର ଜୀବନ କ୍ରିୟା ମଧ୍ୟରେ ଯେ ସାମସ୍ୟ ତାହା କେବଳ ବାହ୍ୟ ସାମସ୍ୟ, ନିର୍ମଳ ଦିବାଲୋକ ପରି ଉଭୟଙ୍କ ମଧ୍ୟରେ ପ୍ରଭେଦ ସ୍ପଷ୍ଟ ବାରିହୋଇ ପଡୁଥିବା ଉଭୟେ ଆଖିରେ ଦେଖୁଛନ୍ତି, ବ୍ରହ୍ମଚାରୀ ତାଙ୍କ ଆଖିରେ ଭଗବାନଙ୍କ ଅପୂର୍ବ ସୃଷ୍ଟି, ଏହାର ମହତ୍ତ୍ୱ ଦର୍ଶନ କରନ୍ତି । ସାଧାରଣ ଲୋକ ନିଜ ଆଖିରେ ବିଳାସ ସାମଗ୍ରୀ ଓ ବିଷୟ ଭୋଗ ଦେଖିଥାନ୍ତି । ଉଭୟେ କାନରେ ଶୁଣନ୍ତି । ଜଣେ ଭଗବତ୍ ଗୁଣାବଳୀ ଶୁଣନ୍ତି, ଅନ୍ୟ ଜଣେ ସଂସାରର ଇତର ଓ କୁତ୍ସିତ କଥାରେ କାନ ଦେଇଥାନ୍ତି । ଉଭୟେ ଖାଇଥାନ୍ତି । ଜଣେ ଶରୀର ରୂପୀ ତୀର୍ଥ ରକ୍ଷା ପାଇଁ ଖାଇଥାନ୍ତି ତ ଜଣେ ଜିହ୍ୱା ଲାଳସାର ବଶବର୍ତ୍ତୀ ହୋଇ ଅଖାଦ୍ୟ ଖାଇ ଏହାକୁ ନାନା ରୋଗର ଆବାସସ୍ଥଳୀ କରି ଦୁର୍ଗନ୍ଧମୟ କରିଥାନ୍ତି। ବ୍ରହ୍ମଚର୍ଯ୍ୟର ସାଧନାରେ ଯେ ପ୍ରକାର ବିଶ୍ୱାସ ଲୋଡ଼ା, ଭଗବାନଙ୍କଠାରେ ସେହି ପରିମାଣରେ ବିଶ୍ୱାସ ଲୋଡ଼ା ।

ସୀମିତ ପ୍ରଚେଷ୍ଟା ବଳରେ ଆପଣ ବ୍ରହ୍ମଚର୍ଯ୍ୟ ପାଳନରେ ସମ୍ପୂର୍ଣ୍ଣ ସଫଳ ହୋଇପାରିବେ ନାହିଁ । ବଳବାନ ଶତ୍ରୁକୁ ବିନାଶ କରିବାକୁ ହେଲେ ଯେପରି ଏକ ମେସିନଗନର ଆବଶ୍ୟକ, କାମରୂପକ ବଳବାନ ଶତ୍ରୁକୁ ବିନାଶ କରିବା ନିମନ୍ତେ ସେହିପରି ଅବିରତ କଠିନ ଓ ସୁଦୃଢ଼ ସାଧନା ଏକାନ୍ତ ଆବଶ୍ୟକ । ବ୍ରହ୍ମଚର୍ଯ୍ୟ ରକ୍ଷାରେ ସାମାନ୍ୟ ସଫଳତା ପାଇଯାଇ ଗର୍ବ ବା ଆତ୍ମ ପ୍ରସାଦ ଲାଭ କରନ୍ତୁ ନାହିଁ । କାରଣ ପରୀକ୍ଷାର ସମ୍ମୁଖୀନ ହେଲେ, ଆପଣ ନୈରାଶ୍ୟଜନକଭାବରେ ବିଫଳ ହୋଇଯିବେ। ନିଜର ତ୍ରୁଟି ବିଚ୍ୟୁତି ବିଷୟରେ ସର୍ବଦା ସଚେତ ରହିବାକୁ ପଡ଼ିବ ଏବଂ ସେ ସବୁକୁ ଦୂର କରିବା ନିମନ୍ତେ ସତତ ଯତ୍ନଶୀଳ ହେବାକୁ ପଡ଼ିବ । କଠିନତମ ପ୍ରଚେଷ୍ଟା କରିବାକୁ ପଡ଼ିବ । ତେବେ ଯାଇ ଏହି ବ୍ରତରେ ଜଣେ ସନ୍ତୋଷଜନକ ଭାବରେ ସାଫଲ୍ୟ ମଣ୍ଡିତ ହୋଇପାରିବେ ।

ଆଇନଜୀବୀ, ବଙ୍ଗାଳିସାହି, କଟକ,
ମୋ- ୭୩୨୫୯୦୪୯୨୭

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୭ ଯାଏ...

ଘଡଘଡି ସୃଷ୍ଟି କରିଥାଏ । ଆସନ୍ତା ୪, ୫ ଓ ୬ ତାରିଖ ପାଇଁ ପ୍ରବଳ ଗରମ ଓ ଗୁଳୁଗୁଳି ହେବାର ସମ୍ଭାବନା ଅଛି । ତେଣୁ ଉପକୂଳବର୍ତ୍ତୀ ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି । ପୁରୀ, ବାଲେଶ୍ୱର, ନୟାଗଡ, କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଭଦ୍ରକ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗରମ ଓ ଗୁଳୁଗୁଳି ହୋଇପାରେ । ବାୟୁମଣ୍ଡଳରେ ଆର୍ଦ୍ରତା ରହୁଥିବାରୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି ।

ସୋମବାର ବାଲେଶ୍ୱରରେ ସର୍ବାଧିକ ତାପମାତ୍ରା ୩୯.୮ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଭୁବନେଶ୍ୱରରେ ୩୯.୬ ଡିଗ୍ରୀ, ଝାରସୁଗୁଡାରେ ୩୯.୨ ଡିଗ୍ରୀ, ସମ୍ବଲପୁରରେ ୩୯.୧ ଡିଗ୍ରୀ, ହୀରାକୁଦରେ ୩୯.୧ ଡିଗ୍ରୀ, ଚାନ୍ଦବାଲିରେ ୩୮.୪ ଡିଗ୍ରୀ, ରାଉରକେଲାରେ ୩୭.୭ ଡିଗ୍ରୀ, ପାରାଦୀପରେ ୩୭.୫ ଡିଗ୍ରୀ ଓ ପୁରୀରେ ୩୭ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ଆସନ୍ତା ୮ ତାରିଖରୁ ପାଗରେ ପରିବର୍ତ୍ତନ ଆସିବ । ସମୁଦ୍ର ଆଡୁ ସ୍ଥଳଭାଗକୁ ପବନ ପଶିବ । ଫଳରେ ଜଳୀୟବାଷ୍ପ ବୃଦ୍ଧି ପାଇବା ସହିତ କାଳବୈଶାଖୀ ବର୍ଷା ବୃଦ୍ଧି ପାଇବ । ଏହି ସମୟରେ ସକ୍ରିୟ ହେବ ଦକ୍ଷିଣ-ପଶ୍ଚିମ ମୌସୁମୀ । ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ସହିତ ମୌସୁମୀ ଆଗକୁ ବଢ଼ିବାରେ ସହାୟକ ହେବ ।

## ଆଜି...

ଫାଇନାଲ ପାଇଁ ଏକ ରିଜର୍ଭ ଡେ ମଧ୍ୟ ରଖିଛି, ଅର୍ଥା ଯଦି ଫାଇନାଲ୍ ୩ ଜୁନ୍‌ରେ ନ ହୁଏ , ତେବେ ମ୍ୟାଚ୍ ୪ ଜୁନ୍‌ରେ ମଧ୍ୟ ଖେଳାଯାଇପାରିବ । ରିଜର୍ଭ ଡେ ରେ ୧୨୦ ମିନିଟ୍ ର ଅତିରିକ୍ତ ସମୟ ମଧ୍ୟ ରଖାଯାଇଛି । ଯଦି ମ୍ୟାଚ୍ ଦୁଇ ଦିନ ମଧ୍ୟରେ ଅନୁଷ୍ଠିତ ହୁଏ, ତେବେ ଲିଗ୍ ପର୍ଯ୍ୟାୟ ସମୟରେ ପଏଣ୍ଟ ଟେବୁଲରେ ଆଗରେ ଥିବା ଦଳକୁ ବିଜେତା ଘୋଷଣା କରାଯିବ ।

## ଖୁବ୍‌ଶୀଘ୍ର...

ଟିମରେ ଭାଗ ହୋଇ ଆନ୍ଧ୍ରପ୍ରଦେଶ ପରେ ରାଜସ୍ଥାନ, କେରଳ ଏବଂ ତାମିଲନାଡୁ ଭଳି ରାଜ୍ୟର ପଲିସି ଅନୁଧ୍ୟାନ କରୁଛନ୍ତି । ଏହି ୪ ରାଜ୍ୟ ମଦ ନିୟନ୍ତ୍ରଣ ଏବଂ ବଣ୍ଟନ ପାଇଁ ଭିନ୍ନ ପଦ୍ଧତି ରଖିଛନ୍ତି । ଏହି ଅଧ୍ୟୟନ ପରିଦର୍ଶନଗୁଡ଼ିକ ସଫଳ ନିୟାମକ ଅଭ୍ୟାସ, ପ୍ରବର୍ତ୍ତନ ମଡେଲ ଏବଂ ଜନସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିବ । ଅଧିକାରୀମାନେ ଜୁଲାଇ ୭ ଏବଂ ୮ ସୁଦ୍ଧା ଫେରି ଆସିବାର ଆଶା କରାଯାଉଛି । ଯାହା ପରେ ଡ୍ରାଫଟ(ଚିଠା) ନୀତିରେ ଯେକୌଣସି ବିଚାରାଧୀନ ପରିବର୍ତ୍ତନକୁ ଚୂଡ଼ାନ୍ତ କରାଯିବ ।

ତିନି ବର୍ଷର ନୀତି ଢାଞ୍ଚା ସଂଶୋଧନରେ ଦୀର୍ଘକାଳୀନ, ସ୍ଥିର ରଣନୀତି କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଛି । ଅଧିକାରୀମାନେ କହିଛନ୍ତି, ଚୂଡ଼ାନ୍ତ ଯୋଜନା ତଥ୍ୟ ଓଡ଼ିଶାର ସାମାଜିକ-ଅର୍ଥନୈତିକ ବାସ୍ତବତା ଅନୁସାରେ ପ୍ରସ୍ତୁତ କରାଯିବ । ଏଥିରେ ସ୍ଥାନୀୟ ପ୍ରସଙ୍ଗ ସହିତ ପ୍ରାସଙ୍ଗିକତାକୁ ସୁନିଶ୍ଚିତ କରିବା ସହିତ ଅନ୍ୟ ରାଜ୍ୟଗୁଡ଼ିକର ସଫଳ ଚିନ୍ତାଧାରା ସାମିଲ କରାଯିବ ।

ଏହି ନୀତି ବେଆଇନ ମଦ ଉତ୍ପାଦନ ଏବଂ ଚୋରାଚାଲାଣ, ଦୁର୍ବଳ ପ୍ରବର୍ତ୍ତନ ଓ ପୁରୁଣା ଦଣ୍ଡ ବ୍ୟବସ୍ଥା ଭଳି ସ୍ଥାୟୀ ସମସ୍ୟାଗୁଡ଼ିକର ସମାଧାନ କରିବ । ସଂଶୋଧିତ ଢାଞ୍ଚା ବର୍ତ୍ତମାନର ନୀତିରେ ଥିବା ତ୍ରୁଟିଗୁଡ଼ିକୁ ପୂରଣ କରିବା ସହିତ ଦଣ୍ଡକୁ ସୁଦୃଢ଼ କରିବ ଏବଂ ତଦାରଖକୁ ବୃଦ୍ଧି କରିବ । ଏହି ନୀତି ପ୍ରଚଳନ ରାଜ୍ୟର ନିଶାଦ୍ରବ୍ୟ ଅପବ୍ୟବହାର ରୋକିବା ପାଇଁ ସାମ୍ପ୍ରତିକ ପ୍ରୟାସକୁ ଅନୁସରଣ କରୁଛି । ମେ' ୩୧ ତାରିଖରେ ଓଡ଼ିଶାରେ ତମାଖୁ ବିରୋଧୀ ଦିବସ ପାଳନ କରାଯାଇ ସ୍କୁଲ ଏବଂ କଲେଜଗୁଡ଼ିକରେ ସଚେତନତା ଅଭିଯାନ ଆରମ୍ଭ ହୋଇଥିଲା । ସରକାରଙ୍କ ଘୋଷିତ ଲକ୍ଷ୍ୟ ହେଉଛି ବିଶେଷ କରି ଯୁବ ପିଢ଼ି ପାଇଁ ଏକ ସୁସ୍ଥ, ନିଶାମୁକ୍ତ ସମାଜ ଗଠନ ।

## କୋଭିଡ୍...

ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି । ଗହଳି ଜାଗାକୁ ଯାଆନ୍ତୁ ନାହିଁ, ମାସ୍କ ପିନ୍ଧନ୍ତୁ, ଦରକାର ପଡ଼ିଲେ ଗ୍ଲୋଭସ୍ ବ୍ୟବହାର କରନ୍ତୁ ଓ ହାତ ଧୁଅନ୍ତୁ ବୋଲି ସେ କହିଛନ୍ତି ।

ସେହିପରି ଆଗକୁ ହେବାକୁ ଥିବା ପୁରୀ ରଥଯାତ୍ରା ନେଇ ଖୁବଶୀଘ୍ର ପୁରୀରେ ସମୀକ୍ଷା ବୈଠକ ବସିବ । ଏଥିରେ ସ୍ୱାସ୍ଥ୍ୟ ବିଭାଗ ନିଜର ମତ ରଖିବ । ରାଜ୍ୟ ପ୍ରଶାସନ ଯାହା ନିଷ୍ପତ୍ତି ନେବେ ତାକୁ ମାନିବାକୁ ପଡ଼ିବ ବୋଲି ଡାକ୍ତର ମିଶ୍ର କହିଛନ୍ତି ।

## ରଞ୍ଜିତ...

ଉତ୍ତୀର୍ଣ୍ଣ ହୋଇପାରିନାହାନ୍ତି ସେମାନେ ଜେଇଇମେନ୍ ୨୦୨୫ ସ୍କୋର ଆଧାରରେ ନିଟ୍, ଆଇଆଇଆଇଟି ଓ ସିଏଫ୍‌ଟି ଆଇରେ ନାମ ଲେଖାଇପାରିବେ ।

## ଚିରାଗଙ୍କୁ...

ନିଜେ ଦିଲ୍ଲୀ ରାଜନୀତି ଛାଡି ରାଜ୍ୟ ରାଜନୀତିକୁ ଫେରିବା ପାଇଁ ଆଗ୍ରହି । ସେ ଉଲ୍ଲେଖ କରିଛନ୍ତି ଯେ ମୁଁ ଆଗରୁ କହିଛି ଜାତୀୟ ରାଜନୀତିରେ ଦୀର୍ଘସମୟ ଧରି ରହିବି ନାହିଁ । କାରଣ ମୁଁ ବିହାର ରାଜନୀତିରୁ ଆସିଛି ଏବଂ ମୁଁ ଜଣେ ବିହାରୀ । ମୋର ଦୃଷ୍ଟିଭଙ୍ଗିରେ ବିହାର ଓ ବିହାରୀ ପ୍ରଥମ । ତୃତୀୟ ଥର ସାଂସଦ ହେବାପରେ ମୁଁ ବୁଝିସାରିଛି ଯେ ଦିଲ୍ଲୀରେ ରହିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ମୁଁ ଦଳ ମଧ୍ୟରେ ମଧ୍ୟ ବିହାର ଫେରିବାକୁ ଇଚ୍ଛା ପ୍ରକାଶ କରିଛି । ୨୦୨୪ରେ ସେ ପ୍ରଥମ ଥର ଲାଗି କେନ୍ଦ୍ର କ୍ୟାବିନେଟ୍‌ରେ ସ୍ଥାନ ପାଇଥିଲେ । ତେଣୁ କେନ୍ଦ୍ରରେ ରହି ରାଜନୀତି କରିବାକୁ ସେ ଏବେ କୁଣ୍ଠାବୋଧ କରୁଛନ୍ତି । ଯଦି ଚିରାଗ ବିହାର ରାଜନୀତିରେ ସକ୍ରିୟ ହୁଅନ୍ତି ତେବେ ନୀତିଶକୁମାରଙ୍କ ପ୍ରତି ବିପଦ ରହିଛି । ଏନ୍‌ଡିଏ ପକ୍ଷରୁ କୁହାଯାଇଥିଲା ଯେ ନୀତିଶ କୁମାରଙ୍କ ନେତୃତ୍ୱରେ ମେଣ୍ଟ ବିହାରରେ ଲଢ଼ିବ । ଏହା ଜାଣି ମଧ୍ୟ ଚିରାଗ ମୁଖ୍ୟମନ୍ତ୍ରୀ ପଦ ଉପରେ ଆଶା ରଖିଛନ୍ତି । ରାଜନୈତିକ ସମୀକ୍ଷକଙ୍କ ମଧ୍ୟରେ ନୀତିଶଙ୍କ ଲୋକପ୍ରିୟତା ଆଗଭଳି ନାହିଁ । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବି ଭଲ ରହୁନାହିଁ । ରାଜନୀତିରେ ଏକ ଶୂନ୍ୟ ସ୍ଥାନ ଚିରାଗ ଏବେ ପୂରଣ କରିବାକୁ ଚାହୁଁଛନ୍ତି । ତେବେ ବିଜେପି ପକ୍ଷରୁ ଚିରାଗ ଚାପ ପକାଇ ବିହାର ରାଜନୀତିକୁ ଫେରିବା ପାଇଁ ଚାହୁଁଛନ୍ତି ।

# ବିଦେଶରେ ଚାକିରି ଦେବା ବାହାନାରେ ଠକେଇ, ୨ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ବିଦେଶରେ ଚାକିରି ଦେବା ନାରେ ବହୁ ଯୁବକ-ଯୁବତୀଙ୍କ ଠାରୁ ଠକେଇ କରିଥିବା ଦୁଇଜଣ ଅଭିଯୁକ୍ତଙ୍କୁ ସହିଦନଗର ଥାନା ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି ।

ସଞ୍ଜୟ କୁମାର କୋଲି ସଞ୍ଜିଲାଲ କାନଓ୍ୱାଜ ଏବଂ ଅଜୟ କୁମାର ପାତ୍ର ନାମକ ଦୁଇଜଣ ବ୍ୟକ୍ତି ଭୁବନେଶ୍ୱର ଜୟଦେବ ବିହାର ଠାରେ ଭେଟ୍ରିକ୍‌ଇଟି ନାମରେ ଏକ ଇମିଗ୍ରେସନ ପରାମର୍ଶଦାତା ସଂସ୍ଥା କରିଥିଲେ । ବେକାର ଯୁବକ, ଯୁବତୀଙ୍କ ଲାଗି ସିଙ୍ଗାପୁରଠାରେ ନିଯୁକ୍ତି ସୁଯୋଗ ଯୋଗାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ସମୟ ମଧ୍ୟରେ ସଞ୍ଜୟ କୁମାର ଏବଂ ଅଜୟ କୁମାର ନାମକ ଦୁଇ ଯୁବକ ବିଦେଶରେ ନିଯୁକ୍ତିର ମିଥ୍ୟା ପ୍ରତିଶ୍ରୁତି ଦେଇ ବହୁ ଆଶାୟୀ ପ୍ରାର୍ଥୀଙ୍କ ନିକଟରୁ ବିପୁଳ ପରିମାଣର ଟଙ୍କା ସଂଗ୍ରହ କରିଥିଲେ । ଏହି ଟଙ୍କା ସବୁକୁ ଦୁଇ ଅଭିଯୁକ୍ତଙ୍କୁ ପଠାଯାଇଥିବା ତଦନ୍ତ ବେଳେ ଜଣାପଡିଥିବା ପୋଲିସ କହିଛି ।

ଆହୁରି ମଧ୍ୟ ଜଣାପଡିଛି ଯେ, ସଞ୍ଜୟ କୁମାର ଏବଂ ଅଜୟ କୁମାର ପାତ୍ର ଠକେଇ ଉଦ୍ଦେଶ୍ୟ ରଖି ଅସାଧୁ ଉପାୟରେ ଆଶାୟୀ ପ୍ରାର୍ଥୀମାନଙ୍କୁ ବିଦେଶରେ ନିଯୁକ୍ତି ପ୍ରତିବଦଳରେ ଟଙ୍କା ଦେବା ଲାଗି ପ୍ରବର୍ତ୍ତାଇ ଥିଲେ । ସେମାନେ




ପୀଡିତମାନଙ୍କୁ ପ୍ରାୟ ୨୦ହଜାର ଟଙ୍କା ମୂଲ୍ୟର ବିମାନ ଟିକେଟ୍ ପ୍ରଦାନ କରିଥିବା ବେଳେ ସିଙ୍ଗାପୁର ଯିବା ପାଇଁ କୌଣସି ବୈଧ ଭିସା ଦେଇନଥିଲେ । ଯାହା ଫଳରେ ପ୍ରାର୍ଥୀମାନେ ବୈଧ ଭିସା ନମିଳିବା ହେତୁ ସିଙ୍ଗାପୁର ଯାଇପାରିଲେ ନାହିଁ । ସେମାନେ କନ୍‌ସଲଟାନ୍ସି ଅଫିସ୍ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସ୍ଥାୟୀ ଭାବେ ବନ୍ଦ କରିଦିଆଯାଇଥିବା ଜାଣିବାକୁ ପାଇଥିଲେ । ବଡଧରଣର ଠକେଇର ଶିକାର ହୋଇଥିବା ଅଭିଯୋଗକାରୀମାନେ ସହିଦନଗର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ନିର୍ମଳ ଚନ୍ଦ୍ର ସାହୁ (୨୮), କମଳ ଲୋଚନ ଦାସ (୩୬)ଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ନିର୍ମଳ ଘର ଯାଜପୁର ଜିଲ୍ଲାରେ ହୋଇଥିବା ବେଳେ କମଳ ଘର ଗଞ୍ଜାମ ଜିଲ୍ଲାରେ ବୋଲି ପୋଲିସ କହିଛି ।

# ଗନ୍ଧମାର୍ଦ୍ଦନରେ ମାଓ ସାମଗ୍ରୀ ଠାବ



ବରଗଡ଼,(ସବ୍ୟୁ): ବରଗଡ଼ ପୁଲିସକୁ ମିଳିଛି ବଡ ସଫଳତା । ଗନ୍ଧମାର୍ଦ୍ଦନର ମର୍ଯ୍ୟାଦାପାଲି ଦୁର୍ଗେଇଖୋଲ ଠାରେ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଥିବା ନେଇ ସୂଚନା ଦେଇଛନ୍ତି ବରଗଡ଼ ଏସପି ପିଏସ ମୀନା । ଜବତ ସାମଗ୍ରୀ ମଧ୍ୟରେ ୫୦ ଟି ଡିଟୋନେଟର ସମେତ ଜେଲେଟିନ ଷ୍ଟିକ, ମାଓ ପୁସ୍ତିକା, ମାଓ ପୋଷାକ , ତାରପୋଲିନ , ଛତା, ପ୍ରେସର କୁକର, ମୋବାଇଲ ଚାର୍ଜର, ବ୍ୟାଟେରୀ, ମେଡିସିନ, ରେଡିଓ, ତଥା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ରହିଛି । ଡିଭିଏଫ ଟିମ ସର୍ଚ୍ଚ ଅପରେସନ ଜାରି ରଖିଥିବା ମାଓବାଦୀ ଲୁଚାଇ ରଖିଥିବା ସାମଗ୍ରୀ ଜବତ ହୋଇଥିବା ନେଇ ଏସପି ମୀନା ସୂଚନା ଦେଇଥିଲେ । ଗତ ବର୍ଷ ଅଗଷ୍ଟ ମାସରେ ଆତ୍ମସମର୍ପଣ କରିଥିବା ବଲାଙ୍ଗିର-ବରଗଡ଼-ମହାସମୁନ୍ଦ ଡିଭିଜନର ଦୁଇ କ୍ୟାଡର ମାଓବାଦୀଙ୍କ ତଥ୍ୟକୁ ନେଇ ସର୍ଚ୍ଚ ଅପରେସନ ଜାରି ରହିଥିବା ବେଳେ ଏହି ସଫଳତା ମିଳିଥିବା ଏସପି ମୀନା କହିଛନ୍ତି ।

# ଏବିଭିପିର ଜିଲ୍ଲା ବୈଠକ

ଭଦ୍ରକ,(ସବ୍ୟୁ):ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି),ଭଦ୍ରକ ଜିଲ୍ଲା ପକ୍ଷରୁ ନୂଆବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଜିଲ୍ଲା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆଗାମୀ ଦିନର ବିଭିନ୍ନ କାର୍ଯ୍ୟକ୍ରମ ଓ ଅଭିଯାନ ଉପରେ ବିସ୍ତାର ଯୋଜନା କରାଯାଇଛି । ଏହି ମାସ ପାଂଚ ରୁ ଆଠ ତାରିଖ ବାରିପଦାରେ ଅନୁଷ୍ଠିତ ପ୍ରାନ୍ତ ଅଭ୍ୟାସ ବର୍ଗ ନିମନ୍ତେ କୋଡ଼ିଏ ଜଣ ଅପେକ୍ଷିତ କାର୍ଯ୍ୟକର୍ତ୍ତା ସାମିଲ ହେବା,ବାର ତାରିଖ ଦିନ ସଂସ୍କୃତି ଭବନ ପରିସରରେ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଆୟୋଜନ,ବାଇଶି ତାରିଖ ଦିନ ଜିଲ୍ଲା ସ୍ତରୀୟ ରକ୍ତଦାନ ଶିବିର ଜିଲ୍ଲା ରକ୍ତ ଭଣ୍ଡାରରେ ଅନୁଷ୍ଠିତ ହେବ । କଲେଜ୍ ଆଡ଼ମିଶନ ସମୟରେ ହେଲ୍ପ ଡେସ୍କ ପକାଇ ବିଦ୍ୟାର୍ଥୀଙ୍କୁ ସହଯୋଗ କରାଯିବାର ଯୋଜନା କରାଯାଇଛି । ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ଏବଂ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ବିଭିନ୍ନ ବ୍ଲକ ସ୍ତରରେ କରାଯିବ । ସେହିପରି ବିଶ୍ୱ ପ୍ରସିଦ୍ଧ ପୁରୀ ରଥ ଯାତ୍ରା ସେବା କାର୍ଯ୍ୟ ପାଇଁ ଜିଲ୍ଲାରୁ ୧୦୦ ରୁ ଉର୍ଦ୍ଧ୍ୱର୍ କାର୍ଯ୍ୟକର୍ତ୍ତା ସାମିଲ ହେବା ପାଇଁ ସ୍ଥିର କରାଯାଇଛି । ଜିଲ୍ଲା ସହ ସଂଯୋଜକ ଆକାଶ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ପ୍ରମୁଖ ସ୍ୱାଧୀନ ସୁନ୍ଦର ଦାସ,ବିଭାଗ ସହ ସଂଯୋଜକ ଜ୍ୟୋତି ପ୍ରକାଶ ସାହୁ,ଛାତ୍ରୀ ପ୍ରମୁଖ ମାଧୁରୀ ରାଉତ,ଜନସମ୍ପର୍କ ପ୍ରମୁଖ ଅରବିନ୍ଦ ଷଡ଼ଙ୍ଗୀ,ରାଷ୍ଟ୍ରୀୟ କଳା ମଂଚ ସଂଯୋଜିକା ପ୍ରିୟଙ୍କା ଦାଶ,ପ୍ରାନ୍ତ ଲ ଫୋରମ୍ ସଂଯୋଜକ ବଦ୍ରି ମୋହନ ରାଉତ,ସବିଷ୍କାର ସହ ସଂଯୋଜକ ଦେବୀ ପ୍ରସାଦ ଦାଶ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଭିଲାଷ ତ୍ରିପାଠୀ,ଜିଲ୍ଲା ଏସଏଫଡି ସଂଯୋଜକ ସତ୍ୟବ୍ରତ ପଣ୍ଡା,ଜନସଂପର୍କ ପ୍ରମୁଖ ଆୟୁଷ ପାଣିଗ୍ରାହୀ,ରାଜଶ୍ରୀ ନାୟକ,ଭଦ୍ରକ ନଗର ସଭାପତି ଡ.ବସନ୍ତ ଦୀକ୍ଷିତ,ଉପସଭାପତି ଯୁବ ଆଇନଜୀବୀ ବାପୁନ୍ ମହାପାତ୍ର ଏବଂ ଆଲୋକ ଦାସ,ସମ୍ପାଦକ ଓଁକାର ମହାନ୍ତି,ଧାମନଗର ନଗର ସମ୍ପାଦକ ହିମାଂଶୁ ମହାରଣା,ବାସୁଦେବପୁର ନଗର ସହ ସମ୍ପାଦିକା ପୂଜା ରାଣୀ ମଲ୍ଲିକ,ପୂର୍ବତନ ଜିଲ୍ଲା ସଂଯୋଜକ ଦୁର୍ଗା ଶଙ୍କର ଜେନା,ଶୁଭମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ଡକାୟତି ଯୋଜନା ପଣ୍ଡ: ୫ ପିସ୍ତଲ ଜବତ, ୬ ଗିରଫ

ରାଉରକେଲା, (ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ପୁଲିସ ଜିଲ୍ଲାରେ ଦିନକୁ ଦିନ ଅପରାଧ ବଢ଼ି ଚାଲିଛି । ବିଭିନ୍ନ ଅପରାଧିକ ଘଟଣାରେ ସମ୍ପୃକ୍ତ ଦେଶୀ ଓ ବିଦେଶୀ ବନ୍ଧୁକ ରାଜ୍ୟ ବାହାରୁ ଆସୁଥିବା ଦର୍ଶାଇ ପୁଲିସ ହାତବାନ୍ଧି ବସୁଛି । ବନ୍ଧୁକ ଦେଖାଇ ବେଧଡ଼କ ଅପରାଧ କରୁଛନ୍ତି ଅପରାଧୀ । ତେବେ କିଛି କ୍ଷେତ୍ରରେ ଅପରାଧୀମାନଙ୍କୁ ଧରିବାରେ ପୁଲିସ ସଫଳ ହୋଇଛି । ଡକାୟତି ଉଦ୍ୟମ ବେଳେ ୫ ବନ୍ଧୁକ,ବିଭିନ୍ନ ଅସ୍ତ୍ରଶସ୍ତ୍ର ସହ ୬ଜଣଙ୍କୁ ରାଉରକେଲା ବନ୍ଧମୁଣ୍ଡା ପୁଲିସ ଗିରଫ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ୩୪ରୁ ଉର୍ଦ୍ଧ ମାମଲା ଥିବା ଜଣେ ଭେଟରାନ କ୍ରିମିନାଲ୍ ତଥା ଡକାୟତି ଯୋଜନାର ମାଷ୍ଟର ମାଇଣ୍ଡ ବିଟୁ ତନ୍ତୀ ରହିଛନ୍ତି । ସେମାନଙ୍କ ନିକଟରୁ ୪ଟି ଦେଶୀ ପିସ୍ତଲ, ଗୋଟିଏ ଦେଶୀ ରିଭଲଭର, ୪ଟି ମାଗାଜିନ୍, ୧୫ଟି ଗୁଳି, ଖଣ୍ଡା, ରଡ ,ମୋବାଇଲ୍ ଫୋନ୍ ଆଦି ଜବତ କରାଯାଇଛି ବୋଲି ରାଉରକେଲା ବନ୍ଧମୁଣ୍ଡା ପୁଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated. 2nd June 2025. I, RINDI MAJHI Address : AT-ASANBANI, PO-KENDUJIANI, PS-THAKURMUNDA, DIST-MAYURBHANJ, PIN-757037, Odisha declare that I have changed my daughter's name from PANA MAJHI to SABITRI MAJHI. Henceforth, she shall be known as SABITRI MAJHI for all purposes.

Sd/- (RINDI MAJHI)

# ପ୍ରବଳ ଗୁଳିଗୁଳିରେ ବିଦ୍ୟୁତ ସରବରାହ ବ୍ୟାଘାତ : ଜନଜୀବନ ଅସ୍ତବ୍ୟସ୍ତ

କରଞ୍ଜିଆ , (ସବ୍ୟୁ) : ସୋମବରି ଦିନର ତାପମାତ୍ରା ୩୫ଓ ସେଣ୍ଟିଗ୍ରେଡ ରହିଛିଛ ଏହାଛଡ଼ା ଅତ୍ୟଧିକ ଆଦ୍ରତା ଯୋଗୁଁ ପ୍ରବଳ ଗୁଳୁଗୁଳି ପରିଲକ୍ଷିତ ହେଉଛି । ତେବେ କିଛି ଦିନ ଧରି ବିଦ୍ୟୁତ ସରବରାହ ତୁହାକୁ ତୁହା ବ୍ୟାଘାତ ହେଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ଅଞ୍ଚଳରେ ସୋମବାର ସକାଳୁ ଆକାଶରେ ବାଦଲ ଦେଖିବାକୁ ମିଳିଥିଲା । ରବିବାର ସକାଳେ ମଧ୍ୟ କୁହୁଡ଼ି ଦେଖିବାକୁ ମିଳିଥିଲା ।ଏହା ଦ୍ୱାରା ଯଦିଓ ତାପମାତ୍ରା ୪୨ଓ-୪୩ ଓ ପହଞ୍ଚି ନାହିଁ ଏବଂ ଆଦ୍ରତା ବୃଦ୍ଧି ଯୋଗୁଁ ଗୁଳିଗୁଳି ହେବାଦ୍ୱାରା ଏହି ତାପମାତ୍ରା ଅତ୍ୟଧିକ ପରିଲକ୍ଷିତ ହେଉଛି ।ଏହା ଦ୍ୱାରା ବରିଷ୍ଠ ନାଗରିକ ମାନେ ବିଶେଷ ଭାବରେ କ୍ଷତିଗ୍ରସ୍ତ ହେବା ପରିଲକ୍ଷିତ ହେଉଛି । ଅତ୍ୟଧିକ ଝାଳ ବୋହିବା ଦ୍ୱାରା ବିଭିନ୍ନ ରୋଗରେ ଆକ୍ରାନ୍ତ ଥିବା ବରିଷ୍ଠ ନାଗରିକ ମାନଙ୍କ ଜୀବନ ପ୍ରତି ବିପଦ ରହିଛ । ବାରମ୍ବାର ବିଦ୍ୟୁତ ସରବରାହ ବ୍ୟାଘାତ ହେବା ଦ୍ୱାରା ବିଭିନ୍ନ ପ୍ରକାରର ଗରମରୁ ରକ୍ଷା କରୁଥିବା ବିଦ୍ୟୁତ ଚାଳିତ ମେସିନ ଯଥା ବଲ୍ବ, ଏସି,କୁଲର, ରେଫ୍ରିଜେରେଟର,ଫ୍ୟାନ,ପାଣି ପମ୍ପ ପ୍ରଭୃତି ପୋଡ଼ି ଯାଇ ନଷ୍ଟ ହେଉଥିବା ବିଭିନ୍ନ ଲୋକମାନେ କହିଛନ୍ତି । ସକାଳ ଖାଦ୍ୟ ଉପର ଓଳି ଖରାପ ହୋଇଯାଉଛି ।ଗ୍ୟାସ୍ ସିଲିଣ୍ଡର୍ ଦର ମଧ୍ୟ ଅଧିକ ଥିବାରୁ ଖାଦ୍ୟ ତିଆରି ପାଇଁ ମଧ୍ୟ ଅସୁବିଧା ହେଉଛି । ବୋଲି କିଛି ଗୃହିଣୀ ମଧ୍ୟ କହିଛନ୍ତି । ଏହି ଅସମ୍ଭବ ଗୁଳୁଗୁଳି ଓ ଗରମ ଯୋଗୁଁ ଲୋକମାନଙ୍କ ଯାତାୟତ ମଧ୍ୟ କମିଯିବାରୁ ବ୍ୟବସାୟ ମଧ୍ୟ ବାଧାପ୍ରାପ୍ତ ହୋଇଛି ।ଫଳ ପନିପରିବା ମାଛ ମାଂସ ଶିଘ୍ର ଖରାପ ହୋଇଯାଉଛି ।ତେବେ ବିଦ୍ୟୁତ ବିଭାଗ ଏହି ସମସ୍ୟା ସମାଧାନ ପାଇଁ ଯଥାଶୀଘ୍ର ପ୍ରୟାସ କରିବାକୁ ସ୍ଥାନୀୟ ଜନସାଧାରଣ ବିଭାଗକୁ ନିବେଦନ କରିଛନ୍ତି ।

# ନୀଳଗିରି ଘୋଷଯାତ୍ରା ପାଇଁ ଚୂଡାନ୍ତ ବୈଠକ

ନୀଳଗିରି ,(ସବ୍ୟୁ) : ଓଡ଼ିଶାର ତୃତୀୟଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥଙ୍କ ଆଗାମୀ ପବିତ୍ର ଘୋଷଯାତ୍ରା ଉପଲକ୍ଷେ ଜୁନ ୨୮ରେ ହେବାକୁ ଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ମଙ୍ଗଳବାର ଦ୍ୱିତୀୟ ତଥା ଚୂଡାନ୍ତ ପ୍ରସ୍ତୁତି ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ଅପରାହ୍ନ ସାଢ଼େ ୫ଟାଅନୁଷ୍ଠିତ ହୋଇଯାଇଛି । ବୈଠକରେ ସ୍ଥାନୀୟ ତହସିଲଦାର ସୋନମ ଦାସ ପୂର୍ବ ବିବରଣୀପାଠ କରିଥିଲେ । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରଥଗଢ଼ାରେ ଆବଶ୍ୟକ କାଠ, ରଥ ଦଉଡି, ଡ୍ରେନ ସମସ୍ୟା, ମହିଳା ରଥ ପାଇଁ ଆବଶ୍ୟକ କାଠ, ରଥଟଣା,ଦୁଇ ରଥରେ ପ୍ରବଚନ ଦେବା ସମ୍ପର୍କରେ, ଭୋଗବଣ୍ଟନ, ବିଦ୍ୟୁତ ତାରକୁ ସଠିକ ଢଙ୍ଗରେ ନିରାପଦରେ ରଖିବା,ରଥ ଦାଣ୍ଡର ପ୍ରତି ୫୦ରୁ ଶହେ ମିଟର ବ୍ୟବଧାନରେ ପର୍ଯ୍ୟାପ୍ତ ପରିମାଣରେ ଟ୍ୟାଙ୍କର ମାଧ୍ୟମରେ ଶୁଦ୍ଧ ପାନୀୟଜଳର ସୁବ୍ୟବସ୍ଥା, ରଥଯାତ୍ରାରେ ଚୋରାଦେଶୀ ଓ ବିଦେଶୀ ମଦବିକ୍ରି ବନ୍ଦ,ଲୋକସମ୍ପର୍କ ବିଭାଗ ଦ୍ୱାରା ସୂଚନାକେନ୍ଦ୍ର କରାଯାଇ ସୂଚନା ପ୍ରଦାନ,ଲୁଟେରା, ଛୀନତାଇରୁ ରକ୍ଷାପାଇବା ପାଇଁ ବିଭିନ୍ନ ଛକରେ ସିସି ଟିଭି କ୍ୟାମେରା ବ୍ୟବସ୍ଥା, ଶ୍ରଦ୍ଧାଳୁଙ୍କ ପାଇଁ ଉତ୍ତମ ବସସେବା ପ୍ରଦାନ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଘୋଡା ନାଚ,ଦାସକାଠିଆ, ପାଲା ଗାଆଣ, ଉପଖଣ୍ଡ ସ୍ତରୀୟ ପ୍ରଦର୍ଶନୀ, ସାଇକେଲ ଷ୍ଟାଣ୍ଡରେ ନିର୍ଦ୍ଧାରିତ ଟିକେଟ ଧାର୍ଯ୍ୟ, ଅସ୍ଥାୟୀ ଚିକିତ୍ସା ସହାୟକ କେନ୍ଦ୍ର, ଅସ୍ଥାୟୀ ପରିସ୍ରାଗାର, ଆଇନଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟରଖି ପୋଲିସ ଫୋର୍ସ ମୁତୟନ ଆଦି ପ୍ରମୁଖ ସମସ୍ୟା ଉପରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ବୈଠକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ,ଜିଲ୍ଲାଆରକ୍ଷୀ ଅଧିକ୍ଷକ ରାଜପ୍ରସାଦ, ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ,ତହସିଲଦାର ସୋନମ ଦାସ,ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ,ଏନଏସି ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ଏସଡ଼ିପିଓ ପ୍ରମୋଦ କୁମାର ମଲ୍ଲିକ, ଆଇଆଇସି ଗୋବର୍ଦ୍ଧନ ନାୟକ, ଠାକୁର ମାହାଲ ମହାରଣା, ବିଭିନ୍ନ ବିଭାଗର ପଦାଧିକାରୀଙ୍କ ସମେତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ,ଗଣମାଧ୍ୟମ, ସେବାୟତ , ଆଇନଜୀବି, ବୁଦ୍ଧିଜୀବୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସାହାଡ଼ାପଡ଼ା ବ୍ଲକ ପାଣି ପାଇଁ ଲୋକେ ଡହଳ ବିକଳ

କେନ୍ଦୁଝର, (ସବ୍ୟୁ) : କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକର କପୁଣ୍ଡି ପଞ୍ଚାୟତର ଚୁଟିଆପଶି ଗ୍ରାମରେ ପିଇବା ପାଣି ଲାଗି ଅଭାବନୀୟ ପରିସ୍ଥିତି ଦେଖା ଯାଇଛ । ଏଠାରେ ଓଭର ହେଡ଼ ପାଣି ଟାଙ୍କି ନିର୍ମାଣ ସରିଛି ହେଲେ ସାହିର ଏବେବି ଲୋକେ ବର୍ଷ ବର୍ଷର ପୁରୁଣା ଭଙ୍ଗା ଏକମାତ୍ର ନଳକୂଅ ଉପରେ ନିର୍ଭରଶୀଳ ।ଶହେ ପରିବାରକୁ ଏହି ନଳକୂଅ ଯଥେଷ୍ଟ ନଥିବା ବେଳେ ଏବେ ଏଥିରୁ ଗୋଳି ପାଣି ସହ ପୋକ ବାହାରୁଛନ୍ତି । ଗାଁରେ ତେଣୁ ଝାଡାବାନ୍ତି ଆଶଙ୍କା ଦେଖା ଦେଲାଣି ଲୋକେ ଜୀବନ ବିକଳେ ବିକଳ୍ପ ନଥିବାରୁ ବାଧ୍ୟ ହୋଇ ଏହି ପାଣି ପିଉଛନ୍ତି । ଲୋକ ପ୍ରତିନିଧି ନିର୍ବାଚନା ସମୟରେନାନା ପ୍ରତିଶୃତି ଦେଇ ଭୋଟ ନେଇଥିଲା ବେଳେ ଏବେ ବିପଦ ସମୟରେ ଦେଖା ଦେଉ ନଥିବାରୁ ଗାଁ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି । ତେଣୁ ଗାଁ ମହିଳାମାନେ ଗରା ବାଲଟି ଥୋଇ ପାଣି ଲାଗି ନିବେଦନ କରିଛନ୍ତି । । ମେଗା ପ୍ରକଳ୍ପ ଥିଲେ ମଧ୍ୟ ପାଣିର ସମସ୍ୟା ରହିଛି । ମେଗା ଆଭର୍ଦ୍ଦେ ହେଡ୍ ଟାଙ୍କିରୁ ଗୋଟିଏ ଘଣ୍ଟାପାଣି ଛାଡ଼ିଲେ ମଧ୍ୟ କିଛି କାମରେ ଆସୁନି ୪ ମେଗା ପ୍ରକଳ୍ପ ଥିଲମଧ୍ୟ ନଥିଲା ଭଳି । ଏଥିପ୍ରତି ବ୍ଲକ ପ୍ରାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି ।

**ବିଜ୍ଞାପନ**

ତା. ୦୧/୦୬/୨୦୨୫ ରିଖ

ଏତଦ୍ୱାରା ଚାନ୍ଦିଲି ଗ୍ରାମପଞ୍ଚାୟତର ସମସ୍ତ ସର୍ବସାଧାରଣଙ୍କୁ ଅବଗତି କରାଯାଉଅଛି କି, ଚାନ୍ଦିଲି ଗ୍ରାମ ପଞ୍ଚାୟତର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟକାରୀ ସକାଶେ ୭ ଗୋଟି ମେଟ୍ ଚୟନ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ଥିବା ସ୍ଥାନୀୟ ଯୁବକ ଯୁବତୀ ନିମ୍ନଲିଖିତ ଯୋଗ୍ୟତା ପୂରଣ କରୁଥିଲେ ସେମାନେ ସରପଞ୍ଚ ଚାନ୍ଦିଲିଙ୍କୁ ତା. ୧୪.୦୬.୨୦୨୫ ରିଖ ମଧ୍ୟରେ ଦରଖାସ୍ତ କରନ୍ତୁ । ଦରଖାସ୍ତ ସହିତ ସମସ୍ତ ପ୍ରମାଣ ପତ୍ରର ଅବିକଳ ନକଲ ଦାଖଲ କରିବା ହେବେ ।

ସରପଞ୍ଚ, ଗ୍ରା.ପ. ଚାନ୍ଦିଲି

ଯୋଗ୍ୟତା : ୧. ଗ୍ରାମ ପଞ୍ଚାୟତର ସ୍ଥାୟୀ ବାସିନ୍ଦା ହୋଇଥିବେ । ୨. ବୟସ ୧୮ ରୁ ୪୦ ବର୍ଷ ହୋଇଥିବେ । ୩. ଶିକ୍ଷାଗତ ଯୋଗ୍ୟତା ୧୦ମ ପାସ୍ ହୋଇଥିବେ । ୪. ସ୍ମାର୍ଟ ମୋବାଇଲ ପରିଚାଳନା କରିପାରୁଥିବେ ।

**AFFIDAVIT**

By virtue of an affidavit sworn before The Executive Magistrate, Binjharpur,dated 19.05.2025 I, Sanjida Khatun, Wife of Ershad alli Khan, village - Kaina, Po - Sayedpur, Dist - Jajpur, Pin - 755027 declare that I have changed the name of my daughter from Maryam Parween to Maryam Khan, Henceforth she shall be known as Maryam Khan for all purposes.

Sd/- Sanjida Khatun

**AFFIDAVIT**

I, Swetapadma Patnaik, W/o-Shivnarayan Pattnaik, resident of 379, Cuttack Road, Bomikhal, Budheswari, Koradakanta, Jharpada, Bhubaneswar, Dist-Khurdha, Pin-751006 Odisha declare by this affidavit No. 24654 dtd. 10 Dec 2024 that now onwards I shall be known as "Swetapadma Pattnaik" for all future purposes.

**ବିଜ୍ଞାପନ**

ତା. ୦୧/୦୬/୨୦୨୫ ରିଖ

ଏତଦ୍ୱାରା ମୁର୍ଗାହାଣ୍ଡି ଗ୍ରାମପଞ୍ଚାୟତର ସମସ୍ତ ସର୍ବସାଧାରଣଙ୍କୁ ଅବଗତି କରାଯାଉଅଛି କି, ମୁର୍ଗାହାଣ୍ଡି ଗ୍ରାମ ପଞ୍ଚାୟତର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟକାରୀ ସକାଶେ ୭ ଗୋଟି ମେଟ୍ ଚୟନ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ଥିବା ସ୍ଥାନୀୟ ଯୁବକ ଯୁବତୀ ନିମ୍ନଲିଖିତ ଯୋଗ୍ୟତା ପୂରଣ କରୁଥିଲେ ସେମାନେ ସରପଞ୍ଚ ମର୍ଗାହାଣ୍ଡିଙ୍କୁ ତା. ୧୪.୦୬.୨୦୨୫ ରିଖ ମଧ୍ୟରେ ଦରଖାସ୍ତ କରନ୍ତୁ । ଦରଖାସ୍ତ ସହିତ ସମସ୍ତ ପ୍ରମାଣ ପତ୍ରର ଅବିକଳ ନକଲ ଦାଖଲ କରିବା ହେବେ ।

ସରପଞ୍ଚ, ଗ୍ରା.ପ. ମୁର୍ଗାହାଣ୍ଡି

ଯୋଗ୍ୟତା : ୧. ଗ୍ରାମ ପଞ୍ଚାୟତର ସ୍ଥାୟୀ ବାସିନ୍ଦା ହୋଇଥିବେ । ୨. ବୟସ ୧୮ ରୁ ୪୦ ବର୍ଷ ହୋଇଥିବେ । ୩. ଶିକ୍ଷାଗତ ଯୋଗ୍ୟତା ୧୦ମ ପାସ୍ ହୋଇଥିବେ । ୪. ସ୍ମାର୍ଟ ମୋବାଇଲ ପରିଚାଳନା କରିପାରୁଥିବେ ।

**ସାର୍ବଜନୀନ ସୂଚନା**

ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା, ବଣେଇ ସବ୍ ଡିଭିଜନ ଏବଂ ତହସିଲ ଲହୁଣୀପଡ଼ା ଅନ୍ତର୍ଗତ ରାଙ୍ଗା, ରାଙ୍ଗ୍ରା ଏବଂ କୁଟୁଡା ଗ୍ରାମରେ ଅବସ୍ଥିତ ମେସର୍ସ ରୁଙ୍ଗଟା ସନ୍ସ ପ୍ରାଇଭେଟ୍ ଲିମିଟେଡର ମହୁଲସୁଖା ଲୁହା ଏବଂ ମାଙ୍ଗାନିଜ୍ ଖଣିଜ ଖଣ୍ଡକୁ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟର (IA ଡିଭିଜନ) ଦ୍ୱାରା ଫାଇଲ୍ ନମ୍ବର J-11015/75/2020-IA-II (M) ତାରିଖ 30.05.2025 ରେ 390.317 ହେକ୍ଟର ଲିଜ୍ ଅଞ୍ଚଳରେ 16,62,977 TPA (ROM ଲୁହା ପଥର 10,00,000 TPA) ଏବଂ ମୋଟ 14,07,519 TPA (ROM ମାଙ୍ଗାନିଜ୍ ଖଣିଜ ଖଣ୍ଡ 1,50,000 TPA) ଖନନ ପାଇଁ ପରିବେଶଗତ ମଞ୍ଜୁରୀ (EC) ପ୍ରଦାନ କରାଯାଇଛି । ଉକ୍ତ ମଞ୍ଜୁରୀର କପି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଏବଂ ଭାରତ ସରକାରଙ୍କ ପରିବେଶ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟର ୱେବସାଇଟ୍ (www.parivesh.nic.in) ରେ ଉପଲବ୍ଧ ।

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**

ଆଞ୍ଚଳିକ କାର୍ଯ୍ୟାଳୟ : ବାରିପଦା

ଏମ୍‌କେସି ହାଇ ସ୍କୁଲ ସମ୍ମୁଖ, ଲାଲ ବଜାର, ବାରିପଦା, ଓଡ଼ିଶା, ପିନ୍-୭୫୭୦୦୧

**ସୁନା ନିଲାମ ବିଜ୍ଞପ୍ତି**

**ବନ୍ଧକ ଥିବା ସ୍ୱର୍ଣ୍ଣ ଅଳଙ୍କାର / ଆର୍ଟିକିଲ୍ସର ସର୍ବସାଧାରଣ ନିଲାମ ପାଇଁ ନୋଟିସ୍**

ଏତଦ୍ୱାରା ନିମ୍ନଲିଖିତ ସୁନା ଋଣଗ୍ରହୀତା, ସେମାନଙ୍କର ଆଇନଗତ ଉତ୍ତରାଧିକାରୀ ଓ ସୁନା ଅଳଙ୍କାର ବ୍ୟବସାୟରେ ଜଡିତ ଥିବା ବ୍ୟକ୍ତି ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ବ୍ୟାଙ୍କ ଦ୍ୱାରା ନୋଟିସ୍ ଦେବା ସତ୍ତ୍ୱେ ନିମ୍ନଲିଖିତ ଋଣଗ୍ରହୀତାମାନେ ସେମାନଙ୍କର ବକେୟା ଦେୟ ପଇଠ କରୁନାହାନ୍ତି । ଏହି ନୋଟିସ୍ ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଅଛି କି, ଯଦି ସେମାନେ ସେମାନଙ୍କର ସମ୍ପୃକ୍ତ ସୁନା ଋଣ ଆକାଉଣ୍ଟ ବାବଦ ବକେୟା ଦେୟ (ଅଦ୍ୟାବଧି ସମସ୍ତ ସୁଧ ଏବଂ ଦେୟ/ଆଇନଗତ ଖର୍ଚ୍ଚ ଅନ୍ତର୍ଭୁକ୍ତ କରି) ତା.୧୭.୦୬.୨୦୨୫ରିଖ, ଅପରାହ୍ନ ୪.୦୦ ଘଟିକା ସୁଦ୍ଧା ପଇଠ କରିବାରେ ବିଫଳ ହୁଅନ୍ତି ତେବେ ବ୍ୟାଙ୍କରେ ବନ୍ଧକ ଥିବା ସେମାନଙ୍କର ସୁନା ଅଳଙ୍କାରଗୁଡ଼ିକୁ ତା.୧୮.୦୬.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା ମଧ୍ୟରେ ସମ୍ପୃକ୍ତ ଶାଖା ପରିସରରେ ସର୍ବସାଧାରଣ ଖୋଲା ନିଲାମ ଡାକ ମାଧ୍ୟମରେ ନିଲାମ କରାଯିବ । ବ୍ୟାଙ୍କ ସମ୍ପୃକ୍ତ ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା କିମ୍ବା କ୍ଷତି ନିମନ୍ତେ ଦାୟୀ ହେବ ନାହିଁ ଏବଂ କୌଣସି ଋଣଗ୍ରହୀତାଙ୍କ ପକ୍ଷରୁ ଏ ବାବଦ କୌଣସି ଅଭିଯୋଗ କିମ୍ବା ପ୍ରତିନିଧିତ୍ୱକୁ ପ୍ରଶ୍ରୟ ଦେବ ନାହିଁ । ନିଲାମରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ବ୍ୟକ୍ତିମାନେ ଅମାନତ ଜମା ରୂପେ ଟ.୧୦,୦୦୦/- (ଦଶ ହଜାର ଟଙ୍କା ମାତ୍ର) ନିଲାମ ତାରିଖ ପୂର୍ବରୁ ସମ୍ପୃକ୍ତ ଶାଖା ପ୍ରବନ୍ଧକଙ୍କ ଠାରେ ଦାଖଲ କରିବା ଉଚିତ । ଅନ୍ତିମ ନିଲାମ ଡାକରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିମାନେ ୨୪ ଘଣ୍ଟା ମଧ୍ୟରେ ସମସ୍ତ ନିଲାମ ରାଶି ଦାଖଲ କରିବେ, ଅନ୍ୟଥା ସେମାନେ ବ୍ୟାଙ୍କରେ ଦାଖଲ କରିଥିବା ଅମାନତ ରାଶି ବାଜ୍ୟାପ୍ତି କରାଯିବ । ଯଦି ନିଲାମ ରାଶି ଅପର୍ଯ୍ୟାପ୍ତ କିମ୍ବା କମ୍ ହୋଇଥାଏ ତେବେ କୌଣସି କାରଣ ନଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖୁଅଛି । ପୁନଶ୍ଚ ଆବଶ୍ୟକସ୍ଥଳେ ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଉପରୋକ୍ତ ସ୍ଥିରୀକୃତ ନିଲାମର ତାରିଖ, ସମୟ ଏବଂ ସ୍ଥାନକୁ ପରିବର୍ତ୍ତନ କିମ୍ବା ନିଲାମକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖୁଅଛି ।

| କ୍ର. ନଂ. | ଆକାଉଣ୍ଟ ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ମୋଟ ଓଜନ (ଗ୍ରାମ୍‌ରେ) | ନେଟ୍ ଓଜନ (ଗ୍ରାମ୍‌ରେ) | ୦୨.୦୬.୨୦୨୫ ସୁଦ୍ଧା ମୋଟ ବକେୟା ଦେୟ (ଲାଗୁ ହୋଇନଥିବା ସୁଧ, ଖର୍ଚ୍ଚ ଏବଂ ଦେୟ ବ୍ୟତୀତ) |
|---|---|---|---|---|---|
| ଚିଷ୍ଠଲଗଡିଆ ଶାଖା, ସା/ପୋ: ଚିଷ୍ଠଲଗଡିଆ, ଭାୟା: ଅମର୍ଦ୍ଦା ରୋଡ, ଜିଲ୍ଲା: ମୟୂରଭଞ୍ଜ, ପିନ୍ - ୭୫୬୦୩୦ | | | | | |
| ୧. | ୫୪୭୮୭୭୬୧୦୦୦୦୧୨୯୬ | ତାରାକାନ୍ତ ପାତ୍ର, ପିତା: ଭାନୁ ପାତ୍ର, ସା: ପୁରୁଷୋତ୍ତମପୁର, ସାରସିଆ, ବାଲେଶ୍ୱର, ଓଡ଼ିଶା-୭୫୬୦୨୫ | ୧୪.୧୦ | ୧୦.୫୭ | ଟ.୫୩,୯୫୪/- |
| ୧. | ୫୪୭୮୭୭୬୧୦୦୦୦୧୨୬୮ | ଦେବଜିତ ବେହେରା, ପିତା: ଅଜୟ କୁମାର ବେହେରା, ସା: ମାଜଣାବାହା, ପୋ: ଚିଷ୍ଠଲଗଡିଆ, ରାସଗୋବିନ୍ଦପୁର, ମୟୂରଭଞ୍ଜ, ଓଡ଼ିଶା-୭୫୬୦୩୦ | ୧୨.୨୭ | ୮.୫୦ | ଟ.୯,୬୯୦.୪୯ |

ସ୍ଥାନ: ବାରିପଦା
ତାରିଖ: ୦୨.୦୬.୨୦୨୫

ଆଞ୍ଚଳିକ ପ୍ରବନ୍ଧକ
ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଖବର ପ୍ରକାଶ ପରେ ପ୍ରଶାସନର ତତ୍ପରତା

# ଧଡି ବେହେରାଙ୍କ ଘରକୁ ଯିବା ଆସିବା ପାଇଁ ଲାଗିଲା ଲୁହା ଶିଡି



କଟକ, (ସ୍ୱପ୍ର) : ରାସ୍ତା ପ୍ରଶସ୍ତିକରଣ ଓ ସୁଉଚ୍ଚ ଡ୍ରେନ୍ ନିର୍ମାଣ ଘରକୁ ଯିବା ଆସବା କରିବା ବନ୍ଦ କରିଥିଲା। ବାଉଁଶ ବାନ୍ଧି ଅତି ବିପଦ ଜନକ ଭାବେ ଘରକୁ ଯିବା ଆସିବା କରୁଥିଲେ ଧଡି ବେହେରାଙ୍କ ପରିବାର ଲୋକେ । ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଏବେ ଲାଗିଛି ଲୁହା ଶିଡି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ସ୍ଥାନୀୟ ୪୪ ନଂ ଓ୍ୱାର୍ଡ ଖାନନଗର ବସ୍ଷ୍ଟାଣ୍ଡ ନିକଟରେ ବସବାସ କରୁଥିବା ଧଡି ବେହେରାଙ୍କ ଘରେ । ଲିଙ୍କରୋଡ ଖାନନଗର ନଦୀ ବନ୍ଧ ରାସ୍ତା ୬ ଲେନ୍ କାମ ଜାରି ରହିଛି । ରାସ୍ତାକୁ ଲାଗି ନିର୍ମାଣ ହୋଇଛି ସୁଉଚ୍ଚ ଡ୍ରେନ୍। ଫଳରେ ରାସ୍ତା ଓ ଡ୍ରେନ୍ ନିର୍ମାଣ ହେବା ଫଳରେ ଧଡି ବେହେରାଙ୍କ ଘର ପ୍ରାୟ ଦଶ ଫୁଟ ତଳ ହୋଇଯାଇଛି । ଡ୍ରେନ୍‌ଟି ଅଧିକ ଉଚ୍ଚତା ହେତୁ ସେଠାରେ ବସବାସ କରୁଥିବା ଧଡି ବେହେରା ଓ ତାଙ୍କ ପରିବାର ଲୋକଙ୍କୁ ଘରକୁ ଯିବା ଆସିବା କରିବାକୁ ଅନ୍ୟ ରାସ୍ତା ନଥିବାରୁ ବାଧ୍ୟ ହୋଇ ସେମାନେ ବାଉଁଶ ବାନ୍ଧି ଶିଡି ତିଆରି କରି ଅତି ବିପଦଜନକ ଭାବେ ଯିବା ଆସିବା କରୁଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଖବର ପ୍ରକାଶ ପରେ ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ଓ ମେୟର ସୁବାସ ଚନ୍ଦ୍ର ସିଂହ ପ୍ରମୁଖ ଘଟଣା ସ୍ଥଳକୁ ଯାଇ ସ୍ଥିତ ପରଖିବା ସହିତ ଧଡି ବେହେରାଙ୍କୁ ସହାୟତା କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ । ଫଳରେ ପ୍ରତିଶ୍ରୁତି ମୁତାବକ ତାଙ୍କ ଘରକୁ ଏବେ ଆରଆଣ୍ଡବି ଡିଭିଜନ୍ ଟୁ ପକ୍ଷରୁ ଏକ ଲକ୍ଷ ଟଙ୍କା ବ୍ୟୟରେ ଏକ ଲୁହା ଶିଡି ଲଗାଯାଇଛି। ଯଦ୍ୱାରା ଏବେ ଧଡି ବେହେରା ଓ ତାଙ୍କ ପରିବାର ଲୋକେ ଏବେ ଯିବା ଆସିବାରେ ଆଉ କୌଣସି ଅସୁବିଧା ହେଉନାହିଁ । ସୋମବାର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ, ମେୟର ସୁବାସ ଚନ୍ଦ୍ର ସିଂହ, ଡେପୁଟିମେୟର ଦମୟନ୍ତୀ ମାଝି ଓ ସ୍ଥାନୀୟ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ ପ୍ରମୁଖ ଧଡି ବେହେରାଙ୍କ ଘରକୁ ଯାଇ ସ୍ଥିତି ପରଖିବା ସହ ଆଉ କଣ ସମସ୍ୟା ରହିଛି ସେନେଇ ଆଲୋଚନା କରିଥିଲେ। ଧଡି ବେହେରା ନେତୃମଣ୍ଡଳୀଙ୍କ ଏପରି ପଦକ୍ଷପ ତାଙ୍କ ପରିବାର ଲୋକଙ୍କୁ ବଡ ଅସୁବିଧାରୁ ମୁକୁଳାଇ ପାରିଛି ବୋଲି କହିବା ସହିତ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଆରମ୍ଭ ହେଲା ମେୟରଙ୍କ ମୋ ଓ୍ୱାର୍ଡ କାର୍ଯ୍ୟକ୍ରମ



କଟକ , (ସବ୍ୟୁ):ମେୟର୍ ଶ୍ରୀ ସୁବାସ ଚନ୍ଦ୍ର ସିଂହ ଙ୍କ ଦ୍ୱାରା ସିଏମ୍ସି ଓ୍ୱାର୍ଡ ନମ୍ବର ୫୮ ମୋ ଓ୍ୱାର୍ଡ କାର୍ଯକ୍ରମ ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକମାନଙ୍କ ଏକ ବୈଠକ ସ୍ଥାନୀୟ ମା ଧାକୁଲେଇ ପୀଠ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ସଭାରେ ୧୫୦ରୁ ଅଧିକ ନାଗରିକ ଉପସ୍ଥିତ ରହି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ । ଅଞ୍ଚଳର ଡ୍ରେନ୍ ସମସ୍ୟା ରାସ୍ତା ଘାଟ, ପ୍ରକଳ୍ପ କାର୍ଯ୍ୟ , ଡାକ୍ତରଖାନା, କଲେଜ ପ୍ରତିଷ୍ଠା, ସ୍କୁଲର ଉନ୍ନତି, ମଶାଣିର ଉନ୍ନତି, ଖେଳପଡ଼ିଆର ଉନ୍ନତି, ଅଙ୍ଗନବାଡ଼ିର ଉନ୍ନତି ଇତ୍ୟାଦି ବିଷୟରେ ବରିଷ୍ଠ ନାଗରିକମାନେ ମତାମତ ଉପସ୍ଥାନ କରିଥିଲେ । ମେୟର ଶ୍ରୀ ସିଂହ, ସମସ୍ତଙ୍କ ମତାମତ ଶୁଣି ସମସ୍ୟାଗୁଡ଼ିକର ଯଥାଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ବୈଠକ ମାନ୍ୟବର କଟକ ମେୟର ସୁବାସ ଚନ୍ଦ୍ର ସିଂହଙ୍କ ସହିତ ସ୍ଥାନୀୟ କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ସହ କମିଶନର ସ୍ୱତି ମିଶ୍ର , କୌଶିକ ଜେନା, ପ୍ରମୋଦ ମହାପାତ୍ର , ନଟବର କର , ଜିତନ ବାବୁ , ସମ୍ପାଦକ ଧାକୁଲେଇ ପୀଠ ପ୍ରମୋଦ କୁମାର ବେହେରା , ସଭାପତି ଧାକୁଲେଇ ପୀଠ ପ୍ରମୋଦ ବାବୁ , ସୁଶାନ୍ତ ମହାନ୍ତି, ଅନାମ ନାୟକ, ଦୀପ୍ତି ରଞ୍ଜନ ଶତପଥୀ , ରବିନ୍ଦ୍ରନାଥ ସ୍ୱାଇଁ, ଓ୍ୱାର୍ଡ ଅଫିସର ଚିତ୍ତ ରଂଜନ ପରିଡ଼ା , କମୁନିଟୀ ଅର୍ଗନାଇଜର ସୁନୀତା ସାହୁ, ରଘୁନନ୍ଦନ ଶତପଥୀ , ପ୍ରହଲ୍ଲାଦ କର, ଦିବାକର କର , ସୁକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଜବର ଦଖଲ ଉଚ୍ଛେଦ

ବାରଙ୍ଗ, (ସବ୍ୟୁ) : ବାରଙ୍ଗ ତହସିଲ ଅଧିନରେ ଥିବା କଟକ ବାରବାଟି ନିର୍ବାଚନ ମଣ୍ଡଳୀର ୩ନଂ ଓ୍ୱାର୍ଡର ବିଦ୍ୟାଧରପୁର ଗ୍ରାମ ନିକଟରୁ ସୋମବାର ଦିନ ଜବର ଦଖଲ ଉଚ୍ଛେଦ କରାଯାଇଛି।ସୂଚନା ମୁତାବକ କାଠଯୋଡି ନଦୀ ବନ୍ଧ ରାସ୍ତାର ସଂପ୍ରସାରଣ କାର୍ଯ୍ୟ ଚାଲୁରହିଛି। ଏହି ସଂପ୍ରସାରଣ କାର୍ଯ୍ୟ ନରାଜବ୍ୟାରେଜ ନିକଟରୁ ତ୍ରିଶୂଳିଆ ସୁବାଷବୋଷ ସେତୁ ପର୍ଯ୍ୟନ୍ତ ପ୍ରାୟ ୭କିମି ରାସ୍ତାକୁ ସୁଦୃଢ କରାଯିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୮ କୋଟି ଟଙ୍କାର ବ୍ୟୟ ବରାଦ କରାଯିବା ସହିତ ରାସ୍ତାକୁ ୧୦ ମିଟର ଚଉଡାର ପ୍ରଶସ୍ତ କାର୍ଯ୍ୟ କରାଯାଉଛି। ଏହି ରାସ୍ତା ସଂପ୍ରସାରଣ କାର୍ଯ୍ୟରେ ଅଦ୍ୟାବଧି ପ୍ରାୟ ୫ କିମି ଲମ୍ବାର ପ୍ରାଥମିକ ପର୍ଯ୍ୟାୟ କାର୍ଯ୍ୟ ସରିଯାଇଛି। ଏହା ଭିତରେ ବାରବାଟି ନିର୍ବାଚନ ମଣ୍ଡଳୀର ୩ନଂ ଓ୍ୱାର୍ଡ ବିଦ୍ୟାଧର ପୁର ଗ୍ରାମନିକଟ କାଠଯୋଡ଼ି ନଦୀ ବନ୍ଧ ରାସ୍ତାକୁ ଗ୍ରାମର କିଛି ଲୋକମାନେ ଜବରଦଖଲ କରି ରଖିଥିବା ବେଳେ କେତେକ ମନ୍ଦିର ମଧ ହୋଇଥିଲା। ସରକାରୀ ଜମିକୁ ଜବରଦଖଲ କରି ରଖି ଥିବାରୁ ରାସ୍ତା ସଂପ୍ରସାରଣ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଥିଲା।ଏସଂପର୍କରେ ବାରଙ୍ଗ ତହସିଲଦାର ତୃଷାର ଜ୍ୟୋତି ରଞ୍ଜନ ସହକାରୀ ରାଜସ୍ୱ ଅଧିକାରୀ ଛବିନ୍ଦ୍ର ସେଠୀ ପକ୍ଷରୁ ଜବରଦଖଲ କରି ରଖିଥିବା ବ୍ୟକ୍ତିମାନଙ୍କୁ ପୂର୍ବରୁ ସୂଚନା ଦିଆଯାଇଥିଲେ ମଧ କେହି ଗୁରୁ ଦେଇନଥିଲେ।ଫଳରେ ସୋମବାର ଦିନ ବାରଙ୍ଗ ତହସିଲଦାର ବାରଙ୍ଗ ଥାନା ପୁଲିସ ସହାୟତାରେ ଏକ ପ୍ଲାଟୁନ ପୁଲିସ ଫୋର୍ସଧରି ଜେସିବିଲଗାଇ ଜବର ଦଖଲରେ ଥିବା ୫ଟି ମନ୍ଦିର, ୩କ୍ଲବ୍ ଘର ଓ ବହୁତ ଦୋକାନ ଘରକୁ ଭାଙ୍ଗିଥିବାର ଦେଖିବାକୁ ମିଳିଥିଲା।

## ଜେଇଇ ଆଡଭାନ୍ସ ପରୀକ୍ଷା ଫଳ

# ଡିଏଭି ଚନ୍ଦ୍ରଶେଖରପୁରର ୨୯ଜଣ ବିଦ୍ୟାର୍ଥୀ ଯୋଗ୍ୟ ବିବେଚିତ



ଗୌରଭ ମହାରଣା



ଶ୍ରୀରାଜ ସରକାର



ବିଷ୍ଣୁ ପ୍ରସାଦ ଶତପଥୀ

ଭୁବନେଶ୍ୱର (ସବ୍ୟୁ): ଆଇଆଇଟି କାନପୁର ଦ୍ୱାରା ପରିଚାଳିତ ସର୍ବଭାରତୀୟ ଜେଇଇ ଆଡଭାନ୍ସ ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ଡିଏଭି ଚନ୍ଦ୍ରଶେଖରପୁରର ସମୁଦାୟ ୨୯ଜଣ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇ ଉଲ୍ଲେଖନୀୟ ସାଫଲ୍ୟ ଅର୍ଜନ କରିଛନ୍ତି । ସେମାନଙ୍କ ମଧ୍ୟରୁ ୧୧ଜଣ ୫ହଜାର ର୍ୟାଙ୍କ, କୁମ୍‌କୁମ୍ ବେହେରା ୩୫୩୧ ର୍ୟାଙ୍କ, ପ୍ରିତମ ପ୍ରତ୍ୟୁଷ ଦାସ ୩୬୬୪ ର୍ୟାଙ୍କ, ପ୍ରଦୀପ୍ତ କୁମାର ବଳିୟାର ସିଂହ ୩୬୮୧ ର୍ୟାଙ୍କ, ଆଶୁତୋଷ ମହାରଣା ୩୭୩୯ ର୍ୟାଙ୍କ, ରିଶିତ୍ ଦାସ ୩୮୩୭ ର୍ୟାଙ୍କ, ଶ୍ରେୟସ୍ କର ପଣ୍ଡା ୪୧୧୧ ର୍ୟାଙ୍କ ଓ ଶିବାଶିଷ ପଣ୍ଡା ୪୪୪୩ ର୍ୟାଙ୍କ ହାସଲ କରିବାର ଶ୍ରେୟ ଲାଭ କରିଛନ୍ତି । ବିଦ୍ୟାଳୟ ଦ୍ୱାରା ନିଜସ୍ୱ ପରିଚାଳିତ ସୁପରି-୪୦ରୁ ସଂଖ୍ୟାଧିକ ବିଦ୍ୟାର୍ଥୀ ଶୀର୍ଷ ର୍ୟାଙ୍କ ସହ ମେଘା ତାଲିକାରେ ରହିଛନ୍ତି । ପୂର୍ବବର୍ଷମାନଙ୍କ ପରି ଚଳିତବର୍ଷ ମଧ ଏହି ସମ୍ମାନଜନକ ସର୍ବଭାରତୀୟ ପରୀକ୍ଷାରେ ଆକର୍ଷଣୀୟ ସଫଳତା ଲାଭପୂର୍ବକ ଗୌରବ ଅର୍ଜନକାରୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଭିନନ୍ଦନ ଜଣାଇବା ସହ ଉତ୍ତୋରତ୍ତର ଉନ୍ନତି କାମନା କରିଛନ୍ତି ।

## ଜେଇଇ ଆଡଭାନ୍ସଡ୍ ୨୦୨୫ ଫଳାଫଳ ପ୍ରକାଶ

# କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଛାତ୍ର ହଂସ ଦାରୁକ ରାଜ୍ୟ ଟପ୍ପର




ଭୁବନେଶ୍ୱର, (ସବ୍ୟୁ): ଜେଇଇ ଆଡଭାନ୍ସଡ ୨୦୨୫ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଥିବା ବେଳେ କିଟ ଇଣ୍ଟରନ୍ୟାସନାଲ ସ୍କୁଲ ପୁଣି ଥରେ ଏହାର ଶୈକ୍ଷିକ ଉତ୍କର୍ଷତା ପ୍ରମାଣିତ କରିଛି । କିଟ ଇଣ୍ଟରନ୍ୟାସନାଲ ସ୍କୁଲ ଛାତ୍ର ହଂସ ଦାରୁକ ସର୍ବଭାରତୀୟ ରାଙ୍କ ୩୯ରେ ରହି ରାଜ୍ୟ ଟପ୍ପର ହେବାର ରାଜ୍ୟ ପାଇଁ ଗୌରବ ଅର୍ଜନ କରିଛନ୍ତ । କିଟ୍ ଇଣ୍ଟରନ୍ୟାସ୍ନାଲ୍ ସ୍କୁଲ୍‌ର ମୋଟ ୧୩ ଜଣ ଛାତ୍ରଛାତ୍ରୀ ଜେଇଇ ଆଡଭାନ୍ସଡ୍ ୨୦୨୫ରେ କୃତୀତ୍ୱ ହାସଲ୍ କରି ପ୍ରତିଷ୍ଠିତ ଭାରତର ପ୍ରମୁଖ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ଆଇଆଇଟିରେ ପ୍ରବେଶ ପାଇଁ ଯୋଗ୍ୟତା ହାସଲ କରିଛନ୍ତିଛ ସ୍କୁଲର ଅନ୍ୟ ୧୨ ଜଣ ସଫଳ ଛାତ୍ରଛାତ୍ରୀ ସମ୍ମାନ ପୋଦ୍ଦାର, ଶ୍ରେୟସ ସାମନ୍ତରାୟ, ସ୍ୱୟମ କୃଷ୍ଣ ମନୋହରୀ, ଆଦିତ୍ୟ ନାୟକ, କୃଷ୍ଣାଂସୁ ମହାନ୍ତି, ରଶ୍ମୀ ରଂଜନ ବସ୍ତିଆ, ଅମୃତାଂଶୁ ଦାଶ, ପ୍ରଭୁଦତ୍ତ ପୃଷ୍ଟି, ସାଇ ସର୍ବେଶ ଥାଟୋଇ, ରଗବେଦ ସାଇ ମହାରଥୀ, ସାତ୍ୱିକ ମିଶ୍ର, ଏବଂ ହର୍ଷବର୍ଦ୍ଧନ ସିଂହ ସିଦାର ସର୍ବଭାରତୀୟ ରାଙ୍କ ହାସଲ କରି ଆଇଆଇଟିରେ ପ୍ରବେଶ ପାଇଁ ଯୋଗ୍ୟତା ହାସଲ କରିଛନ୍ତିଛ ଏହି ସଫଳତା କିଟ ଇଂଟରନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀଙ୍କ ଉତ୍ସର୍ଗ, କଠିନ ପରିଶ୍ରମର ପ୍ରମାଣ ଓ କିଟ ଇଣ୍ଟରନ୍ୟାସନାଲ ସ୍କୁଲରେ ଉଚ୍ଚମାନର ଶୈକ୍ଷିକ ବ୍ୟବସ୍ଥା ପ୍ରତିପାଦିତ କରୁଛି । ଏହି ଖବରରେ କିଟ ଓ କିସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ସଫଳ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ଓ କିଟ ଇଣ୍ଟରନ୍ୟାସନାଲ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସେମାନଙ୍କ କଠିନ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇଛନ୍ତିଛ ଏହା ସହ ସ୍କୁଲର ଚେୟାରପର୍ସନ ଡ ମୋନାଲିସା ବଳ ଓ ଅଧକ୍ଷ ଡ ସଞ୍ଜୟ ସୁଆରଙ୍କୁ ମଧ ଶ୍ରୀ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି ।

## ଆଜିର ସଭାସମିତି

୩/୫/୨୦୨୫ (ମଙ୍ଗଳବାର)
କଳିଙ୍ଗ ଯୁଦ୍ଧ କର୍ମଶାଳା
ଆୟୋଜକ ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର
ସମୟ ପୂର୍ବାହ୍ନ ୧୦ଟା
ସ୍ଥାନ- କଳିଙ୍ଗ ସମ୍ମିଳନୀ କକ୍ଷ, ପାନ୍ଥ ନିବାସ
ଭୁବନେଶ୍ୱର

## ଶାଗୁଆନ କାଠ ଜବତ

ବୋଲଗଡ ,(ସବ୍ୟୁ) :ବୋଲଗଡ ଅନ୍ତର୍ଗତ କୋଟପଲା ଗ୍ରାମ୍ୟ ଜଙ୍ଗଲରେ ରବିବାର ବିଳମ୍ବିତ ରାତ୍ରରେ ପେଟ୍ରୋଲିଂ କରୁଥିବା ବେଳେ ବାଇକ ସହିତ ଶାଗୁଆନ କାଠ ଗୁଡ଼ିକ ଜବତ କରିଛନ୍ତି ପରେଷ୍ଟର ପ୍ରିୟଦର୍ଶିନୀ ସେଠୀ ଓ ଗାର୍ଡ ଅର୍ପିତା ନାୟକ।ଶାଗୁଆନ କାଠର ଆନୁମାନିକ ମୂଲ୍ୟ ଏକଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଏ।

# ଡ. ନାରାୟଣ ମହାପାତ୍ର ସମ୍ବର୍ଦ୍ଧିତ



ଭୁବନେଶ୍ୱର, (ସବ୍ୟୁ) : ଅନ୍ତର୍ଜାତୀୟ ଓଡିଏର ଅନୁଷ୍ଠାନ ଉଗଣ୍ଡା ପକ୍ଷରୁ ସମାଜ ମଙ୍ଗଳ କାର୍ଯ୍ୟ ପାଇଁ ଡ. ନାରାୟଣ ମହାପାତ୍ରଙ୍କୁ 'ଆଫ୍ରିକା ଡେ ଗୋଲଡେନ ଆଓ୍ୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଛି । ଜୟ ମା ଭବାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସମ୍ପାଦକ ଭାବେ ସମାଜରେ ଅବହେଳିତ ବରିଷ୍ଠ ନାଗରିକଙ୍କ ଓ ଛୋଟ ଅନାଥ ପିଲାମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ସହିତ ବର୍ଷର ବିଭିନ୍ନ ସମୟରେ ବୃକ୍ଷ ରୋପଣ ଓ ରକ୍ତ ଦାନ ସଂଗ୍ରହ ଶିବିର ମଧ୍ୟ ଆୟୋଜନ କରିଥାନ୍ତି । ପୂର୍ବରୁ ଡ ନାରାୟଣ ମହାପାତ୍ର ସମାଜସେବା କ୍ଷେତ୍ରରେ ସମ୍ମାନସୂଚକ ଡକ୍ଟରେଟ ଓ ବହୁ ହ୍ୟୁମ୍ୟାନଟେରିଆନ ଉପାଧି ପାଇଛନ୍ତି । ଏହି ସମ୍ମାନ ନିମନ୍ତେ ଆମକୁ ଉପଯୁକ୍ତ ଭାବି ପ୍ରଦାନ କରି ଥିବାରୁ ଡ଼ ମହାପାତ୍ର ଅନୁଷ୍ଠାନର ପ୍ରତିଷ୍ଠାତା ଓ ଅନ୍ୟାନ୍ୟ ସଦସ୍ୟ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ମଣିପାଲ ହସ୍ପିଟାଲକୁ ସମ୍ମାନଜନକ ଟାଇମ୍ସ ଆଇକନ ଆଓ୍ୱାର୍ଡ଼



ଭୁବନେଶ୍ୱର, (ସବ୍ୟୁ): ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମଣିପାଲ ହସ୍ପିଟାଲ ଭୁବନେଶ୍ୱରକୁ ସମ୍ମାନଜନକ ଟାଇମ୍ସ ଆଇକନ ଆଓ୍ୱାର୍ଡ଼ ପ୍ରଦାନ କରା ଯାଇଛି । ଅତ୍ୟାଧୁନିକ ମଲ୍ଟି ସ୍ପେସିଆଲିଟି ସ୍ୱାସ୍ଥ୍ୟ ସେବା ପ୍ରଦାନ ହେତୁ ୨୮ ତାରିଖରେ ଟାଇମ୍ସ ଅଫ ଇଣ୍ଡିଆ ପକ୍ଷରୁ ଏହି ସମ୍ମାନ ଦିଆ ଯାଇଥିଲା । ଶିଳ୍ପ ଓ ଦକ୍ଷତା ବିକାଶ ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିଲେ । ମଣିପାଲ ହସ୍ପିଟାଲ ଭୁବନେଶ୍ୱର ନିର୍ଦ୍ଦେଶକ ଶକ୍ତିମୟ ମହାପାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରିଥିଲେ ।

ଏହି ବର୍ଗରେ ପୁରସ୍କୃତ ହେବାରେ ମଣିପାଲ ହସ୍ପିଟାଲ ରାଜ୍ୟର ଏକମାତ୍ର ହସ୍ପିଟାଲ୍ ପାଲଟିଛି । ଅଗ୍ରଣୀ ହସ୍ପିଟାଲ୍ ଭାବେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାର ପ୍ରତିବଦ୍ଧତାକୁ ଏହା ଆହୁରି ସଶକ୍ତ କରିବ । ଏହି ସମ୍ମାନ ଆଗାମୀ ଦିନରେ ହସପିଟାଲକୁ ବୈଷୟିକ କୌଶଳରେ ସମୃଦ୍ଧ ହେବାରେ ସହାୟକ ହେବ । ସେହିପରି ନୂତନ ଆବିଷ୍କାର ସହ ସର୍ବଦା ରୋଗୀଙ୍କୁ ପ୍ରାଥମିକତା ଦେବା ଦିଗରେ ଏହା ସହାୟକ ମଧ ହେବ । ପୁରସ୍କାର ପ୍ରଦାନ ସମାରୋହରେ ରୋଗୀସେବା କ୍ଷେତ୍ରରେ ମଣିପାଲ ହସ୍ପିଟାଲ ଭୁବନେଶ୍ରରର ଅବଦାନକୁ ପ୍ରଶଂସା କରା ଯାଇଥିଲା । ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ ବୋଲି କହିଥିଲେ ହସ୍ପିଟାଲ ନିର୍ଦ୍ଦେଶକ ଶକ୍ତିମୟ ମହାପାତ୍ର । ରାଜ୍ୟର ହଜାର ହଜାର ପରିବାର ପାଇଁ ରୋଗୀସେବା କ୍ଷେତ୍ରରେ ଆମେ ସବୁଠୁ ବିଶ୍ୱସ୍ତ ହସ୍ପିଟାଲ ରହିଥିବା ବେଳେ ଆଗାମୀ ଦିନରେ ମଧ ଏହି ଧାରା ଜାରି ରହିବ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଟାଇମ୍ସ ଅଫ ଇଣ୍ଡିଆ ପକ୍ଷରୁ ଏହି ସମ୍ମାନ ଦିଆ ଯାଇଥାଏ । ଉଭୟ ବ୍ୟକ୍ତିଗତ ଓ ଅନୁଷ୍ଠାନକୁ ଏହି ସମ୍ମାନ ମିଳିଥାଏ । ଏହା ସହ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଏହାର ଭୂମିକା ସର୍ବଦା ଜାରି ରଖିବ ।

## ବେଦାନ୍ତ ଆଲୁମିନିୟମର ଜାମଖାଣି ଖଣି

# ସ୍ଥାୟୀ ତଥା ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ପାଇଁ ୪-ଷ୍ଟାର ରେଟିଙ୍ଗ ହାସଲ କଲା

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ଓଡ଼ିଶାର ସୁନ୍ଦରଗଡ଼ରେ ଥିବା ଜାମଖାଣି କୋଇଲା ଖଣି ପାଇଁ କୋଇଲା ମନ୍ତ୍ରଣାଳୟରୁ ଏକ ସମ୍ମାନଜନକ ୪-ଷ୍ଟାର ରେଟିଙ୍ଗ ହାସଲ କରିଛି । ମନ୍ତ୍ରଣାଳୟର ଷ୍ଟାର ମୂଲ୍ୟାଙ୍କନରେ ୧୦୦ ରୁ ୮୩ ସ୍କୋର କରି, କାର୍ଯ୍ୟ ଆରମ୍ଭ କରିବାର ମାତ୍ର ଦୁଇ ବର୍ଷ ମଧ୍ୟରେ ଖଣି ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀମାନଙ୍କ ମଧ୍ୟରୁ ଗୋଟିଏ ଭାବରେ ଉଭା ହୋଇଛି । ଜାମଖାନି ଖଣି ୧୦୦% ଭୂଲମ୍ବ ସମନ୍ୱୟ ହାସଲ କରିବା ଏବଂ କୋଇଲା ଆମଦାନୀ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବା, ଏକ ଆତ୍ମନିର୍ଭରଶୀଳ, ବିକଶିତ ଭାରତର ବୃହତ ଲକ୍ଷ୍ୟରେ ଯୋଗଦାନ ଦେବା ପାଇଁ ବେଦାନ୍ତ ଆଲୁମିନିୟମର ଦୃଷ୍ଟିକୋଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଆର୍ଥିକ ବର୍ଷ ୨୦୧୯ରେ କୋଇଲା ମନ୍ତ୍ରଣାଳୟ ଦ୍ୱାରା ପ୍ରଚଳିତ ଷ୍ଟାର ରେଟିଂ ମୂଲ୍ୟାୟନ ଯୋଜନା, ବିଭିନ୍ନ ପାରାମିଟରରେ ଖଣି ମୂଲ୍ୟାଙ୍କନ କରି ସ୍ଥାୟୀ ଏବଂ ଦାୟିତ୍ୱପୂର୍ଣ୍ଣ ଖଣିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି। ଏଥିରେ ବୈଜ୍ଞାନିକ ଖଣି କାର୍ଯ୍ୟପଦ୍ଧତି, ପରିବେଶ ସଂରକ୍ଷଣ, ବୈଧାନିକ ଅନୁପାଳନ, ଭୂମି ଏବଂ ପୁନର୍ବାସ ପରିଚାଳନା, ଆର୍ଥିକ କାର୍ଯ୍ୟଦକ୍ଷତା, ପ୍ରଯୁକ୍ତିବିଦ୍ୟା ଗ୍ରହଣ, କର୍ମଚାରୀ କଲ୍ୟାଣ ଏବଂ କର୍ମକ୍ଷେତ୍ର ସୁରକ୍ଷା ଅନ୍ତର୍ଭୁକ୍ତ । ଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, 'ଏହି ସ୍ୱୀକୃତି ଜାମଖାଣିର ଦଳର ଉତ୍ସର୍ଗତା ଏବଂ ସମନ୍ୱିତ ପ୍ରୟାସର ଏକ ପ୍ରମାଣ ଏବଂ ସ୍ଥାୟୀତ୍ୱ, ସୁରକ୍ଷା ଏବଂ ଡିଜିଟାଲ୍ ନବସୃଜନ ଉପରେ ଦୃଢ଼ ଧ୍ୟାନ ଦେଇ ଉତ୍କର୍ଷତା ହାସଲ କରିବାର ବେଦାନ୍ତର ବ୍ୟାପକ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ଏହି ସ୍ୱୀକୃତି ପରିବେଶଗତ ଏବଂ ସାମାଜିକ ଶାସନର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖି ପରିବର୍ତ୍ତନମୂଳକ ଅଭିବୃଦ୍ଧିକୁ ଚଳାଇବା ପ୍ରତି ଆମର ପ୍ରତିବଦ୍ଧତାକୁ ଗୁରୁତ୍ୱ ଦିଏ । ନଭେମ୍ବର ୨୦୨୨ରେ ଏହାର ପ୍ରତିଷ୍ଠା ପରଠାରୁ, ବେଦାନ୍ତର ଜାମଖାଣି କୋଇଲା ଖଣି ପରିବେଶଗତ ପରିଚାଳନା, ଡିଜିଟାଲ୍ ନବସୃଜନ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ଉପରେ ଦୃଢ଼ ଧ୍ୟାନ ଦେଇ ସର୍ବୋତମ ଖଣି କାର୍ଯ୍ୟପଦ୍ଧତିର ଉଦାହରଣ ଦେଇଛି । ଖଣି ଉନ୍ନତ ବାୟୁ ଏବଂ ଜଳ ପରିଚାଳନା ପ୍ରଣାଳୀ କାର୍ଯ୍ୟକାରୀ କରିଛି, ଯେଉଁଥିରେ ବାସ୍ତବ-ସମୟ ମନିଟରିଂ, ୪,୨୦୦ କିଲୋ ଲିଟର କ୍ଷମତା ସହିତ ଛାତ ଉପରେ ବର୍ଷାଜଳ ଅମଳ ଏବଂ ପ୍ରାୟ ୧୦୦,୦୦୦ ଘନ ମିଟର ମିଳିତ କ୍ଷମତା ସହିତ ପୋଖରୀ ମାଧ୍ୟମରେ ଭୂତଳ ପୁନଃଚାର୍ଜ ଅନ୍ତର୍ଭୁକ୍ତ । ପୋଖରୀ, ସମ୍ପସ୍ ଏବଂ ପର୍ଯ୍ୟବେକ୍ଷଣ କୂପଗୁଡ଼ିକୁ ବସାଇବା ଭଳି ଭିତିଭୂମିକୁ ସମର୍ଥନ କରିବା ଏହାର ଜଳ ସଂରକ୍ଷଣ ପ୍ରୟାସକୁ ଆହୁରି ମଜବୁତ କରେ । ଅତିରିକ୍ତ ପଦକ୍ଷେପଗୁଡ଼ିକରେ ଜୈବିକ ପୁନରୁଦ୍ଧାର ପାଇଁ ଉପର ମାଟି ପରିଚାଳନା, ପରିବେଶଗତ



ପରିଚାଳନା ଯୋଜନା ଅନୁପାଳନ ଏବଂ ଆଇଏସଓ:୯୦୦୧ ଗୁଣବତା ପରିଚାଳନା ପ୍ରଣାଳୀର ଚାଲୁଥିବା କାର୍ଯ୍ୟାନ୍ୱୟନ ଅନ୍ତର୍ଭୁକ୍ତ । ଖଣି ମଧ ବନୀକରଣର ଅଭିନବ ମିଆୱାକି ପଦ୍ଧତି ଗ୍ରହଣ କରିଛି, ଦ୍ରୁତ ବର୍ଦ୍ଧିତ, ଆତ୍ମନିର୍ଭରଶୀଳ ଜଙ୍ଗଲ ସୃଷ୍ଟି କରିବା ପାଇଁ ଉଚ୍ଚ ଘନତାରେ ଦେଶୀୟ ଗଛ, ଉପ-ଗଛ ଏବଂ ବୁଦାଗୁଡ଼ିକର ବିବିଧ ମିଶ୍ରଣ ରୋପଣ କରିଛି । ଏହି ପ୍ରକଳ୍ପର ଲକ୍ଷ୍ୟ ଏହି ଆର୍ଥିକ ବର୍ଷର ଶେଷ ସୁଦ୍ଧା ଖଣି ପରିଧିରେ ୧୮ ହେକ୍ଟରରେ ୩.୬୫ ଲକ୍ଷ ଚାରା ରୋପଣ କରିବା । ଏହି ସବୁଜବଳୟ ଖଣି କ୍ଷେତ୍ରରେ ପୁନଃଉତ୍ପାଦନକାରୀ ପରିବେଶଗତ ଅଭ୍ୟାସ ପାଇଁ ଏକ ଜୈବ ବିବିଧତା ହଟସ୍ପଟ୍ ଏବଂ ମଡେଲ୍ ଭାବରେ କାର୍ଯ୍ୟ କରିବ । କମ୍ପାନୀ ଉନ୍ନତ ପ୍ରଯୁକ୍ତିବିଦ୍ୟା ଉପରେ କେନ୍ଦ୍ରିତ ଏକ ଡିଜିଟାଲ୍-ପ୍ରଥମ ପଦ୍ଧତି ମାଧ୍ୟମରେ ଏହାର ଡିଜିଟାଲ୍ ପରିବର୍ତ୍ତନ ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି । ଜାମଖାଣି କୋଇଲା ଖଣିରେ, ଡ୍ରୋନ୍-ଆଧାରିତ ବ୍ଲାଷ୍ଟିଂ ଜୋନ୍ କ୍ଲିୟରାନ୍ସ, ଡିଜିଟାଲ୍ ଡ୍ୟାସବୋର୍ଡ, ଅପରେସନାଲ୍ ଆନାଲିଟିକ୍ସ ଏବଂ ଟାଇମ୍-ଇନ୍-ୟୁଜ୍ ମଡେଲ୍ (ଟିୟୁଏମ) ଭଳି ପ୍ରଯୁକ୍ତିବିଦ୍ୟାକୁ ରିଅଲ୍-ଟାଇମ୍ କୋଇଲା ଉତ୍ପାଦନ, ଉପକରଣ ବ୍ୟବହାର ଏବଂ ପ୍ରେରଣ ଗୁଣବତା ଟ୍ରାକ୍ କରି ଦକ୍ଷତା ବୃଦ୍ଧି କରିବା ପାଇଁ ସମନ୍ୱିତ କରାଯାଇଛି । ଏହି ଉଦ୍ଭାବନଗୁଡ଼ିକ କେବଳ କାର୍ଯ୍ୟଦକ୍ଷତାରେ ନୁହେଁ ବରଂ ସୁରକ୍ଷା ଏବଂ ପରିବେଶଗତ ଦାୟିତ୍ୱରେ ନୂତନ ମାନଦଣ୍ଡ ସ୍ଥାପନ କରୁଛି, ଯାହା ସ୍ମାର୍ଟ ଏବଂ ସ୍ଥାୟୀ ଖଣି ପ୍ରତି ବେଦାନ୍ତର ପ୍ରତିବଦ୍ଧତାକୁ ଆହୁରି ମଜବୁତ କରୁଛି। ଜାମଖାନି ହେଉଛି ବେଦାନ୍ତର ପ୍ରଥମ ଗ୍ରୀନଫିଲ୍ଡ କୋଇଲା ଖଣି ଏବଂ ନିଲାମ ଯୁଗରେ ଓଡ଼ିଶାରେ ପ୍ରଥମ ଘରୋଇ ଭାବରେ ବିକଶିତ ଗ୍ରୀନଫିଲ୍ଡ କୋଇଲା ଖଣି । ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ, ଏହି ଖଣି ଝାରସୁଗୁଡ଼ାରେ ବେଦାନ୍ତର ବିଶ୍ୱସ୍ତରୀୟ ଆଲୁମିନିୟମ୍ ସ୍ମେଲଟରକୁ ସମର୍ଥନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ଯାହାକି ବିଶ୍ୱ ସ୍ତରରେ ସର୍ବବୃହତ ଏକକ-ସ୍ଥାନ ଆଲୁମିନିୟମ୍ ସ୍ମେଲ୍ଟିଂ ସୁବିଧା।

# ଲୋହାଣ୍ଡି ଟୁ ଲଦାଖ - ଭ୍ରମଣ କାହାଣୀ ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର, (ସବ୍ୟୁ): ଓମ୍ ପ୍ରକାଶ ସିଂହଙ୍କ ଦ୍ୱାରା ଲିଖିତ ଲୋହାଣ୍ଡି ଟୁ ଲଦାଖ-ଏକ ଭ୍ରମଣ କାହାଣୀର ଉନ୍ମୋଚନ ଜୁନ୍ ୨ ସୋମବାର ଦିନ ଚନ୍ଦ୍ରଶେଖରପୁରର ଅରଣ୍ୟ ଭବନ ଅଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଭୁବନେଶ୍ୱରର ପ୍ରକାଶକ କେତକୀ ବୁକ୍ସ ଦ୍ୱାରା ଆୟୋଜିତ ହୋଇଥିଲା ।ଫରେଷ୍ଟ ମୁଖ୍ୟାଳୟର ଡିଏଫଓ ସୁନିତା ଜୀଙ୍କ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଏବଂ ତା'ପରେ ବହୁ ପ୍ରତୀକ୍ଷିତ ପୁସ୍ତକର ଉନ୍ମୋଚନ କରାଯାଇଥିଲା । ଭିଜୁଆଲ୍ ଡିଜାଇନର୍ ଜ୍ୟୋତିରଞ୍ଜନ ସ୍ୱାଇଁ, ଏକ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ପରିଚୟ ପ୍ରଦାନ କରିଥିଲେ ।

ଲେଖକ ଓମ୍ ପ୍ରକାଶ ସିଂହ ତାଙ୍କ ଲୋହାଣ୍ଡି ଠାରୁ ଲଦାଖ ପର୍ଯ୍ୟନ୍ତର ଭ୍ରମଣର କାହାଣୀ ବ୍ୟକ୍ତିଗତ ଅନୁଭବ ଓ ଅନ୍ତର୍ନିହିତ ଚିନ୍ତନ ସହିତ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ଚିନ୍ତିତ ଭାଷଣଗୁଡ଼ିକର ଏକ ଶୃଙ୍ଖଳା ପ୍ରଦର୍ଶିତ ହୋଇଥିଲା । ସୁରେଶ ପନ୍ତ ପିସିସିଏଫ୍ ଓଡ଼ିଶା, ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଯାତ୍ରା ଏବଂ ଜଙ୍ଗଲ ସଂରକ୍ଷଣ ଉପରେ ବକ୍ତବ୍ୟ ରଖିଥିଲେ । ମୁଖ୍ୟ ବକ୍ତା ଦେବୀଦତ୍ତ ବିଶ୍ୱାଳ ମୁଖ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିମାନେ - ଉମା ନାହୁରୀ ଏବଂ ପ୍ରେମ କୁମାର ଝା, ଓଡ଼ିଶା - ସଂରକ୍ଷଣଏବଂ ଯାତ୍ରା ବିଷୟରେ ଉପସ୍ଥାପନ ଦେଇଥିଲେ । ପରେ ଏକ ଆନ୍ତର୍କ୍ରିୟାତ୍ମକ ସତ୍ସଙ୍ଗରେ ଲେଖକଙ୍କୁ ପ୍ରଶ୍ନ କରିବାର ଅବସର ମିଳିଥିଲା । ଯେଉଁଠାରେ ପ୍ରେକ୍ଷକମାନେ ତାଙ୍କ ସୃଜନଶୀଳ ପ୍ରକ୍ରିୟା ଓ ଅନୁପ୍ରେରଣା ବିଷୟରେ ଅଧିକ ଜାଣିପାରିଥିଲେ । ଅନ୍ତେ, ଲେଖକଙ୍କ ଧନ୍ୟବାଦ ଜଣାଇବା ସହିତ କାର୍ଯ୍ୟକ୍ରମର ଶେଷ ହୋଇଥିଲା ।

# ଫେଲ୍ ମାରିଲା ଶାନ୍ତି ଆଲୋଚନା

## ୟୁକ୍ରେନ୍ ହମ୍‌ଲା ପରେ ରୁଷ ଥରହର



**କିଭ୍:** ସୋମବାର ରୁଷ ସହ ଶାନ୍ତି ଆଲୋଚନା ପାଇଁ ୟୁକ୍ରେନର ଗୋଟିଏ ପ୍ରତିନିଧି ମଣ୍ଡଳୀ ତୁର୍କୀର ଇସ୍ତାନବୁଲ ଯିବେ ବୋଲି ରାଷ୍ଟ୍ରପତି ଭ୍ଲୋଡମିର ଜେଲେନସ୍କି ଘୋଷଣା କରିବାର କିଛି ଘଣ୍ଟା ପରେ ଏପରି ହମଲା ହୋଇଛି । ରୁଷ ଭିତରେ ପଶି ୟୁକ୍ରେନ ବେଶ ସଫଳତାର ସହ ଯୁଦ୍ଧ ବିମାନଗୁଡ଼ିକୁ ଧ୍ୱଂସ କରିଥିବାରୁ ଏହାକୁ ଜେଲେନସ୍କି ଚମତ୍କାର ଅପରେସନ ବୋଲି କହିଛନ୍ତି । ଅପରେସନ ପାଇଁ ୧୮ ମାସ ହେଲା ଯୋଜନା ଚାଲିଥିଲା ଓ ୧୧୭ଟି ଡ୍ରୋନର ବ୍ୟବହାର କରାଯାଇଥିବା ସେ ପୂରା ବିଶ୍ୱକୁ ଜଣାଇଛନ୍ତି । ରବିବାର ବିଳମ୍ବିତ ରାତିରେ ଜେଲନସ୍କି କହିଛନ୍ତି, ଗୋଟିଏ ଚମତ୍କାର ଅପରେସନ ଶତ୍ରୁ ପକ୍ଷର ଅଞ୍ଚଳରେ କରାଯାଇଛି । ଅପରେସନ ବେଳେ କେବଳ ସାମରିକ ଜିନିଷକୁ ଟାର୍ଗେଟ କରାଯାଇଥିଲା । ୟୁକ୍ରେନରେ ଷ୍ଟ୍ରାଇକ କରିବା ପାଇଁ ବ୍ୟବହାର କରାଯାଉଥିବା ସମାଗ୍ରୀଗୁଡ଼ିକୁ ଧ୍ୱଂସ କରାଯାଇଛି । ରୁଷ ବ୍ୟାପକ କ୍ଷତି ସହିଛି । ଏହା ଯର୍ଥାର୍ଥ ଓ ରୁଷ ଏହା ହିଁ ସାମ୍ନା କରିବାକୁ ଯୋଗ୍ୟ । ପ୍ରସ୍ତୁତି ୧୮ ମାସ ଧରି ଚାଲିଥିଲା । ଯୋଜନା ଠାରୁ ଆରମ୍ଭ କରି ଏହାର କାର୍ଯ୍ୟକାରିତା ବେଶ ସଫଳ ହୋଇଛି । ଏହା ବିଶ୍ୱାସ ବୃଦ୍ଧି କରିଛି ଓ ଏହା ନିଶ୍ଚିତ ଭାବେ ଗୋଟିଏ ବିରଳ ତଥା ସ୍ୱତନ୍ତ୍ର ଅପରେସନ ।

ଗୋଟିଏ ବିସ୍ତୃତ ବିବୃତିରେ ଜେଲେନସ୍କି ଅପରେସନ ସମ୍ପର୍କରେ ସୂଚନା ଦେଇଛନ୍ତି । ଏହା ସନ୍ତୋଷ ଆଣି ଦେବା ଭଳି କଥା ବୋଲି ସେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, ଚାପ ସୃଷ୍ଟି କରାଯିବାର ଆବଶ୍ୟକ ଥିଲା । ରୁଷ ଉପରେ ଚାପ ପକାଇ ତା'କୁ ବାସ୍ତବତାକୁ ବୁଝାଇବାକୁ ଚେଷ୍ଟା କରାଯାଇଛି । କଟକଣା ଦ୍ୱାରା ଚାପ । ଆମ ସଶସ୍ତ୍ର ବଳ ଦ୍ୱାରା ଚାପ । କୂଟନୀତିକ ସ୍ତରରେ ଚାପ । ସବୁ କିଛି ଏକାଠି ହେବା ଦରକାର ।

ୟୁକ୍ରେନ ରାଷ୍ଟ୍ରପତି ଦାବି କରିଛନ୍ତି ଯେ ରୁଷର ଗୁଇନ୍ଦା ଓ ସୁରକ୍ଷା ଏଜେନ୍ସି ନିକଟରେ ଥିବା ଗୋଟିଏ ଅଫିସରୁ ଅପରେସନକୁ ବାସ୍ତବ ରୂପ ଦିଆଯାଇଥିଲା । ସେ କହିଛନ୍ତି, ଅପରେସନରେ ମୋଟ ୧୧୭ଟି ଡ୍ରୋନର ବ୍ୟବହାର କରାଯାଇଥିଲା । ଏୟାର ବେସରେ କ୍ରୁଜ ମିସାଇଲ ବହନ କରିପାରୁଥିବା ୩୪% ଯୁଦ୍ଧ ବିମାନକୁ ହିଟ କରାଯାଇଛି । ଆମ ଲୋକମାନେ ରୁଷର ବିଭିନ୍ନ ଅଞ୍ଚଳରେ ରହି କାମ କରୁଥିଲେ । ୩ଟି ଭିନ୍ନ ଟାଇମ ଜୋନରେ ସେମାନେ ସବୁ ଯୋଜନା କରିଥିଲେ । ଆମକୁ ସହଯୋଗ କରିଥିବା ଲୋକଙ୍କୁ ଅପରେସନ ପୂର୍ବରୁ ହିଁ ରୁଷରୁ ଅପସାରଣ କରି ନିଆଯାଇଥିଲା । ଏବେ ସେମାନେ ପୂରା ସୁରକ୍ଷିତ ।

ୟୁକ୍ରେନ ଆକ୍ରମଣ ପୂର୍ବରୁ ରୁଷ ପୁଣିଥରେ କିଭରେ ବଡ଼ ଆକ୍ରମଣ ପାଇଁ ଯୋଜନା କରୁଥିବା ସୂଚନା ମିଳିଥିଲା । ତେଣୁ ଏହାର ଜବାବ ଦିଆଯାଇଛି । ଆମ ଲୋକମାନେ ମଧ୍ୟ ଏୟାର ରେଡ ଆଲର୍ଟକୁ ବୁଝିବା ଦରକାର ବୋଲି ଜେଲେନସ୍କି କହିଛନ୍ତି । ୟୁକ୍ରେନ୍ ରବିବାର ରୁଷର ଓଲେନିଆ ଓ ବେଲିଆ ଉପରେ ଡ୍ରୋନ ଆଟାକ କରିଥିଲା । ରଣନୀତିକ ଦୃଷ୍ଟିରୁ ଉଭୟ ଘାଟି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଥିବା ବେଳେ ୟୁକ୍ରେନ୍ ଉପରେ ବୋମା ମାଡ଼ କରିବା ପାଇଁ ଏହାର ସର୍ବାଧିକ ବ୍ୟବହାର ହେଉଥିଲା । ଶନିବାର ରାତିରେ ରୁଷ୍ ୟୁକ୍ରେନରେ ପ୍ରମୁଖ ସହରଗୁଡ଼ିକୁ ଟାର୍ଗେଟ୍ କରି ୪ ଶହରୁ ଅଧିକ ଡ୍ରୋନ୍ ଓ ୭ଟି କ୍ଷେପଣାସ୍ତ୍ର ମାଡ଼ କରିଥିଲା । ଏଥିରେ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ୧୨ ଜଣଙ୍କର ମୃତ୍ୟୁ ହୋଇଥିଲା ।

ଏହାର ଜବାବରେ ରବିବାର ୟୁକ୍ରେନ୍ ଡ୍ରୋନ ଦ୍ୱାରା ରୁଷର ୪ଟି ବାୟୁସେନା ଘାଟିକୁ ଟାର୍ଗେଟ୍ କରି ଆକ୍ରମଣ କରିଥିଲା । ୟୁକ୍ରେନ ଡ୍ରୋନ୍ ରୁଷର ଟିୟୁ-୯୫, ଟିୟୁ-୨୨ ଏବଂ ଏ-୫୦ ଗୁପ୍ତଚର ବିମାନ ଭଳି ବଡ଼ ବଡ଼ ବୋମାବର୍ଷୀ ବିମାନକୁ କ୍ଷତି ପହଞ୍ଚାଇବାରେ ସକ୍ଷମ ହୋଇଛି । ରୁଷ୍ ଉପରେ ଏଭଳି ଭୟାନକ ଆକ୍ରମଣ ପାଇଁ ୟୁକେନରେ ଏହି ଅପରେସନକୁ ଅତ୍ୟନ୍ତ ଗୁପ୍ତ ରଖିଥିଲା ଓ ଏହାର ନାଁ 'ଅପରେସନ୍ ସ୍ପାଇଡର୍ ୱେବ୍' ରଖିଥିଲା । ରୁଷର ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ୪ଟି ଏୟାରବେସକୁ ଟାର୍ଗେଟ କରିବା ପାଇଁ ଶତାଧିକ ଡ୍ରୋନକୁ ଟ୍ରକ୍ ମାଧ୍ୟମରେ ପଠାଯାଇଥିଲା ଏବଂ ରୁଷୀୟ ଗୁଇନ୍ଦା ସଂସ୍ଥା ଏହାର ଟେର୍ ପାଇନଥିଲା । ଡ୍ରୋନ୍ ବାହକ ଟ୍ରକଗୁଡ଼ିକୁ ଟାର୍ଗେଟ୍ କରାଯାଇଥିବା ବାୟୁସେନା ଘାଟିର ଅତି ନିକଟରେ ପହଞ୍ଚାଇବାକୁ ୟୁକ୍ରେନ୍ ସକ୍ଷମ ହୋଇଥିଲା । ପରେ ରିମୋଟରେ ଏହାକୁ ସକ୍ରିୟ କରାଯାଇ ବିଭିନ୍ନ ବାୟୁସେନା ଘାଟିରେ ଆକ୍ରମଣ କରାଯାଇଥିଲା । ଏହି କାରଣରୁ ରୁଷର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଏହାକୁ ଠାବ କରିପାରି ନଥିଲା । ଏହି ଆକ୍ରମଣକୁ ରୁଷ୍ ସ୍ୱୀକାର କରିଛି ଏବଂ ମୋଟ ୫ଟି ଅଞ୍ଚଳରେ ୪ଟି ଏୟାରବେସ୍ କ୍ଷତିଗ୍ରସ୍ତ ହୋଇଥିବା କହିଛି ।

## ଅପରେସନ୍ ସିନ୍ଦୂର

### ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ





**ନୂଆଦିଲ୍ଲୀ:** ବିଦେଶ ଗସ୍ତରେ ଥିବା ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀଙ୍କୁ ଖୁବଶୀଘ୍ର ଭେଟିବେ ପ୍ରଧାନମନ୍ତ୍ରୀ ମୋଦୀ । ଅପରେସନ ସିନ୍ଦୂର ଏବଂ ପାକିସ୍ତାନର ଆତଙ୍କୀ ପ୍ରୀତି ନେଇ ବିଶ୍ୱର ବିଭିନ୍ନ ଦେଶ କଣ ଦେଲେ ସନ୍ଦେଶ ସେସବୁର ଫିଡବ୍ୟାକ୍ ନେବେ ମୋଦୀ । ଜୁନ ୯ କିମ୍ବା ୧୦ ତାରିଖରେ ମୋଦୀ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀଙ୍କୁ ନେଇ ଏକ ବୈଠକ କରିବାର ସମ୍ଭାବନା ରହିଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ତେବେ ବିଶ୍ୱର ୩୩ଟି ଦେଶକୁ ଭ୍ରମଣ କରିଥିବା ଭାରତର ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଅପରେସନ ସିନ୍ଦୂରର ସଫଳତା ଏବଂ ଆତଙ୍କବାଦ ବିରୋଧରେ ଭାରତର ସ୍ପଷ୍ଟ ନୀତିକୁ ନେଇ ଗସ୍ତ କରିଥିଲେ । ସେଠାରେ ବିଭିନ୍ନ ଦେଶର ନେତୃତ୍ୱ ସମେତ ବିଭିନ୍ନ ଦେଶର ସରକାରଙ୍କୁ ଭେଟି ପାକିସ୍ତାନର ଆତଙ୍କୀ ପ୍ରୀତି ଏବଂ ଆତଙ୍କବାଦର ମୂଳପୋଛ ପାଇଁ ସାରା ବିଶ୍ୱ କେମିତି ପଦକ୍ଷେପ ନେବ ଏବଂ କେମିତି ଏକାଠି ହେବା ଜରୁରୀ ସେନେଇ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ବ୍ରିଫ୍ କରିଛନ୍ତି । ବିଶ୍ୱ ସ୍ତରରେ ପାକିସ୍ତାନକୁ ଘେରିବାକୁ ଭାରତର ଏହି ଯୋଜନା କେତେ ଫଳପ୍ରଦ ହେଲା ଏବଂ ବିଶ୍ୱର ବିଭିନ୍ନ ଦେଶ କଣ ସବୁ ପ୍ରତିକ୍ରିୟା ରଖିଲେ ସେସବୁ ବାବଦରେ ଗୋଟି ଗୋଟି କରି ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ମୋଦୀଙ୍କୁ ବ୍ରିଫ୍ କରିବେ । ଆଉ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଠାରୁ ସବୁ ଶୁଣିବା ପରେ ଆତଙ୍କବାଦ ବିରୋଧରେ ଆଗାମୀ ରଣନୀତି କଣ ହେବ ତାହା ସ୍ଥିର ହେବ ବୋଲି କୁହାଯାଉଛି । ତେବେ ୭ଟି ବଡ଼ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ବିଶ୍ୱ ଭ୍ରମଣରେ ଯାଇଥିଲେ । କଂଗ୍ରେସର ଶଶୀ ଥରୁର, ବିଜେପିର ରବି ଶଙ୍କର ପ୍ରସାଦ ଏବଂ ବୈଜୟନ୍ତ ପଣ୍ଡା, ଜେଡିୟୁର ସଞ୍ଜୟ ଝା, ଡିଏମକେର କାନିମୋଜି କରୁଣାନିଧି, ଏନସିପିର ସୁପ୍ରିୟା ସୁଲେ ଏବଂ ଶିବସେନାର ଶ୍ରୀକାନ୍ତ ଏକନାଥ ସିନ୍ଦେ ବିଭିନ୍ନ ଦଳର ନେତୃତ୍ୱ ନେଇଥିଲେ । ଆମେରିକା, ୟୁରୋପ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଏବଂ ପୂର୍ବ ଏସିଆ ପରି ଅନେକ ଦେଶ ଗସ୍ତ କରିଛନ୍ତି । ଶଶି ଥରୁର ଆମେରିକା, ପାନାମା, ଗୁଆନା, ବ୍ରାଜିଲ ଓ କଲମ୍ବିଆ ଗସ୍ତ କରିଥିବା ବେଳେ । ବୈଜୟନ୍ତ ପଣ୍ଡା ସାଉଦି ଆରବ, କୁଏତ, ବାହାରିନ ଭଳି ଦେଶ ଗସ୍ତ କରିଥିଲେ ।

## ବର୍ଷାରେ ବେହାଲ୍ ଆସାମ: ଫସି ରହିଛନ୍ତି ୧୫ ଶହ ପର୍ଯ୍ୟଟକ



**ନୂଆଦିଲ୍ଲୀ:** ଲଗାଣ ବର୍ଷାରେ ବେହାଲ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ । ଆସାମ, ମଣିପୁର, ସିକ୍କିମର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସାଙ୍ଗକୁ ବନ୍ୟା ଓ ଭୂସ୍ଖଳନ ସ୍ଥିତି । ରାସ୍ତାଘାଟ, ଘରଦ୍ୱାର ଚାରିଆଡ଼େ ପାଣି ହିଁ ପାଣି ଦେଖିବାକୁ ମିଳିଛି । ଅନେକ ଗାଁ ଜଳମଗ୍ନ ହୋଇଛି । ରାସ୍ତାରେ ଡଙ୍ଗା ଚାଲୁଛି । ଏନଡିଆରଏଫ୍, ଏସଡିଆରଏଫ ଟିମ୍ ପକ୍ଷରୁ ବନ୍ୟା ପ୍ରଭାବିତଙ୍କୁ ଉଦ୍ଧାର କରାଯାଉଛି । ଉତ୍ତର ସିକ୍କିମ୍ରେ ବର୍ଷା ବିପର୍ଯ୍ୟୟ କାରଣରୁ ଜଟିଳ ସ୍ଥିତି ଦେଖିବାକୁ ମିଳିଛି । ମଙ୍ଗନ ଜିଲ୍ଲାର ଲାଚେନ୍ ଓ ଲାଚୁଙ୍ଗ ଉପତ୍ୟକାରେ ପ୍ରାୟ ୧୫ ଶହ ପର୍ଯ୍ୟଟକ ଫସି ରହିଛନ୍ତି । ଲଗାଣ ବର୍ଷା, ଭୂସ୍ଖଳନ ଓ ତିସ୍ତା ନଦୀରେ ବଢୁଥିବା ପାଣି ଯୋଗୁଁ ଅଣାୟତ୍ତ ସ୍ଥିତି ଉପୁଜିଛି । ଉଭୟ ଯାତାୟାତ ଓ ଉଦ୍ଧାର କାର୍ଯ୍ୟ ଠପ୍ ହୋଇଯାଇଛି । ରବିବାର ଲୋକଙ୍କୁ ସ୍ଥାନାନ୍ତର ପାଇଁ ସ୍ଥିର ହୋଇଥିଲେ ହେଁ ପୁଣି ଥରେ ଭୂସ୍ଖଳନ ଯୋଗୁଁ ଏହି ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି । ଗତ ୨୯ ତାରିଖରେ ମୁନ୍ସିଥାଙ୍ଗଠାରେ ତିସ୍ତା ନଦୀରେ ଗାଡ଼ି ଖସି ପଡ଼ିବା ପରେ ନିଖୋଜ ହୋଇଥିବା ୮ ଜଣ ପର୍ଯ୍ୟଟକଙ୍କୁ ଏପର୍ଯ୍ୟନ୍ତ ଠାବ କରାଯାଇପାରିନାହିଁ । ଗତ ୪୮ ଘଣ୍ଟା ମଧ୍ୟରେ ଆସାମ ଓ ଅରୁଣାଚଳ ପ୍ରଦେଶରୁ ୯ ଜଣ ଲେଖାଏଁ, ମେଘାଳୟରୁ ୬ ଜଣ, ମିଜୋରାମରୁ ୫ ଜଣ ଏବଂ ନାଗାଲାଣ୍ଡ ଓ ତ୍ରିପୁରାରୁ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି । ଅରୁଣାଚଳରେ ଏକ ଭୂସ୍ଖଳନ ଯୋଗୁଁ ଗାଡ଼ି ଗଭୀର ଖାଲକୁ ଖସି ପଡ଼ିବାରୁ ୭ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ୪ ଜଣ ଶିଶୁ ଓ ୨ ଜଣ ଗର୍ଭବତୀ ମହିଳା ଥିବା ବେଳେ ସେମାନେ ୨ଟି ପରିବାରର ବୋଲି ଜଣାପଡ଼ିଛି ।

## ନିଟ୍ ପିଜି ୨୦୨୫ ପରୀକ୍ଷା ସ୍ଥଗିତ

**ନୂଆଦିଲ୍ଲୀ :** ଜୁନ ୧୫ରେ ହେବାକୁ ଥିବା ନିଟ୍ ପିଜି ୨୦୨୫ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ଏହି ପରୀକ୍ଷାକୁ ଗୋଟିଏ ସିଫ୍ଟରେ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ନ୍ୟାସନାଲ ବୋର୍ଡ ଅଫ ଏକଜାମିନେସନ୍ସ ଇନ ମେଡିକାଲ ସାଇନ୍ସେସ (ଏନବିଏଏମଏସ) ପକ୍ଷରୁ ପରୀକ୍ଷା ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛି । ପରୀକ୍ଷାରେ ସ୍ୱଚ୍ଛତା ରକ୍ଷା ପାଇଁ ଗୋଟିଏ ସିଫ୍ଟରେ ପରୀକ୍ଷା ଆୟୋଜନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏନବିଏଏମଏସ ପକ୍ଷରୁ ଜାରି ଏକ ନୋଟିସରେ କୁହାଯାଇଛି ଯେ ଗୋଟିଏ ସିଫ୍ଟରେ ପରୀକ୍ଷା ଆୟୋଜନ କରିବାକୁ ଅଧିକ ସଂଖ୍ୟକ ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯିବ । ଏଥିଲାଗି ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ସୂଚନାଯୋଗ୍ୟ ଯେ ନିଟ୍ ପିଜି ହେଉଛି ମେଡିକାଲ ଗ୍ରାଜୁଏଟ ମାନଙ୍କ ପାଇଁ ଏକ ଜାତୀୟ ସ୍ତରର ପରୀକ୍ଷା । ମେଡିକାଲ ଗ୍ରାଜୁଏଟମାନେ ଏମଡି, ଏମଏସ ଓ ପିଜି ଡିପ୍ଲୋମା ଲାଗି ଏହି ପରୀକ୍ଷା ଦେଇଥାନ୍ତି । ଏହି ପରୀକ୍ଷାକୁ ନ୍ୟାସନାଲ ବୋର୍ଡ ଅଫ ଏକଜାମିନେସନ୍ସ ଇନ ମେଡିକାଲ ସାଇନ୍ସେସ (ଏନବିଏଏମଏସ) ପକ୍ଷରୁ ଆୟୋଜନ କରାଯାଇଥାଏ ।

## ଆସନ୍ତା ବର୍ଷ ଆସିବ ଆଉ ୨ଟି ଏସ୍-୪୦୦



**ନୂଆଦିଲ୍ଲୀ:** ଭାରତ-ପାକିସ୍ତାନ ଉତ୍ତେଜନା ସମୟରେ, ରୁଷ ନିର୍ମିତ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏସ-୪୦୦ ପ୍ରଭାବୀ ପ୍ରଦର୍ଶନ କରିଥିଲା । ଏହା ପାକିସ୍ତାନୀ ଡ୍ରୋନ ଏବଂ କ୍ଷେପଣାସ୍ତ୍ରକୁ ଖସାଇ ଦେଇଥିଲା । ଦେଶ ପାଇଁ ସୁରକ୍ଷା ଢାଲ ଭାବରେ କାମ କରୁଥିବା ଏହି ପ୍ରଣାଳୀ ବିଷୟରେ, ଭାରତରେ ରୁଷ ଦୂତବାସର ଉପମୁଖ୍ୟ ରୋମାନ ବାବୁଶକିନ୍ କହିଛନ୍ତି ଯେ ଅବଶିଷ୍ଟ ଏସ-୪୦୦ ରେଜିମେଣ୍ଟ ଚଳିତ ବର୍ଷ ଶେଷ କିମ୍ବା ୨୦୨୬ରେ ଯୋଗାଇ ଦିଆଯିବ । ଭାରତ ଏପର୍ଯ୍ୟନ୍ତ ଏସ-୪୦୦ର ପରବର୍ତ୍ତୀ କନସାଇନମେଣ୍ଟ ପାଇନାହିଁ । ରୋମାନ ବାବୁଶକିନ୍ କହିଛନ୍ତି ଯେ ଅବଶିଷ୍ଟ ଏସ-୪୦୦କ୍ଷେପଣାସ୍ତ୍ର ବାୟୁ ପ୍ରତିରକ୍ଷା ପ୍ରଣାଳୀ ମଧ୍ୟ ନିର୍ଦ୍ଧାରିତ ସମୟ ସୁଦ୍ଧା ପ୍ରାପ୍ତ ହେବଛ ସେ କହିଛନ୍ତି ଯେ ରୁଷିଆ ୨୦୨୫-୨୦୨୬ ସୁଦ୍ଧା ବାୟୁ ପ୍ରତିରକ୍ଷା ପ୍ରଣାଳୀର ଅବଶିଷ୍ଟ ୟୁନିଟ୍ ଭାରତକୁ ହସ୍ତାନ୍ତର କରିବାକୁ ପ୍ରତିବଦ୍ଧ । ସୂଚନାଯୋଗ୍ୟ ଯେ ରୁଷରୁ ୫ଟି ରେଜିମେଣ୍ଟ ଏସ-୪୦୦ କିଣିବାକୁ ଭାରତ ଚୁକ୍ତି କରିଛି । ଏପର୍ଯ୍ୟନ୍ତ ୩ଟି ଏସ-୪୦୦ ଭାରତରେ ପହଞ୍ଚି କାର୍ଯ୍ୟକ୍ଷମ ରହିଛି । ତେବେ ୟୁକ୍ରେନ ଯୁଦ୍ଧ ଯୋଗୁଁ ଅବଶିଷ୍ଟ ୨ଟି ଏସ-୪୦୦ ଆସିବାରେ ବିଳମ୍ବ ହୋଇଥିଲା । ସେ କହିଛନ୍ତି ଯେ ଆମେ ଶୁଣିଛୁ ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ନିକଟରେ ହୋଇଥିବା ସଂଘର୍ଷ ସମୟରେ ଏସ-୪୦୦ ବହୁତ ଦକ୍ଷତାର ସହିତ କାମ କରିଥିଲା । ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗର ଏକ ଲମ୍ବା ଇତିହାସ ଅଛି । ସୂଚନାଯୋଗ୍ୟ ଯେ ରୁଷରୁ ୫ଟି ରେଜିମେଣ୍ଟ ଏସ-୪୦୦ କିଣିବାକୁ ଭାରତ ଚୁକ୍ତି କରିଛି । ଏପର୍ଯ୍ୟନ୍ତ ୩ଟି ଏସ-୪୦୦ ଭାରତରେ ପହଞ୍ଚି କାର୍ଯ୍ୟକ୍ଷମ ରହିଛି । ତେବେ ୟୁକ୍ରେନ ଯୁଦ୍ଧ ଯୋଗୁଁ ଅବଶିଷ୍ଟ ୨ଟି ଏସ-୪୦୦ ଆସିବାରେ ବିଳମ୍ବ ହୋଇଥିଲା ।

## ସିକିମ୍ ଭୂସ୍ଖଳନରେ ୩ ଯବାନ ମୃତ: ୬ ନିଖୋଜ



**ଗ୍ୟାଙ୍ଗଟକ୍:** ମାଟି ତଳକୁ ୩ ଯବାନଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି । ଆଉ ୪ ଜଣ ଯବାନ ସାମାନ୍ୟ ଆହତ ହୋଇଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଯାଇଛି । ଏବେ ବି ବର୍ଷା ଲାଗି ରହିଥିଲେ ହେଁ ନିଖୋଜ ୬ ଜଣ ଯବାନଙ୍କୁ ଖୋଜା ଚାଲିଥିବା ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି । ଲଗାଣ ବର୍ଷା ପରେ ଏବେ ସିକ୍କିମର ବିଭିନ୍ନ ସ୍ଥାନରେ ଭୟଙ୍କର ଭୂସ୍ଖଳନ ସାଂଘାତିକ ସ୍ଥିତି ସୃଷ୍ଟି କରିଛି । ରାଜ୍ୟର ମାନଗାନ ଜିଲ୍ଲାର ଲାଚେନ ନିକଟ ଚାଟେନ ଠାରେ ହୋଇଥିବା ଭୂସ୍ଖଳନରେ ସ୍ଥଳ ସେନାର ଗୋଟିଏ କ୍ୟାମ୍ପ କ୍ଷତି ଗ୍ରସ୍ତ ହୋଇଛି । ଭୂସ୍ଖଳନ ଯୋଗୁ ୩ ଜଣ ଯବାନ ପ୍ରାଣ ହରାଇଛନ୍ତି । ସେହିପରି ଆଉ ୬ ଜଣ ନିଖୋଜ ହୋଇଯାଇଛନ୍ତି । ସେମାନଙ୍କୁ ଠାବ କରିବା ପାଇଁ ସର୍ଚ୍ଚ ଅପରେସନ ଆରମ୍ଭ ହଥଇଛି । ବାସ୍ତବରେ ଭୂସ୍ଖଳନ ରବିବାର ସନ୍ଧ୍ୟା ୭ଟାରେ ହୋଇଥିଲା । ଭୂସ୍ଖଳନରେ ହାବିଲଦାର ଲକ୍ଷବିନ୍ଦର ସିଂହ, ଲାନ୍ସ ନାଏକ ମୁନୀଶ ଠାକୁର ଓ ପୋର୍ଟର ଅଭିଷେକ ଲଖାଡାଙ୍କ ମୃତ୍ୟୁ ହୋଇଥିବା ଆର୍ମି ପକ୍ଷରୁ ସୋମବାର ଜାରି ବିବୃତିରେ କୁହାଯାଇଛି । ମାଟି ତଳକୁ ୩ ଯବାନଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି । ଆଉ ୪ ଜଣ ଯବାନ ସାମାନ୍ୟ ଆହତ ହୋଇଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଯାଇଛି । ଏବେ ବି ବର୍ଷା ଲାଗି ରହିଥିଲେ ହେଁ ନିଖୋଜ ୬ ଜଣ ଯବାନଙ୍କୁ ଖୋଜା ଚାଲିଥିବା ସେନା ପକ୍ଷରୁ ସ୍ପଷ୍ଟ କରାଯାଇଛି । ସ୍ଥଳ ସେନା ପକ୍ଷରୁ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଯାଇଛି ଓ ଆବଶ୍ୟକ ସହାୟତା କରିବାକୁ ପ୍ରତିଶ୍ରୁତି ଦିଆଯାଇଛି ।

## ବାଂଲାଦେଶ ରାଜନୀତି: ହସିନାଙ୍କୁ ମିଳିପାରେ ମୃତ୍ୟୁଦଣ୍ଡ



**ଢାକା:** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ବିରୋଧରେ ମାନବିକତା ବିରୋଧୀ ଅପରାଧ ଅଭିଯୋଗ ଦାୟର ହୋଇଛି । ହସିନା ସିଧାସଳଖ ଗଣହତ୍ୟା ଅପରାଧରେ ସଂପୃକ୍ତ ବୋଲି ଦର୍ଶାଇ ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଅଦାଲତ (ଆଇସିଟି)ରେ ଅଭିଯୋଗପର୍ଦ୍ଧ ଦାଖଲ କରାଯାଇଛି । ଗତବର୍ଷ ଜୁଲାଇ ମାସରେ ବିଦ୍ରୋହ ସମୟରେ ବିକ୍ଷୋଭକାରୀଙ୍କ ଉପରେ ହୋଇଥିବା ବର୍ବରତାକୁ ନେଇ ଏଭଳି ଅଭିଯୋଗ ହୋଇଛି । ହସିନାଙ୍କ ସହିତ ପୂର୍ବତନ ଗୃହମନ୍ତ୍ରୀ ଅସଦୁଜମାନ ଖାନ୍ କମଲ ଏବଂ ପୂର୍ବତନ ଆଇଜି ଚୌଧୁରୀ ମାମୁନ୍‌ଙ୍କୁ ମଧ୍ୟ ସହ-ଅଭିଯୁକ୍ତ ଦର୍ଶାଯାଇଥିବା ଢାକା ଟ୍ରିବ୍ୟୁନ୍ ରିପୋର୍ଟ କରିଛି । ବାଂଲାଦେଶ ଟେଲିଭିଜନରେ ଏହି ମକଦ୍ଦମା ଶୁଣାଣିର ସିଧା ପ୍ରସାରଣ କରାଯାଉଛି । ଆଇସିଟିର ମୁଖ୍ୟ ଓକିଲ ତାଜୁଲ ଇସଲାମ ରବିବାର ଟ୍ରିବ୍ୟୁନାଲରେ ଆନୁଷ୍ଠାନିକ ଭାବେ ଅଭିଯୋଗ ଉପସ୍ଥାପନ କରିଥିଲେ । ଗତବର୍ଷ ଜୁଲାଇ ଓ ଅଗଷ୍ଟ ମାସରେ ସମଗ୍ର ଦେଶରେ ଘଟିଥିବା ଗଣହତ୍ୟା ପାଇଁ ହସିନା ମୁଖ୍ୟତଃ ଦାୟୀ ବୋଲି ଆବେଦନରେ ଦର୍ଶାଯାଇଛି । ମେ' ୧୨ ତାରିଖରେ ତଦନ୍ତକାରୀମାନେ ଏକ ରିପୋର୍ଟ ଦାଖଲ କରି କହିଥିଲେ ଯେ ହସିନା ଏହି ହତ୍ୟାକାଣ୍ଡ ପାଇଁ ନିର୍ଦ୍ଦେଶ ଦେଇଥିଲେ । ହସିନା ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ମୃତ୍ୟୁଦଣ୍ଡ ମିଳିବ ବୋଲି କୁହାଯାଉଛି । ସୂଚନାଯୋଗ୍ୟ, କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ପୂର୍ବରୁ ଆଇସିଟିରେ ଆଉ ଦୁଇଟି ମାମଲାର ସମ୍ମୁଖୀନ ହେଉଛନ୍ତି । ଗୋଟିଏ ହେଉଛି ଆୱାମୀ ଲିଗ୍ ଶାସନ କାଳରେ ନିଖୋଜ ଏବଂ ବିଚାରବିହୀନ ହତ୍ୟାକାଣ୍ଡ ଏବଂ ଅନ୍ୟଟି ୨୦୧୩ରେ ମୋତିଝିଲର ଶାପଲା ଛତରଠାରେ ହେଫାଜତ-ଏ-ଇସଲାମ ରାଲି ସମୟରେ ହୋଇଥିବା ହତ୍ୟାକାଣ୍ଡ ସହିତ ଜଡ଼ିତ । ଏହି ହତ୍ୟାକାଣ୍ଡ ପାଇଁ ହସିନାଙ୍କୁ ଦାୟୀ କରି କୋର୍ଟରେ କେତେକ ଦସ୍ତାବିଜ ଉପସ୍ଥାପନ କରାଯାଇଛି । ତଦନ୍ତ ରିପୋର୍ଟକୁ ଉଦାହରଣ ଦେଇ ଆଇସିଟିର ମୁଖ୍ୟ ଓକିଲ ତାଜୁଲ ଇସଲାମ ମେ ୧୨ରେ କହିଥିଲେ ଯେ ହସିନା ସମସ୍ତ ରାଷ୍ଟ୍ରୀୟ ବାହିନୀ, ତାଙ୍କ ଦଳ ଏବଂ ଏହାର ଅନୁବନ୍ଧିତ ସଂସ୍ଥାଗୁଡ଼ିକୁ ଗଣହତ୍ୟା ଓ ଅନ୍ୟ ବର୍ବର ହିଂସା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେବା ପାଇଁ ସିଧାସଳଖ ଦାୟୀ । ରିପୋର୍ଟ ଅନୁଯାୟୀ ବିଦ୍ରୋହ ସମୟରେ ୧୫୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିବା ବେଳେ ୨୫ ହଜାରରୁ ଅଧିକ ଆହତ ହୋଇଥିଲେ । ଏହା ସହିତ ଅଗଣିତ ଲୋକଙ୍କୁ ନିର୍ଯାତନା ଓ ଅମାନବୀୟ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି ।

# ଅବସର ଘୋଷଣା କଲେ କ୍ଲାସେନ୍




ନୂଆଦିଲ୍ଲୀ,୨।୬ (ଏଜେନ୍ସି): ବହୁତ କଷ୍ଟକର ଥିଲା ଦ.ଆଫ୍ରିକାର ଅଭିଜ୍ଞ ଖେଳାଳି ହେନରିଚ୍ କ୍ଲାସେନ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ଦେଶକୁ ପ୍ରତିନିଧିତ୍ୱ କରିବା ତାଙ୍କ ପାଇଁ ସବୁଠାରୁ ବଡ଼ ସମ୍ମାନ ଏବଂ ଅବସର ନେବାର ନିଷ୍ପତ୍ତି ତାଙ୍କ ପାଇଁ । କ୍ଲାସେନ୍ ଦକ୍ଷିଣ ଆଫ୍ରିକା ପାଇଁ ତାଙ୍କ ସମଗ୍ର ଅନ୍ତର୍ଜାତୀୟ କ୍ୟାରିୟରରେ ୩୨୪୫ ରନ୍ କରିଥିଲେ । ହେନରିଚ୍ କ୍ଲାସେନ୍ ଇନ୍‌ଷ୍ଟାଗ୍ରାମରେ ତାଙ୍କ ପରିବାର ସହିତ ଏକ ଫଟୋ ସେୟାର କରିଛନ୍ତି, ଯାହା ମାଧ୍ୟମରେ ସେ କ୍ରିକେଟ ଛାଡିବା ଘୋଷଣା କରିଛନ୍ତି । ସେ କହିଛନ୍ତି, ଦେଶକୁ ପ୍ରତିନିଧିତ୍ୱ କରିବା ମୋ ପାଇଁ ଗର୍ବର ବିଷୟ, ମୁଁ ପିଲାଦିନରୁ ଏହି ସ୍ୱପ୍ନ ଦେଖୁଥିଲି । କ୍ଲାସେନ୍ ଏହା ମଧ୍ୟ କହିଛନ୍ତି ଯେ ଏହି ଚମତ୍କାର କ୍ରିକେଟ କ୍ୟାରିୟରରେ, ସେ ଏପରି ଲୋକଙ୍କୁ ମଧ୍ୟ ଭେଟିଥିଲେ, ଯାହାଙ୍କ ସହିତ ତାଙ୍କ ଜୀବନ ବଦଳି ଯାଇଥିଲା । ହେନରିଚ୍ କ୍ଲାସେନ୍ ଅବସରର କାରଣ ଜଣାଇ କହିଛନ୍ତି, ମୁଁ ଏବେ ଆଶା କରୁଛି ଯେ ମୁଁ ପରିବାର ସହିତ ଅଧିକ ସମୟ ବିତାଇ ପାରିବି କାରଣ ମୁଁ ଅବସର ପରେ ଏହା କରିପାରିବି । କ୍ଲାସେନ୍ ସେହି ସମସ୍ତ ଲୋକଙ୍କୁ ଧନ୍ୟବାଦ ଜଣାଇଛନ୍ତି ଯେଉଁମାନେ ତାଙ୍କୁ କ୍ରିକେଟରେ ଏହି ସ୍ଥାନରେ ପହଞ୍ଚିବାରେ ସାହାଯ୍ୟ କରିଛନ୍ତି । ଗତ ବର୍ଷ ଜାନୁଆରୀରେ ହେନରିଚ୍ କ୍ଲାସେନ୍ ଟେଷ୍ଟ କ୍ରିକେଟରୁ ଅବସର ନେଇଥିଲେ । ସେ ତାଙ୍କ ରେଡ୍-ବଲ୍ କ୍ୟାରିୟରରେ କେବଳ ୪ଟି ମ୍ୟାଚ୍ ଖେଳିଥିଲେ ଯେଉଁଥିରେ ସେ କେବଳ ୧୦୪ ରନ୍ କରିପାରିଥିଲେ । ଏବେ ସେ ଦିନିକିଆ ଏବଂ ଟି-୨୦ ଫର୍ମାଟକୁ ମଧ୍ୟ ଅଲବିଦା କହିସାରିଛନ୍ତି । ତାଙ୍କର ୬୦ଟି ଦିନିକିଆ କ୍ୟାରିୟରରେ, ସେ ୪ଟି ଶତକ ଏବଂ ୧୧ଟି ଅର୍ଦ୍ଧଶତକ ସହିତ ୨୧୪୧ ରନ୍ କରିଥିଲେ । ଟି-୨୦ରେ ତାଙ୍କର ବିସ୍ଫୋରକ ବ୍ୟାଟିଂ ପାଇଁ ସେ ପରିଚୟ ପାଇଥିଲେ, ଯେଉଁଠାରେ ସେ ଦ.ଆଫ୍ରିକା ପାଇଁ ୫୮ଟି ମ୍ୟାଚ୍‌ରେ ୧୦୦୦ ରନ୍ କରିଥିଲେ । ହେନରିଚ୍ କ୍ଲାସେନ୍ ଆଇପିଏଲ ୨୦୨୫ରେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଏପର୍ଯ୍ୟନ୍ତ ତାଙ୍କର ଶେଷ ମ୍ୟାଚ୍ ଖେଳିଛନ୍ତି । ତାଙ୍କର ଶେଷ ମ୍ୟାଚ୍ ରେ, ସେ କେକେଆର ବିପକ୍ଷରେ ଅପରାଜିତ ୧୦୫ ରନ୍‌ର ଶତକ ହାସଲ କରିଥିଲେ । ସେହି ସମୟରେ, ଦକ୍ଷିଣ ଆଫ୍ରିକା ପାଇଁ ଶେଷ ମ୍ୟାଚ୍ ମାର୍ଚ୍ଚ ୨୦୨୫ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିଥିଲେ ।

# ବେଙ୍ଗାଲୁରୁ-ପଞ୍ଜାବ ମୁକାବିଲା

## ଆଇପିଏଲ୍ ଫାଇନାଲ




ନୂଆଦିଲ୍ଲୀ,୨।୬ (ଏଜେନ୍ସି): ଆଇପିଏଲ ୨୦୨୫ ମାର୍ଚ୍ଚ ୨୨ ରେ ଆରମ୍ଭ ହୋଇଥିଲା, ପ୍ରାୟ ଅଢ଼େଇ ମାସ ପରେ ଏବେ ଏହା ଫାଇନାଲ ପର୍ଯ୍ୟାୟରେ ପହଂଚି ସାରିଛି ଲିଗ୍ ପର୍ଯ୍ୟାୟ ଏବଂ ପ୍ଲେଅଫ୍ ମ୍ୟାଚ୍ ର ଚ୍ୟାଲେଞ୍ଜକୁ ଅତିକ୍ରମ କରି ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ ପଞ୍ଜାବ କିଙ୍ଗସ୍ ଟାଇଟଲ୍ ମୁକାବିଲାରେ ପ୍ରବେଶ କରିଛନ୍ତି । ଫାଇନାଲ ମ୍ୟାଚ୍ ଜୁନ ୩ରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବ । ଫାଇନାଲ୍ ମ୍ୟାଚ୍ ପୂର୍ବରୁ ଏହି ୫ ଜଣ ଖେଳାଳିଙ୍କ ଉପରେ ନଜର ରହିବ । ଏହି ଖେଳାଳିମାନେ ଯେକୌଣସି ମୁହୂର୍ତ୍ତରେ ମ୍ୟାଚର ମୋଡ ବଦଳାଇଦେଇପାରିବେ ।

ଟି୨୦ ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟରେ ଯେତେବେଳେ ବିରାଟଙ୍କ ବ୍ୟାଟ୍ ସମଗ୍ର ଟୁର୍ଣ୍ଣାମେଣ୍ଟରେ ନୀରବ ରହିଥିଲା, କିନ୍ତୁ ଫାଇନାଲରେ ତାଙ୍କ ୭୬ ରନର ଇନିଂସ ଟିମ୍ ଇଣ୍ଡିଆକୁ ଚାମ୍ପିଅନ୍ କରିବାରେ ଏକ ବଡ଼ ଭୂମିକା ଗ୍ରହଣ କରିଥିଲା । କୋହଲି ଆଇପିଏଲ ୨୦୨୫ରେ ଏପର୍ଯ୍ୟନ୍ତ ୬୧୪ ରନ କରିଛନ୍ତି ।

ପଞ୍ଜାବ କିଙ୍ଗ୍ସ ଫାଇନାଲରେ ପହଞ୍ଚିବା ପରଠାରୁ ଶ୍ରେୟସ ଆୟର ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇଛନ୍ତି । ଆୟର ଏପର୍ଯ୍ୟନ୍ତ ଟୁର୍ଣ୍ଣାମେଣ୍ଟରେ ୬୦୩ ରନ କରିଛନ୍ତି, କ୍ୱାଲିଫାୟର-୨ ମ୍ୟାଚରେ ତାଙ୍କର ୮୭ ରନର ଇନିଂସ ଯୋଗୁଁ ପଞ୍ଜାବ କିଙ୍ଗ୍ସ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିପାରିଛି । କେବଳ କ୍ୱାଲିଫାୟର-୨ ମ୍ୟାଚରେ ଆୟର ଭଲ ଫର୍ମରେ ନାହାନ୍ତି, ତାଙ୍କ ଅଧିନାୟକତ୍ୱର ଏକ ନିଷ୍ପତ୍ତି ମଧ୍ୟ ମ୍ୟାଚକୁ ବଦଳାଇବାର କ୍ଷମତା ରଖିଛି ।

ହାଜେଲଉଡ୍ ମଧ୍ୟ ଆଇପିଏଲ ୨୦୨୫ରେ ଆରସିବିର ସଫଳତାର ଏକ ପ୍ରମୁଖ କାରଣ । ତାଙ୍କ ତୀକ୍ଷ୍ଣ ବୋଲିଂ ବଳରେ, ହାଜେଲଉଡ୍ ଏପର୍ଯ୍ୟନ୍ତ ୧୧ ମ୍ୟାଚରେ ୨୧ ୱିକେଟ୍ ନେଇଛନ୍ତି । ହାଜେଲଉଡ୍ କ୍ୱାଲିଫାୟର-୧ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ୩ ୱିକେଟ୍ ନେଇଥିଲେ । ଏବେ ପୁଣି ସେ ସେହି ପଞ୍ଜାବ ଦଳ ସହିତ ମୁକାବିଲା କରିବେ ।

ଅର୍ଶଦୀପ ସିଂହ ଗତ କିଛି ବର୍ଷ ମଧ୍ୟରେ ଭାରତର ଶ୍ରେଷ୍ଠ ଟି୨୦ ବୋଲରମାନଙ୍କ ମଧ୍ୟରୁ ଅନ୍ୟତମ ଅର୍ଶଦୀପ ଚଳିତ ସିଜନରେ ୧୮ ୱିକେଟ୍ ନେଇଛନ୍ତି ଏବଂ ବାମହାତୀ ଦ୍ରୁତ ବୋଲର ହେବା ପଞ୍ଜାବ କିଙ୍ଗସ୍ ପାଇଁ ଏକ ବଡ଼ ଲାଭ ଦେଇପାରେ ଜିତେଶ ଶର୍ମା ଯଦିଓ ସର୍ବାଧିକ ରନ ସ୍କୋରର ହୋଇନାହାନ୍ତି, ସେ ଏପର୍ଯ୍ୟନ୍ତ ୧୪ ମ୍ୟାଚରେ କେବଳ ୨୩୭ ରନ କରିଛନ୍ତି । କିନ୍ତୁ ଗତ ଲିଗ ମ୍ୟାଚରେ ଏଲଏସଜି ବିପକ୍ଷରେ ତାଙ୍କ ବ୍ୟାଟ୍ ଯେପରି ଗର୍ଜନ କରିଥିଲା ତାହା ଦର୍ଶାଉଛି ଯେ ସେ ଏପରି ବିସ୍ଫୋରକ ଇନିଂସ ଖେଳିବାକୁ ଆଗ୍ରହୀ । ସେ ଲକ୍ଷ୍ନୌ ବିପକ୍ଷରେ ୩୩ ବଲରେ ୮୫ ରନ କରିଥିଲେ । ତାଙ୍କର ଏପରି ଆଉ ଏକ ଇନିଂସ ପଞ୍ଜାବ କିଙ୍ଗସ୍ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ ।

## ୧୫ ବର୍ଷରୁ କମ ସିଏମ କପ ଆନ୍ତଃଜିଲ୍ଲା ଫୁଟବଲ ଫାଇନାଲ

# ଅନୁଗୋଳ-ଯାଜପୁର ମୁକାବିଲା



କେନ୍ଦୁଝର,୨।୬ (ସବ୍ୟୁ): ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୧୫ ବର୍ଷରୁ କମ ସି ଏମ କପ ଆନ୍ତଃ ଜିଲ୍ଲା ଫୁଟବଲ ପ୍ରତିଯୋଗିତାର ସୋମବାର ପୂର୍ବାହ୍ନରେ ଅନୁଗୋଳ ଏବଂ ମୟୁରଭଞ୍ଜ ମଧ୍ୟରେ ଅନୁଷ୍ଠିତ ଷଷ୍ଠ ଦିବସର ଖେଳ ଗୋଲଶୂନ୍ୟ ଭବେ ଅମୀମାଂସିତ ରହିବା ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି । ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଖେଳ ତୀବ୍ର ପ୍ରତିଦ୍ୱନ୍ଦୀତା ଏବଂ ସଂଘର୍ଷପୂର୍ଣ୍ଣ ବାତାବରଣ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା । ପ୍ରଥମାର୍ଦ୍ଧରେ ଉଭୟ ଦଳ ଗୋଲ ଦେବାର କେତୋଟି ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ପୁରୋଭାଗର ଖେଳାଳି ମାନେ ଶେଷ ସ୍ପର୍ଶ ଦେବାରେ ସଫଳ ହୋଇ ପାରିନଥିଲେ । ଦ୍ୱିତୀୟାର୍ଦ୍ଧରେ ମୟୁରଭଞ୍ଜ ଦଳ ପରସ୍ପର ମଧ୍ୟରେ ଅଧିକ ବୁଝାମଣା ରକ୍ଷାକରି ସଙ୍ଘବଦ୍ଧ ଭାବେ ଆକ୍ରମଣ କରିବା ସହ କେତୋଟି ଗୋଲ ଦେବାର ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଥିଲେ । ମାତ୍ର ଅନୁଗୋଳର ଦକ୍ଷ ଗୋଲ ରକ୍ଷକ ଅତି ଚମତ୍କାର ଭାବେ ପ୍ରତିପକ୍ଷ ଦଳର ଗୋଲ ସ୍କୋର କରିବାର ସମସ୍ତ ଉଦ୍ୟମକୁ ପଣ୍ଡ କରି ଦେଇ ଦଳକୁ ପରାଜୟରୁ ବଞ୍ଚାଇଥିଲେ ଏବଂ ଏହି ଖେଳ ଗୋଲଶୂନ୍ୟ ଭାବେ ସମାପ୍ତ ହୋଇଥିଲା । ଏହି ଖେଳରେ ଅତି ଉଚ୍ଚ କୋଟୀର ଗୋଲକିପିଂ କରି ଦଳକୁ ପରାଜୟରୁ ରକ୍ଷା କରିଥିବା ଅନୁଗୋଳର ୧ ନମ୍ବର ଖେଳାଳି ବିଦେଶୀ ଦିଗି ମ୍ୟାନ ଅଫ ଦି ମ୍ୟାଚ ଭାବେ ମନୋନୀତ ହୋଇ ମୁଖ୍ୟ ଅତିଥି କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥାର ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସଂଗ୍ରାମ ପଟ୍ଟନାୟକଙ୍କ ଠାରୁ ପୁରସ୍କୃତ ହୋଇଥିଲେ । ଏହି ପ୍ରତିଯୋଗିତାରେ ଗ୍ରୁପ 'ଏ' ରେ ଯାଜପୁର ତିନୋଟି ଲିଗ ମ୍ୟାଚରୁ ଦୁଇଟି ବିଜୟ ଏବଂ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇଥିବା ବେଳେ ଗ୍ରୁପ 'ବି'ରେ ଅନୁଗୋଳ ମଧ୍ୟ ସମାନ ସଂଖ୍ୟକ ମ୍ୟାଚ ଖେଳି ୭ ପଏଣ୍ଟ ପାଇବା ସହ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛନ୍ତି । ଉଭୟ ଦଳ ଆସନ୍ତାକାଲି ମଙ୍ଗଳବାର ଅପରାହ୍ନରେ ଜୋନାଲ ଫାଇନାଲରେ ପରସ୍ପରକୁ ଭେଟିବେ । ଜୋନାଲ ଫାଇନାଲ ପାଇଁ ଦୁଇ ଦଳ ନିଜର ସ୍ଥାନ ସୁରକ୍ଷିତ କରି ସାରିଥିବା ବେଳେ ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଲିଗ ଖେଳର କୌଣସି ଗୁରୁତ୍ୱ ନଥିଲା । ବାଲେଶ୍ୱର ଓ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ଏହି ଖେଳଟି ଗତିଶୀଳ ହୋଇଥିଲେ ସୁଦ୍ଧା କୌଣସି ଦଳ ଗୋଲ ଦେବାରେ ସକ୍ଷମ ହୋଇ ପାରିନଥିଲେ ।ଶେଷରେ ପ୍ରଥମ ଖେଳ ପରି ଏହି ଖେଳଟି ମଧ୍ୟ ଗୋଲଶୂନ୍ୟ ଭାବେ ସମାପ୍ତ ହୋଇଥିଲା ।କୌଣସି ଗୋଲ ନହେବା ସତ୍ତ୍ୱେ ବାଲେଶ୍ୱର ଦଳର ଅଧିନାୟକ ଜର୍ସି ନମ୍ବର ୧୧ ପ୍ରତିପକ୍ଷ ଗୋଲ ଉପରେ କେତୋଟି ଉଲ୍ଲେଖନୀୟ ଆକ୍ରମଣ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇ ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ।

# ରାଜୀବ ଶୁକ୍ଲା ହେଲେ ବିସିସିଆଇର ଅନ୍ତରୀଣ ଅଧ୍ୟକ୍ଷ




ନୂଆଦିଲ୍ଲୀ,୨।୬ (ଏଜେନ୍ସି): ରାଜୀବ ଶୁକ୍ଲାଙ୍କୁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡର ଅନ୍ତରୀଣ ଅଧ୍ୟକ୍ଷ ଭାବରେ ନିଯୁକ୍ତ କରାଯାଇଛି । ରୋଜର ବିନ୍ନି ଏହି ପଦବୀରୁ ଅବସର ନେବା ପରେ ରାଜୀବ ଶୁକ୍ଲାଙ୍କୁ ବିସିସିଆଇର ଅନ୍ତରୀଣ ଅଧ୍ୟକ୍ଷ କରାଯିବ । ପୂର୍ବତନ କ୍ରିକେଟର ରୋଜର ବିନ୍ନି ୨୦୨୨ରୁ ଏହି ପଦବୀରେ ଅଛନ୍ତି । ବର୍ତ୍ତମାନ ତାଙ୍କର କାର୍ଯ୍ୟକାଳ ୧୯ ଜୁଲାଇ, ୨୦୨୫ରେ ଶେଷ ହେବ, ଯାହା ପରେ ସେ ଅବସର ନେବେ ଏବଂ ନୂତନ ସଭାପତି ଘୋଷଣା ପର୍ଯ୍ୟନ୍ତ ରାଜୀବ ଶୁକ୍ଲା ଏହି ପଦବୀରେ ରହିବେ । ପୂର୍ବତନ ସାମ୍ବାଦିକ ଏବଂ ରାଜ୍ୟସଭା ସାଂସଦ ରାଜୀବ ଶୁକ୍ଲା ବର୍ତ୍ତମାନ ବିସିସିଆଇର ଉପାଧ୍ୟକ୍ଷ ଅଛନ୍ତି ।

ରୋଜର ବିନ୍ନି ଅବସର ନେବା ପରେ, ସେ ଜୁଲାଇରୁ କାର୍ଯ୍ୟକାରୀ ସଭାପତି ମଧ୍ୟ ରହିବେ । ନୂତନ ସଭାପତି ପାଇଁ ନିର୍ବାଚନ ନହେବା ପର୍ଯ୍ୟନ୍ତ ରାଜୀବ ଶୁକ୍ଲାଙ୍କୁ ଏହି ଦାୟିତ୍ୱ ତୁଲାଇବାକୁ ପଡିବ । ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡର ସଭାପତି ପଦ ପାଇଁ ନିର୍ବାଚନ ଚଳିତ ବର୍ଷ ସେପ୍ଟେମ୍ବରରେ ହୋଇପାରେ । ରୋଜର ବିନ୍ନି ଭାରତର ୧୯୮୩ ବିଶ୍ୱକପ୍ ବିଜୟୀ ଦଳର ଅଂଶ ରହିସାରିଛନ୍ତି । ଭାରତ ସେତେବେଳେ ବିଶ୍ୱକପ୍ ଜିତିଥିଲା ଏବଂ ରୋଜର ବିନ୍ନି ସେହି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୱିକେଟ୍ ନେଇଥିବା ବୋଲର ହୋଇଥିଲେ ।

୧୯୮୩ ବିଶ୍ୱକପରେ ରୋଜର ବିନ୍ନି ୧୮ ୱିକେଟ୍ ନେଇଥିଲେ ଏବଂ ଭାରତୀୟ ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ । ରୋଜର ବିନ୍ନି ୧୮ ଅକ୍ଟୋବର ୨୦୨୨ ଠାରୁ ବିସିସିଆଇର ସଭାପତି ଅଛନ୍ତି ଏବଂ ତାଙ୍କର କାର୍ଯ୍ୟକାଳ ୧୯ ଜୁଲାଇରେ ଶେଷ ହେଉଛି । ପ୍ରକୃତରେ, ଏହି ଦିନ ରୋଜର ବିନ୍ନି ୭୦ ବର୍ଷ ବୟସରେ ପଦାର୍ପଣ କରିବେ । ବିସିସିଆଇରେ ଏକ ନିୟମ ଅଛି ଯେ ୭୦ ବର୍ଷ ବୟସରେ ପହଞ୍ଚିବା ପରେ ପ୍ରତ୍ୟେକ ଅଧିକାରୀ ତାଙ୍କ ପଦବୀରୁ ଅବସର ନେଇଥାନ୍ତି । ସେହି ସମୟରେ, ରାଜୀବ ଶୁକ୍ଲା ଦୀର୍ଘ ସମୟ ଧରି ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ସହିତ ଜଡିତ ଅଛନ୍ତି । ଭାରତର ଅଧିକାଂଶ ମ୍ୟାଚରେ ରାଜୀବ ଶୁକ୍ଲାଙ୍କୁ ଷ୍ଟାଡିୟମରେ ଦେଖାଯାଏ । ଏପରି ଅନୁମାନ କରାଯାଉଛି ଯେ ରାଜୀବ ଶୁକ୍ଲାଙ୍କୁ ବିସିସିଆଇର ନୂତନ ସଭାପତି କରାଯାଇପାରେ ।

## ସିଏମ୍ ଟ୍ରଫିର କ୍ୱାର୍ଟର ଫାଇନାଲରେ ଅନୁଗୋଳ ଏଫ୍‌ସି

ଅନୁଗୁଳ,୨।୬ (ସବ୍ୟୁ): ଓଡ଼ିଶାର ୪ଟି ବିଭିନ୍ନ ଜୋନ୍‌ରେ ଚାଲୁଥିବା ମୁଖ୍ୟମନ୍ତ୍ରୀ ଟ୍ରଫି ୨୦୨୫ର କେନ୍ଦୁଝର ଜୋନ୍ ଠାରେ ୧୫ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା ଫୁଟବଲ ପ୍ରତିଯୋଗିତା ୨୦୨୫ର ପ୍ରଥମ ମ୍ୟାଚରେ ଅନୁଗୁଳ ଏଫ୍‌ସି ବାଲେଶ୍ୱର ଏଫ୍‌ସିକୁ ୩-୦ ଗୋଲ୍‌ରେ, ଦ୍ୱିତୀୟ ମ୍ୟାଚରେ ଦେବଗଡ଼କୁ ୨-୦ ଗୋଲ୍‌ରେ ଏବଂ ତୃତୀୟ ମ୍ୟାଚରେ ମୟୁରଭଞ୍ଜ ସହିତ ୦-୦ ଗୋଲ୍‌ରେ ଅମିମାସିତ ରହି ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି । ଆସନ୍ତା ୩ ତାରିଖରେ ମଙ୍ଗଳବାର ଦିନ ଅନୁଗୁଳ ଏଫ୍‌ସି କ୍ୱାର୍ଟରଫାଇନାଲରେ ଜାଜପୁର ଏଫ୍‌ସିକୁ ଭେଟିବ ଏବଂ ସେମିଫାଇନାଲ ସ୍ଥାନ ପାଇଁ ଆଶା ଦୃଢ଼ଭୂତ କରିଛି । ଦଳର ଏହି ବିଜୟ ପାଇଁ ସାଧାରଣ ସମ୍ପାଦକ ଡ. ଗୌରୀ ଗୋବିନ୍ଦ ସାମନ୍ତ ନିଜେ କେନ୍ଦୁଝରଠାରେ ଉପସ୍ଥିତ ରହି ଦଳର ନିଜର ପାଇଁ ରଣ କୌଶଳ ପ୍ରସ୍ତୁତ କରିଥିଲେ । ଆଜିର ମ୍ୟାଚରେ ଅନୁଗୁଳର ଶ୍ରୀ ବିଦେଶ ଶ୍ରେଷ୍ଠ କ୍ରୀଡାବିତ୍ ହିସାବରେ ପୁରସ୍କାର ଲାଭ କରିଥିଲେ । ଦଳର ଏହି ସଫଳତା ପାଇଁ ଜିଲ୍ଲାପାଳ ପ୍ରତାପ ତିତିମୟ ଏବଂ କ୍ରୀଡାଧିକାରୀ ଏକେ ସେଠ ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି ।



## ଜଟଣୀ କ୍ରିକେଟ ଏକାଡେମୀ ( ୧୬ ବର୍ଷରୁ କମ ) ଟୁର୍ଣ୍ଣାମେଣ୍ଟ

# ପ୍ରିନ୍ସ କ୍ଲବ୍ ଭୁବନେଶ୍ୱର ଚାମ୍ପିଅନ

ଭୁବନେଶ୍ୱର/ଖୋର୍ଦ୍ଧା,୨।୬ (ସବ୍ୟୁ): ଜଟଣୀ କ୍ରିକେଟ ଏକାଡେମୀ ପକ୍ଷରୁ ୧୬ ବର୍ଷରୁ କମ ବର୍ଗର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ସ୍ଥାନୀୟ ଜଟଣୀ କଲେଜ ପଡିଆ ଠାରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୮ ଟି ଦଳ ଭାଗ ନେଇଥିଲେ । ଫାଇନାଲ ପର୍ଯ୍ୟାୟରେ ପ୍ରିନ୍ସ କ୍ଲବ୍ ଭୁବନେଶ୍ୱର ଆର ଅର୍ କ୍ଲବ୍ ପିପିଲିକୁ ହରାଇ ଚାମ୍ପିଅନ ହୋଇଛି । ପ୍ରଥମେ ଟସ୍ ରେ ବିଜୟ ହୋଇ ପ୍ରିନ୍ସ କ୍ଲବ୍ ଭୁବନେଶ୍ୱର ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୨୮ ରନ କରିଥିଲେ । ଜବାବରେ ପିପିଲି ଦଳ ୨୦ ଓଭର ରେ ୯ ୱିକେଟ ହରାଇ ମାତ୍ର ୮୪ ରନ କରିଥିଲେ । ଏହି ମ୍ୟାଚ୍ କୁ ୪୪ ରନ ରେ ଜିତି ପ୍ରିନ୍ସ କ୍ଲବ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିବା ବେଳେ ଆର ଆର କ୍ଲବ୍ ପିପିଲି ରନର୍ସ ଅପ ହୋଇଛି । ପ୍ରିନ୍ସ କ୍ଲବ୍ ର ଦିପ୍ତାନ୍ସୁ ଦାସ ଙ୍କ ୮୦ ରନ ପାଇଁ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଛନ୍ତି । ଏହି ମ୍ୟାଚ୍ କୁ ଜେ ପି ସାମନ୍ତରାୟ, ସ୍ମୃତିରଞ୍ଜନ ନାୟକ, ବିଶ୍ ନାଧାମ ପରିଚାଳନା କରିଥିଲେ ।

ଉଦଯାପନୀ ଉତ୍ସବରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ର କୋଷାଧ୍ୟକ୍ଷ ବିକାଶ ପ୍ରଧାନ ,ଯୁବ ସମାଜସେବୀ ତଥା ବିଜୁ ଜନତା ଦଳ ର ଭୁବନେଶ୍ୱର ସାଂସଦ ପ୍ରାର୍ଥୀ କ୍ୟାପଟେନ ମନ୍ମଥ ରାଉତରାୟ ମୁଖ୍ୟ ଅତିଥି ଭାବେ ,ଅଜିତ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ, ଜଟଣୀ କ୍ରିକେଟ ଏକାଡେମୀ ର ସଚିବ ମନୋହର ମେଣ୍ଡାଲି, ସଭାପତି ବେଣୁଧର ଦାସ ବିଶେଷ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ । ଶ୍ରେଷ୍ଠ ବ୍ୟାଟର ଭାବେ ଦିପ୍ତାଂସୁ ଦାସ,ଶ୍ରେଷ୍ଠ ବୋଲର ଭାବେ ଜେମ୍ସ ଲିମା,ଶ୍ରେଷ୍ଠ ଫିଲ୍ଡର ଭାବେ ଆଦିତ୍ୟ ବର୍ଦ୍ଧନ, ଶ୍ରେଷ୍ଠ ୱିକେଟ ରକ୍ଷକ ଭାବେ ସରୋଜ ରାଣା ପୁରସ୍କୃତ ହୋଇଛନ୍ତି । କୌଶିକ ମହାନ୍ତି ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେଛଏହି ଟୁର୍ଣ୍ଣାମେଣ୍ଟ କୁ ଆୟୋଜକ ଭାବେ ସନ୍ଦୀପ କୁମାର ପାଇକରାୟ ଓ ସନ୍ତୋଷ କୁମାର ପଟ୍ଟନାୟକ ସଂଯୋଜନା କରିଥିଲେ । ଆଗାମୀ ଦିନରେ ଜଟଣୀ କ୍ରିକେଟ ଏକାଡେମୀ ତରଫରୁ ଓ ସି ଏ ସହାୟତାରେ ବିଭିନ୍ନ ବୟସ ବର୍ଗର ଟୁର୍ଣ୍ଣାମେଣ୍ଟର ଆୟାଜନ କରାଯିବ ବୋଲି ବିକାଶ ପ୍ରଧାନ ତାଙ୍କ ଅଭିଭାଷଣ ରେ ପ୍ରକାଶ କରିଥିଲେ । କ୍ୟାପଟେନ ମନ୍ମଥ ରାଉତରାୟ ଜଟଣୀ କ୍ରିକେଟ ଏକାଡେମୀ ର ଏହି ଖେଳ ଆୟୋଜନକୁ ପ୍ରଶଂସା କରିବା ସହ ଆୟୋଜକଙ୍କୁ କୃତଜ୍ଞତା ଜଣାଇଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି